



- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 42 •ISSUE-348 •BHUBANESWAR •MONDAY •16 JUNE 2025 •PAGE-12 •₹ 6.00 | SAMBALPUR | •ବର୍ଷ-୪୨ •ସଂଖ୍ୟା-୩୪୮ •ଭୁବନେଶ୍ୱର •ସୋମବାର •୧୬ ଜୁନ୍ ୨୦୨୫ •ପୃଷ୍ଠା-୧୨ •ଟ.୬.୦୦



ADMISSION OPENS

+2 1ST YR Sc. (CHSE & CBSE) & NEET-2025-26

## TETRAHEDRON
## GROUP OF INSTITUTIONS
Tangi,Cuttack,

For Admission Contact :-
8093064522, 8093064525,9040363480, 7008222977

## NEET RESULTS -2025

| Marks | AIR | Category Rank | Name | Place | Mobile |
|---|---|---|---|---|---|
| 590 | AIR-2241 | 762 | SOURAV RANJAN | JAJPUR | M. : 9337135920 |
| 588 | AIR-2418 | 1329 | PRANAB KUMAR | CUTTACK | M : 9348405006 |
| 585 | AIR-2839 | 220 | AMIT ANSUMAN | JAJPUR | M : 8260552053 |
| 578 | AIR-3798 | 1414 | G.S TANISHA | BHADRAK | M : 6370203229 |
| 575 | AIR-4483 | 1714 | SOUMYA RANJAN | KENDRAPARA | M: 9853490176 |
| 574 | AIR-4690 | 113 | ASHUTOSH (SC) | SAMBALPUR | M : 9438110102 |
| 574 | AIR-4551 | 1743 | SUBHASANKAR | BALASORE | M. : 9556941413 |
| 572 | AIR-5040 | 1968 | ASHUTOSH | KENDRAPARA | M : 7735074814 |
| 571 | AIR-5170 | 2530 | SOMESH PRASAD | TALCHER, ANGUL | M. : 7849035336 |
| 568 | AIR-5836 | 2793 | SWARAJ | JAGATSINGHPUR | M. : 6372296215 |
| 567 | AIR-6281 | 2980 | MONALISHA | KEONJHAR | M. : 9938758948 |
| 567 | AIR-6262 | 590 | ANSUMAN | CUTTACK | M. :6372343040 |
| 565 | AIR-6808 | 2755 | RAJESH | JAJPUR | M : 6370895135 |
| 564 | AIR-7229 | 3377 | ARCHITA | CUTTACK | M. : 7978178553 |
| 564 | AIR-2241 | 762 | PRASANTA KU. | JAJPUR | M : 7894331492 |
| 562 | AIR-7733 | 755 | ASIS KU. | KEONJHAR | M : 9827856657 |
| 560 | AIR-8105 | 3362 | SUBHASHISH | JAJPUR | M. : 9040499240 |
| 559 | AIR-8790 | 4013 | SOVNA | JAJPUR | M : 7978917103 |
| 558 | AIR-8910 | 3873 | SATYARANJAN | CUTTACK | M. : 8249555100 |
| 555 | AIR-10001 | 4505 | KABIR | CUTTACK | M. :8917235240 |
| 553 | AIR-10868 | 4844 | IRA MOHANTY | JAJPUR | M. :9438174925 |
| 552 | AIR-11400 | 1844 | SURYASNAT | SALIPUR,CUTTACK | M. : 9439942163 |
| 552 | AIR-11200 | 4738 | SWATI SNIGDHA | BARIPADA | M. : 9040575691 |
| 551 | AIR-11844 | 5213 | SOUBHAGYA RANJAN | JAJPUR | M. : 9692767335 |
| 550 | AIR-12293 | 5263 | JAYASHREE | JAJPUR | M. : 7077298174 |
| 549 | AIR-12842 | 5591 | SANJIB KU. | CUTTCK | M. : 8658284937 |
| 549 | AIR-12780 | 1372 | PRADIPTA KU. | CUTTACK | M. :8338869928 |
| 549 | AIR-12748 | 5483 | R.S BHAKTI SWARUPA | CUTTACK(MAHANGA) | M. :9777746799 |
| 548 | AIR-13272 | 1436 | RUDRA NARAYAN | JAJPUR | M : 8908938985 |
| 548 | AIR-13018 | 1400 | RAJKUMAR | BHUBANESWAR | M. : 9692089794 |
| 548 | AIR-13377 | 5793 | AMIT KU. | JAJPUR | M : 9348601405 |
| 545 | AIR-14827 | 6475 | SUBHANKAR | JAJPUR | M. : 9310679902 |
| 544 | AIR-15048 | 6412 | AMIT KU. | CUTTACK | M. : 9692868645 |
| 542 | AIR-16115 | 6792 | RITIK NARENDRA | NAYAGARH | M. :7855924761 |
| 541 | AIR-16789 | 7429 | ANUPAMA | JAJPUR | M. :8260543757 |
| 541 | AIR-16951 | 7308 | JYOTIRANJAN | JAGATSINGHPUR | M. :9090317675 |
| 540 | AIR-17367 | 7688 | IPSITA | BARIPADA | M. : 7847007731 |
| 540 | AIR-17183 | 7614 | GYANARANJAN | JAJPUR | M. :8984012686 |
| 539 | AIR-18094 | 2014 | RAJENDRA | KENDRAPARA | M. :8249757722 |
| 539 | AIR-18150 | 7530 | SWARNAPRAVA | BHADRAK | M. : 9348538749 |
| 539 | AIR-17974 | 7990 | ASHUTOSH | JAJPUR | M. :9438213231 |
| 539 | AIR-18113 | 7518 | ARUP | ANGUL | M. : 8260114745 |
| 538 | AIR-18804 | 8370 | ASISH | KENDRAPARA | M. : 8093906398 |
| 538 | AIR-000 | 000 | ROHIT RASHMI | KHORDHA | M. : 9090478270 |
| 538 | AIR-18329 | 7603 | SARASWATA | CUTTACK | M. :9827707252 |
| 535 | AIR-20761 | 9399 | SACHITANANDA | KENDRAPARA | M. : 7978636315 |
| 535 | AIR-20362 | 8360 | PRAGYAN PARAMITA | | M. : 7008984646 |
| 534 | AIR-21361 | 9650 | DEBASMITA(SGS) | ANGUL | M. :7848987971 |
| 533 | AIR-22099 | 8971 | SUBHAM | BHADRAK | M. : 9937533036 |
| 532 | AIR-22673 | 2585 | LOKANTH | DHENKANAL | M. :8984711270 |
| 531 | AIR-23543 | 2705 | DEEPANKAR | JAJPUR | M. :7750878883 |
| 531 | AIR-23310 | 9394 | SUBHASHREE | JAJPUR | M. : 7077329698 |
| 531 | AIR-23105 | 2644 | SAIEED | JAJPUR | M. :8984303637 |

## OUR ACHIEVERS FOR AIIMS

| Marks | Name | Mobile | AIIMS |
|---|---|---|---|
| 710 | KAMALAKANTA | Mob. : 8249906661 | AIIMS,BBSR(2024) |
| 700 | RAHUL | M. : 6372741832 | AIIMS,RAIPUR(2024) |
| 697 | SUSHREE SANGITA | Mob. : 9810975701 | AIIMS,DELHI(2021) |
| 695 | OMM PRAKASH | M. : 6372521307 | AIIMS,GRORAKHAPUR(2024) |
| 695 | SWAGATIKA | M. : 7381845430 | AIIMS GORAKHAPUR(2024) |
| 680 | DEVASIS SAHOO | Mob. : 9861492793 | AIIMS BBSR(2021) |
| 675 | ASHIRBAD BISWAL | Mob. : 7846821473 | AIIMS GORAKHPUR(2023) |
| 670 | ADITYA NARAYAN | M. : 8260333635 | AIIMS MADURAI(2024) |
| 670 | ANUPAM NAYAK | Mob. : 7205755502 | AIIMS KALYANI (2023) |
| 665 | SATYAJIT NAYAK | Mob. : 8260601336 | AIIMS RAIPUR(2022) |

| 590+ MARKS | 580+ MARKS | 570+ MARKS | 560+ MARKS | 550+ MARKS | 540+ MARKS |
|---|---|---|---|---|---|
| 01 STUDENT | 03 STUDENTS | 09 STUDENTS | 17 STUDENTS | 25 STUDENTS | 38 STUDENT |

| 530+ MARKS | 520+ MARKS | 515+ MARKS | GOVT. MBBS | AIIMS | SCB |
|---|---|---|---|---|---|
| 53 STUDENTS | 65 STUDENTS | 79 STUDENTS | 95-110 EXPECTED | 10 EXPECTED | 20 EXPECTED |

TETRAHEDRON HIGHER SECONDARY SCHOOL
TETRAHEDRON WOMEN'S HIGHER SECONDARY SCHOOL
TETRAHEDRON RESIDENTIAL COACHING FOR NEET & JEE

Qualifying & Scholarship Test for NEET :
22nd JUNE 2025 (Exam from 11am. to 2.00pm.)
FOR ONLINE REGISTRATION VISIT OUR WEBSITE :
https://neet.tetrahedroncoaching.com

### Course Fees According to NEET Score -2025

- For Student Scoring 500 above : Free
- For Student Scoring 490 above : Rs. 10,000/- +(GST)
- For Student Scoring 480 above : Rs. 20,000/- +(GST)
- For Student Scoring 470 above : Rs. 30,000/- +(GST)
- For Student Scoring 460 above : Rs. 40,000/- +(GST)
- For Student Scoring 450 above : Rs. 50,000/- +(GST)
- For Student Scoring 425 above : Rs. 60,000/- +(GST)
- For Student Scoring 400 above : Rs. 65,000/- +(GST)
- For Student Scoring 350 above : Rs. 70,000/- +(GST)
- For Student Scoring 300 above : Rs. 75,000/- +(GST)

For very very poor student scoring 500+ in NEET 2025 Hostel fees also free

## OUR CHSE RESULTS -2025

**581 ABINASH PANDA**
R. NO. : 312CZ142
MOB. : 8926374475

| Marks | Name | R.NO. | Mobile |
|---|---|---|---|
| 578 | ANUNJAYA | 312CZ044 | 9937820270 |
| 575 | HARAPRASAD | 312CZ052 | 9777635809 |
| 574 | ANANYA ANUPRITA | 321CZ001 | 6372522094 |
| 574 | ANANYA | 321CZ018 | 9178552089 |
| 574 | PRIYADARSHINI | 321CZ020 | 8456010982 |
| 574 | RUTUPURNA | 321CZ025 | 8908000397 |
| 573 | ASHUTOSH | 312CZ009 | 7008710810 |
| 573 | SWARNA PRAVA | 321CZ002 | 9348538749 |
| 572 | SOUMYAK | 312CZ015 | 6372996292 |
| 572 | SANDEEP | 312CZ021 | 9438775289 |
| 571 | PRIYANKA | 321CZ016 | 8328937059 |
| 570 | SWAYAM | 312CZ039 | 9583495922 |

99% 1st Division

- RESULT : 99.7%
- ABOVE 95% : 13
- ABOVE 560 : 51
- ABOVE 90% : 185
- ABOVE 89% : 229
- ABOVE 88% : 280
- ABOVE 85% : 446
- ABOVE 500 : 534
- ABOVE 80% : 712
- ABOVE 75% : 902
- ABOVE 70% : 1023
- ABOVE 60% : 1120

ଆମର ମୁଖ୍ୟ strength ହେଉଛି ତ୍ରିଦେବ୍ ସାର୍‌ଙ୍କ ଦ୍ୱାରା ପିଲାମାନଙ୍କୁ counselling ଏବଂ 24hour guidance, self study from morning 8.00am. to night 2.00am, super specialist teachers and completion of course before 15th December, Weekly Test, 30No. of PTS & VST, Doubt Clearing by Expert Teachers. .

**One Year NEET Coaching Starts from 23rd June & 30th June 2025**

ସକାଳ THE SAKALA



www.sakalaepaper.com

# ଡେଉଁଛି ଡାଇରିଆ | ଯାଜପୁରରେ ପୁଣି ନେଲା ୩ ଜୀବନ

## ପ୍ରଶାସନ ଉପରୁ ଭରସା ତୁଟିଲା; ଗାଁ ଗାଁରେ ପୂଜାପାଠ

**ଯାଜପୁର,୧୫।୬(ସମିସ):** ଯାଜପୁରରେ ଆଜି ଝାଡ଼ାବାନ୍ତି (ଡାଇରିଆ) ପୁଣି ୩ଜଣଙ୍କ ଜୀବନ ନେଇଥିବା ବେଳେ ୯୬ ନୂଆ ରୋଗୀ ଜିଲ୍ଲାର ବିଭିନ୍ନ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୬ ସଂକଟାପନ୍ନଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ମୃତକମାନେ



ହେଲେ, ଯାଜପୁର ବ୍ଲକ ଖଇରାବାଦ ଗାଁର ଜୟନ୍ତୀ ସାହୁ, କମଳପୁର ଗାଁର ଜଟାଧାରୀ ସାହୁ ଓ ଯାଜପୁର ପୌରପାଳିକା ଅଧୀନ କୋଟବସନ୍ତପୁରର ମଦନମୋହନ ସେନାପତି। ଜୟନ୍ତୀ ଓ ଜଟାଧାରୀଙ୍କ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିବା ବେଳେ ମଦନମୋହନ କଟକ ଏସ୍‌ସିବି ମେଡିକାଲରେ ପ୍ରାଣ ହରାଇଛନ୍ତି।

ଗତ ୬ ଦିନ ତଳୁ ଆରମ୍ଭ ହୋଇଥିବା ଏହି ପ୍ରାଣଘାତୀ ଝାଡ଼ାବାନ୍ତି ଯୋଗୁଁ ଜିଲ୍ଲାରେ ହାହାକାର ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଏହାକୁ ନିୟନ୍ତ୍ରଣ କରିବାରେ ପ୍ରଶାସନ ପୂରା ବିଫଳ ହୋଇଛି। ଝାଡ଼ାବାନ୍ତିର ଉତ୍ପତ୍ତିସ୍ଥଳ ଏପର୍ଯ୍ୟନ୍ତ ପାଇପାରୁନାହିଁ। ତେଣୁ ପ୍ରଶାସନ ଓ ସରକାରଙ୍କ ଉପରୁ ଲୋକଙ୍କ ଆସ୍ଥା ତୁଟିବାରେ ଲାଗିଛି। ଏପରି ସ୍ଥିତିରେ ଗାଁଗାଁରେ ଏବେ ଲୋକ ପୂଜାପାଠ କରିବା ଆରମ୍ଭ କରିଦେଇଛନ୍ତି।

- ସ୍ଥିତି ସମୀକ୍ଷା କଲେ ସ୍ୱାସ୍ଥ୍ୟମନ୍ତ୍ରୀ
- ପାଣି ଓ ଖାଦ୍ୟ ନମୁନା ସଂଗ୍ରହ କଲା କେନ୍ଦ୍ରୀୟ ଟିମ୍

ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମିଳିଥିବା ସୂଚନା ମୁତାବକ, ଗତକାଲି ରାତି ୧୧ଟାରୁ ରବିବାର ସକାଳ ୮ଟା ସୁଦ୍ଧା ଜିଲ୍ଲାରେ ମୋଟ ୨୨୫ ଜଣ ଚିକିତ୍ସିତ ହେଉଥିଲେ। ତେବେ ଆଜି ୯୬ ଜଣ ନୂଆ ରୋଗୀ ବିଭିନ୍ନ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ସେହିପରି, ସନ୍ଧ୍ୟା ସୁଦ୍ଧା ୫୭ ଜଣ ଡିସ୍‌ଚାର୍ଜ ହୋଇଛନ୍ତି ଏବଂ ୨୫୮ ଜଣ ଏବେ ବି ଚିକିତ୍ସିତ ହେଉଛନ୍ତି।

ଅପରପକ୍ଷେ, କେନ୍ଦ୍ରୀୟ ପ୍ରତିନିଧି ଦଳ ଆଜି ଜିଲ୍ଲାରେ ପହଞ୍ଚି ଉଭୟ ପାଣି ଓ ଖାଦ୍ୟ ନମୁନା ସଂଗ୍ରହ କରିଛନ୍ତି। ରିପୋର୍ଟ ଆସିବା ପରେ ହଇଜାର ପ୍ରକୃତ କାରଣ ଜଣାପଡ଼ିବ ବୋଲି ମନ୍ତ୍ରୀ କହିଛନ୍ତି। ଜିଲ୍ଲାରେ ମୃତ୍ୟୁବରଣ କରିଥିବା ରୋଗୀ ସଂଖ୍ୟା ସଂପର୍କରେ ସର୍ଭେ କରାଯାଉଛି ବୋଲି କହିଥିଲେ। ଜିଲ୍ଲାରେ ଥିବା ପ୍ରତ୍ୟେକ ସରକାରୀ ଓ ବେସରକାରୀ ନଳକୂପ, କୂପ ଓ ଓଭରହେଡ ଟାଙ୍କି ଥିବା ଜଳ ଉତ୍ସଗୁଡ଼ିକୁ ବିଭାଗୀୟ କର୍ମଚାରୀମାନଙ୍କ ଦ୍ୱାରା ବିଶୋଧନ କରାଯାଉଛି।

## କେନ୍ଦ୍ରାପଡ଼ାରେ ଗଡ଼ିଲା ପ୍ରଥମ ମୁଣ୍ଡ

**ଡେରାବିଶ,୧୫।୬(ସମିସ):** ଯାଜପୁରରୁ ବ୍ୟାପିଥିବା ଡାଇରିଆ ଏବେ କେନ୍ଦ୍ରାପଡ଼ା ଜିଲ୍ଲାରେ ପଶିଛି। ଡେରାବିଶ ବ୍ଲକ୍‌ରେ ଏହାର ପ୍ରଭାବ ଦେଖିବାକୁ ମିଳିଛି। ଆଜି ସକାଳୁ ଡାଇରିଆରେ ଆକ୍ରାନ୍ତ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ, ଡେରାବିଶ ବ୍ଲକ୍ ଅନ୍ତର୍ଗତ ଏଣ୍ଡର ପଞ୍ଚାୟତ ଶ୍ୟାମସୁନ୍ଦରପୁର ଗ୍ରାମର ସଜନୀ ମଲିକ (୬୧)। ଗତକାଲି ତାଙ୍କୁ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଅବସ୍ଥା ସଂକଟାପନ୍ନ ହେବାରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଆଜି ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଛି। ଅପରପକ୍ଷେ, ଡାଇରିଆରେ ୬ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ହୋଇ କେନ୍ଦ୍ରାପଡ଼ା ଓ କଟକ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ସେମାନେ ହେଲେ, ସଜନୀଙ୍କ ପୁଅ ଭାଗୀରଥି (୪୩) ଓ ନିରଞ୍ଜନ (୩୦) ଏବଂ ଗ୍ରାମର ରଙ୍ଗଲତା ମଲିକ (୪୫), ତପନ ମଲିକ (୪୬), କୁଞ୍ଜବିହାରୀ ମଲିକ (୭୫), ରଶ୍ମିତା ମଲିକ (୪୬)। ସମସ୍ତଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ଏହି ଖବର ପଦାକୁ ଆସିବା ପରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଦେଖାଦେଇଛି। ଘଟଣାସ୍ଥଳରେ କେନ୍ଦ୍ରାପଡ଼ା ଜିଲ୍ଲା ପବ୍ଲିକ ହେଲ୍‌ଥ ଅଫିସର ଡାକ୍ତର ନିରୁପମା ଶତପଥୀ ଓ ଡେରାବିଶର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଚିତ୍ତରଞ୍ଜନ ବେହେରାଙ୍କ ନେତୃତ୍ୱରେ ଡକ୍ତରୀ ଟିମ୍ ପହଞ୍ଚିଛନ୍ତି। ଏଥିସହ ସ୍ଥାନୀୟ ଆଶା, ଅଙ୍ଗନବାଡ଼ି କର୍ମୀ ପହଞ୍ଚିଛନ୍ତି। ସ୍ୱାସ୍ଥ୍ୟ ବିଭାଗ ଟିମ୍ ଆକ୍ରାନ୍ତଙ୍କ ଘରକୁ ଯାଇ ରୋଗ ଉତ୍ପତ୍ତିର କାରଣ ଖୋଜିଛନ୍ତି। ସ୍ୱାସ୍ଥ୍ୟ ବିଭାଗ ଟିମ୍ ସହ ଏଣ୍ଡର ସରପଞ୍ଚ ଦୁର୍ଯ୍ୟୋଧନ ମଲିକ ଓ ସମାଜସେବୀ ମହେନ୍ଦ୍ର ମଲିକ ଉପସ୍ଥିତ ରହି ଗ୍ରାମର ସମସ୍ତ ଘରକୁ ଯାଇ ଲୋକମାନଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଥିଲେ ଓ ଲୋକଙ୍କୁ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଥିଲେ।

■ ଭଦ୍ରକରେ ମାଡୁଛି

## ଧାମନଗରରେ ୬୦, ଭଣ୍ଡାରିପୋଖରୀରେ ୬ ଆକ୍ରାନ୍ତ

**ବାରିକପୁର/ଧାମନଗର:** ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ, ଧାମନଗରରେ ଝାଡ଼ାବାନ୍ତି ଅଣାୟତ୍ତ ହେବାରେ ଲାଗିଛି। ଏବେ ୬୦ ଆକ୍ରାନ୍ତ ଧାମନଗର ମେଡ଼ିକାଲରେ ଚିକିତ୍ସିତ ହେଉଛନ୍ତି। ମେଡିକାଲରୁ ସେମାନଙ୍କୁ ସାଲାଇନ ଓ ଔଷଧ ଦିଆଯାଇ ଛଡ଼ାଯାଇଛି। ପ୍ରତିଦିନ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଛି ବୋଲି ଡାକ୍ତର ସୂଚନା ଦେଇଛନ୍ତି। ରାଧାବଲ୍ଲଭପୁରର ବନ୍ଧଟିଆ ଯେନା ସାହି ଗ୍ରାମର ୪ଟି ପରିବାରରଲୋକ କାଲିଠାରୁ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ଗାଁ ନଳକୂଅରୁ ପାଣି ପିଇଥିଲେ। କାଲି ସକାଳୁ ଘରର ୩ ପିଲାଙ୍କର ଝାଡ଼ାବାନ୍ତି ଆରମ୍ଭ ହୋଇଥିଲା। ଅପରାହ୍ନକୁ ବାପା ମାଆଙ୍କର ଝାଡ଼ାବାନ୍ତି ଆରମ୍ଭ ହୋଇ ଯାଇଥିଲା। ସମସ୍ତଙ୍କୁ ପଡ଼ିଶା ଘର ଲୋକେ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ।

ସେହିପରି ଭଣ୍ଡାରିପୋଖରୀ ବ୍ଲକ ମାଳଦା ଓ ଷୋଳମପୁର ପଞ୍ଚାୟତ ଅଞ୍ଚଳରେ ଗତ ଚାରି ପାଞ୍ଚ ଦିନ ହେବ ଝାଡ଼ାବାନ୍ତି ବ୍ୟାପୁଥିବା ଜଣାପଡ଼ିଛି। ଏହାରି ଭିତରେ କିଛି ଆକ୍ରାନ୍ତ ଚିକିତ୍ସା ହୋଇ ଘରକୁ ଫେରିଥିବା ବେଳେ ଆହୁରି କିଛି ଯାଜପୁର ଓ କଟକ ମେଡ଼ିକାଲରେ ଚିକିତ୍ସିତ ହେଉଛନ୍ତି। ପଞ୍ଚାୟତ ଅଧୀନ ରାଢୋ ଗ୍ରାମର ମହିଳା ଓ ପୁରୁଷଙ୍କୁ ମିଶାଇ ୬/୭ ଜଣ ଦୁଇ ଦିନ ମଧ୍ୟରେ ଆକ୍ରାନ୍ତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୪ଜଣ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ଚିକିତ୍ସିତ ହେଉଥିବା ବେଳେ ଜଣେ କଟକ ଓ ଅନ୍ୟ ଜଣେ ଯାଜପୁର ମେଡ଼ିକାଲରେ ଚିକିତ୍ସିତ ହେଉଛନ୍ତି। ଜଣେ ମାତ୍ର ସୁସ୍ଥ ହୋଇ ଘରକୁ ଫେରିଥିବା ଜଣାପଡିଛି। ଗାଆଁରେ ଏଯାଏଁ ମେଡିକାଲ ଟିମ୍ ପହଞ୍ଚି ନଥିବା ଅଭିଯୋଗ ହୋଇଛି।

## ଅସ୍ତରଙ୍ଗରେ ଦିନକୁ ୨୦ ଆକ୍ରାନ୍ତ

**ଅସ୍ତରଙ୍ଗ,୧୫।୬(ସମିସ):** ଦିନକୁ ଦିନ ଡାଇରିଆ ତା'ର କାୟା ବିସ୍ତାର କରି ଜିଲ୍ଲା ପରେ ଜିଲ୍ଲାକୁ ବ୍ୟାପି ଚାଲିଥିବାବେଳେ ସେଥିରେ ସାମିଲ୍ ହୋଇଛି ପୁରୀ ଜିଲ୍ଲାର ଅସ୍ତରଙ୍ଗ ଅଞ୍ଚଳ। ଦୀର୍ଘ ବର୍ଷ ଧରି ଯାହା ଦେଖିବାକୁ ମିଳି ନ ଥିଲା, ତାହା ଏବେ ବିଭିନ୍ନ ଜିଲ୍ଲାର ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଲାଣି। ଅସ୍ତରଙ୍ଗ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରୁ ପ୍ରତିଦିନ ୧୫ରୁ ୨୦ ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହେଉଛନ୍ତି। ଡାକ୍ତର ବିଶ୍ୱଭାରତ ମହାଲିକଙ୍କଠାରୁ ମିଳିଥିବା ସୂଚନା ଅନୁସାରେ, ପ୍ରତିଦିନ ଝାଡ଼ାବାନ୍ତି ରୋଗୀ ଆସୁଛନ୍ତି। ଯେଉଁମାନେ ଆସୁଛନ୍ତି ଚିକିତ୍ସା ପରେ ସୁସ୍ଥ ହେଉଛନ୍ତି, ବର୍ତ୍ତମାନ ସୁଦ୍ଧା କେହି ଗୁରୁତର ହୋଇନାହାନ୍ତି। ପ୍ରତିବର୍ଷ ଏହି ସମୟରେ ଏମିତି ସଂକ୍ରମିତ ରୋଗୀ ଆସନ୍ତି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ହଇଜାରେ ୧୪ଜଣ ପ୍ରାଣ ହରାଇଥିବା ବେଳେ ରାଜ୍ୟ ସରକାର ଏହାକୁ ଅତି ହାଲୁକା ଭାବେ ନେବା ସମସ୍ତଙ୍କୁ ବେଶ୍ ଚକିତ କରୁଛି। ଲୋକଙ୍କ ଜୀବନକୁ ଆଉ ବିପଦକୁ ନ ଠେଲି ସରକାର ସଜାଗ ହୋଇ ଜନସଚେତନତା କରିବା ସହିତ ଉତ୍ତମ ଚିକିତ୍ସା ସୁବିଧା, ସାଲାଇନ, ଔଷଧ ପର୍ଯ୍ୟାପ୍ତ ପରିମାଣରେ ମହଜୁଦ ରଖିବା ଏବଂ ଝାଡ଼ାବାନ୍ତି ରୋକିବା ପାଇଁ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଭୁବନରେ ଆତଙ୍କ | ବଢୁଛି ରୋଗୀ ସଂଖ୍ୟା

**ଭୁବନ,୧୫।୬ (ସମିସ):** ଢେଙ୍କାନାଳ ଜିଲ୍ଲା ଭୁବନ ଏନ୍‌ଏସିର ସହିତ ବିଭିନ୍ନ ୱାର୍ଡରେ ଡାଇରିଆ ଆତଙ୍କ ସୃଷ୍ଟି କରିଛି। ପଡ଼ୋଶୀ ଯାଜପୁରରୁ ଏହା ବ୍ୟାପୁଥିବା ଆଶଙ୍କା କରାଯାଇଛି। ଗତକାଲି ଡାଇରିଆରେ ଜଣେ ବ୍ୟକ୍ତି ମୃତ୍ୟୁବରଣ କରିଥିବା ବେଳେ ଆକ୍ରାନ୍ତଙ୍କ ସଂଖ୍ୟା ୫୦ ଟପି ଯାଇଛି। ମୃତ ବ୍ୟକ୍ତିଜଣଙ୍କ ହେଲେ, ଏନ୍‌ଏସି ୱାର୍ଡ ନମ୍ବର ୧୨ ଦଳିତ ବସ୍ତିର କୃପାସିନ୍ଧୁ ମଲିକ। ଝାଡ଼ାବାନ୍ତି ଯୋଗୁଁ ତାଙ୍କର ମୃତ୍ୟୁ ହୋଇଥିବା ପରିବାରଲୋକ ଅଭିଯୋଗ କରୁଥିବା ବେଳେ ଡାକ୍ତର ଏହାକୁ ଖଣ୍ଡନ କରିଛନ୍ତି। ସମସ୍ତ ରୋଗୀଙ୍କୁ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସେହିପରି ବହୁ ଡାଇରିଆ ଆକ୍ରାନ୍ତ ଘରେ ରହି ଚିକିତ୍ସିତ ହେଉଥିବା ଦେଖିବାକୁ ମିଳିଛି।



ସ୍ଥାନୀୟ ଆଶାକର୍ମୀ ଓ ଅଙ୍ଗନୱାଡ଼ି କର୍ମୀମାନେ ପ୍ରାଥମିକ ଚିକିତ୍ସାରେ ସହଯୋଗ କରିଛନ୍ତି। କେଉଁ କାରଣ ଯୋଗୁଁ ବିଭିନ୍ନ ୱାର୍ଡରେ ଝାଡ଼ାବାନ୍ତି ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି ତାହା ଅସ୍ପଷ୍ଟ ରହିଛି। ଖବର ପାଇ ତୁରନ୍ତ ସ୍ୱାସ୍ଥ୍ୟ ବିଭାଗ ଟିମ ପହଞ୍ଚି ରୋଗୀଙ୍କ ଚିକିତ୍ସାରେ ସହଯୋଗ କରୁଛନ୍ତି। ଘଟଣାସ୍ଥଳରେ ମୁଖ୍ୟ ଚିକିତ୍ସା ଅଧିକାରୀ ସଞ୍ଜୟ କୁମାର ମହାପାତ୍ର, କାମାକ୍ଷାନଗର ଉପଜିଲ୍ଲାପାଳ ଦିନମଣି ନାଇକ, ତହସିଲଦାର ସୂର୍ଯ୍ୟ ଶଙ୍କର ଦାସ, ବିଧାୟକ ଶତ୍ରୁଘ୍ନ ଜେନା ନଗରପାଳ ଶୁଭେନ୍ଦୁ କୁମାର ସାହୁ, ନିର୍ବାହି ଅଧିକାରୀ ପ୍ରଦାତ ସାହୁ, ମୁଖ୍ୟ ଡାକ୍ତର ରମେଶ ଚନ୍ଦ୍ର ସାହୁ ଘଟଣାସ୍ଥଳ ପରିବର୍ଶନ କରିଛନ୍ତି। ଜନସ୍ୱାସ୍ଥ୍ୟ ବିଭାଗର ଯନ୍ତ୍ରୀଙ୍କ ଅନୁପସ୍ଥିତିକୁ ନେଇ ପ୍ରଶାସନ ଚିନ୍ତା ପଡ଼ିଯାଇଛି।





■ ପଛକୁ ପଛ ଧକ୍କା ହେଲା କାର୍

## ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ସ୍ତ୍ରୀ, ଝିଅ, ନାତୁଣୀ ଗୁରୁତର

**କିଶୋରନଗର/ବଇଣ୍ଡା, ୧୫।୬ (ସମିସ):** କଟକ-ସମ୍ବଲପୁର ୫୫ନମ୍ବର ଜାତୀୟ ରାଜପଥର ହଣ୍ଡପା ଥାନା ହଣ୍ଡପା ବଜାର ନିକଟରେ ରବିବାର ଦୁଇଟି କାର୍ ପଛକୁ ପଛ ଧକ୍କା ହେବାରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ହେମାନନ୍ଦ ବିଶ୍ୱାଳଙ୍କ ସ୍ତ୍ରୀ ଉର୍ମିଳା ବିଶ୍ୱାଳ(୭୮), ଝିଅ ଅନିତା ବିଶ୍ୱାଳ(୩୮), ନାତୁଣୀ ଅନବିକା ଧାମେ(୧୧)ଙ୍କ ସମେତ ଗାଡ଼ି ଚାଳକ ସଞ୍ଜୟ ବେଉରା ଗୁରୁତର ଆହତ ହୋଇଛନ୍ତି।



ସେହିପରି ଅନ୍ୟ ଏକ କାର୍‌ରେ ବସିଥିବା ପୂର୍ବତନ ବିଧାୟକ ଅମର ଶତପଥୀ ଓ ପ୍ରଭାତ ତ୍ରିପାଠୀ ମଧ୍ୟ ସାମାନ୍ୟ ଆହତ ହୋଇଛନ୍ତି। ହଣ୍ଡପା ଥାନା ଆଇଆଇସି ନମିତା ନାୟକଙ୍କ ନେତୃତ୍ୱରେ ପୁଲିସ୍ ଟିମ୍ ସମସ୍ତଙ୍କୁ ଉଦ୍ଧାର କରି ଅନୁଗୋଳ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଇଛି। ସୂଚନାନୁଯାୟୀ, ପୂର୍ବତନ ବିଧାୟକ ଅମର ଶତପଥୀ ଓ ପ୍ରଭାତ ତ୍ରିପାଠୀ ଏକ ଇନୋଭାରେ ସମ୍ବଲପୁରରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ବେଳେ ପଛରେ ଅନ୍ୟ ଏକ କାର୍‌ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଶ୍ୱାଳଙ୍କ ପରିବାରଲୋକେ ଭୁବନେଶ୍ୱର ଯାଉଥିଲେ। ହଣ୍ଡପା ବଜାର ନିକଟରେ ଭାରସାମ୍ୟ ହରାଇ ଇନୋଭା ପଛରେ କାର୍ ଧକ୍କା ହୋଇଥିଲା।

## କାଳ ହେଲା ରଜ ମଉଜ | ପାଣିରେ ବୁଡ଼ି ୩ ସାଙ୍ଗ ମୃତ, ୨ ନିଖୋଜ

**ବାରିପଦା, କୋଷାଗୁମୁଡ଼ା/ ଜଗତସିଂହପୁର/ଏରସମା, ୧୫।୬(ସମିସ):** କାଳ ହେଲା ରଜ ମଉଜ। ବିଭିନ୍ନ ସ୍ଥାନରେ ଆଜି ପାଣିରେ ବୁଡ଼ି ଆଜି ରାଜ୍ୟରେ ୩ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨ଜଣ ନିଖୋଜ ହୋଇଯାଇଛନ୍ତି। ମୟୂରଭଞ୍ଜ ଜିଲ୍ଲା ଦେଇ ଯାଇଥିବା ପଳପଳା ନଦୀରେ ବୁଡ଼ି ୨ସାଙ୍ଗ ପ୍ରାଣ ହରାଇଥିବା ବେଳେ ଜଗତସିଂହପୁର ଜିଲ୍ଲା ଶିଆଳି ବେଳାଭୂମି ନିକଟରେ ସମୁଦ୍ରରେ ବୁଡ଼ି ଜଣଙ୍କର ମୃତ୍ୟୁ ହୋଇଛି। ଅପରପକ୍ଷେ, ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ାସ୍ଥିତ ଗୁଲମି ଜଳପ୍ରପାତ ବୁଲିବାକୁ ଯାଇଥିବା ୨ ସାଙ୍ଗ ପାଣିରେ ବୁଡ଼ି ନିଖୋଜ ହୋଇଯାଇଛନ୍ତି।

ସୂଚନାନୁଯାୟୀ, ବାରିପଦା ସହରରୁ ୨୦କିମି ଦୂର ଶିମିଳିପାଳ ପାଦଦେଶ ଲୁଲୁଙ୍ଗ ନିକଟ ପଳପଳା ନଦୀରେ ବୁଡ଼ି ରବିବାର ୨ ସାଙ୍ଗଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକଦ୍ୱୟ ହେଲେ, ଭଞ୍ଜପୁର ଥାନା ଅଧୀନ ମୁର୍ଗାବାଡ଼ି ଅଞ୍ଚଳର ଅଙ୍କିତ କୁମାର ଭୁଜବଳ (୨୦) ଓ ରଘୁନାଥପୁର ଅଞ୍ଚଳର ଅଂଶୁମାନ ନାଏକ (୨୦)। ଉଭୟ ଭୁବନେଶ୍ୱରର ଏକ ଘରୋଇ ଶିକ୍ଷାନୁଷ୍ଠାନରେ ପଢ଼ନ୍ତି। ରଜ ଛୁଟିରେ ଘରକୁ ଆସିଥିଲେ। ଅନ୍ୟ ୫ଜଣ ସାଙ୍ଗଙ୍କ ସହ ସେମାନେ ଆଜି ବଣଭୋଜି କରିବାକୁ ଲୁଲୁଙ୍ଗ ଯାଇଥିଲେ। ସେଠାରେ ସମସ୍ତେ ପଳପଳା ନଦୀକୁ ଗାଧୋଇବାକୁ ଯାଇଥିଲେ। ୪ଜଣ ନଦୀ ଭିତରକୁ ପଶିବା ବେଳେ ଅସାବଧାନତାବଶତଃ ପଥରରେ ଗୋଡ଼ ଖସିଯିବାରୁ ନଦୀର ଗଭୀର ଜଳରାଶିକୁ ଚାଲିଯାଇଥିଲେ। ଉପରେ ଥିବା ୩ ସାଙ୍ଗ ୨ଜଣଙ୍କୁ ଉଦ୍ଧାର କରିଥିଲେ ହେଁ ଅଂଶୁମାନ ଓ ଅଙ୍କିତ ନିଖୋଜ ହୋଇଯାଇଥିଲେ। ଅଗ୍ନିଶମ ବାହିନୀ ସେଠାରେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରିବା ବେଳକୁ ଦୁହିଁଙ୍କ ମୃତ୍ୟୁ ହୋଇସାରିଥିଲା।



ସେହିପରି କୋଷାଗୁମୁଡ଼ା ସଦର ମହକୁମାର ମିରଗାନ ସାହିର ଦୁଇ ନାବାଳକ ଚାନ୍ଦିଲି ନିକଟସ୍ଥ ଗୁଲମି ଜଳପ୍ରପାତରେ ଭାସି ଯାଇଛନ୍ତି। ସ୍ଥାନୀୟ ପୁଲିସ ଓ ଅଗ୍ନିଶମ ବାହିନୀ ସେମାନଙ୍କୁ ଉଦ୍ଧାର କରିବାକୁ ଉଦ୍ୟମ କରୁଛି। କିନ୍ତୁ ସଂଧ୍ୟା ସୁଦ୍ଧା ସେମାନଙ୍କର କୌଣସି ଖବର ମିଳି ପାରିନାହିଁ। ସୂଚନା ଅନୁସାରେ ରବିବାର ଅପରାହ୍ଣରେ ୫ ଜଣ ସାଙ୍ଗ ଦୁଇ ବାଇକ୍‌ରେ ଜଳପ୍ରପାତ ନିକଟକୁ ବୁଲି ଯାଇଥିଲେ। ସେଠାରେ ସେମାନେ ଗାଧେଇବା ବେଳେ ଦୁଇଜଣ ବାଳକ ଅଲୋକ ସୁନା ଓ କିରଣ ନାୟକ ଭାସି ଯାଇଥିଲେ। ଖବର ପାଇ ଅଗ୍ନିଶମ ବିଭାଗ ସେମାନଙ୍କୁ ଉଦ୍ଧାର କରିବାକୁ ଉଦ୍ୟମ ଚଳାଇଛି। ଦୁଇ ସାଙ୍ଗ ଚଳିତ ବର୍ଷ ୧୦ମ ଶ୍ରେଣୀରେ ପଢୁଛନ୍ତି। ଏହାକୁ ନେଇ କୋଷାଗୁମୁଡାରେ ଏକ ଦୁଃଖର ବାତାବରଣ ଖେଳିଯାଇଛି।

ଅପରପକ୍ଷେ, ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ୍ ଅନ୍ତର୍ଗତ ଶିଆଳି ବେଳାଭୂମିରେ ସମୁଦ୍ରରେ ଗାଧୋଇବା ବେଳେ ଜଣେ ଯୁବକ ଜୁଆରରେ ଭାସି ପ୍ରାଣ ହରାଇଛନ୍ତି। ମୃତ ଯୁବକ ହେଲେ, ବାଲିକୁଦା ଥାନା ଅଧୀନ ତିତିରା ପଞ୍ଚାୟତ ବେଗୁନିଆ ଗ୍ରାମର ଗୌତମ ପରିଜାଙ୍କ ପୁଅ ଦୀପ୍ତିରଞ୍ଜନ ପରିଜା ଓରଫ୍ ବବୁଲ (୨୨)। ବାଲିକୁଦା ଥାନା ତିତିରା ପଞ୍ଚାୟତ ବେଗୁନିଆ ଗ୍ରାମର ୬ଜଣ ଯୁବକ ଆଜି ମଧ୍ୟାହ୍ନରେ ଶିଆଳି ଯାଇଥିଲେ। ସେଠାରେ ଗାଧୋଉଥିବା ବେଳେ ସେମାନଙ୍କ ମଧ୍ୟରୁ ୪ଜଣଙ୍କୁ ଜୁଆର ଟାଣି ନେଇଥିଲା। ୩ଜଣଙ୍କୁ ସ୍ଥାନୀୟ ଲୋକ ଉଦ୍ଧାର କରିଥିବା ବେଳେ ବବୁଲଙ୍କ ପତ୍ତା ମିଳିନଥିଲା। କିଛି ସମୟ ପରେ ନିକଟସ୍ଥ ରାମତରା ନିକଟରେ ବବୁଲ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଏରସମା ମେଡିକାଲରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

## ମୌସୁମୀକୁ ଟାଣିଲା ଘୂର୍ଣ୍ଣିବଳୟ

**ଭୁବନେଶ୍ୱର, ୧୫।୬ (ସମିସ):** ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହା ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି। ଅନ୍ୟପଟେ ଘୂର୍ଣ୍ଣିବଳୟ ଯୋଗୁଁ ମୌସୁମୀ ସକ୍ରିୟ ହେବାକୁ ପାଗ ଅନୁକୂଳ ହୋଇଛି। ତେଣୁ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ଅନ୍ୟ କିଛି ଜିଲ୍ଲାକୁ ମୌସୁମୀ ଅଗ୍ରସର ହେବାର ସମ୍ଭାବନା ରହିଛି। ଫଳରେ ଆସନ୍ତା ୭ ଦିନ ଯାଏଁ ରାଜ୍ୟରେ ମୌସୁମୀ ବର୍ଷା ହୋଇପାରେ ବୋଲି ଅକଳନ କରାଯାଇଛି। ମୌସୁମୀ ଅଗ୍ରସର ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଥିବା ବେଳେ ଆସନ୍ତା ୧୯ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବର୍ଷାର ପ୍ରଭାବ ଅଧିକ ରହିବା ନେଇ ଆକଳନ କରାଯାଇଛି। ସୋମବାର ବିଶେଷ କରି ଉତ୍ତର, ଉତ୍ତର ଉପକୂଳ ଓ ଉତ୍ତର ପଶ୍ଚିମ ଜିଲ୍ଲାମାନଙ୍କରେ ଅଧିକ ବର୍ଷା ନେଇ ଅନୁମାନ କରାଯାଇଛି। ଏହି ସମୟରେ ସୁନ୍ଦରଗଡ଼, ଝାରସୁଗୁଡା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ବରଗଡ଼ ଜିଲ୍ଲାର ଗୋଟିଏ ୨ଟି ସ୍ଥାନରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି। ଗତ ୨୪ ଘଣ୍ଟାରେ ଛତ୍ରପୁରରେ ୩୭, କେନ୍ଦୁଝରରେ ୩୨, ଅନୁଗୁଳ ୨୧, ଖୋର୍ଦ୍ଧା ୧୮, ବୌଦ୍ଧ ୧୬, ପୁରୀ ଓ ନୟାଗଡ଼ରେ ୧୦ ମିମି ଲେଖାଏଁ ବର୍ଷା ରେକର୍ଡ ହୋଇଛି।

## ଓଡ଼ିଆରେ ନିଟ୍-ୟୁଜି ପରୀକ୍ଷା ଦେଲେ ମାତ୍ର ୧.୩୭%

# ଓଡ଼ିଆ ପ୍ରତି ଅନାଗ୍ରହୀ ଓଡ଼ିଶା ଛାତ୍ରଛାତ୍ରୀ

**ଭୁବନେଶ୍ୱର,୧୫।୬(ସମିସ):** ଡ଼ାକ୍ତରୀ ପଢ଼ିବାପାଇଁ ଓଡ଼ିଆ ଭାଷାରେ ପରୀକ୍ଷା ଦେବାକୁ ଓଡ଼ିଆ ଛାତ୍ରଛାତ୍ରୀ ରାଜି ହେଉ ନାହାନ୍ତି। ନିଟ୍ ୟୁଜି ପରୀକ୍ଷାରେ ଓଡ଼ିଆ ଭାଷାରେ ପରୀକ୍ଷା ଦେବାକୁ ବିକଳ୍ପ ରହିଥିଲେ ମଧ୍ୟ ଛାତ୍ରଛାତ୍ରୀମାନେ ଆଗ୍ରହ ପ୍ରକାଶ କରୁନାହାନ୍ତି। ଚଳିତ ବର୍ଷ ମାତ୍ର ୧.୩୭ ପ୍ରତିଶତ ପିଲା ଓଡ଼ିଆରେ ପରୀକ୍ଷା ଦେଇଛନ୍ତି। ସରକାର ବିଭିନ୍ନ ପାଠ୍ୟକ୍ରମକୁ ଜାତୀୟ ଶିକ୍ଷାନୀତି ଆଧାରରେ ଆଞ୍ଚଳିକ ଭାଷା ଓଡ଼ିଆରେ ଅନୁବାଦ କରିବାକୁ ପଦକ୍ଷେପ ନେଉଥିବାବେଳେ ଓଡ଼ିଆ ଭାଷାରୁ ଛାତ୍ରଛାତ୍ରୀମାନେ ମୁହଁ ମୋଡ଼ିବା ଚିନ୍ତା ବଢ଼ାଇଛି।

ଚଳିତବର୍ଷ ଓଡ଼ିଶାରୁ ସମୁଦାୟ ୬୧,୧୧୧ ପିଲା ନିଟ୍-ୟୁଜି ପରୀକ୍ଷା ଦେବାକୁ ପଞ୍ଜିକରଣ କରିଥିଲେ। ତନ୍ମଧ୍ୟରୁ ୫୯,୨୩୮ ଜଣ ପରୀକ୍ଷା ଦେଇଥିବାବେଳେ ପ୍ରାୟ ୫୩% ଅର୍ଥାତ୍ ୩୧,୬୭୩ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ପ୍ରାୟ ୬୦ ହଜାର ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଚଳିତ ବର୍ଷ ମାତ୍ର ୧.୩୭ ପ୍ରତିଶତ ବା ୮୧୨ ଜଣ ପିଲା ଓଡ଼ିଆରେ ପରୀକ୍ଷା ଦେଇଛନ୍ତି। ଯାହା ସର୍ବକାଳୀନ ସର୍ବନିମ୍ନ ବୋଲି ଜଣାପଡ଼ିଛି। ୨୦୧୭ ମସିହାରୁ ଓଡ଼ିଆ ଭାଷାରେ ନିଟ୍-ୟୁଜି ପରୀକ୍ଷା ହେଉଛି। ପ୍ରଥମ ୩ବର୍ଷ ଓଡ଼ିଆ ଭାଷାରେ ପରୀକ୍ଷା ଦେବାକୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଥିଲା। ଏପରିକି ପ୍ରାୟ ୫୦% ଲେଖାଏଁ ଓଡ଼ିଆରେ ପରୀକ୍ଷା ଦେଉଥିଲେ। ୨୦୧୯ ମସିହାରେ ୩୧,୪୯୦ ପିଲା ଓଡ଼ିଆରେ ପରୀକ୍ଷା ଦେଇଥିଲେ। ଏହାପରେ କ୍ରମାଗତ ଭାବେ ଓଡ଼ିଆ ପ୍ରତି ଅନାଦର ବଢୁଛି। ୨୦୨୦ରୁ ୨୦୨୩ ପର୍ଯ୍ୟନ୍ତ ପ୍ରାୟ ହଜାରେ ଲେଖାଏଁ ପିଲା ଓଡ଼ିଆରେ ପରୀକ୍ଷା ଦେଉଥିବାବେଳେ ୨୦୨୪ରେ ୧୩୧୨ ଜଣ ଓଡ଼ିଆରେ ପରୀକ୍ଷା ଦେଇଥିଲେ। ଚଳିତ ବର୍ଷ ଏହି ଗ୍ରାଫ୍ ଆହୁରି ତଳମୁହାଁ ହେବା ସହ ୮୧୨ରେ ପହଞ୍ଚିଛି।

**ଓଡ଼ିଆରେ ପାଠ୍ୟପୁସ୍ତକ ଅଭାବ ଓ ଶିକ୍ଷାଦାନ ପ୍ରମୁଖ ପ୍ରତିବନ୍ଧକ**

ଓଡ଼ିଆ ଭାଷାରେ ପରୀକ୍ଷାର୍ଥୀଙ୍କ ସଂଖ୍ୟା କମିବାରେ ଓଡ଼ିଆ ପାଠ୍ୟକ୍ରମ ଓ ଶିକ୍ଷାଦାନର ଘୋର ଅଭାବ ବୋଲି ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି। ଶିକ୍ଷାବିତ୍ ଡ. ଶରତ କରଙ୍କ କହିବା ଅନୁଯାୟୀ, ଓଡ଼ିଆ ଭାଷାରେ ଡ଼ାକ୍ତରୀ ପାଠ୍ୟକ୍ରମ ପାଇଁ ପର୍ଯ୍ୟାପ୍ତ ପାଠ୍ୟପୁସ୍ତକ ନାହିଁ। ମୁଖ୍ୟତଃ ଓଡ଼ିଶାର ବିଭିନ୍ନ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଓ କୋଚିଂ ସେଣ୍ଟରରେ ମଧ୍ୟ ଓଡ଼ିଆ ଭାଷାରେ ପଢ଼ାଯାଉ ନାହିଁ। ଫଳରେ ଇଂରାଜୀରେ ପଢ଼ିଥିବା ପିଲା ଓଡ଼ିଆରେ ପରୀକ୍ଷା ଦେବାକୁ ଆଗ୍ରହୀ ହେଉ ନାହାନ୍ତି। ଅପରପକ୍ଷରେ ଓଡ଼ିଆରେ ପରୀକ୍ଷା ଦେଇ ସଫଳତା ପାଉଥିବା ଛାତ୍ରଛାତ୍ରୀଙ୍କ ସଫଳ କାହାଣୀଗୁଡ଼ିକୁ ମଧ୍ୟ ପ୍ରୋତ୍ସାହିତ କରାଯାଉନାହିଁ। ଏଣୁ ଅନ୍ୟ ଛାତ୍ରଛାତ୍ରୀମାନେ ଓଡ଼ିଆ ପ୍ରତି ଆଗ୍ରହ ପ୍ରକାଶ କରୁନାହାନ୍ତି। ସେହିପରି ଗୁଗୁଲ୍ ଟ୍ରାନ୍ସଲେସନ୍ ଅନ୍ୟତମ କାରଣ ବୋଲି ମଧ୍ୟ ମତ ପ୍ରକାଶ ପାଉଛି। ଡ଼ାକ୍ତରୀ ପାଇଁ ଯେଉଁ ହାତଗଣତି ପାଠ୍ୟପୁସ୍ତକ ରହିଛି ସେସବୁକୁ ଗୁଗୁଲ୍ ଟ୍ରାନ୍ସଲେଟର୍ ପକାଇ ପ୍ରସ୍ତୁତ କରାଯାଇଛି। ଫଳରେ ଓଡ଼ିଆ ଲିପିରେ ଲେଖା ହୋଇଥିଲେ ମଧ୍ୟ ଭାବାର୍ଥ ବୁଝାପଡୁନାହିଁ। ପରୀକ୍ଷାରେ ମଧ୍ୟ ଟ୍ରାନ୍ସଲେସନ୍ ହୋଇ ପ୍ରଶ୍ନ ଆସୁଥିବାରୁ ବହୁ ପ୍ରଶ୍ନ ବୁଝାପଡୁନାହିଁ। ଯେଉଁଠି ଓଡ଼ିଆ ଭାଷା ବୁଝି ନ ହେବ ବା ଭାବାର୍ଥରେ ସାମଞ୍ଜସ୍ୟ ଥିବ ତାହେଲେ ଇଂରାଜୀ ଭାଷାରେ ପଢ଼ିଥିବା ପ୍ରଶ୍ନକୁ ସଠିକ୍ ବୋଲି ଧରାଯିବ ବୋଲି ଉଲ୍ଲେଖ ରହୁଛି। ଏଣୁ ଓଡ଼ିଆରେ ପରୀକ୍ଷା ଦେଇ ଅସୁବିଧାରେ ପଡ଼ିବା ଅପେକ୍ଷା ମୂଳରୁ ଇଂରାଜୀ ଭାଷାରେ ପରୀକ୍ଷା ଦେବାକୁ ଛାତ୍ରଛାତ୍ରୀମାନେ ପସନ୍ଦ କରୁଛନ୍ତି। ଓଡ଼ିଆ ଭାଷାରେ ପାଠ୍ୟକ୍ରମ ଓ ନିୟମିତ ଶିକ୍ଷାଦାନ ହେଲେ ଓଡ଼ିଆ ଭାଷା ପ୍ରତି ଛାତ୍ରଛାତ୍ରୀଙ୍କ ଆଗ୍ରହ ବଢ଼ିବ ବୋଲି ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି।

## ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଯାଜପୁର ଜିଲ୍ଲା ଗସ୍ତ ଉପରଠଉରିଆ: କଂଗ୍ରେସ

**ଭୁବନେଶ୍ୱର,୧୫।୬(ସମିସ):** ଯାଜପୁର ଜିଲ୍ଲାରେ ହଇଜା ଚିହ୍ନଟ ହେବା ଏବଂ ରାଜ୍ୟର ୮ଟି ଜିଲ୍ଲାକୁ ଝାଡ଼ାବାନ୍ତି ବ୍ୟାପିଥିବାବେଳେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଏବେ ଚୁପ୍ ବସିଛି। ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଉପରଠଉରିଆ ଭାବେ ଯାଜପୁର ଜିଲ୍ଲା ଗସ୍ତ କରି ତାଙ୍କ ପାରିବାପଣିଆ ଦେଖାଇଛନ୍ତି। ଝାଡ଼ାବାନ୍ତି ବ୍ୟାପିବାର ୭ଦିନ ପରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କର ରୋଗୀମାନଙ୍କ ସ୍ୱାସ୍ଥ୍ୟାବସ୍ଥା କଥା ମନେପଡ଼ିଲା। ରାଜ୍ୟର ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥାକୁ ନେଇ ଆଜି ଏଭଳି ଢଙ୍ଗରେ ସରକାରଙ୍କ ଉପରେ ବର୍ଷିଛି ରାଜ୍ୟ ଯୁବ କଂଗ୍ରେସ।

ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ସୁଦୀପ ସାମଲ ଏକ ପ୍ରେସ ବିଜ୍ଞପ୍ତିରେ କହିଛନ୍ତି ଯେ ଯାଜପୁର ଜିଲ୍ଲାରେ ୧୦ରୁ ଅଧିକ ଲୋକ ଏହି ରୋଗରେ ଜୀବନ ହାରିଥିବାବେଳେ ଶତାଧିକ ଲୋକ ପ୍ରଭାବିତ ଅଛନ୍ତି। ରାଜ୍ୟ ସରକାର ଏ ଦିଗରେ ପୂର୍ବରୁ ଉପଯୁକ୍ତ ଧ୍ୟାନ ଦେଲେ ନାହିଁ। ଯାହାଫଳରେ ଯାଜପୁରରେ ଦେଖାଦେଇଥିବା ଝାଡ଼ାବାନ୍ତି ଆଜି ଭଦ୍ରକ, କେନ୍ଦୁଝର, କଟକ, କେନ୍ଦ୍ରାପଡ଼ା, ଢେଙ୍କାନାଳ ଓ ଖୋର୍ଦ୍ଧା ଭଳି ଜିଲ୍ଲାକୁ ବ୍ୟାପିଲାଣି। ରାଜ୍ୟ ସରକାର ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ବାଃ ବାଃ ନେବାର ଡିଣ୍ଡିମ ପିଟୁଥିବାବେଳେ ଆଜିର ଦିନରେ ରାଜ୍ୟରେ ହଇଜା ଭଳି ରୋଗ ବ୍ୟାପୁଛି। ଏଭଳି ପରିସ୍ଥିତି କାହିଁକି ଆସିଲା, ରାଜ୍ୟ ସରକାର ତା'ର ସ୍ପଷ୍ଟୀକରଣ ଦିଅନ୍ତୁ ବୋଲି ଶ୍ରୀ ସାମଲ ଦାବି କରିଛନ୍ତି।

ଶ୍ରୀ ସାମଲ ଆହୁରି କହିଛନ୍ତି ଯେ ଏହି ରୋଗ ବ୍ୟାପିଥିବା ଜିଲ୍ଲାଗୁଡ଼ିକୁ ସରକାର ତୁରନ୍ତ ଚିକିତ୍ସକ ଦଳ ପଠାଇ ରୋଗ ନିୟନ୍ତ୍ରଣ କରିବା ଉପରେ ମୁଖ୍ୟମନ୍ତ୍ରୀ ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ। ପ୍ରଭାବିତ ଜିଲ୍ଲାରେ କେନ୍ଦ୍ରୀୟ ଟିମ୍ ଆସି ସ୍ଥିତି ଅନୁଧ୍ୟାନ କରିବା ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବ୍ୟବସ୍ଥାର ବିକଳ ଚିତ୍ରକୁ ଦର୍ଶାଉଛି। ଆଜିର ଦିନରେ ଆମ ରାଜ୍ୟର ସ୍ୱାସ୍ଥ୍ୟ ବିଭାଗ ଅପରାଗ ବୋଲି ରାଜ୍ୟ ସରକାର ପ୍ରମାଣିତ କରିଥିବା ଶ୍ରୀ ସାମଲ ପ୍ରେସ୍ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି।

# ସକାଳ THE SAKALA

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 42 •ISSUE-348 •BHUBANESWAR •MONDAY •16 JUNE 2025 •PAGE-12 •₹ 6.00

•ବର୍ଷ-୪୨ •ସଂଖ୍ୟା-୩୪୮ •ଭୁବନେଶ୍ୱର •ସୋମବାର •୧୬ ଜୁନ୍ ୨୦୨୫ •ପୃଷ୍ଠା-୧୨ •ଟ.୬.୦୦





୪୦୦ ମ୍ୟାଚ୍ କ୍ଲବ୍‌ରେ ମନ୍‌ପ୍ରୀତ୍

▶ପୃଷ୍ଠା ୧୨ ଦେଖନ୍ତୁ...





## ଦୁଃଖଦ

## ପୁଣେରେ ପୋଲ ଭୁଶୁଡ଼ି ୫ ମୃତ; ୩୦ ନିଖୋଜ

■ **ପୁଣେ, ୧୫।୬ (ଏଜେନ୍ସି):** ମହାରାଷ୍ଟ୍ରର ପୁଣେ ନିକଟରେ ଆଜି ଇନ୍ଦ୍ରାୟଣୀ ନଦୀ ଉପରେ ନିର୍ମିତ ଏକ ପୁରୁଣା ପୋଲ ଭୁଶୁଡ଼ି ପଡ଼ିବାରୁ ୨୦ରୁ ୩୦ ଜଣ ବ୍ୟକ୍ତି ଭାସିଯାଇଛନ୍ତି। ଏଥିରେ ୫ ଜଣ ପ୍ରାଣ ହରାଇଛନ୍ତି ଏବଂ ୧୩ ଜଣଙ୍କୁ ଉଦ୍ଧାର କରାଯାଇଥିବା ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼୍‌ନାଭିସ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କୁ ଉଦ୍ଧାର କରିବା ଲାଗି ଉଦ୍ୟମ ଚାଲିଛି। ପାଣିର ସ୍ରୋତ ପ୍ରଖର ହୋଇଥିବା ଦୃଷ୍ଟିରୁ ମୃତ୍ୟୁ ସଂଖ୍ୟା ବଢ଼ିପାରେ ବୋଲି ଆଶଙ୍କା ପ୍ରକାଶ ପାଉଛି। ଉଦ୍ଧାର ପାଇଥିବା ଲୋକମାନଙ୍କ ମଧ୍ୟରୁ ୬ ଜଣଙ୍କୁ ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି କରାଯାଇଛି। ଯାନବାହନ ପାଇଁ ଏହି ପୋଲକୁ ବନ୍ଦ ରଖାଯାଇଥିଲେ ମଧ୍ୟ ବନ୍ୟା ପାଣି ଦେଖିବା ଲାଗି ୨୦ରୁ ୩୦ ଜଣ ଲୋକ ଏହି ବିପଦସଙ୍କୁଳ ପୋଲ ଉପରେ ଭିଡ଼ ଜମାଇଥିଲେ। ଏହି ସମୟରେ ପୋଲ ଭୁଶୁଡ଼ି ପଡ଼ିଥିଲା। ବନ୍ୟା ପାଣିର ପ୍ରଖର ସ୍ରୋତରେ ସେମାନେ ଭାସିଯାଇଥିଲେ। ସେମାନଙ୍କୁ ଉଦ୍ଧାର କରିବା ଲାଗି ବଡ଼ ଧରଣର ଅଭିଯାନ ଆରମ୍ଭ ହୋଇଥିଲା। ୧୩ ଜଣ ଉଦ୍ଧାର ହୋଇଥିଲେ ମଧ୍ୟ ପୋଲ ଉପରେ କେତେ ଲୋକ ଥିଲେ ତାହା ନିର୍ଦ୍ଦିଷ୍ଟ ଭାବେ ଜଣାପଡ଼ି ନାହିଁ। ତେଣୁ ନଦୀରେ ଉଦ୍ଧାର ଅଭିଯାନ ଜାରି ରହିଛି। ପ୍ରକାଶଥାଉକି କିଛି ଦିନ ତଳେ ସରକାର ଏହି ବିପଦଶଙ୍କୁଳ ଏହି ପୋଲ ଉପରେ ଯାତାୟତକୁ ବାରଣ କରିଥିଲେ।

## କେଦାରନାଥରେ ଖସିପଡ଼ିଲା ହେଲିକପ୍ଟର୍; ୭ ମୃତ

■ **ନୂଆଦିଲ୍ଲୀ, ୧୫।୬ (ଏଜେନ୍ସି):** ଉତ୍ତରାଖଣ୍ଡର ଗୌରିକୁଣ୍ଡ ଜଙ୍ଗଲରେ ଆଜି ସକାଳେ ଏକ ହେଲିକପ୍ଟର ଦୁର୍ଘଟଣାରେ ପାଇଲଟଙ୍କ ସମେତ ୭ ଜଣ ପ୍ରାଣ ହରାଇଛନ୍ତି। ହେଲିକପ୍ଟର ଆଜି ସକାଳ ୫ଟା ୧୭ ମିନିଟରେ କେଦାରନାଥ ଧାମରୁ ଗୁପ୍ତକାଶୀ ଯାଉଥିବା ବେଳେ ଖରାପ ପାଗ ଯୋଗୁଁ ଜଙ୍ଗଲ ଭିତରେ ଖସିପଡ଼ିଥିଲା। ହେଲିକପ୍ଟର ଉଡ଼ିଲା ବେଳକୁ କିଛି ଦେଖାଯାଉନଥିଲା ଏବଂ ପାଗ ମଧ୍ୟ ଅନୁକୂଳ ନଥିଲା। ଏହାସତ୍ତ୍ୱେ ପାଇଲଟ ଗୁପ୍ତକାଶୀ ଆଡ଼କୁ ଅଗ୍ରସର ହୋଇଥିଲେ। ଖବର ପାଇ ଏନ୍‌ଡିଆର୍‌ଏଫ୍‌ର ସ୍ୱତନ୍ତ୍ର ଟିମ୍ ଦୁର୍ଘଟଣାଗ୍ରସ୍ତ ଅଞ୍ଚଳକୁ ଯାଇଛନ୍ତି। ଏହି ଦୁର୍ଘଟଣା ପରେ ଚାର ଧାମ ଅଞ୍ଚଳରେ ଆସନ୍ତାକାଲି ପର୍ଯ୍ୟନ୍ତ ହେଲିକପ୍ଟର ସେବାକୁ ବନ୍ଦ କରିଦିଆଯାଇଛି। ଉତ୍ତରାଖଣ୍ଡରେ ଗତ ୬ ସପ୍ତାହ ମଧ୍ୟରେ ଏହା ହେଉଛି ପଞ୍ଚମ ହେଲିକପ୍ଟର ଦୁର୍ଘଟଣା। ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି କହିଛନ୍ତି ଯେ ଏଭଳି ପ୍ରତିକୂଳ ପାଗରେ ହେଲିକପଟର ଉଡ଼ାଇବାରେ ପାଇଲଟଙ୍କର ପୂର୍ବ ଅଭିଜ୍ଞତା ଥିଲା। କେଉଁ ପରିସ୍ଥିତିରେ ଏହି ଦୁର୍ଘଟଣା ଘଟିଲା, ତାହାର ଯାଞ୍ଚ କରାଯିବ। ତେବେ ହେଲିକପ୍ଟର ଉଡ଼ାଣ ପାଇଁ ଯେଉଁ ଗାଇଡଲାଇନ୍ସ ରହିଛି ତାହାର ଅନୁପାଳନ ଲାଗି ସେ ହେଲିକପ୍ଟର ସେବା ଯୋଗାଉଥିବା ସଂସ୍ଥା ଏବଂ ପାଇଲଟମାନଙ୍କୁ ପରାମର୍ଶ ଦେଇଛନ୍ତି।

# ବାଡ଼ିବୁଢ଼ୀ ନେଲାଣି ୨୦ ମୁଣ୍ଡ

### କେନ୍ଦ୍ରାପଡ଼ା ଓ ପୁରୀ ଜିଲ୍ଲାକୁ ମାଡ଼ିଲା ଝାଡ଼ାବାନ୍ତି

### ଡେରାବିଶରେ ଡାଇରିଆ ନେଲା ପ୍ରଥମ ମୁଣ୍ଡ

### ଯାଜପୁର ଜିଲ୍ଲାରେ ଆଖି ବୁଜିଲେ ଆଉ ୩ ରୋଗୀ

### କଣାସ ଘଟଣାରୁ କିଛି ଶିଖିଲେନି ରାଜ୍ୟ ସରକାର

### ଝାଡ଼ାବାନ୍ତି ବ୍ୟାପିବା ପଛରେ ଦୂଷିତ ପାନୀୟ ଜଳ

### ଫୁରସତ୍ ମିଳିବା ପରେ ପ୍ରଭାବିତ ଅଞ୍ଚଳରେ ମନ୍ତ୍ରୀ


■ **ଭୁବନେଶ୍ୱର, ୧୫।୬ (ସମିସ):** ମାତିଛି ବାଡ଼ିବୁଢ଼ୀ। ଯାଜପୁରରୁ ଆରମ୍ଭ କରି ଗୋଟିକ ପରେ ଗୋଟିଏ ଜିଲ୍ଲାରୁ ମୁଣ୍ଡ ଗୋଟାଉଛି। ପ୍ରଥମେ ଯାଜପୁରରୁ ଆରମ୍ଭ ହୋଇଥିବା ଝାଡ଼ାବାନ୍ତି କେନ୍ଦୁଝର, ଭଦ୍ରକ, କଟକ, ଖୋର୍ଦ୍ଧା, ପୁରୀ, କେନ୍ଦ୍ରାପଡ଼ାକୁ ବ୍ୟାପିଛି। ସେହିପରି ପଶ୍ଚିମ ଓଡ଼ିଶାର ବରଗଡ଼ ଜିଲ୍ଲାରେ ମଧ୍ୟ ଝାଡ଼ାବାନ୍ତି ବ୍ୟାପିଥିବା ଖବର ଆସିଛି। ଅବିଭକ୍ତ କଟକ ଓ ଅବିଭକ୍ତ ପୁରୀ ଜିଲ୍ଲାରେ ପରିସ୍ଥିତି ଅଣାୟତ୍ତ ହେବାକୁ ବସିଛି। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଆରମ୍ଭରୁ ଘଟଣାକୁ ଗୁରୁତ୍ୱ ନ ଦେବାର ପରିଣାମ ଏବେ ସାଧାରଣ ଲୋକଙ୍କୁ ଭୋଗିବାକୁ ପଡ଼ିଛି। ଯାଜପୁର ଜିଲ୍ଲାର ଡାକ୍ତରଖାନାଗୁଡ଼ିକ କେବଳ ଝାଡ଼ାବାନ୍ତି ରୋଗୀରେ ଭର୍ତ୍ତି ହୋଇଯାଇଛି। ପ୍ରତିଦିନ ରୋଗୀ ସଂଖ୍ୟା ବଢ଼ିବଢ଼ି ଚାଲିଛି। ଯାଜପୁର, କେନ୍ଦୁଝର, ଭଦ୍ରକ, ଢେଙ୍କାନାଳ ଓ କେନ୍ଦ୍ରାପଡ଼ା ଜିଲ୍ଲାରେ ମୃତ୍ୟୁ ସଂଖ୍ୟା ୨୦ରେ ପହଞ୍ଚିଲାଣି। ଏହାକୁ ରୋକିବାରେ ସ୍ଥାନୀୟ ପ୍ରଶାସନଠାରୁ ଆରମ୍ଭ କରି ରାଜ୍ୟ ସରକାର ସଂପୂର୍ଣ୍ଣ ଫେଲ୍ ମାରିଛନ୍ତି। ଏବେ ବର୍ଷପୂର୍ତ୍ତି ଉତ୍ସବରୁ ଫୁରସତ୍ ମିଳିବା ପରେ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରଭାବିତ ଯାଜପୁର ଓ କେନ୍ଦୁଝର ଜିଲ୍ଲାରେ ପହଞ୍ଚିଛନ୍ତି। ୫ ମାସ ତଳେ ପୁରୀ ଜିଲ୍ଲା କଣାସରେ ଡାଇରିଆ ସ୍ଥିତି ପୁରା ଅଣାୟତ୍ତ ହୋଇଥିଲା। ଶତାଧିକ ଲୋକ ଆକ୍ରାନ୍ତ ହୋଇଥିବାବେଳେ ୬ଜଣ ମୃତ୍ୟୁବରଣ କରିଥିଲେ। ଦୂଷିତ ପାନୀୟ ଜଳ ଯୋଗାଣରୁ ଏହି ଘଟଣା ଘଟିଥିବା ସେତେବେଳେ ଜଣା ପଡ଼ିଥିଲେ ହେଁ ସରକାର କୌଣସି ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେଲେ ନାହିଁ; ଫଳସ୍ୱରୂପ ଏବେ ଉପକୂଳ ଓଡ଼ିଶା ସମେତ ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାକୁ ଡାଇରିଆ ବ୍ୟାପିଛି। ଏବେଠାରୁ ସଜାଗ ନ ହେଲେ ଆଗକୁ ଆହୁରି ଭୟଙ୍କର ସ୍ଥିତି ହେବ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ଚେତାବନୀ ଦେଇଛନ୍ତି।




ଡାଇରିଆ ବ୍ୟାପିବା ପଛରେ ଦୂଷିତ ପାଣି ଓ ଖାଦ୍ୟ ମୂଳ କାରଣ ବୋଲି କୁହାଯାଉଛି। ରାଜ୍ୟର ଲୋକମାନଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ତତ୍କାଳୀନ ରାଜ୍ୟ ସରକାର ଆରମ୍ଭ କରିଥିବା ପାନୀୟ ଜଳ ପ୍ରକଳ୍ପଗୁଡ଼ିକର କାମ ବନ୍ଦ କରି ଦିଆଯାଇଛି । ଏହି ପ୍ରକଳ୍ପ କେବେ ଶେଷ ହେବ ତାହା ଅନିଶ୍ଚିତ। ସେହିପରି ରାଜ୍ୟରେ ଜଳର ଗୁଣବତ୍ତା ପରୀକ୍ଷା ପାଇଁ ପ୍ରତି ଜିଲ୍ଲାରେ ପରୀକ୍ଷାଗାର ଥିବା ବେଳେ ଏ ସମ୍ପର୍କରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ସ୍ୱାସ୍ଥ୍ୟ ବିଭାଗ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମଧ୍ୟରେ ତାଳମେଳ ଅଭାବ ଯୋଗୁଁ ଏବେ ଲୋକମାନେ ଜୀବନ ହରାଉଛନ୍ତି ।

ଓଡ଼ିଶାରେ ୨୦୧୩ ମସିହାରୁ ୨୦୧୭ ମସିହା ପର୍ଯ୍ୟନ୍ତ କେହି କଲେରା ଆକ୍ରାନ୍ତ ▶ପୃଷ୍ଠା-୭

## ଅବହେଳାକୁ ନେଇ ନବୀନଙ୍କ କ୍ଷୋଭ



### ଚକିତ ଓ ବିଚଳିତ କରିଛି ରାଜ୍ୟ ସରକାରଙ୍କ ନିଷ୍କ୍ରିୟତା


### ଲୋକଙ୍କ ଜୀବନକୁ ବିପଦକୁ ନ ଠେଲିବାକୁ ପରାମର୍ଶ

■ **ଭୁବନେଶ୍ୱର, ୧୫।୬ (ସମିସ):** ଯାଜପୁର ଜିଲ୍ଲାରେ ଡାଇରିଆ ସଂଗୀନ ସ୍ଥିତି ସୃଷ୍ଟି କରିଥିବା ବେଳେ ରବିବାର ସୁଦ୍ଧା ରାଜ୍ୟର ୮ ଜିଲ୍ଲା ଏଥିରେ ପ୍ରଭାବିତ ହୋଇଛି। ଡାଇରିଆ ଓ କଲେରା ମୁକାବିଲା କ୍ଷେତ୍ରରେ ପ୍ରଶାସନର ବିଳମ୍ବିତ ପଦକ୍ଷେପ ଏବଂ ସ୍ୱାସ୍ଥ୍ୟ ବିଭାଗର ନିଷ୍କ୍ରିୟତାକୁ ସାଧାରଣରେ ତୀବ୍ର ସମାଲୋଚନା କରାଯାଉଛି। ଅନ୍ୟପକ୍ଷରେ ବିରୋଧୀଦଳ ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ବ୍ୟାପୁଥିବା ଡାଇରିଆକୁ ନେଇ ଉଦ୍‌ବେଗ ଓ କ୍ଷୋଭ ପ୍ରକାଶ କରିଛନ୍ତି। ରାଜ୍ୟରେ ହଇଜା ବ୍ୟାପୁଥିବାବେଳେ ସରକାର ଏହାକୁ ହାଲୁକାରେ ନେବା ସମସ୍ତଙ୍କୁ ଚକିତ ଓ ବିଚଳିତ କରିଥିବା ଉଲ୍ଲେଖ କରି ତୁରନ୍ତ ଦୃଢ଼ ପଦକ୍ଷେପ ଗ୍ରହଣ ନିମନ୍ତେ ପରାମର୍ଶ ଦେଇଛନ୍ତି।

ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ନବୀନ କହିଛନ୍ତି ଯେ ରାଜ୍ୟରେ ହଇଜା ଲୋକଙ୍କ ଜୀବନକୁ ସଙ୍କଟରେ ପକାଇଲାଣି। ଦୀର୍ଘ ବର୍ଷ ଧରି ଯାହା ରାଜ୍ୟରେ ଦେଖିବାକୁ ମିଳି ନ ଥିଲା ତାହା ଏବେ ବିଭିନ୍ନ ଜିଲ୍ଲାର ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ଯାଜପୁର, କେନ୍ଦ୍ରାପଡ଼ା, ଭଦ୍ରକ, ପୁରୀ, କଟକ ଓ କେନ୍ଦୁଝର ଆଦି ଜିଲ୍ଲାରେ ହଇଜା ଭୟଙ୍କର ରୂପ ନେଉଥିବା ବେଳେ ଅନ୍ୟ ଜିଲ୍ଲାକୁ ମଧ୍ୟ ଏହା ବ୍ୟାପିବାକୁ ଲାଗିଲାଣି। ବର୍ତ୍ତମାନ ସୁଦ୍ଧା ହଇଜାରେ ୧୪ ଜଣ ପ୍ରାଣ ହରାଇବା ମୋତେ ବ୍ୟଥିତ କରିଛି। ସେମାନଙ୍କ ପରିବାରବର୍ଗ ଓ ଆତ୍ମୀୟସ୍ୱଜନଙ୍କ ପ୍ରତି ମୋର ସମବେଦନା ଜଣାଉଛି। ତେବେ ରାଜ୍ୟର ଏତେବଡ଼ ସ୍ପର୍ଶକାତର ପ୍ରସଙ୍ଗକୁ ରାଜ୍ୟ ସରକାର ଏହାକୁ ହାଲୁକା ଭାବେ ନେବା ସମସ୍ତଙ୍କୁ ବେଶ୍ ଚକିତ ଓ ବିଚଳିତ କରୁଛି ବୋଲି ନବୀନ ଉଲ୍ଲେଖ କରିଛନ୍ତି।

# ଘମାଘୋଟ ଲଢ଼େଇ

## ଇରାନରେ ୭୮, ଇସ୍ରାଏଲରେ ୧୩ ମୃତ



### ଥରୁଛି ତେହେରାନ୍, ତେଲ୍-ଆଭିଭ୍

### ଯୁଦ୍ଧବିରତି ଖୁବ୍‌ଶୀଘ୍ର: ଡୋନାଲ୍ଡ ଟ୍ରମ୍ପ

■ **ତେହରାନ, ୧୫।୬(ଏଜେନ୍ସି):** ଗତ ଶୁକ୍ରବାର ଇରାନ ଉପରେ ଇସ୍ରାଲର ପ୍ରଚଣ୍ଡ ଆକ୍ରମଣ ପରେ ଦୁଇ ଦେଶ ମଧ୍ୟ ଯୁଦ୍ଧ ଆରମ୍ଭ ହୋଇଯାଇଛି। ତିନି ଦିନ ଧରି ଉଭୟ ଦେଶ ପରସ୍ପର ଉପରେ ଜୋରଦାର ଆକ୍ରମଣ ଚଳାଇଛନ୍ତି। ଆକ୍ରମଣରେ କେବଳ ସାମରିକ ପ୍ରତିଷ୍ଠାନ ନୁହେଁ, ତୈଳ ବିଶୋଧନାଗାର ଏବଂ ଆବାସିକ ଅଞ୍ଚଳକୁ ମଧ୍ୟ ଟାର୍ଗେଟ କରାଯାଇଛି। ଗତକାଲି ଇରାନର ସର୍ବବୃହତ୍ ତୈଳ ବିଶୋଧନାଗାର ଉପରେ ଇସ୍ରାଏଲ ଆକ୍ରମଣ କରିବା ପରେ ଇରାନ ଇସ୍ରାଏଲ ଉପରେ ଜବାବୀ ହମଲା କରିଛି। ଇରାନ ମଧ୍ୟ ଇସ୍ରାଏଲର ତୈଳ ବିଶୋଧନାଗାର ଉପରେ ଆକ୍ରମଣ କରିଛି। ଇସ୍ରାଏଲ ପକ୍ଷରୁ ଏହି ସୂଚନା ଦେଇ କୁହାଯାଇଛି ଯେ ଗତ ରାତି ତମାମ ଇରାନ ପକ୍ଷରୁ ଇସ୍ରାଏଲ ଉପରେ କ୍ଷେପଣାସ୍ତ୍ର ମାଡ଼ କରାଯାଇଛି। ଆଜି ସନ୍ଧ୍ୟାର ଇରାନ ପୁଣି ଥରେ ଇସ୍ରାଏଲ ଉପରେ ବାଲିଷ୍ଟିକ କ୍ଷେପଣାସ୍ତ୍ର ମାଡ଼ କରିଥିବା ଜଣାପଡ଼ିଛି। ଇରାନ ବୈଦେଶିକ ମନ୍ତ୍ରୀ କହିଛନ୍ତି ଯେ ଇସ୍ରାଏଲ ଆକ୍ରମଣ ବନ୍ଦ ନକରିବା ପର୍ଯ୍ୟନ୍ତ ଇରାନ ସାମରିକ କାର୍ଯ୍ୟାନୁଷ୍ଠାନ ଜାରି ରଖିବ। ଦୁଇ ଦେଶ ମଧ୍ୟରେ ଯୁଦ୍ଧ ଉଗ୍ର ରୂପ ଧାରଣ କରୁଥିବା ବେଳେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ କହିଛନ୍ତି ଯେ ଦୁଇ ଦେଶ ମଧ୍ୟରେ କଥାବାର୍ତ୍ତା ଚାଲିଛି ଏବଂ ଯୁଦ୍ଧ ଖୁବଶୀଘ୍ର ବନ୍ଦ ହୋଇଯିବ। ଏହାସହିତ ଇରାନକୁ ସେ ଧମକ ଦେଇ କହିଛନ୍ତି ଯେ ଆମେରିକାର କୌଣସି ପ୍ରତିଷ୍ଠାନ ଉପରେ ଆକ୍ରମଣ ହେଲେ ଇରାନକୁ ଧ୍ୱଂସ କରିବା ଲାଗି ତାଙ୍କ ଦେଶ ସମସ୍ତ ଶକ୍ତି ଖଟାଇବାକୁ ପଛାଇବ ନାହିଁ।

ଯୁଦ୍ଧ ମଇଦାନରୁ ମିଳିଥିବା ସୂଚନା ଅନୁଯାୟୀ ଇରାନର ପରମାଣୁ କେନ୍ଦ୍ର, ସାମରିକ ପ୍ରତିଷ୍ଠାନ ଏବଂ ଏୟାର ଡିଫେନ୍ସ ସିଷ୍ଟମ ଉପରେ ଇସ୍ରାଏଲ ଆକ୍ରମଣ ଜାରି ରଖିଛି। ଏଥିରେ ୭୮ ଜଣ ପ୍ରାଣ ହରାଇଥିବା ବେଳେ ୬ ଜଣ ବରିଷ୍ଠ ସେନା ଅଧିକାରୀ ଏଥିରେ ସାମିଲ ଅଛନ୍ତି। ▶ପୃଷ୍ଠା-୭

## ବଜ୍ରପାତ ନେଲା ୪ ଜୀବନ

■ **କଳାବାଡ଼ିଆ/ନୂଆପଡ଼ା/ବରଗଡ଼/କେନ୍ଦ୍ରାପଡ଼ା/ମହାକାଳପଡ଼ା/ତୁରୁମୁଙ୍ଗା,୧୫।୬(ସମିସ):** ରାଜ୍ୟର ବିଭିନ୍ନ ସ୍ଥାନରେ ବଜ୍ରପାତ ଘଟି ଆଜି ୪ ଜଣଙ୍କ ଜୀବନ ଯାଇଥିବା ବେଳେ ୧୦ରୁ ଊର୍ଦ୍ଧ୍ୱ ଗୁରୁତର ଆହତ ହୋଇଛନ୍ତି। ମୃତକମାନେ ହେଲେ, ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ବ୍ଲକ୍ ଅନ୍ତର୍ଗତ ଭୋଲାଗଡ଼ିଆ ଗ୍ରାମର ଭୀମ ମାର୍ଣ୍ଡି (୨୫), କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ବାଉଁଶୁଳି ଗ୍ରାମର ଶୈଳେନ୍ଦ୍ରୀ ନାଏକ (୫୪), ବରଗଡ଼ ଜିଲ୍ଲା ପାଇକମାଳ ବ୍ଲକ୍ ଅନ୍ତର୍ଗତ ବାରଫାଳିଆ ଗ୍ରାମର ବଳଦେବ ମାଝୀ (୪୩), ଓ କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ଅନ୍ତର୍ଗତ ଷାଠିଏବାଟି ଗ୍ରାମର ପ୍ରଶାନ୍ତ ଦାସ (୪୫)।

ସୂଚନାନୁଯାୟୀ, ଭୋଲାଗଡ଼ିଆ ଗ୍ରାମର ଭୀମ ଓ ଜଗନ୍ନାଥ ମାର୍ଣ୍ଡି (୪୦) ଆଜି ଦିନ ପ୍ରାୟ ୧ଟା ବେଳେ ଗୋରୁ ଆଣିବା ପାଇଁ ଗୋହିରାପାଳ ଜାହିରାକୁ ଯାଇଥିବା ବେଳେ ହଠାତ୍ ବର୍ଷା, ପବନ ହୋଇଥିଲା। ଦୁହେଁ ଏକ ଗଛ ମୂଳେ ଆଶ୍ରୟ ନେଇଥିବା ବେଳେ ସେଠାରେ ବଜ୍ରପାତ ହେବାରୁ ଏଥିରେ ଭୀମଙ୍କ ମୃତ୍ୟୁ ହୋଇଯାଇଥିଲା। ସ୍ଥାନୀୟ ଲୋକ ଗୁରୁତର ଅବସ୍ଥାରେ ▶ପୃଷ୍ଠା-୭

## ଖୁବ୍‌ଶୀଘ୍ର ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ

# ୬ ପଦ ପାଇଁ ୬୦ ଆଶାୟୀ

### ସମ୍ପ୍ରସାରଣରେ ମୋହନଙ୍କର ରହିବ ସର୍ବାଧିକ ଭୂମିକା

### ମନ୍ତ୍ରିମଣ୍ଡଳରେ ବୃଦ୍ଧି ପାଇବ ମହିଳାଙ୍କ ଭାଗିଦାରୀ

### ବିଦା ହେବେ ୩, ବଦଳିବ ଅନେକ ମନ୍ତ୍ରୀଙ୍କ ବିଭାଗ

### ସମ୍ପ୍ରସାରଣ ପରେ ନିଗମ ଓ ବୋର୍ଡ ଥଇଥାନ ପ୍ରକ୍ରିୟା

■ **ଭୁବନେଶ୍ୱର, ୧୫।୬ (ସମିସ):** ରାଜ୍ୟରେ ବିଜେପି ସରକାର ପ୍ରଥମ ବର୍ଷ ପୂରଣ କରିଛି। ବିନା ପୂର୍ଣ୍ଣାଙ୍ଗ ମନ୍ତ୍ରିମଣ୍ଡଳରେ ସରକାର ଯେନେତେନ ପ୍ରକାରେ ପ୍ରଥମ ବର୍ଷର ଶାସନ ପୂରଣ କରି ନିଜ ପିଠି ନିଜେ ଥାପୁଡ଼ଉଛନ୍ତି। ବର୍ତ୍ତମାନ ରାଜ୍ୟବ୍ୟାପୀ ସରକାର ନିଜର ପ୍ରଥମ ବର୍ଷ ଶାସନ ଉତ୍ସବ ପାଳନ କରୁଥିବା ବେଳେ ଆସନ୍ତା ୨୦ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶା ଆସୁଛନ୍ତି। ଏହି ଅବସରରେ ରାଜ୍ୟ ସରକାର ପ୍ରଧାନମନ୍ତ୍ରୀଙ୍କୁ ପ୍ରଥମ ବର୍ଷ ଶାସନର ରିପୋର୍ଟ କାର୍ଡ ବିଧିବଦ୍ଧ ଭାବେ ପ୍ରଦାନ କରିବେ। ତେବେ ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ ପରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କରାଯାଇପାରେ ବୋଲି ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି। ତେବେ ରଥଯାତ୍ରା ପୂର୍ବରୁ କି ବାହୁଡ଼ା ଯାତ୍ରା ପରେ ମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣ ହେବ ତାହା ଚୂଡ଼ାନ୍ତ ହୋଇ ପାରିନାହିଁ । ରାଜ୍ୟ ସରକାରଙ୍କ ମନ୍ତ୍ରୀମାନେ ସେମାନଙ୍କର ବାର୍ଷିକ ରିପୋର୍ଟ କାଡର୍ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଛଛନ୍ତି । ସେହି ଆଧାରରେ କେଉଁମାନେ ମନ୍ତ୍ରିମଣ୍ଡଳରେ ସ୍ଥାନ ବଜାୟ ରଖିବେ ଓ କେଉଁମାନେ ବାଦ ପଡ଼ିବେ ତାହା ମୁଖ୍ୟମନ୍ତ୍ରୀ ସ୍ଥିର କରିବେ। ତେବେ ଏହି ସୂତ୍ରରୁ ମିଳିଥିବା ▶ପୃଷ୍ଠା-୭

## ଜଳଭଣ୍ଡାରକୁ ଡେଇଁ ପ୍ରେମୀଯୁଗଳଙ୍କ ଆତ୍ମହତ୍ୟା



■ **ନନ୍ଦପୁର, ୧୫।୬ (ସମିସ):** ପ୍ରେମରେ ବିଫଳ ହେବାରୁ ନାବାଳକ ପ୍ରେମୀଯୁଗଳ ଜଳଭଣ୍ଡାର ଭିତରକୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ଉଭୟଙ୍କର ହାତବନ୍ଧା ହୋଇଥିବା ଅବସ୍ଥାରେ ଶବ ଉଦ୍ଧାର ହୋଇଛି। ଘଟଣାଟି ଘଟିଛି, କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ ପାଡୁଆ ଥାନା ଅଧୀନସ୍ଥ ଅତଣ୍ଡା ଗ୍ରାମ ପଞ୍ଚାୟତର ବନୁର ଗ୍ରାମରେ। ଶନିବାର ସନ୍ଧ୍ୟାରେ ଏହି ନାବାଳକ ପ୍ରେମୀଯୁଗଳ ଏଭଳି ଚରମ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ସୂଚନାନୁସାରେ, ନାବାଳିକାଜଣଙ୍କ ସ୍ଥାନୀୟ ଏକ ହାଇସ୍କୁଲ୍‌ରେ ୧୦ମ ଶ୍ରେଣୀରେ ପାଠ ପଢୁଥିବା ବେଳେ ନାବାଳକଜଣଙ୍କ ନନ୍ଦପୁର ସିନ୍ଧେଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ ଦୁଇବର୍ଷର ▶ପୃଷ୍ଠା-୭

ଆଗଲପୁର ବ୍ଲକ୍‌ରେ ମନରେଗା ମନମାନି

# ଶ୍ରମିକ ବଦଳରେ ମେସିନ କରୁଛି କାମ

**ବଲାଙ୍ଗିର, ୧୫।୬(ସମିସ)**

ବଲାଙ୍ଗିର ଜିଲ୍ଲାରେ ମନରେଗା ଯୋଜନାରେ ଚାଲିଛି ମନମାନୀ। ଶ୍ରମିକଙ୍କ ବଦଳରେ ମନରେଗା ପ୍ରକଳ୍ପ କାମରେ ମେସିନ ଲଗାଇ କାମ କରାଯାଉଥିବା ବେଳେ ଏହି ବେଆଇନ କାମ ପଛରେ ସରକାରୀ ଅଧିକାରୀମାନଙ୍କ ସମର୍ଥନ ରହିଥିବା ଆଲୋଚନା ହେଉଛି। ଦାଦନ ରୋକିବା ପାଇଁ ଗାଁରେ କାମ ଯୋଗାଇଦେବା ପାଇଁ ଜିଲ୍ଲାରେ ମନରେଗାକୁ ଗୁରୁତ୍ୱ ଦିଆଯାଉଥିବା ବେଳେ ଆଗଲପୁର ବ୍ଲକରେ ଦେଖିବାକୁ ମିଳିଛି କିଛି ଭିନ୍ନ ଦୃଶ୍ୟ। ସରକାରୀ ଅଧିକାରୀମାନଙ୍କ ଜାଣତରେ ମନରେଗା କାମ ମାନଙ୍କରେ ମେସିନ ଲଗାଇ କାମ କରାଯାଉଥିବା ଅଭିଯୋଗ ହୋଇଛି। ଏହିଭଳି କିଛି ଉଦାହରଣ ମନରେଗାର ସଫଳତାକୁ ନେଇ ପ୍ରଶ୍ନ ଉଠାଇଛି।

ବଲାଙ୍ଗିର ଜିଲ୍ଲା ଆଗଲପୁର ବ୍ଲକରେ ଗତ କିଛି ମାସ ହେଲା ମନରେଗାରେ ଅନେକ ଅନିୟମିତତା କରାଯାଉଥିବା ନେଇ ଅଭିଯୋଗ ହୋଇଆସୁଛି। ମନରେଗା କାମମାନଙ୍କରେ ଶ୍ରମିକମାନଙ୍କ ବଦଳରେ ସ୍ଥାନୀୟ ସରପଞ୍ଚ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ ଓ ଠିକାଦାରମାନେ ମିଶି ମେସିନ ଲଗାଇ କାମ ସାରିଦେଉଥିବା ବେଳେ ଶ୍ରମିକଙ୍କ ଆକାଉଣ୍ଟରେ ଟଙ୍କା ପକାଇ ସେହି ଟଙ୍କା ହଡପ କରୁଥିବା ଅଭିଯୋଗ ହୋଇଛି।

**ଜିଆରଏସ୍‌ଙ୍କ ଅଜାଣତରେ ଚାଲିଛି କାମ**



ଯାହାର କିଛି ଉଦାହରଣ ଆଗଲପୁର ବ୍ଲକ ଲୁହୁରାମୁଣ୍ଡା ପଞ୍ଚାୟତରୁ ସାମ୍ନାକୁ ଆସିଛି। ଲୁହୁରାମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ସଂଖୁଆଗାଁରେ ମାଟି ଉନ୍ନତିକରଣ ପାଇଁ ୨୦୨୨-୨୩ ଆର୍ଥିକ ବର୍ଷରେ ପ୍ରାୟ ୯ ଲକ୍ଷ ଟଙ୍କାର ଅନୁଦାନ ମନରେଗା ଯୋଜନାରୁ ବ୍ୟବସ୍ଥା କରାଯାଇଥିଲା। ଏହି କାମ ଆରମ୍ଭ ନହୋଇ ପଡ଼ିରହିଥିବା ବେଳେ କିଛି ଦିନ ହେଲା ଆରମ୍ଭ ହୋଇଛି। କାର୍ଯ୍ୟସ୍ଥଳରେ ସୂଚନା ଫଳକ ଲଗାଇ ଉକ୍ତ କାମ ଆରମ୍ଭ କରାଯାଇଛି। ଏହି କାମ ଶ୍ରମିକମାନେ କରିବା କଥା କିନ୍ତୁ ଖୋଲାଖୋଲି ଜେସିବି ମେସିନ ଦ୍ୱାରା କାମ କରାଯାଉଥିବା ଦେଖିବାକୁ ମିଳିଛି। ପଞ୍ଚାୟତର ଗ୍ରାମ ରୋଜଗାର ସେବକ ଚିତ୍ତରଞ୍ଜନ ଭୋଇଙ୍କୁ ପଚାରିବାରୁ ସେ ଆଶ୍ଚର୍ଯ୍ୟ କରିବା ଭଳି ଉତ୍ତର ରଖିଥିଲେ। ତାଙ୍କ କହିବା ଅନୁସାରେ ଉକ୍ତ କାମ ପାଇଁ ନିଜେ ସୂଚନା ଫଳକ ଲଗାଇବା ପାଇଁ କହିଥିଲେ। କିନ୍ତୁ ଏଯାଏଁ ସେ ଡିମାଣ୍ଡ ଦେଇନାହାନ୍ତି ତେବେ କେମିତି କାମ ଆରମ୍ଭ କରାଯାଇଛି, କିଏ କରୁଛି ତାହା ଆପଣ ଜାଣିଥିବେ ବୋଲି କହିଥିଲେ। ସେ ଆହୁରି ମଧ୍ୟ କହିଥିଲେ ଯେ ଆଗଲପୁର ପଞ୍ଚାୟତରେ ଏମିତି ହିଁ ଚାଲିଛି ତେଣୁ ଆମେ ବାହାର ଲୋକ, ଚାକିରି କରୁଅଛୁ ଏନେଇ ବିଡିଓ, ସରପଞ୍ଚ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀମାନଙ୍କୁ ପଚାରନ୍ତୁ ବୋଲି କହିଛନ୍ତି। ତେବେ ଯଦି କାମ ଆରମ୍ଭ ହେବା ନେଇ ଜିଆର୍‌ଏସ ଜାଣିନାହାନ୍ତି କି ଡିମାଣ୍ଡ ଦେଇନାହାନ୍ତି କାମ କରୁଛି କିଏ! କାହା ସୁରକ୍ଷା ବଳୟରେ ଖୋଲାଖୋଲି ମେସିନ ଲଗାଇ କାମ କରାଯାଉଛି ତାହା ବଡ ପ୍ରଶ୍ନ। କେବଳ ଏହି ପଞ୍ଚାୟତ ନୁହଁ ବ୍ଲକର ରୋତ, ସାଲେଭଟା, ବୁଦେଲା, ନିରବଚନ, ମୁରଷୁଣ ସମେତ ପ୍ରାୟ ସମସ୍ତ ପଞ୍ଚାୟତରେ ମେସିନ ଦ୍ୱାରା ମନରେଗା କାମ କରାଯାଉଥିବା ଜଣାପଡ଼ିଛି। ଯେଉଁ କାମ ଶ୍ରମିକଙ୍କ ଦ୍ୱାରା କରାଯିବା କଥା ତାହାକୁ ମେସିନ ଲଗାଇ କରାଇବା ସମ୍ପୂର୍ଣ୍ଣ ବେଆଇନ। ଏନେଇ ଜଣେ ଜିଆରଏସ ନିଜ ନାମ ଗୋପନ ରଖି ବିଡିଓଙ୍କ ନିର୍ଦ୍ଦେଶନାମା ବିଷୟରେ କହିବା ସହ ଜିଆର୍‌ଏସମାନଙ୍କ ଅସହାୟତା ପ୍ରକାଶ କରିଛନ୍ତି। ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।

ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟ ନିମ୍ନମାନର ଅଭିଯୋଗ

# ଦୁଇ ବର୍ଷରେ ସମ୍ପୂର୍ଣ୍ଣ ହୋଇପାରିନି ପ୍ରକଳ୍ପ

**ପାଟଣାଗଡ଼, ୧୫।୬(ସମିସ):** ରାଜ୍ୟ ସରକାର ପ୍ରତ୍ୟେକ ଗାଁରେ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ପାଇଁ ବସୁଧା ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ବିଭାଗୀୟ ଅଧିକାରୀ ତଥା କର୍ମଚାରୀଙ୍କ ତଦାରଖ ଅଭାବରୁ ନିମ୍ନମାନର କାମ ହେଉଛି। ପାଟଣାଗଡ଼ ବ୍ଲକରେ ଏହି ଯୋଜନା ମାଧ୍ୟମରେ ହୋଇଥିବା ପ୍ରକଳ୍ପ ଅଧାରୁ ଅଧିକ ବନ୍ଦ ପଡ଼ିଛି। କେଉଁଠି ପାଣି ନାହିଁତ କେଉଁଠି ନିମ୍ନମାନର କାମ ଯୋଗୁଁ ପାଇପ ସବୁ ଫାଟିଗଲାଣି। ଫଳରେ ଲୋକେ ବିଶୁଦ୍ଧ ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଛନ୍ତି। ସେହିପରି ଗତ ଦୁଇ ବର୍ଷରୁ ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକ ଖୁଣ୍ଟସମଲେଇ ପଞ୍ଚାୟତ ମରାଳ ଗାଁରେ ନିର୍ମାଣଧୀନ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟ ନିମ୍ନମାନର ହେଉଥିବା ଯୋଗୁଁ ଗାଁ ଲୋକେ ପାନୀୟ ଜଳ ମିଳିବା ନେଇ ସନ୍ଦେହ ଘେରରେ ରହିଛନ୍ତି। ଚଳିତ ବର୍ଷ ଗ୍ରୀଷ୍ମ ଋତୁରେ ଗାଁ ଲୋକେ ଏହି ପ୍ରକଳ୍ପରୁ ପାଣି ପାଇବେ ବୋଲି ଆଶା ରଖିଥିଲେ କିନ୍ତୁ ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ଯୋଗୁଁ ତାହା ସମ୍ଭବ ହୋଇପାରି ନାହିଁ। ଅନ୍ୟପଟେ ଜଳ ଯୋଗାଣ ପାଇଁ ନିମ୍ନମାନର ପାଇପ ବିଛାଯିବା ସହ ମାଟି ମିଶ୍ରିତ ଚିପ୍ସ ଦେଇ ସିମେଣ୍ଟ କାମ କରାଯାଉଥିବାରୁ ପ୍ରକଳ୍ପର ସ୍ଥାୟିତ୍ୱ କୁ ନେଇ ପ୍ରଶ୍ନ ଉଠାଇଛନ୍ତି ଗ୍ରାମବାସୀ। ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଏ ପର୍ଯ୍ୟନ୍ତ କୌଣସି ସୂଚନାଫଳକ ମଧ୍ୟ ଦିଆଯାଇନାହିଁ। ତେବେ ଦାୟିତ୍ୱରେ



ଥିବା କନିଷ୍ଠ ଯନ୍ତ୍ରୀ କିଭଳି ତଦାରଖ କରୁଛନ୍ତି ତାଙ୍କ ଭୂମିକାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ଏନେଇ ଜଳ ଯୋଗାଣ ବିଭାଗର ଏସ୍‌ଡିଓ ଗଗନ କିସାନଙ୍କୁ ଅବଗତ କରିବାରୁ ଏହାର ତଦନ୍ତ କରାଯିବ ବୋଲି କହିଛନ୍ତି। ଏହି ପ୍ରକଳ୍ପ କାର୍ଯ୍ୟର ବିଧିବଦ୍ଧ ତଦନ୍ତ ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଓଡ଼ିଶା ନନ୍-ଗେଜେଟେଡ ଫରେଷ୍ଟ ଅଧିକାରୀ ଓ କର୍ମଚାରୀଙ୍କ ଆନ୍ଦୋଳନ

**ବଲାଙ୍ଗିର, ୧୫।୬(ସମିସ):** ବଲାଙ୍ଗିର ଜିଲ୍ଲା ଓଡ଼ିଶା ନନ ଗେଜେଟେଡ ଫରେଷ୍ଟ ସର୍ଭିସ ଆସୋସିଏସନ ପକ୍ଷରୁ ରବିବାର ଦିନ ଠାରୁ କଳାବ୍ୟାଜ ପିନ୍ଧି ରାଜ୍ୟ ସରକାରଙ୍କ ଅସହଯୋଗତାର ପ୍ରତିବାଦ କରିଛି। ବିଭିନ୍ନ ଦାବି ବିଷୟରେ ସଂଘ ପକ୍ଷରୁ ରାଜ୍ୟ ସରକାରଙ୍କୁ ଜଣାଇ ଦିଆଯାଇଥିବା ବେଳେ ସେ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଫଳରେ ରବିବାର ଠାରୁ ବଲାଙ୍ଗିର ଜିଲ୍ଲାରେ କାର୍ଯ୍ୟରତ ଥିବା ଡେପୁଟି ରେଞ୍ଜର, ଫରେଷ୍ଟର ଓ ଫରେଷ୍ଟ ଗାର୍ଡମାନେ ପତିକାତ୍ମକ ଆନ୍ଦୋଳନ ଆରମ୍ଭ କରିଛନ୍ତି। ସୂଚନା ଅନୁସାରେ ଗତ ୨୪ ତାରିଖରେ ବନନ କର୍ମଚାରୀ ପ୍ରହ୍ଲାଦ ପଧାନ ହତ୍ୟା ମାମଲାର ଫାଷ୍ଟଟ୍ରାକ କୋର୍ଟରେ ବିଚାର କରି ଦୋଷୀ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ସହ ପରିବାରକୁ ୧ କୋଟି ଟଙ୍କ ସହାୟତା ପ୍ରଦାନ କରିବାକୁ ସଂଘ ଦାବି କରିଥିଲା। ଏହା ସହ ଫରେଷ୍ଟ କମିଶନ ଗଠନ, କ୍ୟାଡର ପରିମାର୍ଜନ, ତାଲିମ ଓ ନିଯୁକ୍ତି ପ୍ରକ୍ରିୟା ଓ କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି ପାଇଁ ସମସ୍ତ ଉଇଙ୍ଗକୁ ଇଣ୍ଟିଗ୍ରେଡ କରିବ, ରେଞ୍ଜ, ସେକ୍ସନ ଓ ବିଟର ପୁର୍ନଗଠନ, ସ୍ପେସିଆଲ ଷ୍ଟ୍ରାଇକିଂ ଫୋର୍ସ ଓ ରେପିଡ ରେସପନ୍ସ ଟିମ ଗଠନ ସହ କର୍ମଚାରୀ ନିଯୁକ୍ତି, ବନ କ୍ଷେତ୍ର ଅଧିକାରୀ ମାନଙ୍କୁ ପୁଲିସ ବିଭାଗ ଭଳି ସାଲାରି ଆକାଉଣ୍ଟ, ଇନସ୍ୟୁରାନ୍ସ ପ୍ୟାକେଜ ପ୍ରଦାନ କରିବା ପାଇଁ ଦାବି କରାଯାଇଥିଲା। ଏହି ଦାବି ବିଷୟରେ ସରକାର କୌଣସି ପଦକ୍ଷେପ ଗ୍ରହଣ ନକଲେ ୧୫ ତାରିଖରୁ ସମସ୍ତ ଅଣ ଗେଜେଟେଡ ଅଧିକାରୀ ଓ କର୍ମଚାରୀମାନେ ନିଜ ନିଜ କାର୍ଯ୍ୟାଳୟରେ କଳାବ୍ୟାଜ ପରିଧାନ କରି କାର୍ଯ୍ୟ କରିବେ କିନ୍ତୁ କୌଣସି ପେଟ୍ରୋଲିଂ କିମ୍ବା ଚଢ଼ଉ କରିବେ ନାହିଁ ବୋଲି ସଂଘ ନିଷ୍ପତ୍ତି ନେଇଥିଲା। ଏହି ନିଷ୍ପତ୍ତି କ୍ରମେ ବଲାଙ୍ଗିର ଜିଲ୍ଲାରେ କାର୍ଯ୍ୟରତ ଥିବା ୩ ଜଣ ଡେପୁଟି ରେଞ୍ଜର, ୬୦ ଜଣ ଫରେଷ୍ଟର ଓ ୭୮ ଜଣ ଫରେଷ୍ଟ ଗାର୍ଡ ଆନ୍ଦୋଳନରେ ସାମିଲ ହୋଇ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ଆନ୍ଦୋଳନ ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହା ସତ୍ତ୍ୱେ ସରକାର ଯଦି କୌଣସି ନିଷ୍ପତ୍ତି ନନେଲେ ଆସନ୍ତା ୨୨ ତାରିଖରୁ ବନ ବିଭାଗ କର୍ମଚାରୀ ଓ ଅଧିକାରୀ ସମୂହ ଛୁଟିରେ ଯିବେ ବୋଲି ଚେତାବନୀ ଦେଇଛନ୍ତି।

## ଲୋଇସିଂହା ରେଞ୍ଜ କାର୍ଯ୍ୟାଳୟରେ ଧାରଣା



ବନ ବିଭାଗର ଅଣ ଗେଜେଟେଡ ଅଧିକାରୀ ଓ କର୍ମଚାରୀମାନଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ଆନ୍ଦୋଳନରେ ଲୋଇସିଂହା ରେଞ୍ଜ କାର୍ଯ୍ୟାଳୟରେ କର୍ମଚାରୀମାନେ ଧାରଣା ଦେଇଥିଲେ। ଫରେଷ୍ଟର ବାବୁଲା ଦାସଙ୍କ ନେତୃତ୍ୱରେ ରେଞ୍ଜ କାର୍ଯ୍ୟାଳୟର ସମସ୍ତ ଫରେଷ୍ଟର ଓ ଫରେଷ୍ଟ ଗାର୍ଡମାନେ ଆନ୍ଦୋଳନରେ ସାମିଲ ହୋଇଥିଲେ। ବନ ଅଧିକାରୀ ଓ କର୍ମଚାରୀମାନେ କଳାବ୍ୟାଜ ପିନ୍ଧି ରାଜ୍ୟ ସରକାରଙ୍କ ଅସହଯୋଗିତାକୁ ପ୍ରତିବାଦ କରିଛନ୍ତି।

ଆଦିବାସୀ ଭବନ ଉଦ୍‌ଘାଟନ

# ବିଜେପି ଉପରେ ବର୍ଷିଲେ ନିରଞ୍ଜନ

**ଟିଟିଲାଗଡ଼, ୧୫।୬(ସମିସ):** ଟିଟିଲାଗଡ଼ ବ୍ଲକ ଖୋଲାଣ ଠାରେ ରବିବାର ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି ଆଦିବାସୀ ଭବନ ଉଦ୍‌ଘାଟନ କରିଛନ୍ତି।ସାଂସଦ ଶ୍ରୀ ବିଶିଙ୍କ ଖୋଲାଣ ଗସ୍ତ ନେଇ ବରିଷ୍ଠ ବିଜେଡ଼ି ନେତା ତଥା ଖୋଲାଣ ସରପଞ୍ଚ ନରେଶ ଅଗ୍ରୱାଲଙ୍କ ନେତୃତ୍ୱରେ ଶତାଧିକ ବାଇକ୍ ଶୋଭାଯାତ୍ରା ସହ ଖୋଲାଣ ପଞ୍ଚାୟକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପାଛୋଟି ଅଣାଯାଇଥିଲା। ସେଠାରେ ବାପୁଜୀ ଯୁବକ ସଂଘ ସଭାପତି ଆଇନଜୀବୀ ରୁପେଶ ରାଜୁ, ସମ୍ପାଦକ ବଟକୃଷ୍ଣ ଗୌଡ଼, ଉପସଭାପତି କ୍ଷମାନିଧି ଭୂୟାଁ, ଯୁଗ୍ମ ସମ୍ପାଦକ ସନ୍ୟାସୀ ନାଏକ, କୋଷାଧ୍ୟକ୍ଷ ମନୋଜ ଗୌଡ଼, ରୋହନ ଗୌଡ଼, ମନୋଜ ଗୌଡ଼, ପ୍ରଶାନ୍ତ ରାଉତ, ହିମାନ ଜେନା, ବିଶାଲ ଜେନା, ବିକାଶ ଜେନା, ଦୁଆରୁ ରଣା, ରତ୍ନାକର ଘିଭେଲା, ତ୍ରିଲୋଚନ ନାଗ, ଜନ୍ମେଜୟ ରଣା, ଜିତୁ ପାଣିଗ୍ରାହୀ, ଗଦାଧର ଜେନା, ରାମ ଆଦଜୁଆଡ଼ ପ୍ରମୁଖଙ୍କ ଉପସ୍ଥିତିରେ ସାଂସଦ ଶ୍ରୀ ବିଶିଙ୍କୁ ନାଗରିକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ପରେ ସାଂସଦ ବିଶି ଆଦିବାସୀଙ୍କ ପାରମ୍ପରିକ ଢକାବାଦ୍ୟ, ଅସ୍ତ୍ରଶସ୍ତ୍ର ଶୋଭାଯାତ୍ରାରେ ନୂତନ ଆଦିବାସୀ କମ୍ୟୁନିଟି ହଲକୁ ପହଞ୍ଚି ଶୁଭ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ବଲାଙ୍ଗିର ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ସମ୍ପାଦକ ହେମେନ୍ଦ୍ର




ହାଁସଦା, ଜିଲ୍ଲା ସଂଗଠକ ଥବିର ପୂଝାରୀ, ବ୍ଲକ ସଂଘ ସଭାପତି ପଦ୍ମନ ପ୍ରଧାନୀ, ଦେବସିଂ ମାଝୀ ପ୍ରମୁଖ ବହୁ ସଂଖ୍ୟାରେ ଆଦିବାସୀ ସଂଘ କର୍ମକର୍ତ୍ତା ସାମିଲ ହୋଇଥିଲେ। ପରେ ନାରେନ ଗ୍ରାମ ଠାରେ ଉତ୍କଳ କନ୍ଧ ସମାଜ ଲୁହା ପ୍ରଗଣା ପକ୍ଷରୁ ଆହୂତ ସମାବେଶରେ ରାଜ୍ୟ ଆଦିବାସୀ କଲ୍ୟାଣ ସଂଘ ସଭାପତି ବାଳକୃଷ୍ଣ ଶବରଙ୍କ ସହ ସାଂସଦ ଶ୍ରୀ ବିଶି କେନ୍ଦ୍ର ଏବଂ ରାଜ୍ୟ ସରକାର କେବଳ ପ୍ରଚାର ପ୍ରସାର ଏବଂ ନାମ ଓ ରଙ୍ଗ ପରିବର୍ତ୍ତନରେ ଲାଗିଥିବା ଅଭିଯୋଗ କରିଥିଲେ। ଦାଦନ ରୋକିବାକୁ ଟାସ୍କ ଫୋର୍ସ କୁଆଡେ ଗଲା। ନାରୀ ନିର୍ଯାତନା ସୀମା ଲଙ୍ଘିଥିବା ବେଳେ ରାଜ୍ୟ ସରକାରର ନିଦ ଭାଙ୍ଗୁନାହିଁ। ପଶ୍ଚିମ ଓଡ଼ିଶା ବିକାଶ ପରିଷଦ, ସ୍ୱତନ୍ତ୍ର ଆଦିବାସୀ ଉନ୍ନୟନ ପରିଷଦ ଅଚଳ ହୋଇପଡ଼ିଛି। ଟିଟିଲାଗଡ଼ରେ କେନ୍ଦ୍ରମନ୍ତ୍ରୀଙ୍କ ଦ୍ୱାରା କେନ୍ଦ୍ରୀୟ ବିଦ୍ୟାଳୟର ଶିଳାନ୍ୟାସ, ଉଦ୍‌ଘାଟନର ଦୁଇ ମାସ ପରେ ମଧ୍ୟ ଏହା ସାକାର ହୋଇ ପାରିନାହିଁ। ଏନେଇ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଶ୍ରୀ ବିଶି ଚେତାବନୀ ଦେଇଛନ୍ତ।

# 'କର୍ମମୟ ଜୀବନକୁ ସରଳ କରିବାର ବାଟ ଦେଖାଏ ନାଟକ'

**ବଲାଙ୍ଗିର, ୧୫।୬(ସମିସ):** ଦୁଃଖ ହେଉଛି ଆମର ସବୁଠାରୁ ଅନ୍ତରଙ୍ଗ ସାଥି ଆଉ ଏହି ଦୁଃଖକୁ ଆହୁରି ଆପଣାର କରିବାପାଇଁ ତା ସହ ମିଶି ନିଜ କର୍ମମୟ ଜୀବନକୁ ସରଳ କରିବାର ବାଟ ଦେଖାଏ ନାଟକ। ସମୟ ପରିବର୍ତ୍ତନ




**ମାସିକ ରଚନା ସନ୍ଧ୍ୟା**

ହେଉଛି, ଦର୍ଶକଙ୍କ ରୁଚି ବି ପରିବର୍ତ୍ତନ ହେଉଛି, ନାଟକର ମୁଳ ଉଦ୍ଦେଶ୍ୟକୁ ବଜାୟ ରଖି ନାଟକରେ ପରିବର୍ତ୍ତନ କଲେ ଦର୍ଶକମାନଙ୍କ ଭିତରେ ନାଟକ ପ୍ରତି ଆହୁରି ଆଗ୍ରହ ବଢ଼ିବ। ପ୍ରତ୍ୟେକ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳନ ଅବସରରେ ଛାତ୍ରଛାତ୍ରୀମାନଙ୍କୁ ନେଇ ନାଟକ ପରିବେଷଣ କରି ସେମାନଙ୍କ ଭିତରେ ନାଟକ ପ୍ରତି ଆଗ୍ରହ ସୃଷ୍ଟି କରିବା ଆବଶ୍ୟକ। ବଲାଙ୍ଗିରର ଅଗ୍ରଣୀ ସାହିତ୍ୟ, ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ 'ରଚନା' ଦ୍ୱାରା ଆୟୋଜିତ 'ମାସିକ ରଚନା ସନ୍ଧ୍ୟା' କାର୍ଯ୍ୟକ୍ରମରେ 'ମୋ ଜୀବନ, ଅଭିନୟ ଓ ଅନୁଭୂତି' ଶୀର୍ଷକ ଅନ୍ତରଙ୍ଗ ଆଳାପରେ ଯୋଗଦେଇ ବିଶିଷ୍ଟ ଅଭିନେତା ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ଏଭଳି ମତ ପ୍ରକାଶ କରିଥିଲେ। ନିଜ ଜୀବନର ସ୍ମୃତି ଅନୁଭୂତି ତଥା ଅନେକ ଅସୁବିଧାର ସାମ୍ନା କରିବା ଭିତରେ ନାଟକ ପ୍ରତି ଥିବା ସମର୍ପିତ ମନୋଭାବ ତାଙ୍କୁ ଏ ଦିଗକୁ କିପରି ଟାଣି ନେଉଥିଲା ସେ ସମ୍ପର୍କରେ ସମସ୍ତଙ୍କୁ କହିଥିଲେ।ବରିଷ୍ଠ ସାମ୍ବାଦିକ ତଥା 'ରଚନା'ର ଉପସଭାପତି କବି ଆନନ୍ଦ ଚନ୍ଦ୍ର ସାହୁ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। ପରେ ରବିଶଙ୍କର ପ୍ରଧାନ, ରାମଶଙ୍କର ଶତପଥି, କସ୍ତୁରୀ ରଥ, କେଶବ ଚନ୍ଦ୍ର ମିଶ୍ର, ପ୍ରଶାନ୍ତ ଯୋଶୀ ପ୍ରମୁଖଙ୍କ କିଛି ପ୍ରଶ୍ନର ସରଳ ଉତ୍ତର ରଖିଥିଲେ ଶ୍ରୀ ଛୁରିଆ। କାର୍ଯ୍ୟକ୍ରମ ଆରମ୍ଭରେ ସମସ୍ତଙ୍କୁ ସ୍ୱାଗତ କରିଥିଲେ 'ରଚନା'ର ସହସମ୍ପାଦକ ରତ୍ନମୟ ତ୍ରିପାଠୀ ଏବଂ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ 'ରଚନା'ର ସଭାପତି ସନାତନ ଠାକୁର।

ବିଜୟାନନ୍ଦ ଚିନିକଲକୁ ପୁନଃ ଆରମ୍ଭ କରିବାକୁ ଦାବି

# ଚିନିକଲ ସଂଘର୍ଷ ସମିତିର ସାମ୍ବାଦିକ ସମ୍ମିଳନୀ

**ବଲାଙ୍ଗିର, ୧୫।୬(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ଠାରେ ଥିବା ବିଜୟାନନ୍ଦ ଚିନିକଲ ଗତ ୧୧ ବର୍ଷ ହେଲା ବନ୍ଦ ପଡ଼ିଥିବା ବେଳେ ଖୋଲିବା ପାଇଁ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ସଙ୍ଗଠନ ଆନ୍ଦୋଳନ କରିଆସୁଛନ୍ତି। ଆସନ୍ତା ୧୭ ତାରିଖରେ ମୁଖ୍ୟମନ୍ତ୍ରୀ ବଲାଙ୍ଗିର ଗସ୍ତରେ ଆସି ଚାଷୀ ସମାବେଶରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ଜିଲ୍ଲାର ବନ୍ଦ ପଡ଼ିଥିବା ଏକମାତ୍ର କୃଷି ଶିଳ୍ପ ବିଜୟାନନ୍ଦ ଚିନିକଲକୁ ପୁନଃ ଆରମ୍ଭ କରିବାକୁ ଚିନିକଲ ସଂଘର୍ଷ ସମିତି ଦାବି କରିଛି। ସ୍ଥାନୀୟ ଯାଦବ ଭବନ ଠାରେ ସଂଘର୍ଷ ସମିତି ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏନେଇ ସୂଚନା ପ୍ରଦାନ କରାଯାଇଛି। ଉକ୍ତ ଚାଷୀ ସମାବେଶରେ ଏନେଇ ସରକାରଙ୍କ ନିଷ୍ପତ୍ତି ଘୋଷଣା କରିବାକୁ ସମିତି ଦାବି କରିବ। ଯଦି କୌଣସି ଘୋଷଣା କରାନଯାଏ ତେବେ ସଂଘର୍ଷ ସମିତି ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀ, ସମସ୍ତ ମନ୍ତ୍ରୀ, ବିଧାୟକମାନଙ୍କ ଘର ଆଗରେ ବିକ୍ଷୋଭ ପ୍ରଦର୍ଶନ କରିବାକୁ ବାଧ୍ୟ ହେବ ବୋଲି ଚେତାବନୀ ଦେଇଛି। ସାମ୍ବାଦିକ ସମ୍ମିଳନୀରେ ବିଭୁଦତ୍ତ ମିଶ୍ର, ରାଜେଶ ବଗର୍ତ୍ତି, ଆଶିଷ ପାଣ୍ଡେ, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ବିପିନ କୁଶଲିଆ, ନିଳମଣୀ ଯୋଷୀ, ସନ୍ଦୀପ ବାଗ ପ୍ରମୁଖ ଉପସ୍ଥିତ ଥିଲେ।

# ଶାନ୍ତିଲତା ଦାସଙ୍କ ପରଲୋକ


**ବଲାଙ୍ଗିର, ୧୫।୬ (ସମିସ):** ବଲାଙ୍ଗିର ସହର ମାଲପଡ଼ାନିବାସୀ ଶାନ୍ତିଲତା ଦାସଙ୍କ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୮୬ବର୍ଷ ହୋଇଥିଲା। ସେ ଗତ କିଛି ଦିନ ହେଲା ବାର୍ଦ୍ଧକ୍ୟଜନିତ ସ୍ୱାସ୍ଥ୍ୟସମସ୍ୟାରେ ପୀଡିତ ଥିଲେ। ଭୁବନେଶ୍ୱର ସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ମୃତ୍ୟୁଶଯ୍ୟା ନିକଟରେ ପୁଅ ଆଡଭୋକେଟ ଅଶୋକ କୁମାର ଦାସ, ପ୍ରଦୀପ ଦାସ, ସୁଧାଂଶୁ ଶେଖର ଦାସ, ସୁନୀଲ ଦାସ ଓ ନାତି ଦେବାଶିଷ ଦାସ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ଶାନ୍ତିଲତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ବଡପୁଅ ଅଶୋକ ଦାସ ମୁଖାଗ୍ନି ଦେଇଥିଲେ।

# ଭଇଁଷା ଗାଁରେ ନବାଳିକାଙ୍କ ମୃତଦେହ ଉଦ୍ଧାର

**ପାଟଣାଗଡ଼, ୧୫।୬(ସମିସ):** ପାଟଣାଗଡ଼ ଥାନା ଭଇଁଷା ଗାଁରେ ଜଣେ ନାବାଳିକାର ମୃତଦେହ ତାଙ୍କ ଘରୁ ଉଦ୍ଧାର କରାଯାଇଛି। ମୃତ ନାବାଳିକା ଜଣକ ହେଉଛନ୍ତି ଭଇଁଷା ଗାଁର ମଧୁସୂଦନ ବର୍ଗେଙ୍କ ଝିଅ ଭୂମିସୁତା ବର୍ଗେ (୧୧)। ଘଟଣାସ୍ଥଳକୁ ପାଟଣାଗଡ଼ ପୁଲିସ ପହଁଞ୍ଚି ଶବ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପରେ ବଲାଙ୍ଗିରରୁ ସାଇଣ୍ଟିଫିକ ଟିମ୍ ପହଁଞ୍ଚି ତଦନ୍ତ ଜାରି ରଖିଛି।ଏନେଇ ପରିବାର ବର୍ଗ ପାଟଣାଗଡ଼ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗନୁସାରେ ଶନିବାର ସନ୍ଧ୍ୟା ୭ ଟା ସମୟରେ ଭଇଁଷା ଗାଁର ମଧୁସୂଦନ ବର୍ଗେଙ୍କ ନାବାଳିକା ଝିଅ ଭୂମିସୁତା ବର୍ଗେ ତାଙ୍କ ଘରେ କେହି ନ ଥିବା ସମୟରେ ବେକରେ ଧୋତି ଲଗାଇ ଆତ୍ମହତ୍ୟା କରିଥିଲେ।ପରେ ପଡୋଶୀ ମୃତଙ୍କ ମାଆଙ୍କୁ ଫୋନ କରି ଜଣାଇଥିଲେ। ଘରକୁ ଫେରି ଦେଖିବାରୁ ଘର ଭିତରେ ଭୂମିସୁତା ଝୁଲୁଥିବା ଅବସ୍ଥାରେ ଦେଖିଥିଲେ। ସେ ସମୟରେ ମୃତ୍ୟୁ ହୋଇ ସାରିଥିଲା।ଏନେଇ ପାଟଣାଗଡ଼ ପୁଲିସକୁ ଖବର ଦେବାରୁ ଘଟଣାସ୍ଥଳକୁ ପହଞ୍ଚି ଶବଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଭୂମିସୁତାଙ୍କ ମାଆଙ୍କ କହିବାନୁସାରେ ସେ ଔଷଧ କିଣିବାକୁ ଯାଇଥିଲେ ସେ ସମୟରେ ତାଙ୍କ ଝିଅ ନ ଥିବା କହି ପଡୋଶୀ ଫୋନ କରିଥିଲେ। ଘରେ ପହଞ୍ଚିଲା ବେଳକୁ ମୃତ୍ୟୁ ହୋଇସାରିଥିଲା।ଭୂମିସୁତା କାହା ସହିତ ଝଗଡ଼ା କରୁଥିବା ଶୁଣିବାକୁ ମିଳିଥିବା କହିଛନ୍ତି। ଏନେଇ ପାଟଣାଗଡ଼ ଥାନାରେ ୟୁଡ଼ି କେଶ ହୋଇଛି। ଥାନାଧିକାରୀ ହରିବନ୍ଧୁ ଗଡ଼ତ୍ୟା ଘଟଣାର ତଦନ୍ତ ଭାର ନେଇଛନ୍ତି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ଘଟଣାର ସତ୍ୟାସତ୍ୟ ଜଣାପଡ଼ିବ ବୋଲି ପାଟଣାଗଡ଼ ଏସଡିପିଓ ସଦାନନ୍ଦ ପୁଝାରୀ ସୂଚନା ଦେଇଛନ୍ତି। ପୁଲିସ ଶବ ବ୍ୟବଚ୍ଛେଦ କରି ପରିବାରବର୍ଗଙ୍କୁ ହସ୍ତାନ୍ତର କରି ତଦନ୍ତ ଚଳାଇଛି।

**ହତ୍ୟା ନା ଆତ୍ମହତ୍ୟା କାରଣ ଅସ୍ପଷ୍ଟ**

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ ବାବାଜୀ ଚରଣ ନାୟକ
ଯୋଧ, ଦୋବଲ, ଧାମନଗର, ଭଦ୍ରକ
ଆବିର୍ଭାବ - ୦୩/୦୧/୧୯୩୮
ତିରୋଧାନ - ୦୬/୦୬/୨୦୨୫

ବାପା ଆପଣ ଆଜକୁ ଏଗାର ଦିନ ହେବ ଆମକୁ ଛାଡ଼ି ଆରପାରିକୁ ଚାଲିଗଲେ ଆପଣଙ୍କ ଭଲପାଇବା ସବୁଦିନ ସବୁସମୟରେ ମନେ ରହିବ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା, ଆପଣଙ୍କ ଅମର ଆତ୍ମାର ସଦଗତି ହେଉ ଏତିକି ପ୍ରାର୍ଥନା

ଶୋକସନ୍ତପ୍ତ: ପୁଅ,ବୋହୂ / ଝିଅ, ଜୋଇଁ / ନାତି, ନାତୁଣୀ ବନ୍ଧୁ-ବାନ୍ଧବ ଓ ନାୟକ ପରିବାର ବର୍ଗ।

# ପ୍ରାକୃତିକ କୃଷି ସମ୍ପର୍କିତ ତାଲିମ ଶିବିର ଉଦ୍‌ଯାପିତ

**ବଲାଙ୍ଗିର, ୧୫।୬(ସମିସ):** ବଲାଙ୍ଗିର ଜିଲ୍ଲା ପଞ୍ଚାୟତ ସାଧନକେନ୍ଦ୍ରରେ ପାଞ୍ଚ ଦିନ ଧରି ଚାଲିଥିବା ପ୍ରାକୃତିକ କୃଷି ସମ୍ପର୍କିତ ତାଲିମ ଶିବିର ରବିବାର ଉଦ୍‌ଯାପିତ ହୋଇଯାଇଛି। ବଲାଙ୍ଗିର ଉଦ୍ୟାନ କୃଷି ଉପ ନିର୍ଦ୍ଦେଶ କାର୍ଯ୍ୟାଳୟ ଓ ଏଫ୍‌ଇଏସ ଭୁବନେଶ୍ୱରର ମିଳିତ ଉଦ୍ୟମରେ ଅନୁଷ୍ଠିତ ତାଲିମ ଶିବିର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବଲାଙ୍ଗିର ଜିଲ୍ଲା କୃଷି ଅଧିକାରୀ ବାବୁଲି ଚରଣ ସେଠି, ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ସୁଦେଶ କୁମାର ଚୌଧୁରୀ, ସମ୍ମାନିତ ଅତିଥି ଭାବେ ସ୍କିମ୍ ଅଧିକାରୀ ସୁଧାକର ନନ୍ଦ, ଡିପିଡି ଆତ୍ମା ସୁନନ୍ଦା ସାହୁ, ଦେଓଗାଁ ବ୍ଲକ ସହକାରୀ ଉଦ୍ୟାନ ଅଧିକାରୀ ପ୍ରଜେତା ପୁରୋହିତ, ଓଡ଼ିଶା ଜୀବିକା ମିଶନର ବିପିଏମ ସବ୍ୟା ରାଣୀ ମହାଲିଙ୍ଗ ପ୍ରମୁଖ ଯୋଗଦେଇ ଥିଲେ। କାର୍ଯ୍ୟକ୍ରମକୁ ଏଫଇଏସର ଜିଲ୍ଲା ସଂଯୋଜକ ସୁଜିତ କୁମାର ଶତପଥି ପରିଚାଳନା କରିଥିଲେ। ଏହି ଅବସରରେ ପ୍ରାକୃତିକ କୃଷିର ମୁଖ୍ୟ ଉଦେଶ୍ୟ କଣ ଓ ଏହାର ଆବଶ୍ୟକତା ତଥା ପରିବେଶ ପାଇଁ ପ୍ରାକୃତିକ କୃଷିର ଆବଶ୍ୟକତା, ବିଭିନ୍ନ ଜୈବିକ ଅର୍କ ପ୍ରସ୍ତୁତି, କୃଷି ବିଜ୍ଞାନ କେନ୍ଦ୍ର ପରିଦର୍ଶନ ସହ ପ୍ରାକୃତିକ କୃଷି ସମ୍ବନ୍ଧୀୟ ବିଭିନ୍ନ କୌଶଳ ଉପରେ ତାଲିମ ପ୍ରଦାନ କରାଯାଇଥିଲା। ତାଲିମ୍ ଶିବିରରେ ମାଷ୍ଟର ଟ୍ରେନର ଭାବେ ଏଫ୍‌ଇଏସର ମାଷ୍ଟର ଟ୍ରେନର ଡ.ଅଭୟ ତ୍ରିପାଠୀ, ଭାଗବତ ନାହାକ, କୃଷ୍ଣପ୍ରସାଦ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିବା ବେଳେ ଗୁଡ଼ଭେଲା ଓ ଦେଓଗାଁ ବ୍ଲକର ୪୦ଜଣ ସିଆରପି ତଥା କୃଷିସଖିମାନେ ଯୋଗଦେଇ ପ୍ରାକୃତିକ କୃଷି କଣ, ପ୍ରାକୃତିକ କୃଷିର ଉପାଦାନ, ମୃତ୍ତିକା ଓ ଜଳ ସଂରକ୍ଷଣ ତଥା ରୋଗ ପୋକ ପରିଚାଳନା ଉପରେ ପ୍ରଶିକ୍ଷଣ ନେଇଥିଲେ। ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅବସରରେ ସମସ୍ତ ସିଆରପି ତଥା କୃଷି ସଖିଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଶେଷରେ ଉଦ୍ୟାନ ଅଧିକାରୀ ଗୀତିକ୍ରିଷ୍ଣା ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

ଆବର୍ଜନାମୟ ଲକ୍ଷ୍ମୀଯୋର

# ଯେତେ ସଫା କଲେ ବି ଆବର୍ଜନା ସରୁନି

**ବଲାଙ୍ଗିର, ୧୫।୬(ସମିସ)**

କଥାରେ ଅଛି ମୋତେ ଯେତେ ମାଠିବୁ ମାଠ, ମୁଁ ସେହି ଦରପୋଡା କାଠ। ଏଉକ୍ତି ଟି ଏବେ ବଲାଙ୍ଗିର ସହର ଦେଇ ବହି ଯାଇଥିବା ଲକ୍ଷ୍ମୀ ଜୋର କେ ଯେକେହି ଦେଖିଲେ ମଧ୍ୟ କହିବ।ବର୍ଷ ପୂର୍ବରୁ ଏହି ଲକ୍ଷ୍ମୀ ଯୋର ସଫା କରିବା ପାଇଁ ଲକ୍ଷାଧିକ ଟଙ୍କା ପୌରପରିଷଦ ପକ୍ଷରୁ ଖର୍ଚ୍ଚ କରାଯାଇଛି। କିନ୍ତୁ ଠିକାଦାରପଡ଼ା ଠାରେ ଥିବା ବ୍ରିଜ ତଳକୁ ଦେଖିଲେ ଏହା କେତେ ସଫା ହୋଇଛି ତାହା ସହଜରେ ଅନୁମାନ କରାଯାଇପାରେ।

ବଲାଙ୍ଗିର ସହର ମଧ୍ୟ ଦେଇ ବହିଯାଇଛି ଲକ୍ଷ୍ମୀଯୋର।ଏହାକୁ ସଫା କରି ଏହାର ସୌନ୍ଦର୍ଯ୍ୟକରଣ କରିବା ପାଇଁ ବିଗତ ପ୍ରାୟ ଗୋଟିଏ ଦଶନ୍ଧି ହେଲା ପ୍ରଶାସନ ଉଦ୍ୟମ କରିଆସୁଛି କିନ୍ତୁ ସଫଳ ହୋଇନାହିଁ। ବର୍ଷା ପୂର୍ବରୁ ପ୍ରତିବର୍ଷ ଯୋରକୁ ସଫା କରିବା ପାଇଁ ସ୍ଥାନୀୟ ପୌରପରିଷଦ ଓ ଜଳସେଚନ ବିଭାଗ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରିଥାଏ। ଚଳିତ ବର୍ଷ ମଧ୍ୟ କିଛି ଦିନ ପୂର୍ବରୁ ଜେସିବି ମେସିନ ଲଗାଇ କାମ ସଫେଇ କାମ କରାଯାଇଥିଲା। ଯୋରରେ ରହିଥିବା ଘାସ ଓ ଆବର୍ଜନାକୁ ସଫା କରାଯାଇଥିଲା। ସତ କିନ୍ତୁ ଠିକାଦାରପଡ଼ା ନିକଟରେ ଥିବା ବ୍ରିଜ ତଳକୁ ଦେଖିଲେ ଏହା କେତେ ସଫା ହୋଇଛି ତାହା ସହଜରେ ଅନୁମାନ କରାଯାଇପାରିବ। ଏବେବି କୁଢକୁଢ ଆବର୍ଜନା ପଡ଼ିରହିଥିବା ବେଳେ ସେସବୁ ଆବର୍ଜନା ଉକ୍ତ ଅଞ୍ଚଳରେ ଥିବା ଦୋକାନ, ଠେଲାମାନଙ୍କର ବୋଲି ସ୍ପଷ୍ଟ ହୋଇଛି। ଦୋକାନୀମାନେ ନିଜ ଦୋକାନର ଆବର୍ଜନାକୁ ନେଇ ବ୍ରିଜ ଉପରୁ ତଳକୁ ଫୋପାଡି ଦେଉଥିବାରୁ ଏହା ଆବର୍ଜନାମୟ ହୋଇରହୁଥିବା ଦେଖିବାକୁ ମିଳିଛି। ତେବେ ଏହିଭଳି କାର୍ଯ୍ୟ କରୁଥିବା ଦୋକାନୀଙ୍କ ବିରୋଧରେ ପୌରପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।



# ଆନ୍ଦୋଳନକୁ ଓହ୍ଲାଇଲେ ବନ କର୍ମଚାରୀ





**ଭବାନୀପାଟଣା/ଗୋଲାମୁଣ୍ଡା, ୧୫ ।୬ (ସମିସ):**

କଳାହାଣ୍ଡି ଜିଲ୍ଲାରେ ବିଭିନ୍ନ ଦାବି ନେଇ ବନ କର୍ମଚାରୀମାନେ ରବିବାରଠୁ କଳାବ୍ୟାଜ୍ ପିନ୍ଧି ଆନ୍ଦୋଳନକୁ ଓହ୍ଲାଇଛନ୍ତି । ଏହାସହ ସେମାନେ ସାମୂହିକ ଛୁଟିରେ ଯିବାକୁ ମଧ୍ୟ ଆବେଦନ କରିଛନ୍ତି । ସେମାନେ କଳାହାଣ୍ଡି ସାଂସଦ ମାଳବିକା ଦେବୀଙ୍କୁ ମଧ୍ୟ ଭେଟି ଏ ସମ୍ପର୍କରେ ଅବଗତ କରିଛନ୍ତି ।

୨୨ ତାରିଖ ପର୍ଯ୍ୟନ୍ତ ସେମାନେ ଅନଶନ ସ୍ୱରୂପ କଳାବ୍ୟାଚ ପିନ୍ଧି ପ୍ରତିବାଦ କରିବେ । ଏହି ସମୟରେ ସେମାନେ ପାଟ୍ରୋଲିଂରେ ମଧ୍ୟ ସାମିଲ ହେବେନି ବୋଲି ଧମକ ଦେଇଛନ୍ତି । ନନ୍‌ଗେଜେଟେଡ୍ ବନସେବା ସଂଘର ଆନ୍ଦୋଳନ ଶେଷ ହେବା ପର୍ଯ୍ୟନ୍ତ ସାମୂହିକ ଛୁଟିରେ ରହି ସର୍କଲ ଅଫିସ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ଦେବା ପାଇଁ ନିଷ୍ପତ୍ତି ନିଆଯାଇଛି । ରବିବାର ଏ ସମ୍ପର୍କରେ ଜିଲ୍ଲାର ବନ କର୍ମଚାରୀ ସମୂହ କଳାହାଣ୍ଡି ଜିଲ୍ଲା ବନଖଣ୍ଡ ଅଧିକାରୀଙ୍କୁ ଛୁଟି ଦରଖାସ୍ତ ଦେଇଛନ୍ତି । ଓଡ଼ିଶା ନନ୍‌ଗେଜେଟେଡ୍ ବନସେବା ସଂଘ ପକ୍ଷରୁ ପୂର୍ବରୁ ଯେଉଁ ୩ଟି ଦାବି ସରକାରଙ୍କ ନିକଟରେ ଉପସ୍ଥାପନ କରାଯାଇଥିଲା ଅଦ୍ୟାବଧି ତାହା ପୂରଣ କରାଗଲା ନାହିଁ । ଏପରିକି ଗତ ୧୩ତାରିଖରେ ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉତ୍ସବ ପାଳନ ଅବସରରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ କଳାହାଣ୍ଡି ଆସିଥିଲେ; କିନ୍ତୁ ବନ କର୍ମଚାରୀଙ୍କ ସମସ୍ୟା ସମ୍ପର୍କରେ ଆଦୌ ଗୁରୁତ୍ୱ ଦେଇ ନ ଥିଲେ । ଓଲଟି ମନ୍ତ୍ରୀ କହିଲେ ଯେ, ଅନଶନ ବା ଧର୍ମଘଟ ସମସ୍ୟା ସମାଧାନର ବାଟ ନୁହେଁ । ନିଜ ଜୀବନର ସୁରକ୍ଷାକୁ ପ୍ରାଥମିକତା ଦେଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ଏଣୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଏହାଫଳରେ ସଂଘର ନିଷ୍ପତ୍ତି ପ୍ରକାରେ ସଂଘର ସମସ୍ତେ ସାମୂହିକ ଛୁଟିରେ ଯିବାପାଇଁ ସଂକଳ୍ପ ନେଇଛନ୍ତି । ଓଡ଼ିଶା ନନ୍‌ଗେଜେଟେଡ ବନ କର୍ମଚାରୀ ସଂଘ ପକ୍ଷରୁ ଗତ ୯ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୩ ଦଫା ଦାବିପତ୍ର ଜିଲ୍ଲାପାଳଙ୍କ ମାଧ୍ୟମରେ ପ୍ରଦାନ କରାଯାଇଥିଲା । ଢେଙ୍କାନାଳ ହିନ୍ଦୋଳର ବନରକ୍ଷୀ ପ୍ରହଲ୍ଲାଦ ପ୍ରଧାନଙ୍କୁ କାଠ ମାଫିଆ ନିର୍ମମ ଭାବେ ହତ୍ୟା କରିବା ଘଟଣାକୁ ନିନ୍ଦା କରିବା ସହ ଦୋଷୀ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଥିଲା । ଭୌଗୋଳିକ ସ୍ଥିତି ଓ ଘଞ୍ଚ ଜଙ୍ଗଲର ଘନତା ଅନୁସାରେ ରେଞ୍ଜ, ସେକ୍ସନ୍ ଓ ବିଟ୍‌ର ପୁନର୍ଗଠନ କରାଯିବା ସହ ମୃତ ବନ କର୍ମଚାରୀଙ୍କ ପରିବାରକୁ ଉଚିତ ନ୍ୟାୟ ପ୍ରଦାନ କରିବାକୁ ଦାବି ହୋଇଥିଲା । ସରକାର ଦାବି ପୂରଣ ନ କଲେ ଜୁନ ୧୫ରୁ କଳା ବ୍ୟାଜ ପିନ୍ଧିବେ ବୋଲି ଚେତାବନୀ ଦେଇଥିଲେ । ସେହି ଅନୁସାରେ ସମସ୍ତେ ରବିବାରଠାରୁ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ଅନ୍ୟପକ୍ଷେ ଏହା ପରେ ମଧ୍ୟ ସରକାର ଉପେକ୍ଷା କଲେ ଭୁବନେଶ୍ୱରରେ ଆନ୍ଦୋଳନ ହେବ ବୋଲି ରାଜ୍ୟ ସଂଘ ଉପସଭାପତି ଭବାନୀ ଶଙ୍କର ପରିଛା କହିଛନ୍ତି । ଭବାନୀପାଟଣା ଜୋନର ସଭାପତି ବିଶ୍ୱମୋହନ ପାଢ଼ୀ, ସମ୍ପାଦକ ସୁଶୀଲ ମହାନନ୍ଦଙ୍କ ସମେତ ଜୋନ ଅଧୀନ ୧୧ଟି ଡିଭିଜନର ସଂଘ କର୍ମକର୍ତ୍ତା ସମୂହ ଛୁଟି ଦରଖାସ୍ତ ଦେଇଛନ୍ତି । ସେହିଭଳି ଆମ ଗୋଲାମୁଣ୍ଡା ପ୍ରତିନିଧିଙ୍କ ସୂଚନା ଅନୁସାରେ କଳାହାଣ୍ଡି ଜିଲ୍ଲା ଉତ୍ତର ଓ ଦକ୍ଷିଣ ବନଖଣ୍ଡ ଅଧୀନ ସମସ୍ତ ବନକର୍ମଚାରୀ ୟୁନିଫର୍ମ ପିନ୍ଧି କଳାବ୍ୟାଚ ଧାରଣ ପୂର୍ବକ ରାଜ୍ୟ ସରକାରଙ୍କୁ ଅବହେଳାର ପ୍ରତିବାଦ କରିଛନ୍ତି । କେଗାଁ ରେଞ୍ଜର ସମସ୍ତ କର୍ମଚାରୀ ମଧ୍ୟ ପ୍ରତିବାଦ କରିଛନ୍ତି ।

## ଲଘୁ ବନଜାତ ଦ୍ରବ୍ୟର ମିଳୁନି ଉଚିତ୍ ମୂଲ୍ୟ

# ସରକାରୀସ୍ତରରେ ବଜାର ବ୍ୟବସ୍ଥା ନାହିଁ



## ଶୋଷଣର ଶିକାର ସଂଗ୍ରହକାରୀ

**କୋକସରା, ୧୫ ।୬(ସମିସ):** କାହିଁ କେଉଁ ଆବାହମାନ କାଳରୁ ଆଦିବାସୀ ସମ୍ପ୍ରଦାୟର ଲୋକେ ଜଙ୍ଗଲରୁ ଝୁଣା, ମହୁଲ, କାଠ, ଶାଳପତ୍ର, ଶାଳ ମଞ୍ଜି, କେନ୍ଦୁ, ଚାରମଞ୍ଜି, ଟୋଲଫଳ, ବାହାଡ଼ା, ହରିଡ଼ା, ଅଁଳା, ନିମ୍ବ ଫଳ ପ୍ରଭୃତି ବନଯାତ ଦ୍ରବ୍ୟ ସଂଗ୍ରହ କରି ଜୀବନଜୀବିକା ନିର୍ବାହ କରି ଆସୁଛନ୍ତି । ହେଲେ ଲଘୁ ବନଜାତ ଦ୍ରବ୍ୟରେ ଆସୁଥିବା ନିମ୍ବ ଫଳର ସରକାରୀସ୍ତରରେ ବିକ୍ରୀ ବ୍ୟବସ୍ଥା କିମ୍ବା ମୂଲ୍ୟ ଧାର୍ଯ୍ୟ ହୋଇ ନଥିବାରୁ ସଂଗ୍ରହକାରୀ ଦଲାଲଙ୍କ ଶୋଷଣର ଶିକାର ହେଉଛନ୍ତି । ଆଦିବାସୀ ବହୁଳ କଳାହାଣ୍ଡି ଜିଲ୍ଲାର ବଣ ପାହାଡ ଅଞ୍ଚଳରେ ବସବାସ କରୁଥିବା ଆଦିବାସୀ ସମ୍ପ୍ରଦାୟ ଓ ଗ୍ରାମାଞ୍ଚଳର ଲୋକେ ବସନ୍ତ ଋତୁରେ ମହୁଲ ଫୁଲ ସଂଗ୍ରହ କରି ବେଶ୍ କିଛି ପଇସା ରୋଜଗାର କରିଥାନ୍ତି । ସେହିପରି ଗ୍ରୀଷ୍ମ ଋତୁରେ ନିମ୍ବଫଳ ସଂଗ୍ରହ କରିଥାନ୍ତି । ବିଶେଷ କରି ଜଙ୍ଗଲ ତଳି ଗାଁ ଗୁଡିକର ଲୋକେ ନିମ୍ବ ଫଳ ସଂଗ୍ରହ କରିଥାନ୍ତି । ଏବଂ ସେମାନଙ୍କୁ ନିମ୍ବଫଳ ବେଶ୍ କିଛି ଦିନ ପାଇଁ ରୋଜଗାର ଦେଇଥାଏ । ହେଲେ ଲଘୁ ବନଜାତ ଦ୍ରବ୍ୟରେ ଆସୁଥିବା ଏହି ଫଳ ବିକ୍ରୀ ନିମନ୍ତେ ସରକାରୀସ୍ତରରେ କୌଣସି ବଜାର ବ୍ୟବସ୍ଥା ନାହିଁ । ଯାହା ଫଳରେ ନିମ୍ବ ଫଳ ଗୋଟାଳି ଦଲାଲ ଶୋଷଣର ଶିକାର ହୋଇଛନ୍ତି । କୋକସରା ବ୍ଲକର ବଡପୋଡାଗୁଡା, କାଉଡୋଲା, ଆମପାଣି, ବରାଡଙ୍ଗା, ଡୁଡୁକାଠେଙ୍ଗା, ଗୋତମୁଣ୍ଡା, ମହିମା, ଟେମରା, ପୋଡାଗୁଡା, ଖୁଣ୍ଟିଆ, ଡହଗାଁ ଆଦି ଅଞ୍ଚଳର ଚାଷ ଜମି ହୁଡା, ପଡ଼ିଆ ଓ ଦୂର ଜଙ୍ଗଲବର୍ତ୍ତୀ ଅଞ୍ଚଳରେ ଥିବା ନିମ୍ବଗଛ ତେଲେ ସକାଳୁ ସକାଳୁ ମହିଳା ମାନେ ନିମ୍ବଫଳ ଗୋଟାଇବାରେ ବ୍ୟସ୍ତଥିବା ଦେଖିବାକୁ ମିଳୁଛି । ବର୍ତ୍ତମାନ ସମୟରେ ଗ୍ରୀଷ୍ମ ଛୁଟି ଥିବାରୁ ନିମ୍ବ ଫଳ ଗୋଟାଇବାରେ ସ୍କୁଲ ପିଲାମାନେ ମଧ୍ୟ ଲାଗି ପଡ଼ିଛନ୍ତି । ନିମ୍ବଫଳର ଔଷଧୀୟ ଗୁଣ ଥିବାରୁ ଏହାର ବେଶ୍ ଚାହିଦା ରହିଛି । ଏହି ଗଛର ପ୍ରତ୍ୟେକ ଅଙ୍ଗ ଯଥା ପତ୍ର, ଫୁଲ, ଫଳ, ଛାଲ ଏବଂ ଶାଖା ଆଦି ଔଷଧ ଭାବେ ବ୍ୟବହାର କରାଯାଇଥାଏ । ଏଥିପାଇଁ ବେପାରୀ ମାନେ ଏବେ ଗାଁ ଗାଁରେ ବୁଲି ନିମ୍ବଫଳ ସଂଗ୍ରହ କରୁଥିବା ନଜରକୁ ଆସୁଛି । ସାମୟିକ ଭାବେ କିଛି ଦିନର ରୋଜଗାର ଦେଉଥିବା ଫଳକୁ ମହିଳା ମାନେ ଗୋଟିଏ ଟିପା ନିମ୍ବଫଳ ବଦଳରେ କିଲେ ଚିନି, ଲୁଣ କିମ୍ବା ସାବୁନ ଆଦି ସାମଗ୍ରୀ ପାଇ ଦଲାଲ ହାତରେ ଟେକି ଦେଉଥିବା ଜଣାପଡ଼ିଛି । ଲଘୁଜାତ ଦ୍ରବ୍ୟ ଶ୍ରେଣୀରେ ଆସୁଥିବା ଏହି ଫଳ ବିକ୍ରି ପାଇଁ ବଜାର ବ୍ୟବସ୍ଥା ନାହିଁ । କେବଳ କିଛି ବେପାରୀ ଏହି ଫଳକୁ କିଣି ପଡୋଶୀ ଛତିଶଗଡ଼ ରାଜ୍ୟକୁ ରପ୍ତାନି କରିଥାନ୍ତି । ଫଳରେ ଦଲାଲମାନେ ଏହାର ଭରପୁର ଫାଇଦା ଉଠାଇ ମାଲେମାଲ ହେଉଛନ୍ତି । ଲଘୁ ବନଜାତ ଦ୍ରବ୍ୟ ବିକ୍ରି କରିବାକୁ ସରକାରୀସ୍ତରରେ ଉପଯୁକ୍ତ ବଜାର ବ୍ୟବସ୍ଥା କରାଗଲେ ସଂଗ୍ରହକାରୀ ଉଚିତ୍ ପ୍ରାପ୍ୟ ପାଇ ପାରିବେ ବୋଲି ଦାବି ହେଉଛି ।

## ● ବିକାଶମେଳାର ତୃତୀୟ ସନ୍ଧ୍ୟାରେ କବିତା ପାଠୋତ୍ସବ

# ନିଜପ୍ରତି ଆସ୍ଥା ରଖିଲେ ହିଁ କବିକୁ ସଫଳତା ମିଳିଥାଏ



**ନୂଆପଡ଼ା, ୧୫ ।୬(ସମିସ):** କବିର କବିତ୍ୱ ଉପରେ ଆସ୍ଥା ରହିବା ଦରକାର । ନିରନ୍ତର ପଠନ ଓ ଅଭ୍ୟାସ ରଖିଲେ କବିତା ମାର୍ଜିତ ଏବଂ ସର୍ବ ଜନାଦୃତ ହୋଇଥାଏ ବୋଲି ଜିଲ୍ଲାପାଳ ମଧୁସୂଦନ ଦାଶ କହିଛନ୍ତି । ସ୍ଥାନୀୟ ମିନି ଷ୍ଟାଡିୟମ ପଡ଼ିଆରେ ଚାଲିଥିବା ବିକାଶ ମେଳାରେ ଆୟୋଜିତ କବିତା ପାଠୋତ୍ସବରେ ଯୋଗଦେଇ ଜିଲ୍ଲାପାଳ କହିଛନ୍ତି । ସମବାୟ ବିଭାଗ ଦ୍ୱାରା ଆୟୋଜିତ ସମ୍ମିଳନୀରେ ଜିଲ୍ଲାପାଳ ଅଧ୍ୟକ୍ଷତା କରିଥିଲେ । ଏଥିରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ୫୦ରୁ ଊର୍ଦ୍ଧ୍ୱ କବି ଯୋଗ ଦେଇଥିଲେ । ଜିଲ୍ଲାର ପ୍ରଗତି ସହ ବିଭିନ୍ନ ଦିଗରେ ସ୍ୱକୀୟ ଅନୁଭୂତିକୁ କବିତା ମାଧ୍ୟମରେ ବଖାଣିଥିଲେ ।ଏହି ଅବସରରେ ଜିଲ୍ଲାପାଳ ମଧୁସୂଦନ ଦାଶ, ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ଡେପୁଟି କଲେକ୍ଟର କୁରୁକ୍ଷେତ୍ର ନାଏକଙ୍କ ସମେତ ବହୁ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ମଧ୍ୟ ନିଜ ନିଜର କବିତା ପାଠ କରିଥିଲେ । ବରିଷ୍ଠ ଶିକ୍ଷକ ତଥା କବି ଗୌରାଙ୍ଗ ଚରଣ ସାହୁ ଏବଂ କବୟିତ୍ରୀ ଲକ୍ଷ୍ମୀ ବର୍ମା କବିତା ଆସରକୁ ସଂଯୋଜନା କରିଥିଲେ । ବିଭୁ ଦତ୍ତ ମିଶ୍ର ମଞ୍ଚ ପରିଚାଳନା କରିଥିଲେ । ଶେଷରେ ସମସ୍ତ କବିଙ୍କୁ ମାନପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମରେ ବିଶେଷ ଅତିଥିଭାବେ ପୂର୍ବତନ କଳାହାଣ୍ଡି ସାଂସଦ ବସନ୍ତ କୁମାର ପଣ୍ଡା ଯୋଗ ଦେଇ କବିତା ଆସରର ମୁଖ୍ୟ ଜିଲ୍ଲପାଳ, ଜିଲ୍ଲା ପ୍ରଶାସନ ତଥା ସମସ୍ତ କବି କବୟିତ୍ରୀଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ । ଜିଲ୍ଲାର ବହୁ ସଂଖ୍ୟାରେ କବିତା ପ୍ରେମୀ କବିତା ଆସରକୁ ଉପଭୋଗ କରିଥିଲେ ।

# ବିକଶିତ ଭାରତ, ବିକଶିତ ଓଡ଼ିଶା ସଂକଳ୍ପ

**ଧର୍ମଗଡ଼, ୧୫ ।୬(ସମିସ):** ଗୋଲାମୁଣ୍ଡା କଲ୍ୟାଣ ମଣ୍ଡପରେ ବିକଶିତ ଭାରତ, ବିକଶିତ ଓଡ଼ିଶାର ସଂକଳ୍ପ ସଭା ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର, ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ, ମଣ୍ଡଳ ସଭାପତି ବୈଶାଖୁ କେତକୀ, ବରିଷ୍ଠ ବିଜେପି ନେତା ପ୍ରଦୀପ ପଣ୍ଡା, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ବୃଷଭ ନାଏକ, ଶ୍ୟାମ ସୁନ୍ଦର ଅଗ୍ରୱାଲ, ଗଙ୍ଗା ବିଷ୍ଣୁ ମୁଣ୍ଡ ପ୍ରମୁଖ ଯୋଗ ଦେଇଥିଲେ । ପ୍ରସନ୍ନ ରାଉତ, ଚିତ୍ତ ରାଉତ, ରାମ ମାଝୀ, ପ୍ରଦୀପ ନାଏକ ପ୍ରମୁଖ ଉପସ୍ଥିତ ଥିଲେ ।

# ନିଜ ନିୟମ ପାଳନ କରୁ ନାହାନ୍ତି ସରକାର

## ପ୍ରଚାର ପ୍ରସାର ପାଇଁ ଲୋକଙ୍କୁ କରୁଛନ୍ତି କଲବଲ

**କଲମପୁର, ୧୫ ।୬(ସମିସ):**



ରାଜ୍ୟ ସରକାରଙ୍କ ଏକବର୍ଷ ପୂର୍ତ୍ତି ଉପଲକ୍ଷେ ବିକଶିତ ବାହନ ଯାତ୍ରା ମାଧ୍ୟମରେ ଲୋକଙ୍କ ନିକଟରେ ନିଜସ୍ୱ ଉପଲବ୍ଧିର ବାର୍ତ୍ତା ପହଞ୍ଚାଇବାକୁ ପ୍ରତି ପଞ୍ଚାୟତରେ ବିକଶିତ ବାହନ ଯାତ୍ରା କାର୍ଯ୍ୟକ୍ରମମାନ ଆୟୋଜନ କରିଛନ୍ତି । ଏହି ପରିପ୍ରେକ୍ଷିରେ କଳାହାଣ୍ଡି ଜିଲ୍ଲା କଲମପୁର ବ୍ଲକ ଅଞ୍ଚଳରେ ଗତ ୧୨ତାରିଖ ଠାରୁ ଆୟୋଜିତ ହୋଇ ଚାଲିଛି ବିକଶିତ ବାହନ ଯାତ୍ରା କାର୍ଯ୍ୟକ୍ରମ, ବିଡିଓଙ୍କ ପତ୍ର ଅନୁସାରେ କାର୍ଯ୍ୟକ୍ରମ ଗତ ୧୨ତାରିଖ ଠାରୁ ଆରମ୍ଭ ହୋଇ ଆସନ୍ତା ୨୧ତାରିଖରେ ଉଦ୍‌ଯାପିତ ହେବାକୁ ସ୍ଥିର ହୋଇଛି । ତାରିଖ ଓ ପଞ୍ଚାୟତର ନାମ ସହିତ ପଞ୍ଚାୟତ ସମିତି କାର୍ଯ୍ୟାଳୟରୁ ସକାଳ ୮ ଟା ସମୟରେ କାର୍ଯ୍ୟକ୍ରମ ଆୟୋଜନ ହୋଇ ୧୧ଟାରେ ଶେଷ କରିବାକୁ ନିର୍ଦ୍ଦେଶ ରହିଛି । ତେବେ ଏହାକୁ ପଞ୍ଚାୟତ କର୍ମକର୍ତ୍ତାମାନେ ଅବମାନନା କରି ଚାଲିଛନ୍ତି, ଗତ ୧୨ତାରିଖ ଦିନ ବ୍ଲକ ଅନ୍ତର୍ଗତ କୋଟା ଗାଁ ପଞ୍ଚାୟତରେ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିଲା, ସରପଞ୍ଚ ଚନ୍ଦନ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ଚିନ୍ତାମଣି ବେହେରା, ବିଡିଓ ବିଜୟ ମାଣ୍ଡାଙ୍ଗି, ସମେତ ବିଭିନ୍ନ ବିଭାଗୀୟଅଧିକାରୀ ଓ ଦଳୀୟକର୍ମକର୍ତ୍ତା ଉପସ୍ଥିତ ଥିଲେ । ସକାଳରୁ କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି ଲୋକେ ସେଠାରେ ଜମା ହେବାରେ ଲାଗିଲେ । କିନ୍ତୁ ୧୧ଟା ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ଆୟୋଜନ ହୋଇ ପାରିଲା ନାହିଁ, ବିଡିଓ କାର୍ଯ୍ୟକ୍ରମ ସ୍ଥଳକୁ ଯାଇ ପୁଣି ନିଜ କାର୍ଯ୍ୟାଳୟକୁ ଫେରି ଆସିଲେ, ମଧ୍ୟାହ୍ନ ୧୨ଟା ପରେ କାର୍ଯ୍ୟକ୍ରମ ଆୟୋଜିତ ହେଲା, କାର୍ଯ୍ୟକ୍ରମ ସରିବା ବେଳକୁ ସମୟ ହୋଇଗଲା ଗୋଟାଏ ଓ ଖାଇବା ବେଳକୁ ସମୟ ହୋଇଗଲା ଦୁଇଟା, ତିନିଟା ସମୟରେ ସବୁ ସରିଲା, ଲୋକେ ଖରା ଯୋଗୁଁ ଅସ୍ତବ୍ୟସ୍ତ ହୋଇ ପଡ଼ିଥିଲେ । ଗତ ୧୩ତାରିଖ ଦିନ ଦେପୁର ପଞ୍ଚାୟତରେ ମଧ୍ୟ ଅନୁରୂପ ଘଟଣା ଦେଖିବାକୁ ମିଳିଥିଲା, ଦେପୁର ସରପଞ୍ଚ ଟ୍ୱିଙ୍କଲ ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଡିଓ ଶ୍ରୀ ମାଣ୍ଡାଙ୍ଗି ଉପସ୍ଥିତ ରହି ଥିଲେ ମଧ୍ୟ ୧୨ଟା ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇ ପାରି ନ ଥିଲା, ସବୁଠାରୁ ବେଶୀ ଗୁଲଗୁଲୁରେ ଅସ୍ତବ୍ୟସ୍ତ ହୋଇଥିଲେ । ୧୪ତାରିଖ ଦିନ ଆୟୋଜିତ ବନ୍ଧକନା ପଞ୍ଚାୟତରେ ମଧ୍ୟ ୧୨ଟା ପରେ ଆରମ୍ଭ ହୋଇ ଥିଲା କାର୍ଯ୍ୟକ୍ରମ । ଲୋକେ ଗରମକୁ ସହ୍ୟ କରିନପାରି ପ୍ରାଣ ବିକଳରେ ସ୍ଥାନ ଛାଡି ଫେରିଯାଇଥିଲେ । ଏଠାରେ ସରପଞ୍ଚ ହିମାଦ୍ରୀବାଗଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଡିଓ ଅନୁପସ୍ଥିତ ରହିଥିବା ବେଳେ ବହୁ ସଂଖ୍ୟାରେ ବିଭିନ୍ନ ବିଭାଗୀୟ କର୍ମଚାରୀମାନେ ମଧ୍ୟ ଅନୁପସ୍ଥିତ ଥିଲେ । କୋଟା ଗାଁ କାର୍ଯ୍ୟକ୍ରମରେ ବିକଶିତ ବାହନ ଯାନ ପହଞ୍ଚି ପାରି ନ ଥିବା ବେଳେ ବନ୍ଧକନା ପଞ୍ଚାୟତ କାର୍ଯ୍ୟକ୍ରମରେ ମିଶନ ଶକ୍ତି ବିପିଏମ ରେଗୁନିୟସ ଏକ୍କା ମଧ୍ୟ ଏପଟ ସେପଟ ଭାବେ ନିଜ ଦାୟିତ୍ୱ ନ ତୁଲାଇ ଘୁରି ବୁଲୁଥିଲେ । ପଚାରିଲେ କହିଥିଲେ ମୋ ଦେହ ଅସୁସ୍ଥ ଅଛି, ମୋଟାମୋଟି କହିବାକୁ ଗଲେ ବହୁ ସଂଖ୍ୟାରେ ବିଭିନ୍ନ ବିଭାଗୀୟ କର୍ମଚାରୀ ବାଧ୍ୟ ବାଧକତାରେ ଉପସ୍ଥିତ ହେଉଥିବା ଜଣାପଡ଼ିଛି । ଲୋକଙ୍କ ସରକାର ଲୋକଙ୍କ ପଇସାରେ ନିଜ ବାହାବା ନେଉଥିବା ବେଳେ ଏଭଳି କାର୍ଯ୍ୟକ୍ରମ ଯୋଗୁଁ ତୃଣମୂଳସ୍ତରରେ କି ପ୍ରତିକ୍ରିୟା ପ୍ରକାଶ ପାଉଛି, ତାହା ଏଠାରେ ଉଦ୍‌ବେଗର ବିଷୟ ପାଲଟିଛି ।

## ଟ୍ରକ୍ ଧକ୍କାରେ ବାଇକ୍ ଚାଳକ ମୃତ

**କେସିଙ୍ଗା, ୧୫ ।୬ (ସମିସ):** କଳାହାଣ୍ଡି ଜିଲ୍ଲାର କେସିଙ୍ଗା ବ୍ଲକ ପାଷ୍ଟିକୁଡି ପଞ୍ଚାୟତ ଅଧୀନ ବେଲାମାଲ ନିକଟରେ ଗୋଟିଏ ବାଇକ୍ ଓ ଟ୍ରକ୍ ମଧ୍ୟରେ ରବିବାର ଦୁର୍ଘଟଣା ଘଟିଛି । ଏଥିରେ ପାଷ୍ଟିକୁଡି ପଞ୍ଚାୟତ ଅଧୀନ ଠେମରା ଗ୍ରାମର ତୁଳସୀ ମେହେର (୨୦)ଙ୍କ ମୃତ୍ୟୁ ଘଟିଛି । ବେଲାମାଲ ଶନି ମନ୍ଦିର ପାଖରେ ସାମ୍ନା ପଟୁ ଆସୁଥିବା ଟ୍ରକ୍‌ଟି ହଠାତ୍ ତାଙ୍କ ବାଇକ୍ ଉପରେ ଚଢ଼ିଯାଇ ଘୋଷାଡି ନେଇଥିଲା । ଏଣୁ ଘଟଣା ସ୍ଥଳରେ ରେ ହିଁ ତୁଳସୀଙ୍କ ମୃତ୍ୟୁ ଘଟିଥିଲା । ଖବର ପାଇ ସଦର ଥାନା ପୁଲିସ ଅଧିକାରୀ ନରେଶ ପ୍ରଧାନ ଘଟଣା ସ୍ଥଳରେ ପହଞ୍ଚିବା ପରେ ଆମ୍ବୁଲାନ୍ସ ଯୋଗେ ଶବ ବ୍ୟବଚ୍ଛେଦ ପାଇଁ ଭବାନୀପାଟଣା ମୁଖ୍ୟ ଡାକ୍ତରଖାନାକୁ ପଠାଇଥିଲା । ତେବେ ତାଙ୍କ ବାପା, ମା' ଦାଦନ ଖଟିବାକୁ ଯାଇଛନ୍ତି । ଘରେ କେବଳ ସାନ ଭଉଣୀ । ଏଣୁ ଶବ ବ୍ୟବଚ୍ଛେଦ ପରେ ସାଇ ପଡ଼ିଶା ଲୋକଙ୍କୁ ପୁଲିସ ଶବ ହସ୍ତାନ୍ତର କରିଥିଲା ।

## ତେଲେଙ୍ଗାନାରେ ଓଡ଼ିଆ ଦାଦନ ଶ୍ରମିକଙ୍କ ମୃତ୍ୟୁ

**ଗୋଲାମୁଣ୍ଡା, ୧୫ ।୬(ସମିସ):** ତେଲେଙ୍ଗାନାରେ ଜଣେ ଓଡ଼ିଆ ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ କଳାହାଣ୍ଡି ଜିଲ୍ଲା କେଗାଁ ସାନଚେରଗାଁ ଗ୍ରାମର ଗଣେଶ ବାଗ (୫୫) । କିଛି ଦିନ ତଳେ ସେ ତେଲେଙ୍ଗାନା ରାଜ୍ୟକୁ ଦାଦନ ଖଟିବାକୁ ଯାଇଥିଲେ । ସେଠାରେ ମେଡକ ଜିଲ୍ଲା ମନୋହରବାଦ ଥାନା ଜେଡିପଲ୍ଲୀ ରାସ୍ତା ପାଶ୍ୱରେ ଥିବା ଆଜାଦ କମ୍ପାନୀରେ ଶ୍ରମିକ ଭାବେ କାମ କରୁଥିଲେ । ତେବେ ଗଣେଶ ନିଖୋଜ ଥିବା କମ୍ପାନୀ ମାଲିକ ସେଠାର ଥାନାରେ ଅଭିଯୋଗ କରିଥିଲେ । ମୃତଦେହ



ମିଳିବା ପରେ ପୁଲିସ କେଶ୍ ରୁଜୁ କରି ଶବ ବ୍ୟବଚ୍ଛେଦ ପୂର୍ବକ କମ୍ପାନୀକୁ ହସ୍ତାନ୍ତର କରିଥିଲା । କମ୍ପାନୀ ମାଲିକ ଆମ୍ବୁଲାନ୍ସ ଯୋଗେ ଜନ୍ମମାଟିକୁ ମୃତଦେହ ପଠାଇଛନ୍ତି । ତେବେ ଏହା ଏକ ହତ୍ୟାକାଣ୍ଡ ବୋଲି ତାଙ୍କ ସ୍ତ୍ରୀ ଗୁଞ୍ଜି ବାଗ କେଗାଁ ଥାନାରେ ଅଭିଯୋଗ କରିଥିଲେ । ଅନ୍ୟପକ୍ଷେ ଶବ ଆଣି ଆସିଥିବା ଆମ୍ବୁଲାନ୍ସକୁ ପୁଲିସ ଜବତ କରିଛି । ଶବ ବ୍ୟବଚ୍ଛେଦ ରିପୋର୍ଟ ନ ଆସିଲା ପର୍ଯ୍ୟନ୍ତ ଆମ୍ବୁଲାନ୍ସ ଛଡ଼ାଯିବ ନାହିଁ ବୋଲି ପୋଲିସ କହିଛି । ସେହିଭଳି ମୃତକଙ୍କ ପରିବାର ବର୍ଗଙ୍କୁ କ୍ଷତିପୂରଣ ନ ଦେବା ପର୍ଯ୍ୟନ୍ତ ଆମ୍ବୁଲାନ୍ସ ଛଡ଼ାଯିବ ନାହିଁ ବୋଲି ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି ।

## ଭାଲୁ ଆକ୍ରମଣରେ ଜଣେ ଗୁରୁତର

**ଗୋଲାମୁଣ୍ଡା, ୧୫ ।୬(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଥାନା କେନ୍ଦୁପାଣି ଗ୍ରାମର ଜଣେ ବ୍ୟକ୍ତି ଭାଲୁ ଆକ୍ରମଣରେ ଗୁରୁତର ହୋଇଛନ୍ତି । ସିଙ୍ଗଲ ମାଝୀ ନାମକ ଏହି ବ୍ୟକ୍ତି ଜଣକ ରବିବାର ଗାଁ ନିକଟ ନିଜ ଚାଷଜମିକୁ ଯାଉଥିବା ବେଳେ ଗୋଟିଏ ଭାଲୁ ହଠାତ ଆକ୍ରମଣ କରିଥିଲ । ତାଙ୍କ ଡାହାଣ ଗୋଡ଼ରେ ଗଭୀତ କ୍ଷତ ହୋଇଛି । ତେବେ ଚିତ୍କାର ଶୁଣି ଆଖପାଖରେ ଥିବା କେତକ ଲୋକେ ଆସି ତାଙ୍କୁ ଭାଲୁ କବଳରୁ ଉଦ୍ଧାର କରିଥିଲେ । ପରେ ପରିବାର ଲୋକେ ୧୦୮ ଆମ୍ବୁଲାନ୍ସରେ ଧର୍ମଗଡ଼ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳକୁ ସ୍ଥାନାନ୍ତର କରାଯାଇଛି ।

## ବେଆଇନ ମଦ କାରବାରରେ ଜଣେ ଗିରଫ




**କେସିଙ୍ଗା, ୧୫ ।୬ (ସମିସ):** ହାତୀଖୋଜ ପଞ୍ଚାୟତ ସୀଙ୍ଗାରିବାହାଲ ଗ୍ରାମର ଜଣେ ବ୍ୟକ୍ତି ଘରୁ ବିଭିନ୍ନ ବ୍ରାଣ୍ଡର ୧୬ ଲିଟର ବିଦେଶୀ ମଦ ଜବତ ହୋଇଛି । ଏହାସହ ପ୍ରାୟ ୩ ଲିଟର ଦେଶୀ ମଦ ପାଉଚ ଜବତ ହୋଇଛି । ଏହି ଘଟଣାରେ କେସିଙ୍ଗା ପୁଲିସ ପ୍ରହଲ୍ଲାଦ ଖମାରୀ (୪୨) ନାମକ ଜଣେ ଯୁବକକୁ ଗିରଫ କରିଛି ।

## ଶଲ୍ୟ ଚିକିତ୍ସାର ଜନକ ଆଚାର୍ଯ୍ୟ ସୁଶ୍ରୁତଙ୍କ ଜୟନ୍ତୀ



**କେସିଙ୍ଗା, ୧୫ ।୬ (ସମିସ):** କିକିଆ (ବଙ୍ଗାଳିପଡ଼ା)ରେ ପ୍ରାଚୀନ ଶଲ୍ୟ ଚିକିତ୍ସାର ଜନକ ଆଚାର୍ଯ୍ୟ ସୁଶ୍ରୁତଙ୍କ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି । ବୈଦ୍ୟ ଶରତଚନ୍ଦ୍ର ପଧାନ, କବିରାଜ ତ୍ରୈଲୋକ୍ୟ ପଧାନ, ମୋହନ ନାଏକ, ସରୋଜକାନ୍ତ ପଧାନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । କବିରାଜ ଦୁର୍ଗା ଚରଣ ପଧାନଙ୍କ ଆହ୍ୱାନ କ୍ରମେ କଳାହାଣ୍ଡି ମୃତ୍ୟୁଞ୍ଜୟ ବୈଦ୍ୟ ସଂଘ ତରଫରୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସଂଘର ବରିଷ୍ଠ ବୈଦ୍ୟ ନରହରି ସ୍ୱାଇଁ ସଭାପତିତ୍ୱ କରିଥିଲେ । ଶେଷରେ ବୈଦ୍ୟ ଜୟବୀର ବଗର୍ତ୍ତୀ ଧନ୍ୟବାଦ ଦେଇଥିଲେ ।

## ବରିଷ୍ଠ ନାଗରିକ ସଚେତନତା କାର୍ଯ୍ୟକ୍ରମ




**ଥୁଆମୂଳ ରାମପୁର, ୧୫ ।୬ (ସମିସ):** ସ୍ଥାନୀୟ ଜେଏମଏଫସି ପରିସରରେ ତାଲୁକ ଆଇନ ସେବା ପ୍ରାଧିକରଣ ମାଧ୍ୟମରେ ଥୁଆମୂଳ ରାମପୁର ବ୍ଲକର ବରିଷ୍ଠ ନାଗରିକଙ୍କୁ ନେଇ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଜେଏମଏଫସି ସୋମେଶ ସୋମ୍ୟଜିତ ପଣ୍ଡା, ଓକିଲ ସଂଘ ସମ୍ପାଦକ ମନୋରଞ୍ଜନ ନାଏକ ଏବଂ କର୍ତ୍ତବ୍ୟସଂଗଠନର ସୁଦର୍ଶନ ନାଏକ ପ୍ରମୁଖ ଉପସ୍ଥିତ ଥିଲେ ।

## ବିକଶିତ ବାହନ ଯାତ୍ରା ରଥକୁ ଭବ୍ୟ ସ୍ୱାଗତ

**କଲମପୁର, ୧୫ ।୬ (ସମିସ):** କଲମପୁର ପଞ୍ଚାୟତ ପକ୍ଷରୁ ବିକାଶ ବାହନ ରଥକୁ ଭବ୍ୟ ସ୍ୱାଗତ କରାଯାଇଛି । ବିଡ଼ିଓ ବିଜୟ ମାଣ୍ଡାଙ୍ଗୀ, ମୁନଗୁର ପୂର୍ବତନ ସରପଞ୍ଚ ବିଜୟ ପଣ୍ଡା, ଅରୁଣ ଜଗରିଆ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦିଲ୍ଲୀପ ବେହେରା, କନିଷ୍ଠ ଯନ୍ତ୍ରୀ ପିତାମ୍ବର ହେମ୍ବ୍ରମ, ଶିଶୁ ବିକାଶ ବିଭାଗର କ୍ଷେତ୍ର ପରିଦର୍ଶିକା ବାସନ୍ତୀ ନାଏକ, ପୂର୍ବତନ ସରପଞ୍ଚ ଚତୁର୍ଭୁଜ ପଣ୍ଡା, ନାଏବ ସରପଞ୍ଚ ସଂଯୁକ୍ତା ନାଏକ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଦୁଃଶାସନ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ । ସରପଞ୍ଚ ସୂର୍ଯ୍ୟକାନ୍ତୀ ପଣ୍ଡା ସଭାପତିତ୍ୱ କରିଥିଲେ । ରଞ୍ଜନ ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ପୂର୍ବତନ ସରପଞ୍ଚ ଚତୁର୍ଭୁଜ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

ସକାଳ
THE SAKALA

# ସମ୍ପାଦକୀୟ



ବାସ୍ତବରେ ସବୁ କଥାର ଦୁଇଟି ଦିଗ ଥାଏ - ବିଜ୍ଞାନ ଓ ମତାମତ, ପ୍ରଥମଟି ସୃଷ୍ଟି କରେ ଜ୍ଞାନ ଓ ଦ୍ୱିତୀୟଟି ଅଜ୍ଞାନ।
-ହିପୋକ୍ରାଟ୍ସ୍

## ମଧ୍ୟପ୍ରାଚ୍ୟରେ ଯୁଦ୍ଧଧ୍ୱନି

ମଧ୍ୟପ୍ରାଚ୍ୟରେ ପୁଣି ଥରେ ଯୁଦ୍ଧ ସ୍ଥିତି ସୃଷ୍ଟି ହୋଇଛି। ହମାସ୍‌କୁ ମୂଳପୋଛ କରିବା ଲକ୍ଷ୍ୟରେ ଇସ୍ରାଏଲ୍ ଆରମ୍ଭ କରିଥିବା ନିର୍ଣ୍ଣାୟକ ଯୁଦ୍ଧର ମୀମାଂସା ଏ ପର୍ଯ୍ୟନ୍ତ ହୋଇ ନ ଥିବା ବେଳେ ଇରାନ୍ ଉପରେ ଆକ୍ରମଣ କରିଛି ଏବଂ ଇରାନ୍ ପାଲଟା ଜବାବ୍ ଦେଇଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ଇରାନ୍‌ର ଆଣବିକ କେନ୍ଦ୍ର ଓ ସେନା ଶିବିରମାନଙ୍କ ଉପରେ ବାଛିବାଛି ଇସ୍ରାଏଲ୍ ଆକ୍ରମଣ କରିଛି ଏବଂ ଇରାନ୍‌କୁ ସମ୍ପୂର୍ଣ୍ଣ ଆଣବିକଶକ୍ତି ବିହୀନ କରିବା ପର୍ଯ୍ୟନ୍ତ ଏହି ଯୁଦ୍ଧ ଚାଲିବ ବୋଲି ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ନେତାନ୍ୟାହୁ ଘୋଷଣା କରିଛନ୍ତି। ଆଗାମୀ ଦିନରେ ଇସ୍ରାଏଲ୍‌ର ଆକ୍ରମଣ ଆହୁରି ଭୟଙ୍କର ହେବ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିବା ପରେ ମଧ୍ୟପ୍ରାଚ୍ୟରେ ଯୁଦ୍ଧର ଘନଘଟା ଆହୁରି ଭୟଙ୍କର ହୋଇପାରେ। ଏବେ କେବଳ ସାମରିକ କେନ୍ଦ୍ର ଉପରେ କେନ୍ଦ୍ରିତ ଥିବା ଆକ୍ରମଣ-ପ୍ରତିଆକ୍ରମଣ ପରବର୍ତ୍ତି ସମୟରେ ବେସାମରିକ କ୍ଷେତ୍ରକୁ ବ୍ୟାପୀ ପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି।

ଇରାନ୍ ଉପରେ ଇସ୍ରାଏଲ୍‌ର ଏହି ଆକ୍ରମଣ ଅପ୍ରତ୍ୟାଶିତ ହୋଇଥିଲେ ହେଁ ଅସ୍ୱାଭାବିକ ନୁହେଁ। ଏକଦା ବନ୍ଧୁ ଥିବା ଏହି ଦୁଇରାଷ୍ଟ୍ର ମଧ୍ୟରେ ଗତ ପ୍ରାୟ ଦୁଇବର୍ଷ ଧରି ଉତ୍ତେଜନା ଏବଂ ଆକ୍ରମଣ-ପ୍ରତିଆକ୍ରମଣ ଲାଗି ରହିଛି। ତେବେ ତାହା ସାମୟିକ ପ୍ରଶମିତ ହୋଇସାରିଥିବା ବେଳେ ଇସ୍ରାଏଲ୍‌ର ହଠାତ୍ 'ଅପରେସନ୍ ରାଇଜିଂ ଲାୟନ(ଇରାନ୍ ଆକ୍ରମଣ)' ପଛରେ ରହିଛି ଆନ୍ତର୍ଜାତିକ ଆଣବିକ ଶକ୍ତି ସଂସ୍ଥା ପରିଚାଳନା ମଣ୍ଡଳିର ସଦ୍ୟ ଅନୁଷ୍ଠିତ ବୈଠକ। ଇରାନ୍ ବିପଜ୍ଜନକ ଆଣବିକ ଅସ୍ତ୍ରଶସ୍ତ୍ର ନିର୍ମାଣ କରୁଥିବା ଅଭିଯୋଗ ଉପରେ ଆଲୋଚନା ପାଇଁ ଏହି ବୈଠକ ଆହୂତ ହୋଇଥିଲା। ୩୫ ସଦସ୍ୟ ବିଶିଷ୍ଟ ଏହି ସଂସ୍ଥାର ପରିଚାଳନା ମଣ୍ଡଳି ବୈଠକରେ ୧୯ ଜଣ ସଦସ୍ୟ ଇରାନ୍ ଉପରେ କଟକଣା ଜାରି କରିବା ପାଇଁ ଆଗତ ସଂକଳ୍ପ ସପକ୍ଷରେ ମତ ଦେଇଥିବା ବେଳେ ୩ ଜଣ ବିରୋଧ କରିଥିଲେ। ବିଗତ ଦୁଇଦଶନ୍ଧି ମଧ୍ୟରେ ଇରାନ୍ ବିରୋଧରେ ଏଭଳି ସଂକଳ୍ପ ପ୍ରଥମ ବୋଲି କୁହାଯାଉଛି। ଉଲ୍ଲେଖନୀୟ, କେବଳ ରୁଷିଆ, ଚୀନ୍ ଓ ବୁର୍କିନା ଫାସୋ ଏହି ସଂକଳ୍ପକୁ ବିରୋଧ କରିଥିବା ବେଳେ ଆଲଜେରିଆ, ବାଂଲାଦେଶ, ଇଣ୍ଡୋନେସିଆ, କାତ୍ତାର, ସାଉଦି ଆରବ, ତୁର୍କି ଆଦି ଇସ୍‌ଲାମିକ୍ ଦେଶଗୁଡ଼ିକ ସଂକଳ୍ପକୁ ବିରୋଧ କରି ନଥିଲେ। ଇସ୍‌ଲାମିକ୍ ବହୁଳ ଅଞ୍ଚଳରେ ଇରାନ୍‌କୁ ସମର୍ଥନ ନ ମିଳିବା ମଧ୍ୟପ୍ରାଚ୍ୟରେ ଏକ ନୂଆ ଭୂରାଜନୈତିକ ସମୀକରଣର ସଂକେତ ଦିଗକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି।

ଏଠାରେ ଆଉ ଏକ ପ୍ରସଙ୍ଗ ଆଲୋଚନା ପରିସରକୁ ସ୍ୱାଭାବିକ ଭାବେ ଆସୁଛି। ଯଦି ଇସ୍ରାଏଲ୍‌ର 'ଅପରେସନ୍ ରାଇଜିଂ ଲାୟନ୍' ପଛରେ ଇରାନ୍ ବିରୋଧରେ ଆନ୍ତର୍ଜାତିକ ଆଣବିକ ଶକ୍ତି ସଂସ୍ଥାର କଟକଣା ସଂକଳ୍ପ ହିଁ ଏକମାତ୍ର କାରଣ ହୁଏ ତେବେ ପ୍ରଶ୍ନ ଉଠୁଛି ଇସ୍ରାଏଲ୍‌କୁ ସେ ଅଧିକାର କିଏ ଦେଲା? ଏବଂ କାହାର ଇଙ୍ଗିତ ଓ ବଳରେ ଆନ୍ତର୍ଜାତିକ ଶକ୍ତିସଂସ୍ଥାର ପ୍ରତିନିଧିତ୍ୱ କରିବାକୁ ଇସ୍ରାଏଲ୍ ଆଗଭର ହୋଇଗଲା? ଉଭୟ ଇସ୍ରାଏଲ୍ ଓ ଇରାନ୍ ଗୁପ୍ତରେ ଆଣବିକ ଶକ୍ତିର ଅଧିକାରୀ ହୋଇଥିବା ବିଷୟ ଆନ୍ତର୍ଜାତିକ ଆଣବିକ ସଂସ୍ଥାର ଅଗୋଚର ନୁହେଁ। କିନ୍ତୁ ହଠାତ୍ ଆନ୍ତର୍ଜାତିକ ଶକ୍ତିସଂସ୍ଥାର ପରିଚାଳନା ମଣ୍ଡଳି ବୈଠକ ବସିବା, ଇରାନ୍ ବିରୋଧରେ ଐତିହାସିକ ସଂକଳ୍ପ ପାରିତ ହେବା ଏବଂ ଇସ୍ରାଏଲ୍ ବଡ଼ଭାଇ ପଣିଆ ଦେଖାଇ ଇରାନ୍‌ର ଆଣବିକ ଶକ୍ତିକେନ୍ଦ୍ର ଉପରେ ଆକ୍ରମଣ କରିବା ଆଦୌ କାକତାଳିକ ନୁହେଁ। ତେଣୁ ଏହି ସମଗ୍ର ଘଟଣା ପଛରେ ଆମେରିକାର ଭୂମିକା ସନ୍ଦେହରୁ ଊର୍ଦ୍ଧ୍ୱକୁ ଯାଇପାରୁନାହିଁ।

ମଧ୍ୟପ୍ରାଚ୍ୟରେ ବହୁଦଶନ୍ଧି ଧରି କୁହୁଳି ଆସୁଥିବା ଧୂଆଁ ମଝିରେ ମଝିରେ ବାହ୍ୟଶକ୍ତିର ପ୍ରଭାବରେ ଅଗ୍ନିସ୍ଫୁଲିଙ୍ଗର ରୂପ ନିଏ। ଏବେ ତାହାର ପୁନରାବୃତ୍ତି ଘଟିଛି। କେତେବେଳେ ଇରାନ୍ ସମର୍ଥିତ ଓ ସହାୟତା ପ୍ରାପ୍ତ ପାଲେଷ୍ଟାଇନ୍‌ର ଆତଙ୍କବାଦୀ ଗୋଷ୍ଠୀ ହମାସ୍ ଇସ୍ରାଏଲ୍ ଉପରେ ଆକ୍ରମଣ କରିଛି; ପୁଣି କେତେବେଳେ ସିରିଆରେ ଗୃହଯୁଦ୍ଧ ପଛରେ ଇସ୍ରାଏଲ୍‌ର ବନ୍ଧୁ ଆମେରିକାର ହାତ ରହିଥିବା ଅଭିଯୋଗ ହୋଇଛି। ଏବେ ଇରାନ୍ ଉପରେ ଇସ୍ରାଏଲ୍ ଆକ୍ରମଣ ପଛର ଯଥାର୍ଥତା କେତେ ତାହା ଏକ ଭିନ୍ନ ପ୍ରଶ୍ନ। କିନ୍ତୁ ଏହା ଅନସ୍ୱୀକାର୍ଯ୍ୟ ଯେ ପରିବର୍ତ୍ତିତ ପରିସ୍ଥିତିରେ ଆମେରିକାର ଦୃଷ୍ଟିକଟୁ ତାଲିକାରେ ଇରାକ୍‌ର ସ୍ଥାନରେ ଏବେ ଇରାନ୍‌କୁ ଅବସ୍ଥାପିତ କରାଯାଇଛି ଏବଂ ଏଥିପାଇଁ ଇସ୍ରାଏଲ୍‌କୁ ବ୍ୟବହାର କରାଯାଇଛି। ଏବେ ଇରାନ୍ ବିରୋଧରେ ଯେଉଁ ଅଭିଯୋଗ ଆସିଛି ତାହା ଏକଦା ଇରାକ୍ ବିରୋଧରେ ମଧ୍ୟ ଆମେରିକା ଆଣିଥିଲା। ଇରାକ୍‌କୁ ଧ୍ୱସ୍ତବିଧ୍ୱସ୍ତ କରି ସଦ୍ଦାମ ହୁସେନ୍‌ଙ୍କ କବଳରୁ ମୁକ୍ତି ଦେବାରେ ଆମେରିକା ସଫଳ ହେଲା ସତ, କିନ୍ତୁ ସଦ୍ଦାମ୍ ଗୋପନୀୟ ଆଣବିକ ଅସ୍ତ୍ରଶସ୍ତ୍ର ନିର୍ମାଣ କରୁଥିବା ପ୍ରମାଣ କରିପାରିଲା ନାହିଁ। ଆମେରିକାର ଏହି ଉଦ୍ଦେଶ୍ୟ ପଛରେ ଯେ ମଧ୍ୟପ୍ରାଚ୍ୟର ବିଶାଳ ତୈଳ ଖଣି ଉପରେ କବ୍‌ଜା ଲକ୍ଷ୍ୟ ଥିଲା, ତାହାର ପ୍ରମାଣ କିନ୍ତୁ ବିଶ୍ୱବାସୀ ପାଇଗଲେ। ଏବେ ଆମେରିକାର ଆଖି ପୁଣି ଇରାନ୍‌ର ତୈଳ ଭଣ୍ଡାର ଉପରେ ପଡ଼ିନାହିଁ ଏବଂ ଇରାକ୍‌ର ଦଶା ଇରାନ୍ ଭୋଗିବ ନାହିଁ ବୋଲି ନିଶ୍ଚିତ କରିହେଉନାହିଁ।

ଯୁଦ୍ଧ ଘନଘଟା ସତ୍ତ୍ୱେ ମଧ୍ୟପ୍ରାଚ୍ୟ ପାଇଁ ଏକ ଆଶ୍ୱସ୍ତିର ବିଷୟ ଯେ ଇରାନ୍‌ର ଆଣବିକ କେନ୍ଦ୍ର ଉପରେ ଆକ୍ରମଣ ହୋଇଥିଲେ ମଧ୍ୟ ତେଜସ୍କ୍ରିୟ ବିକିରଣ ଆଶଙ୍କା କମ୍ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। କିନ୍ତୁ ଯୁଦ୍ଧର ଘନଘଟା ଲାଗି ରହିଲେ ସମଗ୍ର ପଶ୍ଚିମଏସିଆ ସମେତ ଭାରତ ମଧ୍ୟ ପ୍ରଭାବିତ ହେବ। କୂଟନୈତିକ ଓ ବାଣିଜ୍ୟିକ ଦୃଷ୍ଟିକୋଣରୁ ଇରାନ୍ ସହିତ ଭାରତର ସମ୍ପର୍କ ଭଲ। ଚବାହାର ବନ୍ଦର ପ୍ରତିଷ୍ଠା କରି ଭାରତ ଇରାନ୍ ସହିତ ଦ୍ୱିପାକ୍ଷିକ ବାଣିଜ୍ୟ ସମ୍ପର୍କକୁ ଦୃଢ଼ କରିଛି। ଆମେରିକାର ଇରାନ୍ ବିରୋଧୀ କଟକଣା ପୂର୍ବରୁ ଭାରତର ସର୍ବବୃହତ୍ ଅଶୋଧିତ ତୈଳ ରପ୍ତାନୀକାରୀ ଥିଲା ଇରାନ୍। ଅପରପକ୍ଷରେ ଆତଙ୍କବାଦ ବିରୋଧରେ ଇସ୍ରାଏଲ୍ କାର୍ଯ୍ୟାନୁଷ୍ଠାନକୁ ଭାରତ ସମର୍ଥନ ଦେଇ ଆସୁଛି ଏବଂ ପ୍ରତିରକ୍ଷା ଉପକରଣ, ସାମରିକ-ବୈଷୟିକ ଜ୍ଞାନକୌଶଳ ହାସଲ କରିବା ପାଇଁ ଦୁଇ ରାଷ୍ଟ୍ର ଚୁକ୍ତିବଦ୍ଧ। ତେଣୁ ଏଭଳି ପରିସ୍ଥିତିରେ ଭାରତ ନିର୍ଦ୍ଦିଷ୍ଟ ଭାବେ କୌଣସି ପକ୍ଷ ନେଇପାରିବ ନାହିଁ।

ସାମ୍ପ୍ରତିକ ସ୍ଥିତିରେ ଭାରତ ପାଇଁ ସବୁଠାରୁ ଉଦ୍‌ବେଗ ହେଉଛି ମଧ୍ୟପ୍ରାଚ୍ୟରେ ପ୍ରବାସୀ ଭାରତୀୟଙ୍କ ସୁରକ୍ଷା। ସେହି ଅଞ୍ଚଳରେ ପ୍ରାୟ ୯୦ ଲକ୍ଷ ପ୍ରବାସୀ ଭାରତୀୟ ବସବାସ କରୁଛନ୍ତି। ଏବେ ମଧ୍ୟ ଭାରତର ମୋଟ ତୈଳ ଆମଦାନୀର ୮୦% ମଧ୍ୟପ୍ରାଚ୍ୟ ଉପରେ ନିର୍ଭରଶୀଳ। ଉଭୟ ଦେଶ କେହି କାହାର ଇନ୍ଧନ ଭିତ୍ତିଭୂମି ଉପରେ ଆକ୍ରମଣ କରିବେ ନାହିଁ ବୋଲି ଘୋଷଣା କରିଥିଲେ ମଧ୍ୟ ବିଶ୍ୱ ତୈଳ ଓ ଏଲ୍‌ଏନ୍‌ଜି ରପ୍ତାନୀ ପାଇଁ ବ୍ୟବହୃତ ପ୍ରମୁଖ ପଥ 'ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ଲାଇନ୍'କୁ ଯଦି ଇରାନ୍ ବନ୍ଦ କରିଦିଏ, ତେବେ ଭାରତର ତୈଳ ଆମଦାନୀ ପ୍ରଭାବିତ ହେବ ଏବଂ ଅର୍ଥନୈତିକ ସଙ୍କଟ ବଢ଼ିବ। ପଣ୍ୟବାହୀ ଜାହାଜଗୁଡ଼ିକ ମଧ୍ୟ ଲୋହିତ ସାଗର ପରିବର୍ତ୍ତେ 'କେପ୍ ଅଫ୍ ଗୁଡ୍ ହୋପ୍ ରୁଟ୍' ଦେଇ ଯିବାକୁ ପଡ଼ିବ, ଯାହା ବାଣିଜ୍ୟ ଖର୍ଚ୍ଚ ଓ ଅବଧିକୁ ବହୁଗୁଣା ବୃଦ୍ଧି କରିବ। ତେଣୁ ଯେତେଶୀଘ୍ର ମଧ୍ୟପ୍ରାଚ୍ୟରେ ଶାନ୍ତି ବାହାଲ ହେବ ତାହା ଭାରତ, ମଧ୍ୟପ୍ରାଚ୍ୟ ସମେତ ପଶ୍ଚିମ ଏସିଆ ପାଇଁ ମଙ୍ଗଳକର ହେବ।

# ଡିଜିପିନ: ଆଶୀର୍ବାଦ ନା ଆପଦ?

**ବୃହସ୍ପତି ସାମଲ**

ଭାରତ ସରକାର ୨୭ ମେ ୨୦୨୫ରେ ଏକ ଦଶ-ଅକ୍ଷର ବିଶିଷ୍ଟ ଅଲଫାନ୍ୟୁମରିକ କୋଡ୍ ଭାବରେ ଡିଜାଇନ ହେଇଥିବା ଡିଜିପିନ (ଡିଜିଟାଲ ପୋଷ୍ଟାଲ ଇଣ୍ଡେକ୍ସ ନମ୍ବର) ନାମରେ ଏକ ନୂଆ ଡିଜିଟାଲ ପ୍ରୟାସର ଉନ୍ମୋଚନ କରିଛନ୍ତି, ଯାହା ଦେଶର ପ୍ରତ୍ୟେକ ୪ଗୁଣା୪ ମିଟର ଅଞ୍ଚଳକୁ ଦ୍ରାଘିମା ଓ ଅକ୍ଷାଂଶ ଭିତ୍ତିରେ ସଠିକ୍ ଭାବେ ଚିହ୍ନଟ କରିବା ପାଇଁ ବ୍ୟବହାର କରାଯାଇପାରିବ। ଭାରତୀୟ ଡାକ ବିଭାଗ, ଆଇଆଇଟି ହାଇଦ୍ରାବାଦ ଓ ଇସ୍ରୋ ଅନ୍ତର୍ଗତ ଜାତୀୟ ରିମୋଟ୍ ସେନ୍ସିଂ କେନ୍ଦ୍ରଙ୍କ ସହଯୋଗରେ ବିକଶିତ ଏହି ଡିଜିପିନକୁ ଭାରତର ଡିଜିଟାଲ ଢାଞ୍ଚାରେ ଏକ ପରିବର୍ତ୍ତନକାରୀ ପଦକ୍ଷେପ ବୋଲି ବିବେଚନା କରାଯାଉଛି। ଏହାକୁ ଏକ ଗୋପନୀୟତାକୈନ୍ଦ୍ରିକ ଓ ଜିଓକୋଡିଂ ଭିତ୍ତିକ ପଦ୍ଧତି ଭାବରେ ଉପସ୍ଥାପନ କରାଯାଇଛି, ଯାହା ଭାରତୀୟ ଡାକ ବିଭାଗ ଦ୍ୱାରା ୧୯୭୨ରୁ ପ୍ରଚଳିତ ହୋଇ ଆସୁଥିବା 'ପିନ୍‌କୋଡ୍' ବ୍ୟବସ୍ଥାକୁ ଏକ ଆଧୁନିକତାର ସ୍ପର୍ଶ ଦେବ। ଡିଜିପିନର ଏହି ସଠିକ ଭୌଗୋଳିକ ଟ୍ୟାଗିଂ ଦ୍ୱାରା ଲଜିଷ୍ଟିକ୍ସ, ଆପାତକାଳୀନ ସେବା, ଗ୍ରାମୀଣ ସେବା ପ୍ରଦାନ ଓ ଡିଜିଟାଲ ଶାସନ ପ୍ରଣାଳୀରେ ଲାଭ ମିଳିବ ବୋଲି କୁହାଯାଉଛି। ଅରଣ୍ୟ, ନଦୀ କୂଳ, ପାହାଡ଼ ଅଞ୍ଚଳ ଭଳି ସଠିକ୍ ଠିକଣା ନଥିବା ସ୍ଥାନଗୁଡ଼ିକୁ ଡିଜିପିନ୍ ଦ୍ୱାରା ଏବେ ଡିଜିଟାଲ ଉପାୟରେ ଚିହ୍ନଟ କରାଯାଇପାରିବ।

ଏକ ଡିଜିପିନ୍ ତିଆରି ପାଇଁ ବ୍ୟବହାରକାରୀଙ୍କୁ ନିଜର ରିଅଲ୍-ଟାଇମ୍ ଅବସ୍ଥାନ ତଥ୍ୟକୁ ଆକ୍ସେସ୍ କରିବା ଅନୁମତି ଦେବାକୁ ପଡ଼ିଥାଏ। ଯଦିଓ ଭାରତୀୟ ଡାକ ବିଭାଗ ଦାବି କରୁଛି ଯେ ଏହି ତଥ୍ୟ ସଂରକ୍ଷିତ ବା ରେକର୍ଡ ହେବ ନାହିଁ ଏବଂ କେବଳ କୋଡ୍ ସୃଷ୍ଟି ପାଇଁ ବ୍ୟବହୃତ ହେବ, ତଥାପି ଏହି ତଥ୍ୟ ଆକ୍ସେସ୍ କରିବା ଅଭିକ୍ରିୟା ଏକ ଭବିଷ୍ୟତ ତଥ୍ୟଚ୍ୟୁତିର ଦ୍ୱାର ଖୋଲିଦେଇପାରେ। ଏହି ନୂତନ ପଦକ୍ଷେପକୁ ଏକ ଡିଜିଟାଲ ଉନ୍ନତି ନାମରେ ପ୍ରଚାର କରାଯାଉଥିଲେ ମଧ୍ୟ ଦେଶରେ ଇଣ୍ଟରନେଟ ଆଧାରିତ ସାଇବର ଅପରାଧ ବୃଦ୍ଧି ପାଉଥିବା ବେଳେ ଏହା ବ୍ୟକ୍ତିଗତ ତଥ୍ୟର ଗୋପନୀୟତା, ନିରୀକ୍ଷଣ ଓ ଦୁରୁପଯୋଗ ବିଷୟରେ ଚିନ୍ତା ବୃଦ୍ଧି କରିଛି।

ଭାରତର ସାଇବର ଅପରାଧ ସମନ୍ୱୟ କେନ୍ଦ୍ରର ତଥ୍ୟ ଅନୁସାରେ, ୨୦୨୩ ମସିହାରେ ଭାରତରେ ୧.୫୫ ଲକ୍ଷରୁ ଅଧିକ ସାଇବର ଅପରାଧ ଘଟିଛି, ଯାହା ୨୦୨୦ର ୫୦, ୦୩୫ ଘଟଣାଠାରୁ ବହୁଗୁଣା ବେଶି। ସେଥିମଧ୍ୟରୁ ଅନେକଟି ଅର୍ଥ ଠକେଇ, ଫିସିଂ, ପରିଚୟ ଚୋରି ଓ ସିମ୍ କ୍ଲୋନିଂ ସହିତ ସଂପୃକ୍ତ, ଯେଉଁଥିରେ ଆଧାର, ମୋବାଇଲ ନମ୍ବର, ବ୍ୟାଙ୍କ ଖାତା ଓ ସରକାରୀ ଯୋଜନା ସହିତ ଜଡ଼ିତ ବ୍ୟକ୍ତିଗତ ତଥ୍ୟ ଦୁରୁପଯୋଗ ମୁଖ୍ୟ ଭୂମିକା ନେଇଥିଲା। ଆଧାର, ପ୍ୟାନ୍, ଫୋନ୍ ଓ ଅର୍ଥ ବିବରଣୀକୁ ବାଧ୍ୟତାମୂଳକ ଭାବେ ଯୋଡ଼ିବା ଦ୍ୱାରା ପ୍ରତ୍ୟେକ ଭାରତୀୟ ଏବେ ଏକ ଡିଜିଟାଲ ତଥ୍ୟ କ୍ଷେତ୍ରରେ ପରିଣତ ହୋଇଥିବା ଯୋଗୁଁ ବ୍ୟକ୍ତିଗତ ପ୍ରଦତ୍ତ ତଥ୍ୟର ଦୁରୁପଯୋଗ ହେବାର ଆଶଙ୍କା ଯଥେଷ୍ଟ ବଢ଼ି ଯାଇଛି। ଏପରି ପରିବେଶରେ, ବ୍ୟକ୍ତିଙ୍କ ନିଜସ୍ୱ ଅବସ୍ଥାନକୁ ସଠିକ ଭାବରେ ଚିହ୍ନଟ କରି ଡିଜିପିନ୍ ଲୋକମାନଙ୍କୁ ଏକ ନୂଆ ସ୍ତରର ବିପଦ ଭିତରକୁ ଟାଣି ନେବାକୁ ଉଦ୍ୟମରତ ବୋଲି ଅଭିଯୋଗ ହେଉଛି।

ସାଇବର ସୁରକ୍ଷା ବିଶେଷଜ୍ଞମାନଙ୍କ ମତରେ ସାଧାରଣ ଠିକଣା ତୁଳନାରେ ଡିଜିପିନ ବ୍ୟକ୍ତିଗତ ଗୋପନୀୟତାକୁ ପ୍ରାୟ ଶୂନ୍ୟ କରିଦେଇଥାଏ। ଯଦି ଏହା ଭୋଟର ତାଲିକା, ସ୍ୱାସ୍ଥ୍ୟ କାର୍ଡ, ଟେଲିକମ୍ ତଥ୍ୟ ଓ ଆଧାର ଲିଙ୍କ କ୍ଷେତ୍ର ଭଳି ଅନ୍ୟ ତଥ୍ୟ ସହ ଯୋଡ଼ି ଦିଆଯାଏ, ତେବେ ଏହା ଏକ ବ୍ୟକ୍ତିକୁ ନିର୍ଦ୍ଦିଷ୍ଟ ଭାବେ ଖୋଜି ବାହାର କରିବାର ଏକ ମଜବୁତ ହତିଆର ହୋଇପାରେ। ଯେଉଁ ପ୍ରତିରକ୍ଷା ସ୍ତର ଦିନେ ନାଗରିକଙ୍କୁ ଟ୍ରାକିଂରୁ ବଞ୍ଚାଉଥିଲା, ବର୍ତ୍ତମାନ ସେହି ସୁରକ୍ଷା ଭାଙ୍ଗିଯିବ, ଯାହା ଫଳରେ କୃତ୍ରିମ ବୁଦ୍ଧିମତ୍ତା (ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ) ସହ ନିର୍ଦ୍ଦିଷ୍ଟ ସ୍ଥାନ ନିରୂପଣ (ଲୋକେସନ୍ ଟ୍ରେସିଂ) ପାଇଁ ଅତ୍ୟାଧୁନିକ ଡିଜିଟାଲ କୌଶଳ ଅବଲମ୍ବନ କରୁଥିବା ସାଇବର ଅପରାଧୀମାନେ ଡିଜିପିନକୁ ଏକ ଆପରାଧିକ ଅସ୍ତ୍ର ଭାବରେ ବ୍ୟବହାର କରିପାରିବେ। ଅଧିକନ୍ତୁ, ଡିଜିଟାଲ ବ୍ୟକ୍ତିଗତ ତଥ୍ୟ ସୁରକ୍ଷା ଆଇନ୍ ୨୦୨୩ର ଦୁର୍ବଳ ଓ ଅସ୍ପଷ୍ଟ ଧାରା ଏହି ସମସ୍ୟାକୁ ଆଉ ଗମ୍ଭୀର କରୁଛି।

ଏହି ପରିପ୍ରେକ୍ଷୀରେ ଆଉ ଏକ ଗଭୀର ଚିନ୍ତା ହେଉଛି ଡିଜିଟାଲ ବ୍ୟବସ୍ଥାର ବାଧ୍ୟବାଧକତାରୁ ସୃଷ୍ଟି ସାମାଜିକ ଅନିଚ୍ଛା। ବିଗତ ଦଶବର୍ଷ ଧରି ବିଶେଷତଃ ବୃଦ୍ଧ, ଗ୍ରାମୀଣ ଜନତା ଓ ଅର୍ଥନୈତିକ ଦୃଷ୍ଟିରୁ ଦୁର୍ବଳ ଶ୍ରେଣୀର ନାଗରିକମାନେ ନିରନ୍ତର ଡିଜିଟାଲ୍ ଉପକରଣ ବ୍ୟବହାର କରିବାକୁ ବାଧ୍ୟ ହେଉଛନ୍ତି। ଅଧିକାଂଶ ସମୟରେ ଆଧାର କାର୍ଡ ପ୍ରସ୍ତୁତିରେ ବିଳମ୍ବ, ବାୟୋମେଟ୍ରିକ୍ ଅମେଳ ଓ ପ୍ରକ୍ରିୟାଗତ ଉଦାସୀନତା ଦେଖିବାକୁ ମିଳିଛି। ପାନ୍ ସହ ଆଧାର ସଂଯୋଗକୁ ବାଧ୍ୟତାମୂଳକ କରି ଅନେକବାର ଜମାକାରୀଙ୍କ ଖାତାକୁ ବନ୍ଦ କରିଦେବାର ଭୟ ଦେଖାଯାଉଛି। 'ଆୟୁଷ୍ମାନ୍ ଭାରତ ଯୋଜନା'ର ଲାଭ ନେବା ପାଇଁ ବର୍ତ୍ତମାନ ଅନଲାଇନ୍ ପୋର୍ଟାଲ୍, ଓଟିପି ଓ ଜିଓ-ଭେରିଫିକେସନ୍ ଜରୁରୀ, ଯାହା ମିଳିନଥିବା ଲକ୍ଷ-ଲକ୍ଷ ଲୋକଙ୍କ ପାଇଁ ଏକ ଅସମ୍ଭବ ଆହ୍ୱାନ। ଭାରତ ସରକାରଙ୍କ ରେଳ ମନ୍ତ୍ରାଳୟ ତରଫରୁ ଜାରି ସଦ୍ୟତମ ସୂଚନା ଅନୁଯାୟୀ ଜୁଲାଇ ମାସରୁ ତତ୍କାଳ ରେଳ ଟିକେଟର ବୁକିଂ ପାଇଁ ଆଧାର କାର୍ଡ ତଥା ସେଥିରେ ସଂଯୋଜିତ ଟେଲିଫୋନ ନମ୍ବରର ଓଟିପି ବାଧ୍ୟତାମୂଳକ ହେବ। ଯଦି ଡିଜିପିନ୍ ଭବିଷ୍ୟତରେ ଆଧାର ଓ ପ୍ୟାନ ଭଳି ବ୍ୟାଙ୍କିଂ, ଜମିଜମା ପଞ୍ଜୀକରଣ, ବିଦ୍ୟୁତ୍ ସେବା, ରେଳ ଟିକେଟ ବୁକିଂ କିମ୍ବା ସରକାରୀ ଯୋଜନା ଦେବାରେ ଆବଶ୍ୟକ କରାଯିବ, ତେବେ ଏହା ଲୋକଙ୍କ ପାଇଁ ଅଧିକ ବିପଦ ଓ ଅନେକ ଜଟିଳ ସମସ୍ୟା ସୃଷ୍ଟି କରିବ। ଯେଉଁ ବ୍ୟବସ୍ଥାକୁ ଲୋକଙ୍କର ସୁବିଧା ପାଇଁ ପ୍ରସ୍ତୁତ କରାଯାଉଛି, ତାହା ଶେଷରେ ଏକ ଅନିଚ୍ଛାକୃତ ଆବଶ୍ୟକତା ହୋଇ କେବଳ ଏକ ପ୍ରଶାସନିକ ବୋଝ ହିସାବରେ ଜନସାଧାରଣଙ୍କ ପାଇଁ ଦୁର୍ବିସହ ହୋଇପଡ଼ିବ।

ପ୍ରକୃତ ବିପଦ କେବଳ ଡିଜିପିନ୍ କ'ଣ କରିବ ସେଥିରେ ନାହିଁ, ବରଂ ଏହା ଯାହା ସୂଚିତ କରେ ସେଥିରେ ଅଛି। ଆଇନଗତ ସୁରକ୍ଷା ଓ ସ୍ୱଚ୍ଛତା ନଥାଇ ନାଗରିକଙ୍କ ବିନା ପରାମର୍ଶରେ ସେମାନଙ୍କର ବ୍ୟକ୍ତିଗତ ତଥ୍ୟକୁ ନେଇ ସରକାରଙ୍କର ଏହା ଏକ କ୍ରମବର୍ଦ୍ଧିଷ୍ଣୁ ସମ୍ବେଦନଶୀଳ ଡିଜିଟାଲ ହସ୍ତକ୍ଷେପ। ନିହାତି ଭାବରେ ଏହା ଏକ ଏକତରଫା ଶୀର୍ଷସ୍ତରୀୟ ନୀତି ନିର୍ମାଣ ପ୍ରଣାଳୀକୁ ପ୍ରତିବିମ୍ବିତ କରେ, ଯାହା ଗ୍ରାମାଞ୍ଚଳରେ ରହୁଥିବା ଅଶିକ୍ଷିତ, ଗରିବ ତଥା ଡିଜିଟାଲ ଉପକରଣର ବ୍ୟବହାର ଜାଣି ନଥିବା ଜନସାଧାରଣଙ୍କୁ କିଭଳି ପ୍ରଭାବିତ କରିବ ବୁଝିବା ପୂର୍ବରୁ ସେମାନଙ୍କ ଉପରେ ଜୋରଜବରଦସ୍ତି ଲଦି ଦିଆଯାଉଛି। ଅନେକ ନାଗରିକଙ୍କ ପାଇଁ, ବିଶେଷକରି ଯେଉଁମାନେ ଆଧାର ନିବନ୍ଧନ ବିଳମ୍ବ, ବ୍ୟାଙ୍କ ସଂଯୋଜନ ବା ଡିଜିଟାଲ୍ ସୁଦୃଢ଼ୀକରଣର ବିଫଳତା ଦ୍ୱାରା ପୂର୍ବରୁ ହତାଶ ହୋଇଛନ୍ତି, ସେମାନଙ୍କ ପାଇଁ ଡିଜିପିନ୍ ଏକ ସଶକ୍ତୀକରଣର ଉପକରଣ ନୁହେଁ। ଆଶୀର୍ବାଦ ନୁହେଁ, ବରଂ ଏହା ଗୋଟିଏ ସମ୍ଭାବ୍ୟ ଆପଦ, ଏକ ଅତ୍ୟଧିକ ହସ୍ତକ୍ଷେପକାରୀ ଡିଜିଟାଲ୍ ଫାଶ।

ଏଠି ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ବର୍ତ୍ତମାନର ପିନ୍‌କୋଡ୍ ପ୍ରଣାଳୀ ଦ୍ୱାରା ଭାରତୀୟ ଡାକ ବିଭାଗ ଡାକ ପ୍ରେରଣ ଓ ବଣ୍ଟନ, ସ୍ଥାନ ପରିଚୟ ଓ ପ୍ରଶାସନିକ ବିଭାଜନ ପାଇଁ ପର୍ଯ୍ୟାପ୍ତ ଭାବେ ସୁରୁଖୁରୁରେ କାମ କରୁଥିବା ବେଳେ ଭାରତକୁ ଏକ ଅସୁରକ୍ଷିତ ଡିଜିପିନ୍ ବ୍ୟବସ୍ଥାର ଆବଶ୍ୟକତା ଅଛି କି? ଜର୍ମାନୀ, ଫ୍ରାନ୍ସ ଓ ଜାପାନ ଭଳି ବିକାଶଶୀଳ ଦେଶଗୁଡ଼ିକର ଡାକ ବିଭାଗ ଅତ୍ୟଧିକ ସୂକ୍ଷ୍ମ ଜିଓକୋଡିଂ ଯୋଗ କରି ନୁହେଁ, ବରଂ ତାଙ୍କର ପ୍ରଚଳିତ କୋଡ୍ ବ୍ୟବସ୍ଥା ମଧ୍ୟରେ ଜନସାଧାରଣଙ୍କୁ ସୁରକ୍ଷିତ ଡାକସେବା ପ୍ରଦାନ କରୁଛନ୍ତି। ଭାରତୀୟ ଡାକ, ଯାହା ୧.୬୫ ଲକ୍ଷରୁ ଅଧିକ ଡାକଘର ସହିତ ବିଶ୍ୱର ସବୁଠୁ ବଡ଼ ଡାକ ବ୍ୟବସ୍ଥା, ତା'ର ଅନେକ ନିଜସ୍ୱ ସମସ୍ୟା ସମାଧାନ ଅପେକ୍ଷାରେ ଅଟକି ରହିଛି। ଏଭଳି ପରୀକ୍ଷାନିରୀକ୍ଷାରୁ ବିରତ ରହି ସାମ୍ପ୍ରତିକ ତଥା ମୌଳିକ ସମସ୍ୟାଗୁଡ଼ିକର ଆଶୁ ସମାଧାନ ପାଇଁ ଡାକ ବିଭାଗକୁ ପ୍ରାଥମିକତା ଦେବାର ଆବଶ୍ୟକତା ରହିଛି। ଚିଠି ପ୍ରେରଣରେ ବିଳମ୍ବ, ଡାକଘରଗୁଡ଼ିକରେ ବିଶେଷକରି ଗ୍ରାମାଞ୍ଚଳରେ ଉତ୍ତମ ନେଟୱାର୍କ ଓ ଡିଜିଟାଲ୍ ଢାଞ୍ଚାର ଅଭାବ, ଗ୍ରାହକ ଅଭିଯୋଗ ଶୁଣାଣିରେ ଅବ୍ୟବସ୍ଥା ଭଳି ସମସ୍ୟାଗୁଡ଼ିକର ସମାଧାନ ଦିଗରେ ତୁରନ୍ତ ଧ୍ୟାନ ଦେଇ କର୍ମଚାରୀଙ୍କୁ ସଠିକ୍ ପ୍ରଶିକ୍ଷଣ ଦେବା, ବିତରଣ ବ୍ୟବସ୍ଥାରେ ଉନ୍ନତି ଆଣିବା, ଗ୍ରାମୀଣ ବ୍ୟାଙ୍କିଂକୁ ବିସ୍ତାର କରି ଡାକଘର ଠକେଇକୁ ରୋକିବା, ଭଡ଼ା ଓ ଭଙ୍ଗା ଦଦରା ଘରେ ତଥା ଅସ୍ୱାସ୍ଥ୍ୟକର ପରିବେଶ ଭିତରେ ଚାଲୁଥିବା ଡାକଘରଗୁଡ଼ିକର ଉନ୍ନତିକରଣ ପାଇଁ ଉଚିତ୍ ପଦକ୍ଷେପ ନେଲେ ନାଗରିକମାନେ ଅଧିକ ଭଲ ସେବା ପାଇପାରିବେ। ଏକ ଅବାଞ୍ଛିତ ଡିଜିଟାଲ୍ ଯୋଜନା ଆଣିବା ପରିବର୍ତ୍ତେ ଏପରି ପଦକ୍ଷେପ ଲୋକମାନଙ୍କର ଭରସାକୁ ମଜଭୁତ କରିପାରିବ ଏବଂ ଏହି ପ୍ରତିଷ୍ଠାନର ଐତିହ୍ୟକୁ ପୁନର୍ଜୀବନ ଦେଇପାରିବ।

ଭାରତ ଏକ ସଙ୍କଟମୟ ସ୍ଥିତିରେ ଅଛି, ଯେଉଁଠାରେ ପ୍ରଯୁକ୍ତିଗତ ନବୋନ୍ମେଷ ଓ ନୈତିକ ଶାସନ ହାତକୁ ହାତ ମିଳେଇ ଚାଲିବା ଦରକାର। ସମସ୍ତ ଡିଜିଟାଲ୍ ନବୋନ୍ମେଷ ପ୍ରଗତି ନୁହେଁ। କେବେ କେବେ ସଂଯମ ଓ ସାବଧାନତା ହିଁ ସଠିକ୍ ପଥ ବୋଲି ବିଚାର କରାଯାଏ। ସାମ୍ପ୍ରତିକ ସମୟରେ ଡିଜିପିନ୍ ଭରସାଯୋଗ୍ୟ ନହୋଇ ଏକ ଗମ୍ଭୀର ସଙ୍କଟ ସୃଷ୍ଟି କରିବାର ଆଗୁଆ ସୂଚନା ପ୍ରଦାନ କରୁଛି। ଯଦି ଶାସନର ଲକ୍ଷ୍ୟ ସୁରକ୍ଷା ଓ ସଶକ୍ତୀକରଣ, ତେବେ ଏହି ଡିଜିଟାଲ୍ ପ୍ରଣାଳୀର ପୁନର୍ବିଚାର ହେବା ଉଚିତ୍।

ଭୁବନେଶ୍ୱର, ମୋ: ୯୪୩୭୦୨୨୬୬୯

# ଧର୍ମ ବ୍ୟକ୍ତିଗତ ବ୍ୟାପାର ହେଉ

**ନିରାକାର ଦାସ**

ଦିନ ଥିଲା ମାନବ ସମାଜର ଏକ ଅବଲମ୍ବନ ଥିଲା ଧର୍ମ। ସମାଜ କଲ୍ୟାଣ ପାଇଁ ଓ ମାନବ ଜାତିର ଜୀବନଚର୍ଯ୍ୟାରେ ଶୃଙ୍ଖଳା ଓ ବ୍ୟବସ୍ଥିତତା ଆଣିବା ପାଇଁ ସୃଷ୍ଟି ହୋଇଥିଲା ଧର୍ମ। ଆମ ମୁନି, ଋଷି, ମହର୍ଷି, ସନ୍ୟାସୀମାନେ ଏକ ଶୃଙ୍ଖଳିତ ଓ ଉନ୍ନତ ସମାଜ ବ୍ୟବସ୍ଥା ଗଠନ ନିମନ୍ତେ ନୀତି, ନିୟମ ଓ ଅନୁଶାସନ ସୃଷ୍ଟି କରୁଥିଲେ। ସଭ୍ୟତା ଓ ମାନବ ସଂସ୍କୃତି ଆଗକୁ ବଢ଼ିବା ସହ ସୃଷ୍ଟ ବହୁ ନୀତି, ନିୟମ ପୁରୁଣା ବା ଅକାମୀ ହୋଇଗଲେ ଆମେ ପୁନଶ୍ଚ ସେହି ରଢ଼ିବାଦୀ ପରମ୍ପରାକୁ ଭାଙ୍ଗି ନୂତନ ନୀତି, ନିୟମ ଓ ସଂସ୍କାର ଯୋଡୁ ଏବଂ ଏହି ଯୋଡ଼ିଥିବା ଅସାଧାରଣ ମଣିଷ ଦିନେ ମହାମାନବରେ ପରିଣତ ହୁଅନ୍ତି। ସମୟକ୍ରମେ ବହୁ ଧର୍ମାଚରଣ ପରମ୍ପରାରେ ପରିଣତ ହୋଇଯାଏ ଏବଂ ଏହା ମାନବ ସମାଜକୁ କଷ୍ଟଦିଏ, ଯାହାର ପରିବର୍ତ୍ତନ ପାଇଁ ସ୍ୱର ଉଠେ ଏବଂ ତାହାର ପୁନଃ ପରିବର୍ତ୍ତନ ହୁଏ। ଏହି ପରିବବର୍ତ୍ତନ ହେଉଛି ବୈଜ୍ଞାନିକ ସତ୍ୟ।

ଧର୍ମ ବା ଆଧ୍ୟାତ୍ମିକ ଚେତନା ଉତ୍‌ଥାନ ଓ ପତନ ଦେଇ ଆଗକୁ ଆଗକୁ ବଢ଼ିଛି। ଆଧ୍ୟାତ୍ମିକ ଗୁରୁମାନେ ଧର୍ମାନ୍ଧତାରୁ ମାନବ ସମାଜକୁ ମୁକ୍ତି ପାଇଁ ବହୁ ସଂସ୍କାର ଆଣିଛନ୍ତି। ଆଧ୍ୟାତ୍ମିକତାର ଉତ୍ତରଣ ବହୁ ଘାତ-ସଂଘାତ ମଧ୍ୟ ଦେଇ କ୍ରମାନ୍ୱୟରେ ଆସିଛି। କିନ୍ତୁ ଏବେ ଆମେ ଏମିତି ଏକ ଆଧ୍ୟାତ୍ମିକ, ଧର୍ମୀୟ ଓ ସାଂସ୍କୃତିକ ସଙ୍କଟରେ ଉପନୀତ ହୋଇଯାଇଛୁ, ଯେଉଁଠି ଧର୍ମର ଉପସ୍ଥିତି ହିଁ ମାନବଜାତି ପାଇଁ ଅସହ୍ୟ ଅନୁଭବ ହେଉଛି। ଧର୍ମୀୟ ମୂଲ୍ୟବୋଧ ପରିବର୍ତ୍ତେ ଧର୍ମାନ୍ଧତା ବିଶାଳ ରୂପ ଧାରଣ କରି ବିଶ୍ୱମାନବ ପ୍ରଜାତିକୁ ଧ୍ୱଂସ ଆଡ଼କୁ ଟାଣି ନେଉଛି। ସେଥିପାଇଁ କୁହାଯାଇଛି - 'ଧର୍ମ ଯୋ ବାଧତେ ଧର୍ମଃ, ନ ସ ଧର୍ମଃ, କୁଧର୍ମ ତତ୍, ଅବିରୋଧୀ ତୁ ଯୋ ଧର୍ମଃ, ସ ଧର୍ମଃ ସତ୍ୟବିକ୍ରମଃ(ଯେଉଁ ଧର୍ମ ଅନ୍ୟ ଧର୍ମକୁ ବାଧା ଦିଏ, ସେ ଧର୍ମ ନୁହେଁ, ତାହାକୁ କୁଧର୍ମ ବୋଲାଯାଏ। ନିର୍ବିବାଦୀୟ ଧର୍ମ ହିଁ ପ୍ରକୃତ ସତ୍ୟନିଷ୍ଠ ଧର୍ମ)।' ଆଜି ସାରା ବିଶ୍ୱରେ ଯେତେ ଯୁଦ୍ଧ ହେଉଛି ବା ହୋଇଛି ସେଥିରୁ ଅଧିକାଂଶ ଧର୍ମ ଏବଂ ଧର୍ମ ମଧ୍ୟରେ ହିଂସା, ପ୍ରତିହିଂସା ଉପରେ ପର୍ଯ୍ୟବସିତ। ଆମ ଦେଶରେ 'ସର୍ବ ଧର୍ମ ସମନ୍ୱୟ' ନିମନ୍ତେ ଯେତେ ଚେଷ୍ଟାକଲେ ବି ଧର୍ମାନ୍ଧମାନଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏହି ଧର୍ମାନ୍ଧତାକୁ ରାଜନେତାମାନେ ଖୁବ୍ ସନ୍ତର୍ପଣରେ ଓ ପ୍ରାୟୋଜିତ ଭାବେ ଉତ୍ସାହିତ କରୁଛନ୍ତି କ୍ଷମତା ଦଖଲ ପାଇଁ, ଯାହା ସର୍ବାଦୌ ଅନୁଚିତ୍। ଏଠାରେ ସଆଦତ୍ ହସନ ମଂଟୋଙ୍କ ଉକ୍ତିକୁ ଉଲ୍ଲେଖ କରାଯାଇପାରେ - 'ଧର୍ମ ଯେତେବେଳେ ହୃଦୟରୁ ବାହାରି ମୁଣ୍ଡକୁ ଚଢ଼ିଯାଏ, ସେତେବେଳେ ତାହା ବିଷ ପାଲଟିଯାଏ।'

୧୯୩୯ ରେ ମୁମ୍ବାଇରେ ଫରୱାର୍ଡ ବ୍ଲକ ସମ୍ମିଳନୀରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ କହିଥିଲେ- 'ଧର୍ମକୁ ରାଜନୀତିଠାରୁ ସମ୍ପୂର୍ଣ୍ଣ ଭାବେ ଦୂରରେ ରଖାଯିବା ଉଚିତ୍। ଧର୍ମ ଜଣେ ବ୍ୟକ୍ତିର ବ୍ୟକ୍ତିଗତ ବିଷୟ ହେବା ଉଚିତ୍। ଜଣେ ମଣିଷ ହିସାବରେ ସେ ଚାହୁଁଥିବା ଯେକୌଣସି ଧର୍ମକୁ ମାନିବାର ସମ୍ପୂର୍ଣ୍ଣ ସ୍ୱାଧୀନତା ଜଣେ ବ୍ୟକ୍ତିର ରହିବା ଉଚିତ୍। ମାତ୍ର ରାଜନୀତି ଧର୍ମ କିମ୍ବା ଅନ୍ୟ କୌଣସି ଅତିପ୍ରାକୃତିକ ଧାରଣା ଦ୍ୱାରା ପରିଚାଳିତ ହେବା ଉଚିତ୍ ନୁହେଁ।' ଦେଶ ସ୍ୱାଧୀନ ହେବାର ୪୮ ବର୍ଷ ପରେ ସମ୍ବିଧାନର ୪୨ ତମ ସଂଶୋଧନରେ ଧର୍ମନିରପେକ୍ଷ ଶବ୍ଦକୁ ସମ୍ବିଧାନର ପ୍ରସ୍ତାବନାରେ ଯୋଡ଼ାଗଲା। ଏହି ୪୮ ବର୍ଷ ଭିତରେ ଧର୍ମାନ୍ତରୀକରଣ ବଢ଼ିଚାଲିଲା। ଦେଶ ସ୍ୱାଧୀନ ହେବା ପୂର୍ବରୁ ମଧ ଧର୍ମାନ୍ତରୀକରଣ ବହୁ ପରିମାଣରେ ଚାଲିଥିଲା। ଆମ ଦେଶରେ ଅଶିକ୍ଷା, ଅଜ୍ଞାନତା ଓ ଦାରିଦ୍ର୍ୟତାର ସୁଯୋଗ ନେଇ ଶିକ୍ଷାର ପ୍ରସାର କରିବାକୁ ଯାଇ ମିଶନାରୀମାନେ ବହୁଳଭାବେ ଧର୍ମାନ୍ତରୀକରଣ କରାଇଲେ, ଯାହାର ଉଲ୍ଲେଖ ୧୯୫୪ ମସିହା ଏପ୍ରିଲ ୧୬ ତାରିଖରେ ମଧ୍ୟପ୍ରଦେଶ ସରକାର ବସେଇଥିବା ନିୟୋଗୀ କମିଟି (ନାଗପୁର ଉଚ୍ଚନ୍ୟାୟାଳୟର ଅବସରପ୍ରାପ୍ତ ମୁଖ୍ୟ ବିଚାରପତି ଡଃ ଭବାନୀ ଶଙ୍କର ନିୟୋଗୀ ଥିଲେ ଏହି କମିଟିର ଅଧ୍ୟକ୍ଷ) ରିପୋର୍ଟରେ ପୁଙ୍ଖାନୁପୁଙ୍ଖ ଉଲ୍ଲେଖ ରହିଛି। ଧର୍ମର ତ୍ରୁଟିପୂର୍ଣ୍ଣ ବାଖ୍ୟା, ରାଜନୀତି, ଶିକ୍ଷାନୁଷ୍ଠାନ ଓ ପ୍ରଶାସନରେ ଧର୍ମର ଅନୁପ୍ରବେଶ ହିଁ ଆଜି ଭାରତବର୍ଷ ପରି ଏକ ପବିତ୍ର, ଶାନ୍ତ, ସ୍ନିଗ୍ଧ ଓ ମାନବିକ ମୂଲ୍ୟବୋଧର ରୂପକାର ଦେଶ ଧର୍ମାନ୍ଧତାର କାଠଗଡ଼ାରେ ଠିଆ ହୋଇଛି।

୧୯୬୭/୬୮ ମସିହାରେ ଓଡ଼ିଶା ଓ ମଧ୍ୟପ୍ରଦେଶ ସରକାର ଦେଶରେ ପ୍ରଥମ ଥର ପାଇଁ 'ଫ୍ରିଡମ୍ ଅଫ୍ ରିଲିଜିଅନ୍ ଆକ୍ଟ' ପ୍ରଣୟନ କରିଥିଲେ, ଯେଉଁଥିରେ ବାଧ୍ୟବାଧକତା, ଡଞ୍ଚକତା କିମ୍ବା ଲୋଭ ଦେଖାଇ ଧର୍ମାନ୍ତରୀକରଣ କରିବା ଏକ ଅପରାଧ ବୋଲି ଅଭିହିତ କରାଗଲା। ଏହି ଆଇନ୍ ଦ୍ୱାରା ଧର୍ମାନ୍ତରୀକରଣ ବନ୍ଦ ହୋଇପାରିଥା'ନ୍ତା। କିନ୍ତୁ ତାହା ନାଲିଫିତା ଫାଇଲ୍ ତଳେ ରହିଯିବାରୁ ପରିଣାମ ଆଜି ଆମକୁ ଭୋଗିବାକୁ ପଡ଼ୁଛି। ବହୁ ପ୍ରଗତିଶୀଳ ଓ ଉନ୍ନତ ରାଷ୍ଟ୍ରଗୁଡ଼ିକରେ ଧର୍ମକୁ ରାଷ୍ଟ୍ରଠାରୁ ଅଲଗା ରଖାଯାଇଛି। କିନ୍ତୁ ଆମେ ଧର୍ମୀୟ କାର୍ଯ୍ୟକଳାପ, ଧର୍ମର ପ୍ରଚାର, ପ୍ରସାର ନିମନ୍ତେ ସବୁ ଧର୍ମକୁ ପ୍ରୋତ୍ସାହନ ଦେଇଚାଲିଛୁ। ଯାହାଦ୍ୱାରା ସବୁ ଧର୍ମ ଓ ସମ୍ପ୍ରଦାୟ ନିଜ ନିଜର ସାମାଜିକ ପ୍ରତିପତ୍ତି ବଢ଼େଇବାକୁ ଉଦ୍ୟମରତ। କିଏ ପାରମ୍ପାରିକ ତ କିଏ ରଢ଼ିବାଦୀ ତ କିଏ ଉଦାରବାଦୀ। ଯାହା ଫଳରେ ଧର୍ମ ଓ ସମ୍ପ୍ରଦାୟିକ ଉତ୍ତେଜନା ବଢୁଛି।

ଏହି ସଙ୍କଟରୁ ବଞ୍ଚିବା ଓ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ନିମନ୍ତେ ଧର୍ମ ମଣିଷର ବ୍ୟକ୍ତିଗତ ବ୍ୟାପାର ହେଉ। ନିଜ ନିଜ ଧର୍ମ ଓ ଆଚରଣ ନିଜର ଘର, ପରିସର ଏବଂ ଧର୍ମାନୁଷ୍ଠାନ ପରିସର ମଧ୍ୟରେ ସୀମିତ ରହିବା ଜରୁରୀ। ଶିକ୍ଷାନୁଷ୍ଠାନ, ରାଜନୈତିକ କାର୍ଯ୍ୟକଳାପ, ପ୍ରଶାସନ, ବିଧି ଓ ବୈଧାନିକ ବ୍ୟବସ୍ଥା ମଧ୍ୟରେ ଧର୍ମ ଓ ସମ୍ପ୍ରଦାୟର ପ୍ରବେଶ ସମ୍ପୂର୍ଣ୍ଣ ନିଷେଧ ହେଉ। ଡାକବାଜି ଯନ୍ତ୍ରର ବ୍ୟବହାର ସୀମିତ ପରିସରରେ ବ୍ୟବହୃତ ହେବା ସହ ଧର୍ମୀୟ ଶୋଭାଯାତ୍ରା ଓ ଧର୍ମୀୟ ସମାବେଶ ଇତ୍ୟାଦିକୁ ରାଷ୍ଟ୍ର ନିରୁତ୍ସାହିତ କରିବା ବିଧେୟ। ବିଶେଷ କରି ଶିକ୍ଷା କ୍ଷେତ୍ରରୁ ଧର୍ମ ଓ ଧର୍ମୀୟ ଚିନ୍ତା ଚେତନାକୁ ସମ୍ପୂର୍ଣ୍ଣ ମୁକ୍ତ ରଖାଯାଇ ପାରିଲେ ଏକ ସୁସ୍ଥ ସମାଜ ଗଠନ ହେବ।

ଭୁବନେଶ୍ୱର, ମୋ: ୯୪୩୭୦୧୩୧୩୯

# ଆମ ବୃକ୍ଷଲତା ଆମ ଜୀବନ

**ପ୍ରକୃତି-ପରିବେଶ**

## ବିଛୁଆତି

**ସୌଭାଗ୍ୟସୁନ୍ଦର**

ବିଛୁଆତି ଭାରତର ପୂର୍ବଘାଟ ପର୍ବତମାଳାରେ ଏବଂ ଶ୍ରୀଲଙ୍କା, ଚୀନ୍, ମିଆଁମାର ଆଦି ପଡ଼ୋଶୀ ଦେଶଗୁଡ଼ିକରେ ପ୍ରାକୃତିକ ଭାବରେ ଦେଖାଯାଏ। ଏହା ଉଷ୍ଣମଣ୍ଡଳୀୟ ଏବଂ ଉପ ଉଷ୍ଣ ମଣ୍ଡଳୀୟ ଅଞ୍ଚଳରେ ଭଲ ବଢ଼େ ଏବଂ ନିକଟବର୍ତ୍ତୀ ବୃକ୍ଷଲତା ଉପରେ ମାଡ଼ିଥାଏ। ଏହା ଏକ ଜ୍ୱଳନ ଉଦ୍ଭିଦ ଭାବରେ ଲୋକପ୍ରିୟ। ଏହା ମଧ୍ୟ ବହୁବର୍ଷୀୟ ଦୁର୍ବଳ କାଣ୍ଡ ବିଶିଷ୍ଟ ଉଦ୍ଭିଦ, ଯାହାର ସାରା ଶରୀରରେ କେଶ ରହିଥାଏ। ଏହାକୁ ଇଂରାଜୀରେ ଇଣ୍ଡିଆନ୍ ଷ୍ଟିଙ୍ଗିଂ ନେଟଲ୍ କିମ୍ବା କ୍ଲାଇମ୍ବିଂ ନେଟଲ୍ କୁହାଯାଏ। କାରଣ ଏହାର ସଂସ୍ପର୍ଶରେ ଆସିଲେ ଚର୍ମରେ ଜଳା ପୋଡ଼ା ଓ କୁଣ୍ଡାଇ ହୁଏ। ଏହାର ପତ୍ରଗୁଡ଼ିକ ୬-୧୦ ସେମି ଲମ୍ବା, ୩-୫ ସେମି ଓସାରିଆ, ସରଳ, ଦନ୍ତୁରିତ ଧାର, ଡିମ୍ବାକାର। ଫୁଲଗୁଡ଼ିକ ପୁଷ୍ପୋଦ୍ଗମରେ ଡାଳର ଅଗ୍ର ଭାଗରେ ସଜ୍ଜିତ ଥାଏ। ସେଗୁଡ଼ିକ ଆକାରରେ ବହୁତ ଛୋଟ, ମୋନୋସିୟସ୍ ବା ଲିଙ୍ଗ ଭେଦରେ ପୃଥକ୍। ବିହନଗୁଡ଼ିକ ଗୋଲାକାର, ଧୂସର ମାଟିଆ, ମସୃଣ ଓ ହାଲୁକା ରଙ୍ଗର। ଫୁଲ ଫୁଟିବାର ସମୟ ହେଉଛି ଫେବୃଆରୀ, ମାର୍ଚ୍ଚ, ଜୁନ୍। ଫଳ ବର୍ଷସାରା ହୋଇଥାଏ।

ବିଛୁଆତିକୁ ଆୟୁର୍ବେଦ ଓ ଆଧୁନିକ ଏଲପାଥିକ ଔଷଧ ପ୍ରୟୋଗରେ ବହୁଳ ଭାବରେ ବ୍ୟବହାର କରାଯାଏ। ଓଡ଼ିଶାର ଆଦିବାସୀ ଲୋକମାନେ ଏହାର ମୂଳ ଓ ପତ୍ରକୁ ଶୁଖିଲା କାଶ ପାଇଁ ବ୍ୟବହାର କରନ୍ତି। ତାମିଲନାଡୁର କରନ୍ଧମାଳାଇର ଲୋକମାନେ କୋଷ୍ଠକାଠିନ୍ୟ ଦୂର କରିବା ପାଇଁ ଏହାର ମୂଳକୁ ବ୍ୟବହାର କରନ୍ତି। ପଶ୍ଚିମବଙ୍ଗରେ ବିଛା ଦଂଶନର ଚିକିତ୍ସା ପାଇଁ ମୂଳରୁ ତିଆରି ପେଷ୍ଟ ବ୍ୟବହାର କରାଯାଏ। କେଶ ଝଡ଼ିବା ରୋକିବା ପାଇଁ ଏହାର ମଞ୍ଜିରୁ ତିଆରି ପେଷ୍ଟ ମୁଣ୍ଡରେ ଲଗାଯାଇପାରେ। ଏହି ପେଷ୍ଟକୁ ଆଲୋପେସିଆ ଚିକିତ୍ସାରେ ମଧ୍ୟ ବ୍ୟବହାର କରାଯାଏ। ଉତ୍ତର-ପୂର୍ବ ଭାରତ ଏବଂ ଦକ୍ଷିଣ-ଏସୀୟ ଦେଶଗୁଡ଼ିକର ଲୋକମାନେ ଶତାବ୍ଦୀ ଧରି ମଧୁମେହ ଚିକିତ୍ସା ପାଇଁ ବିଛୁଆତିକୁ ବ୍ୟବହାର କରନ୍ତି। ଏହାକୁ ସ୍ତନ ଟ୍ୟୁମର ଚିକିତ୍ସା ପାଇଁ ମଧ୍ୟ ବ୍ୟବହାର କରାଯାଏ।

ଆୟୁର୍ବେଦର ତିନୋଟି ପ୍ରମୁଖ ଗ୍ରନ୍ଥ ଚରକ ସଂହିତା, ସୁଶ୍ରୁତ ସଂହିତା ଓ ଭାଗବତ୍ ସଂହିତାରେ ଏହା ବୃଷ୍ଚକାଳି ଭାବରେ ଉଲ୍ଲେଖିତ। ଚରକ ସଂହିତାରେ ଏହା ଅପସ୍ମାର ଚିକିତ୍ସା, ଶୁଶ୍ରୁତ ସଂହିତାରେ ଜ୍ୱର ଚିକିତ୍ସା ଏବଂ ଭାଗବତ୍/ଅଷ୍ଟାଙ୍ଗହୃଦ ସଂହିତାରେ ବିଦାର୍ଯ୍ୟାଦି ଗୃହର ଏକ ଉପାଦାନ ଭାବରେ ଉଲ୍ଲେଖ କରାଯାଇଛି, ଯାହା ଶ୍ୱାସକ୍ରିୟାର ଲକ୍ଷଣର ବିକାର ଉପଶମରେ ବ୍ୟବହୃତ ହୁଏ। ଏଥିରେ ଆଣ୍ଟିବ୍ୟାକ୍ଟେରିଆଲ୍/ଆଣ୍ଟିମାଇକ୍ରୋବାୟଲ୍, ଡାଇବେଟିକ୍/ହାଇପୋଗ୍ଲାଇସେମିକ୍, ଆଣ୍ଟିଅକ୍ସିଡାଣ୍ଟ ଏବଂ ପ୍ରଦାହ-ପ୍ରତିରୋଧୀ, ଆଣ୍ଟିଫଙ୍ଗାଲ୍ ଭଳି ଅନେକ ଜୈବିକ କାର୍ଯ୍ୟକଳାପ ଅଛି। ଏହା ଫାଇଟୋକେମିକାଲ୍ସରେ ସମନ୍ୱିତ। ଏହା ମଧ୍ୟ ଆଲଜାଇମର ରୋଗ (ସ୍ମରଣ ଶକ୍ତି ହ୍ରାସ), କୋଏଡ୍-୧୯, ଆଣ୍ଟି-ଇନ୍‌ଫ୍ଲାମେଟୋରୀ, ଆଣ୍ଟିଅକ୍ସିଡାଣ୍ଟ, ଆଣ୍ଟିପାରାସାଇଟିକ୍, ଡାଇୟୁରେଟିକ୍, ଆଣ୍ଟି ଟ୍ୟୁମର, ହେପାଟୋପ୍ରୋଟେକ୍ଟିଭ୍ ପାଇଁ ବ୍ୟବହୃତ ହୁଏ। ବିଛୁଆତିରେ ପ୍ରଚୁର ପରିମାଣରେ ଆଲକାଲଏଡ୍, ଫେନୋଲ୍ସ, ଟେର୍ପେନୋଏଡ୍ସ, ଟାନିନ୍ ଫ୍ଲାଭୋନୋଏଡ୍ସ, ଷ୍ଟେରୋଲ୍ସ, ସାପୋନିନ୍ସ, ଗ୍ଲାଇକୋସାଇଡ୍ସ ଓ କ୍ୟାରିଓଫାଇଲିନ୍, ଇଥିଲିନ୍ ଗ୍ଲାଇକଲ୍ ମୋନୋ-ଟେର୍ଟ-ବ୍ୟୁଟାଇଲ୍ ଇଥର ଓ ଜେରାନିଲ୍ ଆସିଟୋନ୍ ଭଳି ଅତ୍ୟାବଶ୍ୟକ ତେଲ ରହିଛି। ଏଥିରେ ଥିବା କ୍ୟାଲସିୟମ୍ ଅକ୍ସାଲେଟ୍ ଓ ସେଲସୋଲ୍ ଜଳା ପୋଡା, କୁଣ୍ଡେଇ ହେବା ଭଳି ଦଂଶନକାରୀ ଗୁଣ ପାଇଁ ଦାୟୀ। ଏହା ହେଉଛି ନିଜର ପ୍ରାକୃତିକ ପ୍ରତିରକ୍ଷା ବ୍ୟବସ୍ଥା।

ଯେହେତୁ ଏହି ଗଛ ଏକ ଅନାବନା ଉଦ୍ଭିଦ, ଏହାର ଔଷଧୀୟ ମୂଲ୍ୟ ବିଷୟରେ ଜ୍ଞାନର ଅଭାବ ଯୋଗୁଁ ଏହାକୁ ବ୍ୟାପକ ଭାବରେ ନଷ୍ଟ କରିଦିଆଯାଉଛି ଅଜାଣତରେ। ତେଣୁ ଏହାର ରକ୍ଷଣାବେକ୍ଷଣ ପାଇଁ ଆବଶ୍ୟକୀୟ ପଦକ୍ଷେପ ନିଆଯିବା ଆବଶ୍ୟକ। ବିଶେଷ ଭାବରେ ଭେଷଜ କମ୍ପାନୀମାନେ ଏବଂ ସଚେତନ ଜନସାଧାରଣ ଏହାର ରକ୍ଷଣାବେକ୍ଷଣ ଓ ଚାଷ ପାଇଁ ତତ୍ପରତା ପ୍ରକାଶ କରିବା ଉଚିତ୍। ସରକାରୀ ପ୍ରୋତ୍ସାହନର ଜରୁରୀ ଆବଶ୍ୟକତା ମଧ୍ୟ ଅନୁଭବ କରାଯାଏ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୭୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ବିସ୍ଫୋରକ ଲୁଟ୍ ଘଟଣା

# ମାଓବାଦୀଙ୍କ ମୁଖ୍ୟ ସହଯୋଗୀ ଗିରଫ




**ରାଉରକେଲା, ୧୫।୬(ସମିସ):** କେ. ବଲାଙ୍ଗ ଥାନା ଅନ୍ତର୍ଗତ ବଙ୍କୋ ପଥର ଖଣିକୁ ଚାଲାଣ ହେଉଥିବା ୫ଟନ୍ ବିସ୍ଫୋରକ ସାମଗ୍ରୀ ଲୁଟ୍ ଘଟଣାରେ ମାଓବାଦୀଙ୍କ ମୁଖ୍ୟ ସହଯୋଗୀଙ୍କୁ ରାଉରକେଲା ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ, ବଙ୍କୋ ଗ୍ରାମର ଜର୍ଜ ମୁଣ୍ଡା ଓରଫ କୁଲୁ (୪୩)। ସେ ମାଓବାଦୀଙ୍କୁ ଆଗୁଆ ସୂଚନା ଦେଇ ସହଯୋଗ କରୁଥିଲେ ବୋଲି ରବିବାର ଏକ ସାମ୍ବାଦିକ ସମ୍ମିଳନୀରେ ପଶ୍ଚିମାଞ୍ଚଳ ପୁଲିସ ଡିଆଇଜି ବ୍ରିଜେଶ କୁମାର ରାଏ ଏବଂ ଏସ୍‌ପି ନିତେଶ ୱାଧୱାନୀ ସୂଚନା ଦେଇଛନ୍ତି।

ଡିଆଇଜି ଶ୍ରୀ ରାଏ କହିଛନ୍ତି, ଗତ ମେ' ୨୭ରେ ବାଙ୍କୋ ପଥରକ୍ୱାରୀ ନିକଟରୁ ୫ ଟନ୍ ବିସ୍ଫୋରକ ସାମଗ୍ରୀ ଲୁଟ୍ ହେବାରେ କେ. ବଲାଙ୍ଗ ଥାନାରେ ଏନେଇ ଏକ ମାମଲା ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଥିଲା। ଓଡ଼ିଶା ଏବଂ ଝାଡ଼ଖଣ୍ଡ ପୁଲିସ ପକ୍ଷରୁ ଏନେଇ ବ୍ୟାପକ ତନାଘନା ଆରମ୍ଭ ହୋଇଥିଲା। ଅତିରିକ୍ତ ଏସ୍‌ପିଙ୍କ ନେତୃତ୍ୱରେ ଏକ ଏସ୍‌ଆଇଟି ଗଠନ କରାଯାଇ ଏସ୍‌ଡିପିଓ କେ. ବଲାଙ୍ଗ ଥାନା ଅଧିକାରୀ ତଦନ୍ତ କରିଥିଲେ। ଏସପି ନିତେଶ ୱାଧୱାନୀ ପୂରା ଘଟଣାର ମନିଟରିଂ କରିଥିଲେ। ସେ ଆହୁରି କହିଛନ୍ତି ଯେ ଗିରଫ ଜର୍ଜ ମୁଣ୍ଡା ଦୀର୍ଘ ଦିନ ଧରି ବାଙ୍କୋଠାରେ ଥିବା ବାଙ୍କୋ ଷ୍ଟୋନ୍ କ୍ୱାରୀକୁ ବିରୋଧ କରିଆସୁଥିଲା। ଏଥିସହ ସ୍ଥାନୀୟ ମାଓବାଦୀ ସଂଗଠନ ସହ ମଧ୍ୟ ତାର ସମ୍ପର୍କରେ ଥିଲା। ଯାହାକୁ ଆଧାର କରି ବିସ୍ଫୋରକ ସାମଗ୍ରୀ ଲୁଟ ଘଟଣାରେ ସେ ମାଓବାଦୀଙ୍କୁ ସହାୟତା କରିଥିଲା ବୋଲି ଡିଆଇଜି ଶ୍ରୀ ରାଏ କହିଛନ୍ତି। ଏସ୍‌ପି ନିତେଶ ୱାଧୱାନୀ କହିଛନ୍ତି, ବାଙ୍କୋ ଷ୍ଟୋନ୍ କ୍ୱାରୀକୁ ବିରୋଧ କରିଆସୁଥିବାରୁ ଜର୍ଜ ମୁଣ୍ଡା ପ୍ରତିଶୋଧ ନେବାକୁ ସୁଯୋଗ ଅପେକ୍ଷାରେ ରହିଥିଲା। ବାଙ୍କୋ ଷ୍ଟୋନ କ୍ୱାରୀକୁ ବ୍ଲାଷ୍ଟିଂ ପାଇଁ ଯାଉଥିବା ବିସ୍ଫୋରକ ସାମଗ୍ରୀର ଗତିବିଧି ଉପରେ ସେ ନଜର ରଖିଥିଲା। ଗତ ମେ ୨୭ ତାରିଖ ରାତି ପ୍ରାୟ ସାଢେ ୮ଟାରେ ବଡ଼ଗାଁସ୍ଥିତ ଇକମା ଅଞ୍ଚଳରୁ ଏକ ବିସ୍ଫୋରକ ସାମଗ୍ରୀ ବୋଝେଇ ଭ୍ୟାନ ବାଙ୍କୋ ଖଣିକୁ ଆସୁଥିବା ନେଇ ଜର୍ଜ ମୁଣ୍ଡା ମାଓବାଦୀଙ୍କୁ ସୂଚନା ଦେଇଥିଲା। ଏହି ସୂଚନାକୁ ଆଧାର କରି ଘଟଣା ଦିନ ସଶସ୍ତ୍ର ମାଓବାଦୀମାନେ ୫ ଟନ୍ ଓଜନର ୨୦୦ ପ୍ୟାକେଟ ବିସ୍ଫୋରକ ସାମଗ୍ରୀ ବୋଝେଇ ଭ୍ୟାନ୍‌କୁ ଲୁଟ କରିବାରେ ସଫଳ ହୋଇଥିଲେ। ଘଟଣା ଦିନ ମାଓବାଦୀମାନେ ବନ୍ଧୁକ ମୁନରେ ଭ୍ୟାନ୍ ଚାଳକକୁ ଧମକ ଦେଇ ବିସ୍ଫୋରକ ବୋଝେଇ ଭ୍ୟାନ୍‌କୁ ସରଣ୍ଡା ଜଙ୍ଗଲ ଭିତରକୁ ନେଇଯାଇଥିଲେ। ସମସ୍ତ ବିସ୍ଫୋରକ ସାମଗ୍ରୀ ଲୁଟି ନେବା ପରେ ମାଓବାଦୀମାନେ ଭ୍ୟାନ୍ ଚାଳକକୁ ଜଙ୍ଗଲ ଭିତରେ ଛାଡ଼ି ଦେଇଥିଲେ।

## ୨୦ରେ ଖୋଲିବ ସ୍କୁଲ୍

**ଭୁବନେଶ୍ୱର, ୧୫।୬ (ସମିସ):** ପ୍ରାୟ ଦୁଇ ମାସର ଛୁଟି ପରେ ଆସନ୍ତା ୨୦ ତାରିଖରେ ଖୋଲିବ ସ୍କୁଲ୍। ଏଥିପାଇଁ ୧୯ ତାରିଖରେ ବିଦ୍ୟାଳୟ ପରିସର ସଫାସୁତୁରା କରାଯିବ। ସ୍କୁଲର ବୈଦ୍ୟୁତିକ ସରଞ୍ଜାମ ଓ ବିଦ୍ୟୁତ୍ ସଂଯୋଗ ଯାଞ୍ଚ କରାଯିବ। ପାଣି ଟାଙ୍କି ସଫା କରାଯିବ ଓ ପିଲାଙ୍କ ବସିବା ବେଞ୍ଚ୍ ଓ ଚେୟାରକୁ ପରିଷ୍କାର କରାଯିବ। ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ପାଇଁ ଚାଉଳ, ଡ଼ାଲି ଓ ଅନ୍ୟ ଖାଦ୍ୟ ପଦାର୍ଥର ଯାଞ୍ଚ ହେବ ଓ ୨୦ ତାରିଖଠାରୁ ପାଠପଢ଼ା ଚାଲିବ। ଏଥିପାଇଁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଚଳିତବର୍ଷ ଗ୍ରୀଷ୍ମ ପ୍ରବାହ ଯୋଗୁଁ ବହୁ ପୂର୍ବରୁ ଖରାଛୁଟି ହୋଇଥିଲା। ମେ ୬ରୁ ଛୁଟି କରିବା ପାଇଁ ପୂର୍ବରୁ ନିର୍ଦ୍ଧାରିତ ହୋଇଥିଲେ ମଧ୍ୟ ଖରା ପାଇଁ ଏପ୍ରିଲ୍ ୨୩ ତାରିଖରୁ ଖରାଛୁଟି ଘୋଷଣା କରିଥିଲେ ସରକାର। ଫଳରେ ପ୍ରାୟ ୧୩ ଦିନ ପାଠପଢ଼ା ବାଧାପ୍ରାପ୍ତ ହୋଇଥିଲା। ଆଗାମୀ ୨ ଦିନ ମଧ୍ୟରେ ରାଜ୍ୟରେ ମୌସୁମୀ ପୁନଃ ସକ୍ରିୟ ହେବାରୁ ଖରାଛୁଟି ବଢ଼ିବାର କୌଣସି ସମ୍ଭାବନା ନ ଥିବା ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

## ସ୍ୱାମୀର ଗୋଇଠା ମାଡ଼ରେ ଗର୍ଭବତୀ ସ୍ତ୍ରୀ ମୃତ



**ଭଦ୍ରକ,୧୫।୬(ସମିସ):** ଜଣେ ୪ମାସର ଅନ୍ତସତ୍ତ୍ୱା ମହିଳାଙ୍କୁ ତାଙ୍କ ସ୍ୱାମୀ ଗୋଇଠା ମାରି ହତ୍ୟା କରିବା ଭଳି ସଙ୍ଗୀନ ଅଭିଯୋଗ ହୋଇଛି। ଏଭଳି ଅଭାବନୀୟ ଘଟଣା ଘଟିଛି ଭଦ୍ରକ ଜିଲ୍ଲା ତିହିଡ଼ି ଥାନା ଅଧୀନ ତାଳପଦା ଗାଁରେ। ଗତ ଶନିବାର ରାତିରେ ତାଳପଦା ଗାଁର ପଞ୍ଚାନନ ଜେନାଙ୍କ ବିବାହିତ ଝିଅ ମୋନାଲିସା ଜେନା(୨୬)ଙ୍କୁ ଅଧିକ ଯୌତୁକ ପାଇଁ ଏଭଳି ବୀଭତ୍ସ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ତିହିଡ଼ି ପୁଲିସ ଏହି ଘଟଣାରେ ଏକ ମକଦ୍ଦମା (ନଂ ୨୧୧/୨୫) ରୁଜୁ କରି ମହିଳାଙ୍କ ସ୍ୱାମୀ ଶଙ୍କର୍ଷଣ ଜେନାକୁ ରବିବାର ଗିରଫ କରିଛି।

ଅଭିଯୋଗ ଅନୁଯାୟୀ, ତାଳପଦା ପଞ୍ଚାୟତ ତାଳପଦା ଗାଁର ପଞ୍ଚାନନ ଜେନାଙ୍କ ଝିଅ ମୋନାଲିସା ଜେନା ସେହି ପଞ୍ଚାୟତର ଶଙ୍କର୍ଷଣ ଜେନାଙ୍କୁ ୨୦୧୯ ମସିହାରେ ପ୍ରେମ ବିବାହ କରିଥିଲେ। ପରେ ମୋନାଲିସାଙ୍କୁ ତାଙ୍କ ସ୍ୱାମୀ ଓ ଶ୍ୱଶୁର ଘର ଲୋକେ ନାନାଦି ଶାରୀରିକ ମାନସିକ ନିର୍ଯାତନା ଦେଇଆସୁଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ତେବେ ଗତକାଲି ରାତ୍ରିରେ ମୋନାଲିସାଙ୍କ ସହ ତାଙ୍କ ସ୍ୱାମୀଙ୍କ କୌଣସି କାରଣରୁ ଝଗଡ଼ା ହୋଇଥିଲା। ପରେ ଝଗଡ଼ାରେ ଉତ୍‌କ୍ଷିପ୍ତ ହୋଇ ମୋନାଲିସାଙ୍କ ପେଟକୁ ମାଡ଼ ମାରିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ମୋନାଲିସାଙ୍କୁ ତିହିଡ଼ି ମେଡିକାଲ ଓ ପରେ ଭଦ୍ରକ ମେଡିକାଲକୁ ଅଣାଯାଇଥିଲେ ମଧ୍ୟ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏଥି ନେଇ ମୋନାଲିସାଙ୍କ ପରିବାର ପକ୍ଷରୁ ତିହିଡ଼ି ଥାନାରେ ଅଭିଯୋଗ କରାଯାଇଛି। ଅଭିଯୋଗ ପରେ ତିହିଡ଼ି ପୁଲିସ ସ୍ୱାମୀ ଶଙ୍କର୍ଷଣକୁ ଅଟକ ରଖିଛି। ତେବେ ଶ୍ୱଶୁରଘର ପକ୍ଷରୁ ମୋନାଲିସା ବିଷ ପିଇ ଆତ୍ମହତ୍ୟା କରିଥିବା କୁହାଯାଉଛି।

# ହତ୍ୟା କରି ପୋଖରୀରେ ଫିଙ୍ଗିଦେଲେ

### ସନ୍ଦିଗ୍ଧଙ୍କୁ ଉଦ୍ଧାର ବେଳେ ପୁଲିସ୍-ଗ୍ରାମବାସୀ ମୁହାଁମୁହିଁ; ୪ ଅଟକ

**ତୁରୁମୁଙ୍ଗା, ୧୫।୬ (ସମିସ):** କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଡଲଙ୍ଗମୁଣ୍ଡା ସାହି ପୋଖରୀରୁ ପୁଲିସ୍ ଆଜି ସନ୍ଦେହଜନକ ଅବସ୍ଥାରେ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରିଛି। ମୃତକ ହେଲେ, କଣ୍ଟିଆପଡ଼ା ଗ୍ରାମର ରଘୁ ବେହେରା(୫୪)। ସେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଜଣେ କର୍ମଚାରୀ। ରଘୁଙ୍କୁ ପିଟିପିଟି ହତ୍ୟା କରାଯାଇଛି ବୋଲି ତାଙ୍କ ପୁଅ ମନୋରଞ୍ଜନ ଅଭିଯୋଗ କରିବାରୁ ପୁଲିସ୍ ଏକ ହତ୍ୟା ମାମଲା ରୁଜୁ କରି ୪ ଜଣଙ୍କୁ ଅଟକ ରଖିଛି। ଏହାସହ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଅଧିକ ତଦନ୍ତ ଚଳାଇଛି।

ସୂଚନାନୁଯାୟୀ, ରଜ ଛୁଟି ଅବସରରେ ରଘୁ ଗାଁକୁ ଆସିଥିଲେ। ଶନିବାର ରାତିରେ ସେ ପ୍ରଫୁଲ୍ଲ ମୁଣ୍ଡାଙ୍କ ଘରକୁ ଦେଶୀ ମହୁଲି ପିଇବାକୁ ଯାଇଥିଲେ। କିନ୍ତୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାରଲୋକଙ୍କ ସନ୍ଦେହ ହୋଇଥିଲା। ତେବେ ଆଜି ସକାଳେ ତାଙ୍କ ଶବ ପୋଖରୀରେ ଭାସୁଥିବା ଦେଖି କିଛି ସ୍ଥାନୀୟ ଲୋକ ପୁଲିସ୍‌କୁ ଖବର ଦେଇଥିଲେ। ଚମ୍ପୁଆ ଏସ୍‌ଡିପିଓ ରଶ୍ମିରଞ୍ଜନ ସାହୁ, ଥାନାଧିକାରୀ ଦୀପ୍ତିରଞ୍ଜନ ସାହୁ, ଏକ ପ୍ଲାଟୁନ ପୁଲିସ ଫୋର୍ସ ଉପସ୍ଥିତିରେ ଅଗ୍ନିଶମ ବାହିନୀ ମୃତଦେହକୁ ପୋଖରୀରୁ ଉଦ୍ଧାର କରିଥିଲେ। ଅପରପକ୍ଷେ, ରଘୁଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରି ଗ୍ରାମବାସୀ ପ୍ରଫୁଲ୍ଲ ମୁଣ୍ଡା, ନନ୍ଦ ମୁଣ୍ଡା ଓ ସରେନ ମୁଣ୍ଡାଙ୍କ ପରିବାରଲୋକଙ୍କୁ ଘର ଭିତରେ ବନ୍ଦ କରି ରଖିଥିଲେ। ପୁଲିସ ପହଞ୍ଚି ସେମାନଙ୍କୁ ଉଦ୍ଧାର କରିବାରୁ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଏପରିକି ପୁଲିସ୍-ଗ୍ରାମବାସୀ ମୁହାଁମୁହିଁ ପରିସ୍ଥିତି ଉପୁଜିଥିଲା। ଗ୍ରାମବାସୀ ପୁଲିସ୍‌କୁ ଗୋଡ଼ାଇବା ସହ ଅଟକ ବ୍ୟକ୍ତିଙ୍କୁ ମାଡ଼ ମାରିଥିଲେ। ଏହି ଘଟଣାରେ ପୁଲିସ ୪ ଜଣଙ୍କୁ ଉଦ୍ଧାର କରି ଥାନାକୁ ଆଣି ଘଟଣା ତଦନ୍ତ କରୁଛି।

## ଆନ୍ଦୋଳନରେ ବନ କର୍ମଚାରୀ

# ସାରା ରାଜ୍ୟରେ ପାଟ୍ରୋଲିଂ ବନ୍ଦ



**ଭୁବନେଶ୍ୱର,୧୫।୬(ସମିସ):** ସାରା ରାଜ୍ୟରେ ବନ କର୍ମଚାରୀଙ୍କ ଆନ୍ଦୋଳନ। ରାଜ୍ୟର ସମସ୍ତ ବନାଞ୍ଚଳରେ ଫରେଷ୍ଟଗାର୍ଡ, ଫରେଷ୍ଟର ଓ ଡେପୁଟି ରେଞ୍ଜରମାନେ ପ୍ରତୀକାତ୍ମକ ଅନଶନ ସ୍ୱରୁପ କଳାବ୍ୟାଜ୍ ପିନ୍ଧି ଆନ୍ଦୋଳନ ଆରମ୍ଭ କରିଛନ୍ତି। ଫଳରେ ୧୫ ତାରିଖଠାରୁ ସାରା ରାଜ୍ୟରେ ଜଙ୍ଗଲ ପାଟ୍ରୋଲିଂ ବନ୍ଦ ହୋଇଯାଇଛି। ଏହି ସମୟରେ ହାତୀ, ବାଘ ଓ ଅନ୍ୟ ବନ୍ୟଜନ୍ତୁମାନେ ଜନବସତିମୁହାଁ ହେଲେ ମଧ୍ୟ ବନ କର୍ମଚାରୀମାନେ ସେମାନଙ୍କୁ ଘଉଡ଼ାଇବା ପାଇଁ ଯିବେ ନାହିଁ ବୋଲି ଘୋଷଣା କରିଛନ୍ତି। ଯାହାଫଳରେ ବନ ବିଭାଗର କ୍ଷେତ୍ର ସ୍ତରରେ ବର୍ତ୍ତମାନ ଅଚଳାବସ୍ଥା ସ୍ଥିତି ସୃଷ୍ଟି ହୋଇଛି। ବଡ଼ କଥା ହେଉଛି ଯେ ୨୨ ତାରିଖ ପର୍ଯ୍ୟନ୍ତ ଏପରି ଆନ୍ଦୋଳନ ଚାଲିବା ସହ ଯଦି ଏହି ସମୟ ମଧ୍ୟରେ ରାଜ୍ୟ ସରକାର ସେମାନଙ୍କ ଦାବି ପୂରଣ ନ କରନ୍ତି, ତେବେ ୨୨ରୁ ସମୂହ ଛୁଟିରେ ଯିବାକୁ ବନ କର୍ମଚାରୀମାନେ ନିଷ୍ପତ୍ତି ନେଇଛନ୍ତି।

ସୂଚନା ଅନୁଯାୟୀ, ହିନ୍ଦୋଳ ରେଞ୍ଜ ରାଜମୋହନପୁର ଜଙ୍ଗଲରେ ପାଟ୍ରୋଲିଂ କରୁଥିବାବେଳେ କାର୍ଯ୍ୟରତ ଫରେଷ୍ଟ ଗାର୍ଡ ପ୍ରହଲ୍ଲାଦ ପ୍ରଧାନଙ୍କୁ ଶିକାରୀମାନେ ଗୁଳି କରି ହତ୍ୟା କରିଥିଲେ। ଏହାପୂର୍ବରୁ ମଧ୍ୟ ଶିକାରୀଙ୍କ ଗୁଳିରେ ବହୁ ବନକର୍ମଚାରୀ ପ୍ରାଣ ହରାଇଛନ୍ତି। ଏହାକୁ ନେଇ ଗତ ମେ' ୨୫ ତାରିଖରେ ଓଡ଼ିଶା ଅଣ-ଗେଜେଟେଡ୍ ବନସେବା ସଂଘର ଏକ ଜରୁରୀକାଳୀନ ବୈଠକ ବସିଥିଲା। ବୈଠକରେ ବନ କର୍ମଚାରୀଙ୍କ ହତ୍ୟା ଘଟଣାକୁ ଫାଷ୍ଟଟ୍ରାକ୍ କୋର୍ଟରେ ବିଚାର କରିବା ସହ ମୃତକଙ୍କ ପରିବାରକୁ ଏକ କୋଟି ଟଙ୍କା ପ୍ରଦାନ ନେଇ ବ୍ୟବସ୍ଥା କରିବାକୁ ଦାବି ହୋଇଥିଲା। ଏହା ସହ ରାଜ୍ୟ ସରକାର ଏକ "ଫରେଷ୍ଟ କମିଶନ' ଗଠନ କରି ଓଡ଼ିଶା ବନ ବିଭାଗରେ ସଂରଚନା-ପୁନର୍ଗଠନ, ସୁରକ୍ଷା ବ୍ୟବସ୍ଥା, କ୍ୟାଡର ପରିମାର୍ଜନ, ନିଯୁକ୍ତି ପ୍ରକ୍ରିୟା ଓ କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି ସମ୍ବନ୍ଧରେ ବିଚାର କରି, ସରକାରଙ୍କୁ ଦୁଇମାସ ମଧ୍ୟରେ ରିପୋର୍ଟ ପ୍ରଦାନ କରିବାକୁ ଦାବି କରାଯାଇଥିଲା। ଏହା ବ୍ୟତୀତ ସମସ୍ତ ବନ/କ୍ଷେତ୍ର ଅଧିକାରୀଙ୍କୁ ଜାତୀୟ ବ୍ୟାଙ୍କ ଜରିଆରେ ପୁଲିସ୍ ଭଳି 'ସାଲାରୀ ପ୍ୟାକେଜ୍ ବୀମା' ପ୍ରଦାନ କରିବାକୁ ଦାବି କରାଯାଇଥିଲା। ମାତ୍ର ସରକାର ଏଥିପ୍ରତି କୌଣସି ପଦକ୍ଷେପ ନ ନେବା ପରେ ସେମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି।

ଏହି ୩ ଦଫା ଦାବି ସମ୍ବନ୍ଧରେ ସରକାର ଜୁନ୍ ୮ ତାରିଖ ସୁଦ୍ଧା ଉପଯୁକ୍ତ ପଦକ୍ଷେପ ଗ୍ରହଣ ନ କଲେ ସାମୂହିକ ଆନ୍ଦୋଳନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ଏହି ଆଧାରରେ ପ୍ରଥମେ ଜୁନ୍ ୯ରେ ପ୍ରତ୍ୟେକ ସର୍କଲ ଜୋନ୍ ତରଫରୁ ହେଡ୍‌କ୍ୱାର୍ଟର, ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ପରେ ଜୁନ୍ ୧୫-୨୧ ତାରିଖ ମଧ୍ୟରେ ଯଦି ସରକାର ଅବହେଳା କରନ୍ତି, ତେବେ ପ୍ରତୀକାତ୍ମକ ଅନଶନ ସ୍ୱରୁପ ସମସ୍ତ ସଭ୍ୟସଭ୍ୟା କଳାବ୍ୟାଜ୍ ପିନ୍ଧି ବିରୋଧ ପ୍ରଦର୍ଶନ କରିବେ ବୋଲି ନିଷ୍ପତ୍ତି ହୋଇଥିଲା। ଏହିକ୍ରମରେ ୧୫ ତାରିଖରୁ ବନ କର୍ମଚାରୀମାନେ କଳାବ୍ୟାଜ୍ ପିନ୍ଧି ଆନ୍ଦୋଳକୁ ଓହ୍ଲାଇଛନ୍ତି। ଦାବି ପୂରଣ ନ ହେଲେ ଜୁନ୍ ୨୨ ଠାରୁ ଦାବି ପୁରଣ ହେବା ପର୍ଯ୍ୟନ୍ତ ସଭ୍ୟ/ସଭ୍ୟାମାନେ ସାମୂହିକ ଛୁଟିରେ ରହି ସର୍କଲ ଅଫିସ ସାମ୍ନାରେ ୟୁନିଫର୍ମ ପିନ୍ଧି ଧାରଣା ପ୍ରଦର୍ଶନ କରିବେ ବୋଲି ସଂଘ ଚେତାବନୀ ଦେଇଛି।

- ୨୧ ପର୍ଯ୍ୟନ୍ତ କଳାବ୍ୟାଜ୍ ପିନ୍ଧି ଆନ୍ଦୋଳନ
- ୨୨ରୁ ସମୂହ ଛୁଟିରେ ଯିବେ ବନ କର୍ମଚାରୀ

# ମୋବାଇଲ ଚୋରିରୁ ତଣ୍ଟି ଚିପି ହତ୍ୟା; ୨ଗିରଫ

**ଖପ୍ରାଖୋଲ,୧୫।୬(ସମିସ):** ମୋବାଇଲ୍ ଚୋରିକୁ କେନ୍ଦ୍ର କରି ଯୁବକକୁ ତଣ୍ଟି ଚିପି ହତ୍ୟା। ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ଖପ୍ରାଖୋଲ ଥାନା ଦେଦର୍ହଗ୍ରାମରେ ଏହି ଆପରାଧିକ ଘଟଣା ଘଟିଛି। ମୃତକ ହେଲେ, ଗ୍ରାମର ଅଜୟ ପ୍ରଧାନ ଓରଫ୍ ଅଜୁ। ଖପ୍ରାଖୋଲ ପୁଲିସ୍ ପାଟଣାଗଡ଼ ଡାକ୍ତରଖାନାରୁ ଅଜୁଙ୍କ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ୧୩୧/୨୫ରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ପୁଲିସ୍ ୨ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ, ଗ୍ରାମର କରାଦୁ ମାଝୀ(୪୫) ଓ ଧରମୁ ମାଝୀ (୪୦)।

ସୂଚନାନୁଯାୟୀ, ଶନିବାର ସଂଧ୍ୟା ପ୍ରାୟ ସାଢ଼େ ୮ଟା ବେଳେ ଅଜୁ ଗାଁ ନିକଟରେ ଥିବା ଏକ ଦେଶୀ ମଦ ଦୋକାନକୁ ଯାଇଥିଲେ। ସେଠାରେ ପୂର୍ବରୁ କରାଦୁ ଏବଂ ଧରମୁ ବସି ମଦ ପିଉଥିଲେ। ଅଜୁ କୌଶଳକ୍ରମେ ସେମାନଙ୍କ ପାଖରୁ ଗୋଟିଏ ମୋବାଇଲ୍ ଚୋରି କରି ଫେରାର୍ ହୋଇଯାଇଥିଲେ। ଏହା ଦେଖି କରାଦୁ ଓ ଧରମୁ ପିଛା କରି ତାଙ୍କୁ ପୋଖରୀ କୂଳ ଉପରେ ଧରି ପକାଇଥିଲେ। ସେଠାରେ ସେମାନଙ୍କ ମଧ୍ୟରେ ବଚସା ହେବାରୁ ଅଭିଯୁକ୍ତଦ୍ୱୟ ଅଜୟର ତଣ୍ଟି ଚିପି ହତ୍ୟା କରିବା ପରେ ତାଙ୍କୁ ପୋଖରୀକୁ ଠେଲି ଦେଇଥିଲେ। ନିକଟରେ ଶୌଚ କରୁଥିବା ପ୍ରଦୀପ ଏହା ଦେଖି ଅଜୟଙ୍କୁ ପାଣିରୁ ବାହାରକୁ ଆଣି ପାଟଣାଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ଡାକ୍ତର ସେଠାର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣାର ଅଧିକ ତଦନ୍ତ କରୁଥିବା ଖପ୍ରାଖୋଲ ଥାନାଧିକାରୀ ନରେନ୍ଦ୍ର ଛତ୍ର ପ୍ରକାଶ କରିଛନ୍ତି।

## ବାପା ନା ପିଶାଚ!

# ନାବାଳିକା ଝିଅକୁ ମାଡ଼ ମାରି ଦୁଷ୍କର୍ମ

**ଦିଗପହଣ୍ଡି, ୧୫।୬(ସମିସ):** ବାପା ନାଁରେ ପିଶାଚ! ନିଜ ଝିଅକୁ ମାଡ଼ ମାରି ଦୁଷ୍କର୍ମ କରିବା ଭଳି ଏକ ଲଜ୍ଜାଜନକ ଘଟଣା ଗଂଜାମ ଜିଲ୍ଲାରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ଦିଗପହଣ୍ଡି ଥାନା ଅଞ୍ଚଳରେ ଏହି ଲଜ୍ଜାଜନକ ଘଟଣା ଘଟିଛି। ଏହି ଘଟଣାରେ ପୁଲିସ୍ ଅଭିଯୁକ୍ତ ବାପା ଭୀମ ପ୍ରଧାନକୁ ଗିରଫ କରି କୋର୍ଟଚାଲାଣ କରିଛି। କୋର୍ଟରେ ତା'ର ଜାମିନ ଖାରଜ ହେବାରୁ ତାକୁ ବ୍ରହ୍ମପୁର ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁଯାୟୀ, ନାବାଳିକାଙ୍କ ମା' ମୂଲ ଲାଗନ୍ତି। ଗତ ବୁଧବାର ସେ କାମକୁ ଯାଇଥିବା ବେଳେ କାମାନ୍ଧ ଭୀମ ନିଜର ୧୬ ବର୍ଷୀୟ ଝିଅକୁ ନିସ୍ତୁକ ମାଡ଼ ମାରିବା ସହ ଦୁଷ୍କର୍ମ କରିଥିଲା। ଫଳରେ ନାବାଳିକାଜଣକ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା ପାଇଁ ଏକକାଳୀନ ୧୦ଟି ନିଦ ବଟିକା ଖାଇ ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଦିଗପହଣ୍ଡି ସରକାରୀ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥାରେ ସୁଧାର ନ ଆସିବାରୁ ତାଙ୍କୁ ସଂକଟାପନ୍ନ ଅବସ୍ଥାରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରୁ ଚିକିତ୍ସା ପରେ ତାଙ୍କୁ ଗାଁ ନିକଟସ୍ଥ ଆଈଙ୍କ ଘରେ ରଖାଯାଇଥିଲା। ନାବାଳିକାଜଣକ ସମସ୍ତ ଘଟଣା ତାଙ୍କ ମା'ଙ୍କୁ ଜଣାଇବା ପରେ ଏନେଇ ମା' ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ। ଏନେଇ ପୁଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅପରପକ୍ଷେ, ଏହି ଖବର ପ୍ରଘଟ ହେବା ପରେ ଗ୍ରାମବାସୀ ଅଭିଯୁକ୍ତକୁ କାବୁ କରି ପୁଲିସକୁ ହସ୍ତାନ୍ତର କରିଥିଲେ।

ବ୍ରହ୍ମପୁର ବଡ଼ ମେଡିକାଲରେ ରବିବାର ଅଭିଯୁକ୍ତ ବାପା ଏବଂ ନାବାଳିକାଙ୍କ ଡାକ୍ତରୀମାଇନା କରାଯିବା ପରେ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ନାବାଳିକାଙ୍କ ବୟାନ ରେକର୍ଡ କରାଯାଇଛି। ନାବାଳିକା ଅସୁସ୍ଥ ଥିବାରୁ ତାଙ୍କୁ ପୁଣି ଥରେ ଚିକିତ୍ସା ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ଘଟଣାକୁ ଚାରିଆଡ଼େ ନିନ୍ଦା କରାଯିବା ସହ ପିଶାଚ ବାପାକୁ କଠୋରରୁ କଠୋର ଦଣ୍ଡ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

**ନିଦ ବଟିକା ଖାଇ ପୀଡ଼ିତାଙ୍କ ଆତ୍ମହତ୍ୟା ଉଦ୍ୟମ**

## ନୂଆପଡ଼ାର ୨ ବୃହତ୍ ଉଠାଜଳସେଚନ ପ୍ରକଳ୍ପକୁ ଅନୁମୋଦନ

**ଭୁବନେଶ୍ୱର,୧୫।୬(ସମିସ):** ନୂଆପଡ଼ା ଜିଲ୍ଲାରେ ୨ଟି ବୃହତ୍ ଉଠାଜଳସେଚନ ପ୍ରକଳ୍ପକୁ ଜଳସମ୍ପଦ ବିଭାଗ ପକ୍ଷରୁ ଅନୁମୋଦନ ମିଳିଛି। ଜିଲ୍ଲାର ଚାନ୍ଦପୋଲା-୧ ଏବଂ ଚାନ୍ଦପୋଲା-୨ ପ୍ରକଳ୍ପକୁ ବିଭାଗ ପକ୍ଷରୁ ପ୍ରଶାସନିକ ଅନୁମୋଦନ ମିଳିଥିବା ଜଣାପଡ଼ିଛି। ପ୍ରକଳ୍ପ ଦ୍ୱୟକୁ କାର୍ଯ୍ୟନ୍ୱୟନ କରିବା ପାଇଁ ଖୁବଶୀଘ୍ର ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରାଯିବ। ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅୁଯାୟୀ ଏହି ପ୍ରକଳ୍ପ ଦ୍ୱୟ ନିର୍ମାଣ ପାଇଁ ମୋଟ ୧୪୭ କୋଟି ୫୯ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ଏହାଦ୍ୱାରା ଜିଲ୍ଲାର ମୋଟ ୩୧୮୦ ହେକ୍ଟର ଚାଷଜମିରେ ଜଳସେଚନ ସୁବିଧା ଉପଲବ୍ଧ ହେବ।

NOTICE
(above 18 years of age)
By virtue of an affidavit sworn before Executive Magistrate(K), Udala, Mayurbhanj, dated 05-05-2025, I Bisal Sahu, Address At- Chotraypur, PO- Khaladi, PS- Udala, Dist- Mayurbhanj, Odisha, Pin- 757041 declare that I have changed my name from Bishal Kumar Sahu to Bisal Sahu. Henceforth, I shall be known as Bisal Sahu for all purposes.
Bisal Sahu

# ଅବଶିଷ୍ଟାଂଶ

## ବାଡ଼ିବୁଡ଼ୀ ନେଲାଣି...

ଚିହ୍ନଟ ହୋଇ ନ ଥିଲେ। ୨୦୧୮ ମସିହାରେ ରାଜ୍ୟରେ ୩ଜଣ କଲେରାରେ ଆକ୍ରାନ୍ତ ବାହାରିଥିଲେ। ଏବେ ଦୀର୍ଘ ୭ ବର୍ଷ ପରେ ଯାଜପୁର ଜିଲ୍ଲାରେ କଲେରା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଯାହା ସରକାରଙ୍କ ପାରିବାପଣିଆ ଉପରେ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ରାଜ୍ୟରେ ବଡ଼ ଧରଣର ଡାଇରିଆ ପଛରେ ଭିବ୍ରିଓ କଲେରା ବ୍ୟାକ୍ଟେରିଆ ରହିଛି ବୋଲି ବିଶେଷଜ୍ଞ କହୁଛନ୍ତି। ଦୀର୍ଘବର୍ଷ ପୂର୍ବରୁ ରାୟଗଡାର କାଶୀପୁର, ରାଉରକେଲାରେ ଏହା ଭୟଙ୍କର ପରିସ୍ଥିତି ସୃଷ୍ଟି କରିଥିଲା। ଏବେ ଯାଜପୁରରେ ସେହି ଘଟଣାର ପୁନରାବୃତ୍ତି ହୋଇଥିବା କୁହାଯାଉଛି।

ରାଜ୍ୟ ସରକାରଙ୍କ ପକ୍ଷରୁ ଜଳର ରାସାୟନିକ ପରୀକ୍ଷା କରିବା ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ଟେଷ୍ଟ କିଟ୍ ପ୍ରଦାନ କରାଯାଉଛି। ସେହିଭଳି ବୃହତ ପାନୀୟ ଜଳ ପ୍ରକଳ୍ପ ଗୁଡ଼ିକରେ ମଧ୍ୟ ଜଳ ବିଶୋଧନାଗାରରେ ମାନ ନିର୍ଦ୍ଧାରଣ ପାଇଁ ବ୍ୟବସ୍ଥା ରହିଛି। ଜଳର ଗୁଣବତ୍ତା ଯାଞ୍ଚ ପାଇଁ ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ ଲେଖାଏଁ ପରୀକ୍ଷାଗାର ରହିଛି। ସେହିପରି ଉପଖଣ୍ଡସ୍ତରରେ ମଧ୍ୟ ୪୭ଟି ସରକାରୀ ପରୀକ୍ଷାଗାର ରହିଛି। ପ୍ରତ୍ୟେକ ପରୀକ୍ଷାଗାରରେ ବର୍ଷକୁ ହଜାର ହଜାର ସଂଖ୍ୟାରେ ଜଳର ନମୁନା ପରୀକ୍ଷା କରାଯାଉଛି। ଜଳର ରାସାୟନିକ ପରୀକ୍ଷା ସହିତ ଜୀବାଣୁ ଜନିତ ପରୀକ୍ଷା କରାଯାଇ ଆବଶ୍ୟକ ପ୍ରତିଷେଧକ ନିଆଯାଉଛି। ତେବେ ଏତେ ସବୁ ବ୍ୟବସ୍ଥା ସତ୍ତ୍ୱେ ପୁଣି ଡାଇରିଆ ବ୍ୟାପିବା ସରକାରୀ କଳର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସରକାର ବଦଳିବା ପରେ ରାଜ୍ୟରେ ପ୍ରଶାସନିକ ବ୍ୟବସ୍ଥା ଢିଲା ହୋଇ ଯାଇଥିବା ଓ ସ୍ୱାସ୍ଥ୍ୟ ବିଭାଗ ଗଭୀର ନିଦ୍ରାରେ ଶୋଇଥିବା ଅଭିଯୋଗ ହୋଇଛି।

ଏ ସମ୍ପର୍କରେ ଡାକ୍ତର ରମେଶ ଚନ୍ଦ୍ର ହୋତା କହିଛନ୍ତି, ଡାଇରିଆ ଏକ ଋତୁଭିତ୍ତିକ ରୋଗ(ସିଜିନାଲ୍ ଡିଜିଜ୍) ନୁହେଁ। ଏହା ଯେକୌଣସି ସମୟରେ ବି ହୋଇପାରେ। ଏହା ବିଶେଷକରି ଦୂଷିତ ପାଣି କିମ୍ବା ଖାଦ୍ୟ ଯୋଗୁଁ ବ୍ୟାପିଥାଏ। ପାଣିରେ ଦୀର୍ଘଦିନ ପର୍ଯ୍ୟନ୍ତ ଭିବ୍ରିଓ କଲେରା ରହିପାରେ। ତେଣୁ ସ୍ୱଚ୍ଛ ପାନୀୟ ଜଳ ଓ ପରିମଳ ପ୍ରତି ବିଶେଷ ଦୃଷ୍ଟି ଦେଲେ ଏହାକୁ ପ୍ରତିହତ କରିହେବ। ସେହିଭଳି ପାଣି ପରୀକ୍ଷା କରିବାର ମଧ୍ୟ କିଛି ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନ ନାହିଁ। ଦୂଷିତ ପାଣି ସନ୍ଦେହ ଉପୁଜିଲେ, ତୁରନ୍ତ ଏହାର ପରୀକ୍ଷା କରାଇବା ଆବଶ୍ୟକ ବୋଲି ସେ କହିଛନ୍ତି।

## ଘମାଘୋଟ ଲଢ଼େଇ...

ଗତରାତିରେ ଇରାନର ପ୍ରତିରକ୍ଷା ବିଭାଗ ମୁଖ୍ୟାଳୟ ଉପରେ ମଧ୍ୟ ଇସ୍ରାଏଲ ଆକ୍ରମଣ କରିଥିବା ଖବର ମିଳିଛି। ଇସ୍ରାଏଲ ପକ୍ଷରୁ କୁହାଯାଇଛି ଯେ ଗତ ତିନି ଦିନ ମଧ୍ୟରେ ଇରାନର ୭୨ରୁ ଅଧିକ ସାମରିକ ଭିତ୍ତିଭୂମି ସହିତ ୧୭୦ଟି ସ୍ଥାନରେ କ୍ଷେପଣାସ୍ତ୍ର ଏବଂ ବୋମାମାଡ଼ କରାଯାଇଛି। ଏହି ଅଭିଯାନରେ ୨୦ରୁ ଅଧିକ ଲଢୁଆ ବିମାନ ସାମିଲ ହୋଇଥିଲେ। ଗତକାଲି ଇସ୍ରାଏଲ ଆକ୍ରମଣରେ ତେହରାନରେ ଏକ ଆବାସିକ କୋଠା ଭୁଶୁଡ଼ିବା ଯୋଗୁଁ ୨୯ ଶିଶୁଙ୍କ ସମେତ ୬୦ ଜଣ ବ୍ୟକ୍ତି ପ୍ରାଣ ହରାଇଥିଲେ।

ଇସ୍ରାଏଲରୁ ମିଳିଥିବା ସୂଚନା ଅନୁଯାୟୀ ଇରାନ ଆକ୍ରମଣରେ ୧୩ ଜଣ ପ୍ରାଣ ହରାଇଥିବା ବେଳେ ୨୦୦ରୁ ଅଧିକ ଆହତ ହୋଇଛନ୍ତି। ଗତ ରାତିସାରା ଇରାନ କ୍ଷେପଣାସ୍ତ୍ର ଆକ୍ରମଣ ଜାରି ରଖିଥିବା ବେଳେ ଏଥିରେ ୧୦ ଜଣ ବ୍ୟକ୍ତି ପ୍ରାଣ ହରାଇଛନ୍ତି। ଇସ୍ରାଏଲର ଆବାସିକ କୋଠାକୁ ଟାର୍ଗେଟ କରି ଇରାନ ଆକ୍ରମଣ ଚଳାଇଥିବା କୁହାଯାଉଛି। ଏଥିରେ ଅନେକ କୋଠା ଭୁଶୁଡ଼ି ପଡ଼ିଥିବା କୁହାଯାଉଛି। ଗତକାଲି ଇସ୍ରାଏଲର ସେନା ମୁଖ୍ୟାଳୟ ଉପରେ ମଧ୍ୟ ଇରାନ କ୍ଷେପଣାସ୍ତ୍ର ମାଡ଼ କରିଥିଲା। ଇରାନର ଏଭଳି ଆକ୍ରମଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି ଇସ୍ରାଏଲ ପ୍ରଧାନମନ୍ତ୍ରୀ ନେତନ୍ୟାହୁ ଚେତାବନୀ ଦେଇଛନ୍ତି ଯେ ଇରାନରେ ଆୟୋତୋଲ୍ଲା ପ୍ରଶାସନର ସବୁ ଟାର୍ଗେଟ ଉପରେ ଆକ୍ରମଣ କରାଯିବ।

ଅନ୍ୟପକ୍ଷରେ ଇରାନ ବୈଦେଶିକ ମନ୍ତ୍ରୀ ଅବ୍ବାସ ଅରାକଚି କହିଛନ୍ତି ଯେ ଇରାନ ଓ ଆମେରିକା ମଧ୍ୟରେ ପରମାଣୁ କଥାବାର୍ତ୍ତା ଚାଲିଥିଲା ଏବଂ ଚୁକ୍ତି ପାଇଁ ପଥ ପ୍ରସ୍ତୁତ ହେଉଥିବା ବେଳେ ଇରାନର ପରମାଣୁ କେନ୍ଦ୍ର ଉପରେ ଆକ୍ରମଣ କରି ଇସ୍ରାଏଲ ଭୟଙ୍କର ଭୁଲ କରିଛି। କଥାବାର୍ତ୍ତାକୁ ଭଣ୍ଡୁର କରିବା ସହିତ ମଧ୍ୟପ୍ରାଚ୍ୟରେ ଯୁଦ୍ଧର ବାତାବରଣ ସୃଷ୍ଟି କରିବାକୁ ଇସ୍ରାଏଲ ଚକ୍ରାନ୍ତ ଚଳାଇଛି। ସେ କହିଲେ ଯେ ତୈଳ ବିଶୋଧନାଗାର ଉପରେ ଆକ୍ରମଣ କରି ଇସ୍ରାଏଲ ଯେଉଁ ଭୁଲ କରିଛି ତାର ପରିଣାମ ଭୋଗିବାକୁ ଇସ୍ରାଏଲ ପ୍ରସ୍ତୁତ ରହୁ। ଇତିମଧ୍ୟରେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ କହିଛନ୍ତି ଯେ ସେ ଚାହିଁଲେ ଯୁଦ୍ଧ କିଛି କ୍ଷଣ ମଧ୍ୟରେ ଶେଷ ହୋଇଯିବ। ଭାରତ ଓ ପାକିସ୍ତାନ ମଧ୍ୟରେ ହୋଇଥିବା ଯୁଦ୍ଧର ଉଦାହରଣ ଦେଇ ସେ କହିଲେ ଯେ ତାଙ୍କ ଯୋଗୁଁ ଦୁଇ ଦେଶ ଅସ୍ତ୍ରବିରତି କରିଥିଲେ। ଇରାନ ଓ ଇସ୍ରାଏଲ ମଧ୍ୟରେ ମଧ୍ୟ ଯୁଦ୍ଧବିରତି ହୋଇଯିବ। ଏଥିପାଇଁ ବିଭିନ୍ନ ସ୍ତରରେ କଥାବାର୍ତ୍ତା ଚାଲିଥିବା ସେ କହିଛନ୍ତି।

## ବଜ୍ରପାତ ନେଲା...

ଜଗନ୍ନାଥଙ୍କୁ ବାଙ୍ଗରିପୋଷି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ବାରିପଦା ସ୍ଥାନାନ୍ତର କରାଯାଇଛି। ସେହିପରି ଗ୍ରାମର ମାଇଦି ସୋରେନ (୨୬) ଓ ରାମଚନ୍ଦ୍ର ସୋରେନ (୭) ମଧ୍ୟ ବଜ୍ରପାତରେ ଆହତ ହୋଇଛନ୍ତି। ଦୁହିଁଙ୍କୁ ବାଙ୍ଗରିପୋଷି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

କେନ୍ଦୁଝର ଜିଲ୍ଲା ବାଉଁଶୁଳି ଗ୍ରାମର ଦିଲେଶ୍ୱର ନାଏକଙ୍କ ପତ୍ନୀ ଶୈଳେନ୍ଦ୍ରୀ ଆଜି ଅପରାହ୍ଣରେ ବାଡ଼ିପଟକୁ ଯାଇଥିବା ବେଳେ ବଜ୍ରପାତ ହେବାରୁ ଘଟଣାସ୍ଥଳରେ ସେ ଟଳି ପଡ଼ିଥିଲେ। ପରିବାରଲୋକ ତାଙ୍କୁ ଜିଲ୍ଲା ମୁଖ୍ୟଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ ହେଁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

ସେହିପରି ପାଇକମାଳ ବ୍ଲକ୍, ବାରଫାଳିଆରେ ଆଜି ଅପରାହ୍ଣରେ ହଠାତ୍ ବର୍ଷା ହେବାରୁ ବଳଦେବ, ଧନସିଂ ଛତ୍ରିଆ (୩୦) ଓ ବୈକୁଣ୍ଠ ଛତ୍ରିଆ (୩୦) ଏକ ବରଗଛ ମୂଳେ ଆଶ୍ରୟ ନେଇଥିଲେ। ସେହି ସମୟରେ ଗଛ ଉପରେ ଏକ ବଜ୍ରପାତ ହେବାରୁ ବଳଦେବଙ୍କ ମୃତ୍ୟୁ ହୋଇଯାଇଥିଲା। ଧନସିଂ ଓ ବୈକୁଣ୍ଠଙ୍କୁ ନୂଆପଡ଼ା ଜିଲ୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ଅନ୍ୟ ଏକ ଘଟଣାକ୍ରମେ, ମହାକାଳପଡ଼ା ବ୍ଲକ୍ ଅନ୍ତର୍ଗତ ଚୌମୁହାଣି ଫେରିଘାଟରେ ଆଜି ମଧ୍ୟାହ୍ନରେ ବଜ୍ରପାତ ହେବାରୁ ପ୍ରଶାନ୍ତଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୨ଜଣ ଗୁରୁତର ଆହତ ହୋଇଛନ୍ତି। ଆହତଦ୍ୱୟ ହେଲେ, ତେନ୍ତୁଳିକନ୍ଧା ଗ୍ରାମର ବାବାଜୀ ରାଉତ ଓ ମଙ୍ଗଳପୁର ପଞ୍ଚାୟତର ଦୁଷ୍ମନ୍ତ ରାଉତ। ସୂଚନାନୁଯାୟୀ, ସବୁଦିନ ଭଳି ଆଜି ମଧ୍ୟାହ୍ନରେ ପାରାଦୀପରୁ କାମ ସାରି ମହାକାଳପଡ଼ା ଅଞ୍ଚଳର ୩୦ଜଣ ଶ୍ରମିକ ଚୌମୁହାଣି ଫେରିଘାଟରେ ଡଙ୍ଗାରେ ନଦୀ ପାର୍ ହେଉଥିଲେ। ମଧ୍ୟାହ୍ନରେ ଡଙ୍ଗା ନଦୀ ଅତିକ୍ରମ କରି କୂଳଠାରୁ ମାତ୍ର ୩୦ଫୁଟ୍ ଦୂରରେ ଥିବା ବେଳେ ବ୍ରଜପାତ ହୋଇଥିଲା। ଏଥିରେ ପ୍ରଶାନ୍ତ, ବାବାଜୀ ଓ ଦୁଷ୍ମନ୍ତ ଆହତ ହୋଇଥିଲେ। ଡଙ୍ଗା କୂଳରେ ପହଞ୍ଚିବା ପରେ ସେମାନଙ୍କୁ ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରଶାନ୍ତଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

## ୬ ପଦ ପାଇଁ...

ସୂଚନା ଅନୁସାରେ ମୋହନ ସରକାରଙ୍କ ନୂଆ ମନ୍ତ୍ରୀ ପରିଷଦର ନକ୍ସା ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇ ସାରିଛି। କେଉଁ ମନ୍ତ୍ରୀ ସରକାରରୁ ବାଦ ପଡ଼ିବେ, କାହାର ବିଭାଗ ପରିବର୍ତ୍ତନ ହେବ ସେ ସମ୍ପର୍କରେ ଆପାତତଃ ନିଷ୍ପତ୍ତି ହୋଇଛି। ତେବେ ସରକାରଙ୍କ ବର୍ଷପୂର୍ତ୍ତି ଉତ୍ସବ ଓ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ଦୃଷ୍ଟିରୁ ଏ ସମ୍ପର୍କରେ ସମ୍ପୂର୍ଣ୍ଣ ଗୋପନୀୟତା ଅବଲମ୍ବନ କରାଯାଉଛି। ଅନ୍ୟପକ୍ଷରେ ମନ୍ତ୍ରୀ ପରିଷଦରେ ଖାଲି ପଡ଼ିଥିବା ୬ ପଦ ପାଇଁ ବିଭିନ୍ନ ଗୋଷ୍ଠୀର ୬୦ ନେତା ଆଶାୟୀ ଥିବାରୁ ଏ କ୍ଷେତ୍ରରେ ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ଚୂଡ଼ାନ୍ତ ହେବ ବୋଲି କୁହାଯାଉଛି।

ସୂଚନାଯୋଗ୍ୟ ଯେ ପ୍ରଥମ ବର୍ଷ ପୂର୍ତ୍ତି ଅବସରରେ ଅନେକ ବିଭାଗର ରିପୋର୍ଟ କାଡର୍ ମୁଖ୍ୟମନ୍ତ୍ରୀଙ୍କୁ ସନ୍ତୁଷ୍ଟ କରିପାରି ନାହିଁ। ଅଭିଜ୍ଞତାର ଅଭାବ, ଜଣେ ଜଣେ ମନ୍ତ୍ରୀଙ୍କ ଉପରେ ଏକାଧିକ ବିଭାଗର ଦାୟିତ୍ୱ ସେମାନଙ୍କ ପ୍ରଦର୍ଶନ ଉପରେ ନକରାତ୍ମକ ପ୍ରଭାବ ପକାଇଛି। ଏହି ଆଧାରରେ ଆଗାମୀ ସମ୍ପ୍ରସାରଣ ସମୟରେ ୨ରୁ ୩ ଜଣ ମନ୍ତ୍ରୀ ବାଦ୍ ପଡ଼ିବାର ସମ୍ଭାବନା ରହିଛି ଓ ବହୁ ମନ୍ତ୍ରୀଙ୍କର ବିଭାଗ ପରିବର୍ତ୍ତନ ହେବା ଏକପ୍ରକାର ନିଶ୍ଚିତ ବୋଲି କୁହାଯାଉଛି। ସେହିପରି ବଳକା ୬ଟି ମନ୍ତ୍ରୀ ପଦ ପାଇଁ ଆଶାୟୀ ନିଜ ନିଜସ୍ତରରେ ଲବି ଜାରି ରଖିଥିବା ବେଳେ ସବୁ ବିଧାୟକ ମନ୍ତ୍ରୀ ପଦ ପାଇଁ ଆଶାୟୀ ଅଛନ୍ତି। ପ୍ରଥମଥର ନିର୍ବାଚିତ ହୋଇଥିବା ଅନେକ ବିଧାୟକଙ୍କୁ ସରକାରରେ ମନ୍ତ୍ରୀ ପଦ ମିଳିଥିବାରୁ ସେମାନେ ମଧ୍ୟ ନିଜକୁ ଏଥିପାଇଁ ଯୋଗ୍ୟ ମନେ କରୁଛନ୍ତି। ତେବେ ଦଳର ବିଭିନ୍ନ ଗୋଷ୍ଠୀ ଓ ବଡ଼ ନେତାଙ୍କ ଅନୁଗତ କୁହାଯାଉଥିବା ପାଖାପାଖି ୨୦ରୁ ଊର୍ଦ୍ଧ୍ୱ ବିଧାୟକ ମନ୍ତ୍ରୀ ପଦ ପାଇବାକୁ ଆଶା ବାନ୍ଧି ବସିଛନ୍ତି। ସେହିପରି ନିଜ ନିଜ ଅନୁଗତଙ୍କ ପାଇଁ ରାଜ୍ୟ ବିଜେପିର କିଛି ଛାମୁଆ ନେତା ଉଭୟ ଓଡ଼ିଶା ଏବଂ ଦିଲ୍ଲୀସ୍ତରରେ ଲବି ଜାରି ରଖିଛନ୍ତି। ତେବେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣରେ ସର୍ବାଧିକ ଭୂମିକା ମୁଖ୍ୟମନ୍ତ୍ରୀଙ୍କର ହେବା ନେଇ ଦିଲ୍ଲୀ ନେତୃତ୍ୱ ସଙ୍କେତ ଦେଇଥିବା ବେଳେ ଏଥିଯୋଗୁଁ ଆଶାୟୀଙ୍କ ହୃଦସ୍ପନ୍ଦନ ବଢ଼ିଯାଇଛି। ସମ୍ପ୍ରସାରଣ ବେଳେ ଜିଲ୍ଲାୱାରୀ ସମୀକରଣ, ଦଳୀୟ ଆନୁଗତ୍ୟକୁ ମୁଖ୍ୟମନ୍ତ୍ରୀ ସର୍ବାଧିକ ଗୁରୁତ୍ୱ ଦେଇଥିବା ବେଳେ ଏଥିଯୋଗୁଁ ଅନେକ ଟାଣୁଆ ନେତାଙ୍କୁ ଆଗାମୀ ସମ୍ପ୍ରସାରଣରେ ନିରାଶ ହେବାକୁ ପଡ଼ିପାରେ ବୋଲି କୁହାଯାଉଛି। ସେହିପରି ମନ୍ତ୍ରିମଣ୍ଡଳରେ ମହିଳା ଭାଗିଦାରୀ ବୃଦ୍ଧି କରିବାକୁ ମୁଖ୍ୟମନ୍ତ୍ରୀ ଏକପ୍ରକାର ନିଷ୍ପତ୍ତି ନେଇଥିବା ବେଳେ ଯୁବ ଚେହେରାଙ୍କୁ ମଧ୍ୟ ସମାନ ସୁଯୋଗ ପ୍ରଦାନ କରିବାକୁ ଯାଉଛନ୍ତି। ସେହିପରି ଯେଉଁ ଜିଲ୍ଲାଗୁଡ଼ିକରୁ ସରକାରରେ ପ୍ରତିନିଧିତ୍ୱ ମିଳିନାହିଁ, ସେହି ଜିଲ୍ଲାଗୁଡ଼ିକୁ ଆଗାମୀ ସମ୍ପ୍ରସାରଣ ବେଳେ ସୁଯୋଗ ମିଳିପାରେ ବୋଲି ମଧ୍ୟ ଚର୍ଚ୍ଚା ହେଉଛି। ଏହା ପରେ ମନ୍ତ୍ରିମଣ୍ଡଳରୁ ବାଦ ପଡ଼ିଥିବା ବରିଷ୍ଠ ନେତାଙ୍କୁ ନିଗମ, ବୋଡର୍ ଓ ଅନ୍ୟାନ୍ୟ ସରକାରୀ ପ୍ରତିଷ୍ଠାନରେ ନିଯୁକ୍ତି ଦିଆଯାଇ ସନ୍ତୁଷ୍ଟ କରାଯିବାକୁ ଚେଷ୍ଟା କରାଯିବ ବୋଲି ସୂଚନା ମିଳିଛି।

## ଜଳଭଣ୍ଡାରକୁ ଡେଇଁ...

ଛାତ୍ର। ଉଭୟଙ୍କ ମଧ୍ୟରେ ପ୍ରେମସମ୍ପର୍କ ଗଢ଼ି ଉଠିଥିଲା। କିନ୍ତୁ ପରିବାର ଲୋକେ ଏହାକୁ ବିରୋଧ କରିବାରୁ ସେମାନେ ଆତ୍ମହତ୍ୟା ପାଇଁ ନିଷ୍ପତ୍ତି ନେଇଥିଲେ। ଉଭୟଙ୍କର ମୋବାଇଲ୍ ଜଳଭଣ୍ଡାର ଭିତରୁ ମାଛ ଧରାଳି ଉଦ୍ଧାର କରି ଦେବା ପରେ ସେମାନେ ପାଣିରେ ବୁଡ଼ି ଯାଇଥିବା ଅନୁମାନ କରାଯାଉଥିଲା। ଅଗ୍ନିଶମ ବାହିନୀ ଖୋଜାଖୋଜି କରିବା ପରେ ପ୍ରେମୀଯୁଗଳଙ୍କ ହାତ ବନ୍ଧା ଯାଇଥିବା ଅବସ୍ଥାରେ ମୃତଶରୀର ଉଦ୍ଧାର କରାଯାଇଥିଲା। ସେମାନେ ପାଣିକୁ ଡେଇଁବା ପୂର୍ବରୁ ଉଭୟ ପରସ୍ପର ହାତକୁ ବାନ୍ଧି ଦେଇଥିବା ଅନୁମାନ କରାଯାଉଛି। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପରେ ଉଭୟଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି।

SALE
Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.
Contact
GADHWAL GROUP
Mob.: 9437015112

AFFIDAVIT
By virtue of an affidavit before The Executive Magistrate, Titilagarh, on dated- 22/05/2025. I, **Laxman Sahu** (Applicant name) Son of Debendra Sahu, permanent resident of At- Sargiguda (Ram Mandir Road), P.O./P.S. Titilagarh, Dist- Bolangir, (Odisha), PIN- 767033 now residing at the same place affirm that I have changed my minor daughter name from **Monalisa Sahu** (old name) To **Payal Sahu** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she will be known as **Payal Sahu** (new name).
Laxman Sahu

ସକାଳ THE SAKALA



www.sakalaepaper.com

## ମହୁଲ ପୋଚ ସହ ଦେଶୀ ମଦ ଜବତ

ଶଗଡ଼ା, ୧୫ ।୬(ସମିସ): ବାଉଁଶୁଣି ଥାନା ଜଡ଼ାପାଳ ଜଙ୍ଗଲ ନିକଟରେ ମଦ ପ୍ରସ୍ତୁତ ଚାଲିଥିବା ବେଳେ ଅବକାରୀ ବିଭାଗ ୪୦୦ କେଜି ମହୁଲ ପୋଚ ଓ ୧୫ ଲିଟର ଦେଶୀ ମଦ ନଷ୍ଟ କରିଛି । ତେବେ ଘଟଣାରେ ସମ୍ପୃକ୍ତ ଥିବା ମାଫିଆ ଘଟଣାସ୍ଥଳରୁ ଫେରାର ମାରିଛନ୍ତି ।

## ଚାଷୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଶଗଡ଼ା, ୧୫ ।୬( ସମିସ): ମନମୁଣ୍ଡା ଥାନା ବାହାଯୋର ଗ୍ରାମରୁ ଜଣେ ଚାଷୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ଉଦ୍ଧାର ହୋଇଛି । ମୃତକ ହେଲେ ଗ୍ରାମର ପୂର୍ଣ୍ଣଚନ୍ଦ୍ର ରଣା । ଅପରାହ୍ନରେ ସେ ନିଜ ବିଲକୁ ଯାଇଥିଲେ । ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରି ବିଲ ନିକଟ ପହଞ୍ଚି ଏକ ଆମ୍ବ ଗଛରେ ତାଙ୍କ ଝୁଲନ୍ତା ମୃତଦେହ ଦେଖିଥିଲେ । ମନମୁଣ୍ଡା ପୁଲିସ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚିଥିଲା । ମୃତଦେହକୁ ଉଦ୍ଧାର କରିଥିଲା ପୁଲିସ ବ୍ୟବଚ୍ଛେଦ ପାଇଁ ପଠାଇଥିଲା ।

## କଲ୍ୟାଣମଣ୍ଡପ ନିର୍ମାଣ ପାଇଁ ଶିଳାନ୍ୟାସ



ତରଭା, ୧୪।୬(ସମିସ): ତରଭା ନିକଟସ୍ଥ ବଇରାସର ଗ୍ରାମରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡଃ. ମୁକେସ ମହାଲିଙ୍ଗ ଏକ କଲ୍ୟାଣ ମଣ୍ଡପ ନିର୍ମାଣ ଲାଗି ଶିଳାନ୍ୟାସ କରିଛନ୍ତି । ଏହି କଲ୍ୟାଣ ମଣ୍ଡପ ପାଇଁ ୭ ଲକ୍ଷ ଟଙ୍କା ବ୍ୟୟ ଅଟକଳ ହୋଇଛି । ପରେ ମନ୍ତ୍ରୀ ପଞ୍ଚାୟତ ପରିସରରେ ପୁଇଁନ୍ତଲା ବିଡିଓ ଅମରେନ୍ଦ୍ର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜନସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ପଞ୍ଚାୟତର ଜନସାଧାରଣଙ୍କୁ ଆୟୁଷ୍ମାନ କାର୍ଡ ବଣ୍ଟନ କରାଯାଇଥିଲା । ଜିଲ୍ଲାମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାତ ମହାପାତ୍ର, ପୁଇଁନ୍ତଲା ତହସିଲଦାର ଗୌର ବର୍ଗେ, ସରପଞ୍ଚ ଦିବ୍ୟାଭାରତୀ ପଧାନ, ଏବିଡିଓ ବିଜୟ ହୋତା, ଏମ୍ଆଇ ଶୁଶାନ୍ତ ସାହୁ, ବିଏସ୍ଏସ୍ଓ କଳ୍ପନା ପଣ୍ଡା, ସାଂସଦ ପ୍ରତିନିଧି ରାଜ କିଶୋର ନାଏକ, ବିଧାୟକ ପ୍ରତିନିଧି ଅଜିତ ପଣ୍ଡା ଓ ଲିଗାଲ ସେଲ ରାଜିନ୍ଦ୍ର ବିଜୟ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ । ସୁଶୀଲ ଅଗ୍ରୱାଲ, ଦାମୋଦର ନାଏକ, ସୂର୍ଯ୍ୟ ନାଏକ ଓ ହୃଷିକେଶ ଜାଲଙ୍କ ସମେତ ଗ୍ରାମର ବହୁ ଯୁବକ ସହଯୋଗ କରିଥିଲେ ।

## ବନ କର୍ମଚାରୀଙ୍କ କଳାବ୍ୟାଜ୍ ପରିଧାନ



ଶଗଡ଼ା, ୧୫ ।୬( ସମିସ): କଣ୍ଟାମାଳ ବନ କର୍ମଚାରୀମାନେ ୩ଦଫା ଦାବି ନେଇ ରବିବାର କଳା ବ୍ୟାଜ ପରିଧାନ କରିଛନ୍ତି । ବନକର୍ମଚାରୀଙ୍କ ମୃତ୍ୟୁକାଳୀନ ସହାୟତା ରାଶି ୧ କୋଟି ଟଙ୍କାକୁ ବୃଦ୍ଧି, ଫରେଷ୍ଟ କମିଶନ ଗଠିତ ଓ ମୃତ ଫରେଷ୍ଟ ଗାର୍ଡ ପ୍ରହଲ୍ଲାଦ ପ୍ରଧାନଙ୍କ ହତ୍ୟାକାରୀଙ୍କୁ ଗିରଫ ଆଦି ୩ ଦଫା ଦାବି ନେଇ ୨୦ ତାରିଖ ପର୍ଯ୍ୟନ୍ତ ସମସ୍ତ ବନକର୍ମଚାରୀ କଳା ବ୍ୟାଜ ପରିଧାନ କରିବେ । ୨୦ ତାରିଖ ମଧ୍ୟରେ ଉକ୍ତ ଦାବି ପୂରଣ ନ ହେଲେ ୨୧ ତାରିଖଠାରୁ ଆରସିସିଏଫ କାର୍ଯ୍ୟାଳୟରେ ସମସ୍ତ ବନକର୍ମଚାରୀ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଦେବେ ବୋଲି ସୂଚନା ମିଳିଛି ।

## ଜିଲ୍ଲାପାଳଙ୍କ ରବି ଧାନ କ୍ରୟ କେନ୍ଦ୍ର ପରିଦର୍ଶନ



ଶଗଡ଼ା, ୧୫ ।୬( ସମିସ): ବୌଦ୍ଧ ଜିଲ୍ଲାପାଳ ସୁବ୍ରତ ପଣ୍ଡା ସଦର ବ୍ଲକ କସୁରବନ୍ଧ ପଞ୍ଚାୟତ କୁରୁମ ପଦରରେ ରହ୍ମା ପ୍ରାଥମିକ କୃଷି ସମବାୟ ସମିତି ପକ୍ଷରୁ ଖୋଲା ଯାଇଥିବା ରବି ଧାନ କ୍ରୟ କେନ୍ଦ୍ର ପରିଦର୍ଶନ କରିଛନ୍ତି । ବରିଷ୍ଠ ଅଧିକାରୀମାନଙ୍କ ସହ ସେ ଧାନ କ୍ରୟ କେନ୍ଦ୍ରରେ ପହଞ୍ଚି ଭିତ୍ତିଭୂମି ଅନୁଧ୍ୟାନ କରିବା ସହ ଧାନ ବିକ୍ରୟ ପାଇଁ ଆସୁଥିବା ଚାଷୀଙ୍କ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ । ଚାଷୀଙ୍କ ଲାଗି ଥଣ୍ଡା ପାନୀୟ ଜଳ ଉପଲବ୍ଧ କରାଇବା ଓ ବର୍ଷା ଦାଉରୁ ଚାଷୀଙ୍କ ଧାନକୁ ସୁରକ୍ଷିତ ରଖିବା ପାଇଁ ସମିତି ସମ୍ପାଦକଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏହି ପରିଦର୍ଶନ ସମୟରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀନାଥ ହାଁସଦା, ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଭାସ୍କର ଚନ୍ଦ୍ର ପାଣିଗ୍ରାହୀଙ୍କ ସହ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ବିମାନ ଦୁର୍ଘଟଣାର ମୃତକଙ୍କୁ ଶ୍ରଦ୍ଧାଞ୍ଜଳି

ବୀରମହାରାଜପୁର, ୧୫।୬(ସମିସ): ଗତ ଜୁନ୍ ୧୨ରେ ଅହମଦାବାଦରେ ହୋଇଥିବା ବିମାନ ଦୁର୍ଘଟଣାରେ ମୃତକଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଶନିବାର ସନ୍ଧ୍ୟାରେ ବୀରମହାରାଜପୁର ଶ୍ରୀଜଗନ୍ନାଥ ମନ୍ଦିରରେ ସାମୂହିକ କ୍ୟାଣ୍ଡେଲ ପ୍ରଜ୍ୱଳନ କରାଯାଇଥିଲା । ଏଥିସହ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ଏଥିରେ ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ଆଲୋକ ଦେହେରୀ, ସୁରୁ ମହାକୁର, ପିଣ୍ଟୁ ହୋତା, ନିରୋଦ ପାଣ୍ଡେ, ରମେଶ ଦେହେରୀ, ଲକ୍ଷ୍ମୀ ନାରାୟଣ ପୁରୋହିତ, ରାମେଶ୍ୱର ମହାକୁର, ସୁଜିତ ରଥ, ମହାଦେବ ରଥ, ସିତ ଦାଶ, ଭକ୍ତ କ୍ଷେତୀ, ବିଜୟ ପ୍ରଧାନ, ଡ. ଦ୍ୱିତୀକୃଷ୍ଣ ପଣ୍ଡା, ବସନ୍ତ ମହାକୁର ପ୍ରମୁଖ ସାମିଲ ହୋଇଥିଲେ ।



# ରାସ୍ତା କାମ ଆଳରେ ଲୁଟ୍

ବୌଦ୍ଧ, ୧୫ ।୬(ସମିସ):



କେନ୍ଦ୍ର ସରକାର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ରାସ୍ତା ଉନ୍ନତିକରଣ ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି; ହେଲେ ଯେଉଁଭଳି ଭାବେ ରାସ୍ତା ଉନ୍ନତି କରଣ କରାଯାଇଛି ତାହା ଦେଖିଲେ ଆଶ୍ଚର୍ଯ୍ୟ ଲାଗୁଛି । ବୁଟୁପାଲି-ବଘିଆପଡ଼ା ରାସ୍ତାର ନୂଆପାଲିଠାରୁ ଗୌଡ଼ଦେଇ ହରିଜନ ସାହି ରାସ୍ତାର ଉନ୍ନତିକରଣରେ ଏଭଳି ଦେଖିବାକୁ ମିଳିଛି ।

୨୦୨୧-୨୨ ଆର୍ଥିକ ବର୍ଷରେ ମନରେଗା ଯୋଜନାରେ ୯ ଲକ୍ଷ ୩୧ ହଜାର ଟଙ୍କା ବ୍ୟୟରେ ଏହି ରାସ୍ତାର ଉନ୍ନତୀକରଣ କରାଯାଇଛି । ସୂଚନା ଫଳକରେ ୦ କିମିରୁ ୧୦୦୦ କିମି ରାସ୍ତାର ଗ୍ରେଡ୍ ୱାନ ମେଟାଲିଂ ପାଇଁ ଏହି ଅର୍ଥ ମଞ୍ଜୁର ହୋ ଥିବା ସ୍ପଷ୍ଟ ଲେଖା ହୋଇଛି; ମାତ୍ର ୫୦୦ ମିଟର ରାସ୍ତା ନିର୍ମାଣ କରି ଏବଂ ଅଟକଳ ମୁତାବକ କମ୍ ମେଟାଲ ଦେଇ ସମ୍ପୂର୍ଣ୍ଣ ବିଲ୍ କରାଯାଇଥିବା ଅଭିଯୋଗ ହେଉଛି । ଅନ୍ୟ ପକ୍ଷରେ ଶ୍ରମିକ ବଦଳରେ ମେସିନରେ କାମ ହୋଇଥିବା ସ୍ଥାନୀୟ ଲୋକ କହିଛନ୍ତି । ସେହିପରି ବଘିଆପଡ଼ା ପଞ୍ଚାୟତର ଖୁଣ୍ଟିଆପଡ଼ା, ଏରେଡା, ନୂଆପାଲି ପୋଖରୀ ଖନନରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି । ୨୦୨୨-୨୩ ଆର୍ଥିକ ବର୍ଷରେ ଖୁଣ୍ଟିଆପଡ଼ା ପୋଖରୀର ଉନ୍ନତୀକରଣ ପାଇଁ ୯ ଲକ୍ଷ, ଏରେଡା ତେନ୍ତୁଳି ବନ୍ଧ ପୋଖରୀ ଉନ୍ନତୀକରଣ ପାଇଁ ୯ ଲକ୍ଷ, ନୂଆପାଲି ପୋଖରୀର ଉନ୍ନତୀକରଣ ପାଇଁ ୯ ଲକ୍ଷ ଟଙ୍କା ଲେଖାଏଁ ପଞ୍ଚାୟତ ପକ୍ଷରୁ ଅର୍ଥ ମଞ୍ଜୁର ହୋଇଥିଲା । ତେବେ ଏହାକୁ ଶ୍ରମିକଙ୍କ ଦ୍ୱାରା ଖୋଳିବା ପାଇଁ ସ୍ପଷ୍ଟ ନିର୍ଦ୍ଦେଶ ଥିବାବେଳେ ଏଥିରେ ମେସିନ ଓ ଟ୍ରାକ୍ଟର ଲଗାଇ କାମ କରାଯାଇଥିବା ପିଇଓ ହିମାଂଶୁ ପ୍ରଧାନ ସ୍ୱୀକାର କରିଛନ୍ତି । ଏ ନେଇ ତାଙ୍କ ପ୍ରତିକ୍ରିୟା ନେବାରୁ ଜିଆରଏସଙ୍କୁ ଯୋଗାଯୋଗ କରିବାକୁ କହିଥିଲେ । ଗ୍ରାମରେ ଶ୍ରମିକ ଶ୍ରେଣୀର ଲୋକ ଥିଲେ ମଧ୍ୟ ଠିକାଦାର ନିଜ ସୁହାଇଲା ଭଳି ଶ୍ରମିକଙ୍କ ଜବ କାର୍ଡ ନେଇ ତାଙ୍କ ବ୍ୟାଙ୍କ ଖାତାରେ ଟଙ୍କା ପକାଇଛନ୍ତି ବୋଲି ଅଭିଯୋଗ ହେଉଛି । କାର୍ଡ ପିଛା ୨୦୦ରୁ ୩୦୦ ଟଙ୍କା ଦେଇ ବାକି ଟଙ୍କା ଠିକାଦାର ନେଉଥିବା ବେଳେ ରାସ୍ତାରେ ଶ୍ରମିକ ବଦଳରେ ମେସିନରେ ବନ୍ଧରୁ ମାଟି କାଢି ଟ୍ରାକ୍ଟର ଯୋଗେ ମାଟି ବୋହିଥିବା ଅଭିଯୋଗ ହୋଇଛି । ରାସ୍ତା ଉନ୍ନତୀକରଣ ନାଁରେ ଲକ୍ଷ ଲକ୍ଷ ଟଙ୍କା ଲୁଟ୍ ହୋଇଥିବା ଲୋକେ ଅଭିଯୋଗ କରିଛନ୍ତି । ରାସ୍ତାରେ ଲାଗିଥିବା ସୂଚନା ଫଳକରେ ଅସମ୍ପୂର୍ଣ୍ଣ ସୂଚନା ଲାଗିଥିବାରୁ ଲୋକେ ପ୍ରକୃତ ତଥ୍ୟ ଜାଣି ପାରୁ ନାହାନ୍ତି । ଏବେ ବନ୍ଧରୁ ୬୦ରୁ ୭୦ ଟ୍ରିପ୍ ମାଟି କାଢି ଏହି ରାସ୍ତାରେ ପକାଯାଇଛି । ତେବେ ବିଭାଗୀୟ ଅଧିକାରୀଙ୍କ ନାମରେ କାର୍ଯ୍ୟାଦେଶ ଥିଲେ ମଧ୍ୟ ଏଥିରେ ଠିକାଦାର ନିଯୁକ୍ତି ଦିଆ ଯାଉଛି । ଦୁର୍ନୀତିକୁ ଚପେଇବାକୁ ୧୦/୧୨ ଜଣ ଶ୍ରମିକଙ୍କୁ ଠିଆ କରାଇ ଫଟୋ ଉଠାଇ ଏମ୍ଏମ୍ଏ କରାଯାଉଛି । ଶ୍ରମିକମାନଙ୍କୁ ୧୦୦ ଦିନର କାମ ସରକାର ଯୋଗାଇ ଦେଇଥିବା ବେଳେ ଅଳ୍ପ କିଛି ଶ୍ରମିକଙ୍କୁ ଠିକାଦାର କାମ ଦେଉଥିବାରୁ ବାକି ଶ୍ରମିକ ବାହାର ରାଜ୍ୟକୁ ଦାଦନ ମୁହାଁ ହେଉଥିବା ଅଭିଯୋଗ ହେଉଛି । ସେହିପରି ଏହି ପଞ୍ଚାୟତ ଅଧୀନ ଆମଠାପଡ଼ା, ଗୋଛାପଡ଼ା, ରେଙ୍ଗାଲି ପୋଖରୀ ଉନ୍ନତୀକରଣରେ ବି ମେସିନ ସାହାଯ୍ୟରେ କାମ ହୋଇଥିବା ଅଭିଯୋଗ ହୋଇଛି ।

## ଦୂର୍ଦୁରା-ବାଉରୀ ଜୋର୍ ପୋଲ ରାସ୍ତା ମରଣଯନ୍ତା

## ଉଠିଗଲାଣି ପିଚୁ; ରାସ୍ତା ଫାଟି ଆଁ କଲାଣି



**ବାରମ୍ବାର ଅଭିଯୋଗ ପରେ ବି ପ୍ରଶାସନ ସାଜିଛି ନିଦାବିଷ୍ଟ**

**ବୀରମହାରାଜପୁର, ୧୫।୬(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ନୂତନ ଭାବେ ନିର୍ମାଣ ହୋଇଥିବା ବାଉରୀ ଜୋର୍ ପୋଲ ରାସ୍ତା ଏବେ ମରଣଯନ୍ତା ପାଲଟିଛି । ଗତ ୪ ବର୍ଷ ପୂର୍ବେ ପୂର୍ତ୍ତ ବିଭାଗ ତରଫରୁ ପିତମହୁଲ ପଞ୍ଚାୟତର ଏହି ବାଉରୀ ଜୋର ପୋଲ ନିର୍ମାଣ ହୋଇଥିଲା । ମାତ୍ର ବର୍ଷ ଚାରିଟା ନପୁରୁଣୁ ଏହି ପୋଲ ଉପର ରାସ୍ତା ଅବଡା ଖବଡା ହେବା ସହ ରାସ୍ତାରୁ ପିଚୁ ଉଠି ଯାଇଥିବା ଦେଖିବାକୁ ମିଳିଛି । ରାସ୍ତା ଫାଟି ଆଁ କରିଥିବାରୁ ଅସରାଏ ବର୍ଷା ହେଲେ ରାସ୍ତାରେ ପାଣି ଜମୁଛି । ଫଳରେ ରାସ୍ତାରେ ଯାତାୟାତ ପ୍ରଭାବିତ ହେଉଛି । ଏହି ରାସ୍ତା ଦେଇ ପ୍ରତିଦିନ କଟକ, ପୁରୀ, ଭୁବନେଶ୍ୱର, ରେଢ଼ାଖୋଲ, ବୌଦ୍ଧ ଆଦି ସହରକୁ ଅନେକ ବସ୍, ଚାରିଚକିଆ ଯାନ, ଦୁଇ ଚକିଆ ଯାନ ଯାତାୟାତ କରୁଛି । ବିପର୍ଯ୍ୟସ୍ତ ରାସ୍ତା ଯୋଗୁଁ ଅନେକ ସମୟରେ ଦୁର୍ଘଟଣା ଘଟି ଅଞ୍ଚଳବାସୀଙ୍କ ଜୀବନ ଯାଇଥିବା ନଜିର ରହିଛି । ଏଣୁ ଏହି ନିତିଦିନିଆ ରାସ୍ତାର ମରାମତି କରାଯିବା ଦିଗରେ ତୁରନ୍ତ ପୂର୍ତ୍ତ ବିଭାଗ ତ୍ୱରିତ ପଦକ୍ଷେପ ନେବାକୁ ଦାବି ହୋଇଛି ।

## ୫ ବର୍ଷ ହେଲା ନାହାନ୍ତି ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ

**ଶଗଡ଼ା, ୧୫ ।୬(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ମନମୁଣ୍ଡାରେ ୫ ବର୍ଷ ହେଲା ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ ପଦ ଖାଲି ପଡ଼ିଛି । ଭାରପ୍ରାପ୍ତ ଅଧିକାରୀଙ୍କ ଦାୟିତ୍ୱରେ ଏହି କାର୍ଯ୍ୟାଳୟ ଚାଲିଛି । ବୌଦ୍ଧ ଜିଲ୍ଲାରେ ଜଳଛାୟା ମିଶନ ପ୍ରକଳ୍ପ କାର୍ଯ୍ୟ କରୁଥିବା ବେଳେ ବୌଦ୍ଧ ମୃତ୍ତିକା ସଂରକ୍ଷଣ ବିଭାଗରେ କର୍ମଚାରୀ ଅଭାବରୁ ଅଚଳାବସ୍ଥା ଦେଖାଦେଇଛି । କର୍ମଚାରୀ ଅଭାବରୁ ଉନ୍ନୟନ କାମ ପ୍ରଭାବିତ ହୋଇଛି । ବିଭାଗର ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ଜୁଲାଇରେ ଅବସର ନେବେ । ବର୍ତ୍ତମାନ ଏହି କାର୍ଯ୍ୟାଳୟ ମାଧ୍ୟମରେ ମୃତ୍ତିକା ସଂରକ୍ଷଣ ଓ ଜଳଛାୟା ପ୍ରକଳ୍ପପକ୍ଷରୁ ବିଭିନ୍ନ ଯୋଜନା ମାଧ୍ୟମରେ ଚାଷୀଙ୍କ ପାଇଁ କୋଟି କୋଟି ଟଙ୍କାର ଅନୁଦାନ ଆସୁଛି; ହେଲେ ସ୍ଥାୟୀ ଅଧିକାରୀ ନ ଥିବାରୁ ଅର୍ଥ ବାଟମାରଣ ହେବା ସହ ଯୋଜନାର ଠିକ ରୂପାୟନ ହୋଇ ପାରୁ ନ ଥିବା ଅଭିଯୋଗ ହୋଇଛି । ବିଭିନ୍ନ ଯୋଜନାରେ ଆସୁଥିବା କେନ୍ଦ୍ରୀୟ ଅନୁଦାନ ଖର୍ଚ୍ଚ ନ ହୋଇ ଫେରି ଯାଉଛି ।

## ବଘିଆବାହାଲ-ଝିଙ୍କରପାଲି ରାସ୍ତା ଶୋଚନୀୟ

ଶଗଡ଼ା, ୧୫ ।୬(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ପଲସାଗୋରା ପଞ୍ଚାୟତ ବଘିଆବାହାଲ ଡାକଘର ଛକ ୪୧ ନମ୍ବର ରାଜ୍ୟ ରାଜପଥଠାରୁ ଝିଙ୍କରପାଲି ଗ୍ରାମକୁ ସଂଯୋଗ କରୁଥିବା ପ୍ରଧାନମନ୍ତ୍ରୀ ସଡ଼କର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି । ୨୦୧୭ ମସିହାରେ ବୌଦ୍ଧ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ୩ କିଲୋମିଟର ୯ ଶହ ମିଟର ଲମ୍ବର ଏହି ରାସ୍ତା ନିର୍ମାଣ କରାଯାଇଥିଲା ।



ବଘିଆବାହାଲ ଗାଁ ମୁଣ୍ଡ ରାସ୍ତାଠାରୁ ଝିଙ୍କରପାଲି ଗ୍ରାମ ପର୍ଯ୍ୟନ୍ତ ଯାଇଥିବା ରାସ୍ତାର ପ୍ରାୟ ଅଧିକାଂଶ ସ୍ଥାନରୁ ପିଚୁ ଉଠିଯିବା ପରେ ରାସ୍ତାରେ ଦିଆଯାଇଥିବା ମେଟାଲ, ଚିପ୍ସ ଓ ବଜୁରୀ ମଧ୍ୟ ଉଠି ଯାଇଛି । ଏହାଫଳରେ ଲୋକେ ଦୁର୍ଘଟଣାର ଶିକାର ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏହି ରାସ୍ତା ଉପରେ ପ୍ରାୟ ୧୦ ଖଣ୍ଡ ଗାଁର ଲୋକେ ନିର୍ଭର କରୁଛନ୍ତି । ତେବେ ବିଭାଗୀୟ ଅଧିକାରୀଙ୍କ ସହ ସ୍ଥାନୀୟ ଜନ ପ୍ରତିନିଧିଙ୍କୁ ଲୋକେ ଏହି ରାସ୍ତା ମରାମତି ପାଇ ବାରମ୍ବାର ଅନୁରୋଧ କରୁଥିଲେ ହେଁ କେହି ଶୁଣିବାକୁ ନାରାଜ ବୋଲି ଲୋକେ କହିଛନ୍ତି ।

## ସ୍କୁଲ୍ ପରିସର ଦେଇ ଗାଁକୁ ବିଦ୍ୟୁତ୍ ଯୋଗାଣ

ଶଗଡ଼ା, ୧୫ ।୬( ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଶିମିଳିପଦର ପଞ୍ଚାୟତ ଡାହିମାଳ ଗ୍ରାମର ବିଦ୍ୟାଳୟ ପରିସରରେ ବିପଦପୂର୍ଣ୍ଣ ଭାବେ ଗାଁକୁ ବିଦ୍ୟୁତ୍ ସଂଯୋଗ କରାଯାଇଛି । ବିଦ୍ୟାଳୟ ପରିସରରେ ଥିବା ଗଛ ଭିତରେ ବିଦ୍ୟୁତ୍ ତାର ଯାଇଥିବାରୁ ବର୍ଷା ପବନରେ



ଅଘଟଣା ଆଶଙ୍କା ଦେଖା ଦେଇଛି । ଅନ୍ୟପଟେ ବର୍ଷା ଦନେ ବିଦ୍ୟୁତ୍ ତାର ଗଛ ସଂସ୍ପର୍ଶରେ ଆସୁଥିବାରୁ ଅନେକ ସମୟରେ କରେଣ୍ଟ ମାରୁଥିବା ଅଭିଯୋଗ ହୋଇଛି । ଛାତ୍ରଛାତ୍ରୀଙ୍କ ଜୀବନ ପ୍ରତି ବିପଦ ଥିବା ନେଇ ଗ୍ରାମବାସୀ ଅନେକ ଥର ବିଭାଗୀୟ ଅଧିକାରୀଙ୍କୁ ଜଣାଇ ଥିଲେ ସୁଦ୍ଧା ଏହାର କୌଣସି ସମାଧାନ ହୋଇ ନାହିଁ । ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ସ୍କୁଲ୍ ଦେଇ ଯାଇଥିବା ବିଦ୍ୟୁତ ତାର ହଟାଇବାକୁ ଅଭିଭାବକ ଦାବି କରିଛନ୍ତି ।

## ଆର୍ଥିକ ସଚେତନତା ଓ ଅନ୍ତର୍ଭୁକ୍ତୀକରଣ କାର୍ଯ୍ୟକ୍ରମ

ମନମୁଣ୍ଡା, ୧୫ ।୬(ସମିସ): ମନମୁଣ୍ଡା ଇନ୍ଦିରା ବାଳିକା ଉଚ୍ଚ ବିଦ୍ୟାଳୟରେ ବୌଦ୍ଧ ଜିଲ୍ଲା ସଞ୍ଚୟ ଓ ଆର୍ଥିକ ସେବା ବିଭାଗ ପକ୍ଷରୁ ଆର୍ଥିକ ସଚେତନତା ଓ ଅନ୍ତର୍ଭୁକ୍ତୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଡନ୍ ବାସ୍କୋଟି ଡିଜିଟାଲ କାରବାର, ସାଇବର ଅପରାଧ ଓ ଚିଟଫଣ୍ଡରେ ଟଙ୍କା ବିନିଯୋଗ କରିବାର ଅପକାରିତା ସମ୍ପର୍କରେ ବୁଝାଇଥିଲେ । ମନମୁଣ୍ଡା ଉପ ଡାକଘରର ପୋଷ୍ଟ ମାଷ୍ଟର ଅରୁଣ ସାହୁ ବିଭିନ୍ନ ସ୍ୱଳ୍ପ ସଞ୍ଚୟ ଯୋଜନା ଯଥା ସୁକନ୍ୟା ଯୋଜନା, ଡାକ ଜୀବନ ବୀମା ଯୋଜନା ଇତ୍ୟାଦି ଉପରେ ଆଲୋକପାତ କରିଥିଲେ । ମନମୁଣ୍ଡା ଏସବିଆଇ ଶାଖା ପରିଚାଳକ ବାଳଗୋପଳ ନାୟକ ଅଟଳ ପେନସନ ଯୋଜନା, କମ୍ ପ୍ରିମିୟମରେ ସରକାରୀ ବୀମା ଇତ୍ୟାଦି ଉପରେ ବୁଝାଇଥିଲେ । ସୁକାନ୍ତ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ । ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ଧରିତ୍ରୀ ପ୍ରଧାନ ସଭାକାର୍ଯ୍ୟ ପରିଚାଳନା କରିଥିଲେ । ଧରିତ୍ରୀ ମେହେର, ସୁକାନ୍ତ ତ୍ରିପାଠୀ, ମାନସୀ ପ୍ରଧାନ, ରମାକାନ୍ତି ଷଡ଼ଙ୍ଗୀ, ନଜବିନ ବେଗମ୍ ପ୍ରମୁଖ ସହଯୋଗ କରିଥିଲେ ।

## ସୋନପୁର-ରାୟପୁର, ସୋନପୁର-ବିଶାଖାପାଟଣା ରେଳ ପାଇଁ ଦାବି

**ସୋନପୁର, ୧୫ ।୬(ସମିସ):** ଖୋର୍ଦ୍ଧା-ବଲାଙ୍ଗିର ରେଳ ପଥରେ ବୌଦ୍ଧ ଓ ପୁରୁଣାକଟକ ପର୍ଯ୍ୟନ୍ତ ରେଳ ଚଳାଚଳ ପାଇଁ ସିଆରଏସ ଅନୁକୂଳ ରିପୋର୍ଟ ପରେ ପୁରୁଣାକଟକ-ବୌଦ୍ଧ ରେଳ ଚଳାଚଳ ପାଇଁ ଉଦ୍ୟମ ଆରମ୍ଭ ହୋଇଛି । ସେହିପରି ବୌଦ୍ଧ ରେଳଷ୍ଟେସନରୁ ସମ୍ବଲପୁର ଓ ଭୁବନେଶ୍ୱରକୁ ସାପ୍ତାହିକ ଏକ୍ସପ୍ରେସ ଟ୍ରେନ ଚଳାଚଳ ପାଇଁ ରେଳବାଇ ବୋର୍ଡର ଅନୁମତି ମଗାଯାଇଛି । ଜୁନ ୨୦ କିମ୍ବା ରଥଯାତ୍ରା ଅବସରରେ ଏହା ଶୁଭାରମ୍ଭ କରାଯିବାର ସମ୍ଭାବନା ଅଛି । ଅପରପକ୍ଷରେ ବୌଦ୍ଧ ଷ୍ଟେସନ ଉଦ୍‌ଘାଟନ ଅବସରରରେ ଖୋର୍ଦ୍ଧା-ବଲାଙ୍ଗୀର ରେଳ ପଥ ନିର୍ମାଣ ଗଣ କ୍ରିୟାନୁଷ୍ଠାନ କମିଟି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ରେଳବାଇ ଡିଆରଏମ, ଡିସିଏମ ସମ୍ବଲପୁର ଏବଂ ପ୍ରଧାନମନ୍ତ୍ରୀଙ୍କୁ ବୌଦ୍ଧରୁ ରାୟପୁର ଓ ବିଶାଖାପାଟଣା ଭାୟା ଟିଟିଲାଗଡ଼ ଦେଇ ୨ଟି ଟ୍ରେନ୍ ଚଳାଚଳ ପାଇଁ ଦାବି କରଛି । କ୍ରିୟାନୁଷ୍ଠାନ କମିଟି ଅଧ୍ୟକ୍ଷ ଗୋବିନ୍ଦ ମହାରଣା କହିଛନ୍ତି ଯେ, ରେଳଯାତ୍ରୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ବୌଦ୍ଧରୁ ରାୟପୁର ଓ ବିଶାଖାପାଟଣା ୨ଟି ଦ୍ରୁତଗାମୀ ଟ୍ରେନ୍ ଚାଲୁ କରାଯିବା ଆବଶ୍ୟକ ଅଛି ।

## ବରିଷ୍ଠମାନେ ସମାଜର ପଥ ପ୍ରଦର୍ଶକ



**ବୀରମହାରାଜପୁର, ୧୫।୬(ସମିସ):**

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକସଦର ମହକୁମାରେ ବିଶ୍ୱ ବରିଷ୍ଠ ହତାଦର ସଚେତନତା ଦିବସ ରବିବାର ପାଳିତ ହୋଇଛି । ବରିଷ୍ଠମାନେ ସମାଜର ପଥ ପ୍ରଦର୍ଶକ ହୋଇଥିବାରୁ ସର୍ବଦା ସେମାନଙ୍କ ଉପଦେଶ ଗ୍ରହଣୀୟ ବୋଲି ମତ ପ୍ରକାଶ ପାଇଥିଲା । ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଓ ବରିଷ୍ଠ ନାଗରିକ ସଂଗଠନ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ଡ. ପ୍ରଫୁଲ୍ଲ ରଥ ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ଭାବରେ ବୀରମହାରାଜପୁର ଉପଖଣ୍ଡ ପୁଲିସ ଅଧିକାରୀ ହେମନ୍ତ ରାଓ ଯୋଗଦେଇଥିଲେ । ମୁଖ୍ୟବକ୍ତା ଭାବରେ ବୀରମହାରାଜପୁର ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଦୀନବନ୍ଧୁ ମେହେର ଯୋଗ ଦେଇଥିଲେ । କୋଷାଧ୍ୟକ୍ଷ ଦୟାନିଧି ହୋତା ସ୍ୱାଗତ ଅଭିଭାଷଣ ଦେଇଥିଲେ । ସମାଜରେ ବରିଷ୍ଠମାନଙ୍କୁ କରାଯାଉଥିବା ଅବହେଳା ଏବଂ ଏହାର ସମାଧାନ ସମ୍ପର୍କରେ ଏଥିରେ ଆଲୋଚନା ହୋଇଥିଲା । ଭୂଷଣ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ସମ୍ପାଦକ ସନ୍ତୋଷ ଷଡ଼ଙ୍ଗୀ, ବାସୁଦେବ ପଣ୍ଡା, ସୁରୁ ସାହୁ, ସୌମିତ୍ରୀ ମେହେର, ଗୋପୀନାଥ ମହାକୁର, ବଳରାମ କାଣ୍ଡ, ଚମରା ମହାକୁର, ଜ୍ଞାନେନ୍ଦ୍ର ତ୍ରିପାଠୀ, ଦିଲ୍ଲୀପ ତ୍ରିପାଠୀ, ଦିଲ୍ଲୀପ ମିଶ୍ର, ବାସୁଦେବ ରଥ, ନାରାୟଣ ପ୍ରସାଦ ନାୟକ, ଜୟଦେବ ସାହୁ, ଅକ୍ରୁର ଦନ୍ତା, ନିତ୍ୟାନନ୍ଦ ତ୍ରିପାଠୀ, ଭୀମସେନ ବାରିକ, ନରେନ୍ଦ୍ର ମହାନନ୍ଦ, ଇନ୍ଦ୍ରଜିତ ପରୁଆ, ତ୍ରିନାଥ ମିଶ୍ର, କୃଷ୍ଣ ଚନ୍ଦ୍ର ପାଢ଼ୀ, ସୂର୍ଯ୍ୟ ପାଣିଗ୍ରାହୀ, ଶିବ ରମଣ ପଣ୍ଡା, ଯୁଗଳ ମିଶ୍ର, ରତ୍ନାକର ମହାକୁର, ରବି ନାରାୟଣ ବେହେରା, ଜୀତେନ୍ଦ୍ର କୁମାର ପ୍ରମୁଖ ଉପସ୍ଥିତ ଥିଲେ ।

## ଯୋଗୀନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟରେ ଭିଜନ ଓଡ଼ିଶା କାର୍ଯ୍ୟକ୍ରମ

ବୌଦ୍ଧ, ୧୫ ।୬(ସମିସ): ବୌଦ୍ଧ ଯୋଗୀନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟରେ ଭିଜନ ଓଡ଼ିଶା-୨୦୩୬ ଓ ବିକଶିତ ଭାରତ-୨୦୪୭ ଉଦ୍ଦେଶ୍ୟରେ ଜିଲ୍ଲାସ୍ତରୀୟ ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ୩୬ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ଉଚ୍ଚବିଦ୍ୟାଳୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ପ୍ରିୟରଞ୍ଜନ ଘଣ୍ଟାଲ (ସରକାରୀ ଉଚ୍ଚ ବିଦ୍ୟାଳୟ, କରଞ୍ଜକଟା) ପ୍ରଥମ ସ୍ଥାନ ଅଧିକାର କରିଥିଲେ । ଇସାନ୍ତ ମାହାକୁଡ (ରାଜେନ୍ଦ୍ର ନାରାୟଣ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଧଳପୁର) ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି । ଶୀକୃତି ଦନ୍ତା (ଓଡ଼ିଶା ଆଦର୍ଶା ବିଦ୍ୟାଳୟ, ଅଁଳାଛୁଆଁ) ତୃତୀୟ ସ୍ଥାନ ଅଧିକାର କରିଥିଲେ । ଉଚ୍ଚ ମାଧ୍ୟମିକ ବିଦ୍ୟାଳୟସ୍ତରୀୟ ଚିତ୍ରାଙ୍କନ ସ୍ତର ପ୍ରତିଯୋଗିତାରେ ସ୍ୱାତି ସାହୁ (ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ତେତେଲେଙ୍ଗା) ପ୍ରଥମ ସ୍ଥାନ ଅଧିକାର କରିଥିଲେ । ସଞ୍ଚିତା ରାନୀ ପ୍ରଧାନ (ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ମଣିପୁର) ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି । ଦିବ୍ୟ ରଞ୍ଜନ ସାହୁ (ଭୈରବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ପୁରୁଣାକଟକ) ତୃତୀୟ ସ୍ଥାନ ଅଧିକାର କରିଥିଲେ । ଉଚ୍ଚ ବିଦ୍ୟାଳୟସ୍ତରୀୟ ପ୍ରବନ୍ଧ ପ୍ରତିଯୋଗୀତାରେ ସୁଶାନ୍ତ ମେହେର (ସରକାରୀ ଉଚ୍ଚ ବିଦ୍ୟାଳୟ, ବାଉଁସୁଣୀ) ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ଶ୍ରୀତମ ବିଶ୍ୱାଳ (ସରକାରୀ ଉଚ୍ଚ ବିଦ୍ୟାଳୟ, କରଞ୍ଜକଟା) ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି । ବିଷ୍ଣୁପ୍ରିୟା ପ୍ରଧାନ (ସରକାରୀ ଉଚ୍ଚ ବିଦ୍ୟାଳୟ, ଗୋଛାପଡ଼ା) ତୃତୀୟ ସ୍ଥାନ ଅଧିକାର କରିଥିଲେ । ଉଚ୍ଚ ମାଧ୍ୟମିକ ବିଦ୍ୟାଳୟସ୍ତରୀୟ ପ୍ରବନ୍ଧ ପ୍ରତିଯୋଗିତାରେ ବିଉଟୀ ସାହୁ (ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ତେତେଲେଙ୍ଗା) ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ପୂର୍ଣ୍ଣିମା ରଣା (ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଆମ୍ବଗାଁ) ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି । ଜିନ୍ ବାରିକ (ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବ୍ରାହ୍ମଣିପାଲ୍ଲୀ) ତୃତୀୟ ସ୍ଥାନ ଅଧିକାର କରିଥିଲେ ।

# ଅସହାୟ ଶବ ସତ୍କାର କଲା ସ୍ୱେଚ୍ଛାସେବୀ ସଂଗଠନ




**ବଲାଙ୍ଗିର, ୧୫।୬(ସମିସ):** ଅସହାୟ ଶାସନ ସତ୍କାର କଲା ସ୍ୱେଚ୍ଛାସେବୀ ସଂଗଠନ। ଦୀର୍ଘ ୫ ଘଣ୍ଟା ସମୟ ଧରି ଶବ ପଡ଼ି ରହିବା ପରେ ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ସମ୍ମାନର ସହିତ ଶବ ସତ୍କାର କରିଛନ୍ତି। ପ୍ରକାଶ ଯେ ରାଉରକେଲାରୁ ଆସି ସ୍ୱାମୀ-ସ୍ତ୍ରୀ ଏକ ଠେଲାରେ ଜରି ଓ ଅନ୍ୟାନ ଜିନିଷ ବିକି ପରିବାର ପୋଷଣ କରୁଥିଲେ। ତାଙ୍କ ପରିବାର କହିଲେ ସେମାନେ ପାଞ୍ଚ ଜଣ ଥିଲେ। ତାଙ୍କର ଘର ଥିଲା ନା କେହି ସାହାରା ନଥିଲା। ଦୁଃଖ ସୁଖରେ ଜୀବନ ବିତାଉଥିଲେ। ଦୁଃଖର ବିଷୟ କିଛି ଦିନ ତଳେ ତାଙ୍କ ସ୍ୱାମୀ ରୋଗରେ ଆକ୍ରାନ୍ତ ହୋଇ ବଲାଙ୍ଗିର ଭୀମ ଭୋଇ ହସ୍ପିଟାଲରେ ଚିକିତ୍ସା ହେଉଥିଲେ। କିନ୍ତୁ ତାଙ୍କର ଅବସ୍ଥା ଗୁରୁତର ହେବାରୁ ବୁର୍ଲା ରେଫର କରା ଯାଇଥିଲା। ବୁର୍ଲାରେ ମଧ୍ୟ ୧୦ ଦିନ ଚିକିତ୍ସା ହେବା ପରେ ତାଙ୍କର ଶନିବାର ସଂଧ୍ୟାରେ ମୃତ୍ୟୁ ଘଟିଥିଲା। ବୁର୍ଲାରୁ କେହି ସହୃଦୟ ବ୍ୟକ୍ତି ଶବ ବାହାକ ଗାଡିରେ ଶବକୁ ବଲାଙ୍ଗିର ପଠାଇ ଦେଲେ। ତାଙ୍କର ଘର ନ ଥିବାରୁ ପବ୍ଲିକ ସ୍କୁଲ ପାଖ ରାସ୍ତା କଡରେ ଶବକୁ ଓହ୍ଲେଇ ଦେଇ ଶବବାହାକ ଗାଡି ଛାଡି ଚାଲି ଗଲା। ସେହି ଜାଗାରେ ୧୦ ଘଣ୍ଟା ଶବ ପଡ଼ି ରହି ଥିଲା। ପବ୍ଲିକ ସ୍କୁଲ ପାଖରେ ରହୁଥିବା ଲୋକ ସ୍ୱେଚ୍ଛାସେବୀ ସଂଘଠନର ଗୋବିନ୍ଦ ଚନ୍ଦ୍ର ଶତପଥୀଙ୍କୁ ଯୋଗାଯୋଗ କରିଥିଲେ ସେ ପହଞ୍ଚି ସବୁ କଥା ବୁଝି ଶବଦାହ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସ୍ୱେଚ୍ଛାସେବୀ ସଂଗଠନର ସମସ୍ତ ସଦସ୍ୟ ଆସି ହାଟପଦାପଡ଼ା ଶ୍ମଶାନଘାଟକୁ ନେଇ ଶବ ଦାହ କରିଛନ୍ତି। ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟ ଗୋବିନ୍ଦ ଚନ୍ଦ୍ର ଶତପଥୀ, ଲିଙ୍କନ ସେଠ, ଉତ୍ତମ ନନ୍ଦ, ସରୋଜ ଜାଲ, ରବୀନ୍ଦ୍ର ପ୍ରଧାନ ସହଯୋଗ କରିଥିଲେ। ପାଞ୍ଚ ନମ୍ବର ୱାର୍ଡର କାଉନସିଲ ଲାଲୁ ପଟ୍ଟନାୟକ ମଧ୍ୟ ସହଯୋଗ କରି ଥିଲେ।

## ନିଟ୍ ପରୀକ୍ଷାରେ ଆଦର୍ଶ ବିଦ୍ୟାଳୟ ଛାତ୍ରୀଙ୍କ କୃତିତ୍ୱ



**ସୋନପୁର, ୧୫।୬(ସମିସ):** ମେଡିକାଲ ପାଠ୍ୟକ୍ରମ ପାଇଁ ଅନୁଷ୍ଠିତ ସର୍ବ ଭାରତୀୟ ନିଟ୍ ପରୀକ୍ଷାରେ ସୁବର୍ଣ୍ଣପୁର ସହର ଢେରାପଡ଼ାର ଛାତ୍ରୀ କେ. ସ୍ନେହା କୃତିତ୍ୱ ଅର୍ଜନ କରିଛନ୍ତି। ସେ ସମୁଦାୟ ୭୨୦ ମାର୍କରୁ ୫୪୩ ମାର୍କ ରଖିଛନ୍ତି। ସେ ପୂର୍ବତନ କାଉନସିଲର ଜନ୍ମେଞ୍ଜୟ ପାତ୍ର ଓ ପୂର୍ଣ୍ଣିମା ପାତ୍ରଙ୍କ ଏକ ମାତ୍ର ଝିଅ। ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନର ଛାତ୍ରୀ କେ. ସ୍ନେହା ଦ୍ୱାଦଶ ପରୀକ୍ଷାରେ ୯୬.୮% ମାର୍କ ରଖିଥିଲେ।

## ନିଟ୍ ପରୀକ୍ଷାରେ ଲକ୍ଷ୍ମୀ ବିକାଶ ଛାତ୍ରଛାତ୍ରୀଙ୍କ ସଫଳତା



**ଭବାନୀପାଟଣା, ୧୫।୬(ସମିସ):** ନିଟ୍ ପ୍ରବେଶିକା ପରୀକ୍ଷାର ଫଳାଫଳ ପ୍ରକାଶ ପାଇଛି। ଏଥିରେ ଭବାନୀପାଟଣା ସ୍ଥିତ ବିକାଶ ଆବାସିକ ବିଦ୍ୟାଳୟର ୬ ଜଣ ଛାତ୍ରଛାତ୍ରୀ ସଫଳତା ହାସଲ କରିଛନ୍ତି। ଶୁଭାଶିଷ ମାଝି, ରାଜଶ୍ରୀ ବେହେରା, ସୁଜଳ ପଣ୍ଡା, ଅର୍ଯ୍ୟନ ସାହୁ, ଏଲ୍ ସୁଭଦ୍ରା ଆଚାରି ଓ ରିଷଭ ଅଗ୍ରୱାଲ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି।

## ବିକାଶ ବାହନ ଉଦ୍‌ଘାଟିତ



**ଧର୍ମଗଡ଼, ୧୫।୬(ସମିସ):** ଧର୍ମଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ଆନୁକୂଲ୍ୟରେ ବିକାଶ ବାହନ ଯାତ୍ରାର ଶୁଭାରମ୍ଭ ହୋଇଛି। ଧର୍ମଗଡ଼ ବିଧାୟକ ସୁଧିର ରଞ୍ଜନ ପଟ୍ଟଯୋଶୀ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଭିମଖୋଜପଡ଼ା ଗ୍ରାମବାସୀ ବିକାଶ ବାହନ ଯାତ୍ରାକୁ ସ୍ୱାଗତ କରିଥିଲେ। ନଗରପାଳ ଅଶୋକ ମହାନ୍ତି, ଉପାଧ୍ୟକ୍ଷା ମନିଷା ମିଶ୍ର, ନିର୍ବାହୀ ଅଧିକାରୀ ପ୍ରମୋଦ ଖିଲୋ, ସୌରଭ ମିତଲ, ମନୀନ୍ଦ୍ର ପାତ୍ର, ଡମ୍ବରୁଧର ଠାକୁର, ବିଭୂତି ଯୋଶୀ, ଘନଶ୍ୟାମ ଭାଟି, ହେମନ୍ତ ମାଝୀ, ପ୍ରବୀଣ ପଣ୍ଡା, ପଣ୍ଟୁ ପାତ୍ର, ହୃଷୀକେଶ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଆଶିଷ ପଣ୍ଡା, ଯଶୋବନ୍ତ ମହାପାତ୍ର, ରବୀନ୍ଦ୍ରନାଥ ପରିଡ଼ା, ସୁମେଶ୍ୱର ମହାପାତ୍ର, ଦୁଷ୍ମନ୍ତ ଧଙ୍ଗଡ଼ମାଝୀ, ମନୋରଞ୍ଜନ ନାଗ ପ୍ରମୁଖ ପରିଚାଳନା କରିଥିଲେ।

## ଦେଓଗାଁ ବିଜୟାନନ୍ଦ ଚିନିକଳ କର୍ମଚାରୀଙ୍କ ଦୁଃଖ

# ଖୋଲିବା ନିଷ୍ପତ୍ତି ନ ହେଲେ ଆତ୍ମାହୂତି ଧମକ

**ବଲାଙ୍ଗିର, ୧୫।୬(ସମିସ)**

ନିର୍ବାଚନ ଆସିଲେ ସମସ୍ତଙ୍କ ମୁହଁରେ ଗୋଟିଏ କଥା। ବିଜୟାନନ୍ଦ ଚିନିକଳ ପୁନଃ କାର୍ଯ୍ୟକ୍ଷମ କରାଯିବ। ଏମିତି ଶୁଣି ଶୁଣି ୧୧ ବର୍ଷ ବିତିଗଲାଣି। ଏହି ଚିନିକଳରେ ଚାକିରି କରି ପରିବାର ପୋଷିବା ଆରମ୍ଭ କରିଥିଲି। ସ୍ଥାୟୀ ଜୁନିୟର କେନ ଅଧିକାରୀ ଭାବେ କାମ କରୁଥିଲି। ହଠାତ ରାଜନୀତି ପଷାପାଲିରେ ଚିନିକଳ ବନ୍ଦ ହୋଇଗଲା। ବେଶ ଖୁସିରେ ଆମ ପରିବାର ଚଳୁଥିଲୁ କିନ୍ତୁ ଚିନିକଳ ବନ୍ଦ ହେଲା ଦିନ ଠାରୁ ପରିବାର ଚଲାଇବା ମୁସ୍କିଲ ହୋଇପଡ଼ିଛି। ମଜୁରୀ କାମ କରି ଘର ଚଳାଇବାକୁ ପଡୁଛି। ରାଜ୍ୟରେ ବିଜେପି ସରକାର ହେବା ପରେ ଆଶା କରିଥିଲୁ ଚିନିକଳ ପୁଣି ଆରମ୍ଭ ହେବ। ପୁଣି ଆମ କର୍ମସଂସ୍ଥାନ ଆରମ୍ଭ ହେବ। ଖୁସିରେ ପରିବାର ଚଳିବ। ହେଲେ କାହିଁ ବର୍ଷେ ହେଲା ବିଜେପି ମଧ୍ୟ ମୋ ଭଳି କର୍ମଚାରୀଙ୍କ ସହ ଖେଳ ଖେଳିଛି। ଯଦି ଚିନିକଳ ଖୋଲିବାର ବ୍ୟବସ୍ଥା ନହେବ ତେବେ ମୁଖ୍ୟମନ୍ତ୍ରୀଙ୍କ ଘର ଆଗରେ ଆତ୍ମହୁତି ଦେବି ବୋଲି ଦେଓଗାଁ ଚିନିକଳରେ କାର୍ଯ୍ୟ କରୁଥିବା କର୍ମଚାରୀ ଲଛମନ ମହାକୁର କହିଛନ୍ତି। ୧୯୯୧ ରେ ସେ ଚିନିକଳରେ ଚାକିରି କରିଥିଲେ। ଚିନିକଳ ବନ୍ଦ ହେବା ପରେ ନା ଦରମା ପାଉଛନ୍ତି ନା ବନ୍ଦ ହେବା ପରେ ତାଙ୍କର ଅନ୍ୟ ସବୁ ଆର୍ଥିକ ସୁବିଧାର ସମାଧାନ କରାଯାଇଛି। ଏହିଭଳି ଅନେକ କର୍ମଚାରୀ ଚିନିକଳ ବନ୍ଦ ହେବା ଦ୍ୱାରା ପ୍ରଭାବିତ ହୋଇଥିବା ବେଳେ ଅସନ୍ତା ୧୭ରେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ଚରମବାଣୀ ଶୁଣାଇଛନ୍ତି।





ବଲାଙ୍ଗିର ଜିଲ୍ଲା ଚୁଡାପାଲି ନିକଟସ୍ଥ ଜିରାଡୁମାଲ ଗାଁର ଲଛମନ ମହାକୁର ଗତ ୧୯୯୧ ମସିହାରେ ଦେଓଗାଁ ବିଜୟାନନ୍ଦ ଚିନିକଳରେ ଜୁନିୟର କେନ ଅଫିସର ଭାବେ ଚାକିରି ଜୀବନ ଆରମ୍ଭ କରିଥିଲେ। ୧୯୯୧ ରୁ ୨୦୦୧ ଓ ପରେ ୨୦୦୩ ରୁ ୨୦୧୩ ପର୍ଯ୍ୟନ୍ତ ସେ ସ୍ଥାୟୀ କର୍ମଚାରୀ ଭାବେ ଚିନିକଳରେ କାମ କରିଥିଲେ। ମାସିକ ସାତରୁ ଆଠ ହଜାର ଟଙ୍କା ଦରମାରେ କାର୍ଯ୍ୟ କରିଥିବା ବେଳେ ୨୦୧୩ରେ ଚିନିକଳ ବନ୍ଦ ହେବା ପରେ ନୋ ୱାର୍କ ନୋ ପେ ନ୍ୟାୟରେ ଚିନିକଳର ସ୍ଥାୟୀ କର୍ମଚାରୀ ଏବେ ବି କିନ୍ତୁ ଦରମା ନେଉନାହାନ୍ତି। ଘରେ ସ୍ତ୍ରୀ ସହ ଦୁଇ ପୁଅ ରହିଛନ୍ତି। ଚିନିକଳ ବନ୍ଦ ହେବା ଫଳରେ ତାଙ୍କ ପରିବାର ଆର୍ଥିକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଚିନିକଳରେ ଜଣେ ଅଧିକାରୀ ଭାବେ କାମ କରୁଥିବା ଲଛମନ ଆଜି ପରିବାର ଚଳାଇବା ପାଇଁ ମୂଳ ମଜୁରୀ କାମ କରୁଛନ୍ତି। ଚିନିକଳ ଆରମ୍ଭ କରିବାକୁ ନେଇ ଜିଲ୍ଲାର ପ୍ରାୟ ସମସ୍ତ ଜନପ୍ରତିନିଧିଙ୍କୁ ସେ ଓ ଅନ୍ୟ କର୍ମଚାରୀ ମିଶି ଗୁହାରୀ କରିଛନ୍ତି। କିନ୍ତୁ ଏପର୍ଯ୍ୟନ୍ତ କିଛି ଫାଇଦା ମିଳିନାହିଁ। ନିଜ ଯୌବନ ସମୟ ଚିନିକଳ ପାଇଁ ଦେଇଥିଲେ। ସେହି ଚିନିକଳ ଯଦି ଆରମ୍ଭନ ହୁଏ ତେବେ ସେ ବାଧ୍ୟ ହୋଇ ମୁଖ୍ୟମନ୍ତ୍ରୀଙ୍କ ଘର ଆଗରେ ଆତ୍ମହୁତି ଦେବେ ବୋଲି ଚେତବନୀ ଦେଇଛନ୍ତି। କେବଳ ଲଛମନ କାହିଁକି ଏହି ଚିନିକଳରେ କାମ କରୁଥିବା ପ୍ରାୟ ୧୫୦ରୁ ଅଧିକ କର୍ମଚାରୀଙ୍କ ସମାନ ଅବସ୍ଥା। କିଛି ଚିନିକଳ ପୁଣି ଆରମ୍ଭ କରିବା ପାଇଁ ନିଜସ୍ତରରେ ଲଢେଇ କରୁଥିବା ବେଳେ ଆଉ କିଛି ବାଧ୍ୟ ହୋଇ ରାଜ୍ୟ ବାହାରକୁ ଯାଇ ଦାଦନ ଶ୍ରମିକ ଭାବେ କାମ କରୁଥିବା ଚିନିକଳ କର୍ମଚାରୀ ସଂଘର ଉପଦେଷ୍ଟା ସୁବଳ ରଣା କହିଛନ୍ତି। ସିଜନ ସମୟରେ ଚିନିକଳରେ ପ୍ରାୟ ୩ଶହରୁ ଊର୍ଦ୍ଧ୍ୱ କର୍ମଚାରୀ କାମ କରୁଥିବା ବେଳେ ୧୫୦ ଜଣ ସ୍ଥାୟୀ

### ଦୁଃଖ ବଖାଣିଲେ କର୍ମଚାରୀ ଲଛମନ ମହାକୁର

କର୍ମଚାରୀ ରହିଛନ୍ତି। ଯେଉଁ କର୍ମଚାରୀମାନେ କମ ଦରମାରେ ନିଜର ଜୀବନର ପ୍ରାୟ ୨୦ ବର୍ଷ ଏହି ଚିନିକଳକୁ ଦେଇଛନ୍ତି। ଚିନିକଳ ବନ୍ଦ ହେବା ଫଳରେ ସେହି ପରିବାର ବହୁ ସମସ୍ୟା ଦେଇ ଗତି କରୁଥିବା କର୍ମଚାରୀ ସଂଘ ସମ୍ପାଦକ ମିତ୍ରଭାନୁ ବାରିକ କହିଛନ୍ତି। ତେବେ ଯଦି ଚିନିକଳକୁ ପୁନଃ ଚାଲୁ କରାଯିବା ନେଇ ରାଜ୍ୟ ସରକାର କୌଣସି ଘୋଷଣା କିମ୍ବା ନିଷ୍ପତ୍ତିନ ନିଅନ୍ତି ତେବେ ସଂଘ ବାଧ୍ୟ ହୋଇ ସରକାରଙ୍କ ବିରୋଧରେ ଆନ୍ଦୋଳନ କରିବ ବୋଲି ସଭାପତି ଅକ୍ଷୟ ପୁଟା କହିଛନ୍ତି।

## ■ ମୂଳ ନିବାସୀ ବହୁଜନ ମିଳିତ ମହାସଂଘର ସମ୍ମିଳନୀ

# ସମସ୍ତେ ମିଳିମିଶି ଏକାଠି ହେବାକୁ ପଡ଼ିବ

**ଭବାନୀପାଟଣା, ୧୫।୬(ସମିସ) :** କଳାହାଣ୍ଡି ଜିଲ୍ଲାରେ ୯୫ ପ୍ରତିଶତ ଦଳିତ, ଆଦିବାସୀ, ପଛୁଆ ବର୍ଗର ଲୋକ ବସବାସ କରୁଛନ୍ତି; ହେଲେ ଏହି ବିଶାଳ ସମୁଦାୟକୁ ଆଜି ପର୍ଯ୍ୟନ୍ତ ସାମାଜିକ, ଆର୍ଥିକ ଓ ରାଜନୈତିକ ନ୍ୟାୟ ମିଳି ପାରିନାହିଁ। ମନୁବାଦି ବ୍ୟବସ୍ଥା ଜନିତ ଜାତିଗତ ଏକତାର ଅଭାବ, ଜାତି-ଜାତି ଭିତରେ ଥିବା ଅସହିଷ୍ଣୁ ଓ ଅସୂୟା ମନୋଭାବ ହିଁ ଏହାର ମୁଖ୍ୟ କାରଣ। ଅନ୍ୟପକ୍ଷରେ ନିଜ ନିଜ ମଧ୍ୟରେ ଏପରିକି ବିଭିନ୍ନ ସ୍ତରରେ ନିର୍ଯାତନା ଓ ଅନ୍ୟାୟର ଶିକାର ହେବାକୁ ପଡୁଛି। ବହୁଜନ ସମାଜ ଏହାକୁ ମିଳିତ ଭାବେ ମୁକାବିଲା ନ କରି ଏକଲା ଏକଲା ଲଢୁଛି। ଏଣୁ କୌଣସି ସମସ୍ୟାର ସମାଧାନ ହେଉନାହିଁ। ଏଣୁ ସମସ୍ତେ ମିଳିମିଶି ଏକାଠି ହେବାକୁ ପଡ଼ିବ। ସାମ୍ବିଧାନିକ ହକ ଓ ଅଧିକାର ଲାଗି ଲଢ଼େଇ କରିବାକୁ ହେବ। ରବିବାର ସ୍ଥାନୀୟ ଅମଲା ଭବନରେ ଅନୁଷ୍ଠିତ ମୂଳ ନିବାସୀ ବହୁଜନ ମିଳିତ ମହାସଂଘର ବୁଦ୍ଧିଜୀବୀ ସମ୍ମିଳନୀରେ ଏହି ମତ ପ୍ରକାଶ ପାଇଛି। ପଛୁଆ ବର୍ଗକୁ ଶିକ୍ଷା, ନିଯୁକ୍ତି ଓ ରାଜନୀତିରେ ଜନସଂଖ୍ୟା ଅନୁସାରେ ୫୪% ସଂରକ୍ଷଣ ଦିଆଯାଉନି। ଦଳିତ ନିର୍ଯାତନା ରୋକିବା, ଆଦିବାସୀଙ୍କୁ ଭୂମି ଅଧିକାରରୁ ବଞ୍ଚିତ କରିବା ଭଳି ଅନେକ ଅନ୍ୟାୟର ଶିକାର ହେବାକୁ ପଡୁଛି। ତେଣୁ ତିନୋଟି ବର୍ଗର ଲୋକ ମିଳିତ ଭାବେ ଲଢ଼ିବାର ସମୟ ଆସିଛି ବୋଲି ବକ୍ତାମାନେ ମତ ରଖିଥିଲେ। ଆଦିବାସୀ ନେତା ପ୍ରକାଶ ମାଝୀ, ସିଦ୍ଧାର୍ଥ ନାୟକ, ସଚ୍ଚିଦାନନ୍ଦ ମହାକୁଡ଼, କୀର୍ତ୍ତନ ନାୟକ, ଗଙ୍ଗାଧର ପାତ୍ର, କୁବେର ସାହୁ, କମଳିନୀ ଯାଦବ, ତୀର୍ଥ ବୁଦ୍ଧିଆ, ଚମରୁ ବଗର୍ତ୍ତି, ଡାକେଶ୍ୱର ଲହଜଲ, ଜଗଦୀଶ ଯାଦବ, ଗୋବର୍ଦ୍ଧନ ଶବର, କୈଳାସ ମାଝୀ, ଚୂଡ଼ାମଣି ନାଏକ, ଛାୟାକାନ୍ତ ବେଣୁପାଣି, ଦିଗାମ୍ବର ମାଝୀ, ଯତୀନ୍ଦ୍ର କର, ଏସ. ସୁଜାତା, ଅଞ୍ଜୁ କୁମାର, ରତନ ନାଏକ, ସତ୍ୟ ମାହାର, ମୁନିଆ ସିପକା, ଡୋଲେଶ୍ୱର ନାଏକ, ଜୟପ୍ରକାଶ ଜାଲ, ତ୍ରିନାଥ ନାଏକ, ରମଣୀ ଦୁରିଆ, ଚିତ୍ରସେନ ମଙ୍ଗରାଜ, ସ୍ନେହଲତା ଦୁର୍ଗା, ସଞ୍ଜୟ ସୁନାନୀ, ରାଜକିଶୋର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ମହାସଂଘର ରାଜ୍ୟ ଉପସଭାପତି ଲିଙ୍ଗରାଜ ଆଜାଦ ସଭାପତିତ୍ୱ କରିଥଲେ। ସାଧାରଣ ସମ୍ପାଦକ ଦିଗାମ୍ବର ଦୁରିଆ ସ୍ୱାଗତ ଅଭିଭାଷଣ ସହ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ।



### ଜିଲ୍ଲାସ୍ତରୀୟ କମିଟି ଘୋଷଣା

**ଭବାନୀପାଟଣା, ୧୫।୬(ସମିସ):** ମହାସଂଘର ଏକ ଜିଲ୍ଲାସ୍ତରୀୟ କମିଟି ଘୋଷଣା କରାଯାଇଛି। ସଭାପତି ଭାବେ ସମାଜସେବୀ ସଚ୍ଚିଦାନନ୍ଦ ମହାକୁଡ଼, କାର୍ଯ୍ୟକାରୀ ସଭାପତି ଭାବେ ପ୍ରକାଶ ମାଝୀ, କମଳିନୀ ଯାଦବ, ଯତୀନ୍ଦ୍ର କରଙ୍କ ନାମ ଘୋଷଣା କରାଯାଇଛି। ଉପସଭାପତି ଭାବେ କୁବେର ସାହୁ, ଗଙ୍ଗାଧର ପାତ୍ର, ତୀର୍ଥ ବୁଦ୍ଧିଆ, ଜୟପ୍ରକାଶ ଜାଲ, ବରୁଣ ଛତ୍ରିଆ, ମାୟାବତୀ ରଣା ଦାୟିତ୍ୱ ନିର୍ବାହ କରିବେ। ସାଧାରଣ ସମ୍ପାଦକ ଭାବେ କୀର୍ତ୍ତନ ନାୟକ ଯାଦବ, ଦୁର୍ଯ୍ୟୋଧନ ମାଝୀ, ସତ୍ୟ ମାହାର, ରମଣୀ ଦୁରିଆ କାର୍ଯ୍ୟ କରିବେ। ସମ୍ପାଦକ ଭାବେ ଗୋବର୍ଦ୍ଧନ ଶବର, ଚୂଡ଼ାମଣି ନାଏକ, ଦିଗାମ୍ବର ଲୁହା, ରତନ ନାଏକ, ଲକ୍ଷ୍ମଣ ମାଝୀ, ଅଞ୍ଜୁ କୁମାରଙ୍କୁ ଦାୟିତ୍ୱ ମିଳିଛି। କୋଷାଧ୍ୟକ୍ଷ ଭାବେ ପ୍ରେମଲାଲ ନାଏକ, ମହିଳା ସଭାନେତ୍ରୀ ଭାବେ ସ୍ନେହଲତା ଦୁର୍ଗାଙ୍କ ନାମ ଘୋଷଣା କରାଯାଇଛି। ଯୁବ ସଭାପତି ଭାବେ ଡାକେଶ୍ୱର ଲହଜଲ, ସମ୍ପାଦକ ଭାବେ ସଞ୍ଜୟ ସୁନାନୀ, କର୍ମଚାରୀ ସଂଘ ସଭାପତି ଭାବେ ପ୍ରକାଶ ସାଗର, ମିଡ଼ିଆ ସେଲ୍‌ଫ ମୁଖ୍ୟ ଭାବେ ସୁଶୀଲ ବାଗ, ସାଂସ୍କୃତିକ ବିଭାଗ ସଭାପତି ଭାବେ ମଧୁସୂଦନ ବାଗଙ୍କୁ ମନୋନୀତ କରାଯାଇଛି। ଉପଦେଷ୍ଟା କମିଟି ସଦସ୍ୟ ଭାବେ ସିଦ୍ଧାର୍ଥ ନାୟକ, ଚମରୁ ବଗର୍ତ୍ତି, ଜଗଦୀଶ ଯାଦବ, ଛାୟାକାନ୍ତ ବେଣୁପାଣି, ରୁଦ୍ର ପାଣିଗ୍ରାହୀ, କୈଳାସ ମାଝୀ, ରାମସ୍ୱାମୀ ଭକ୍ତ, ଡୋଲେଶ୍ୱର ନାଏକ, ଦିଗାମ୍ବର ମାଝୀ, ମୁନିଆ ସିପକା ମନୋନୀତ ହୋଇଛନ୍ତି।



ସିବିଏସ୍‌ଇ ବୋର୍ଡ ପରୀକ୍ଷାରେ ୯୫.୮୩ ପ୍ରତିଶତ ନମ୍ବର ରଖିଥିବା ତରବୋଡ଼ ଜବାହରଲାଲ ନବୋଦୟ ବିଦ୍ୟାଳୟର ଛାତ୍ର ଅଂଶୁମାନ ମେହେରଙ୍କୁ ରବିବାର ଜିଲ୍ଲାସ୍ତରୀୟ ବିକାଶ ମେଳାରେ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାସ ସମ୍ବର୍ଦ୍ଧିତ କରୁଛନ୍ତି।

## ପଟ୍ଟା ପାଇଲେ ୧୨ ହିତାଧିକାରୀ

**ବୌଦ୍ଧ, ୧୫।୬(ସମିସ):** ବୌଦ୍ଧରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ପକ୍ଷରୁ ଜଙ୍ଗଲ ଅଧିକାର ନିୟମ-୨୦୦୬ ଅନୁଯାୟୀ ୧୨ଜଣ ହିତାଧିକାରୀଙ୍କୁ ବ୍ୟକ୍ତିଗତ ଜଙ୍ଗଲ ଅଧିକାର ପଟ୍ଟା ବଣ୍ଟନ କରାଯାଇଛି। ଜିଲ୍ଲାପାଳ ସୁବ୍ରତ ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲା ଉନ୍ନୟନ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପ ଜିଲ୍ଲାପାଳ ପ୍ରବୀଣ ବାଣୁଆ ଯୋଗ ଦେଇ ପଟ୍ଟା ବଣ୍ଟନ କରିଥିଲେ। ଜିଲ୍ଲା ମଙ୍ଗଳ ଅଧିକାରୀ ସୂର୍ଯ୍ୟନାରାୟଣ ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ସୌମ୍ୟ ରଞ୍ଜନ ରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଚନ୍ଦ୍ରକାନ୍ତି ବେଉରା ପ୍ରମୁଖ ଉପସ୍ଥିତ ଥିଲେ। ମେଣ୍ଟିମାଲ ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ପ୍ରମୋଦ ପ୍ରଧାନ ପରିଚାଳନା କରିଥିଲେ।

## କନେଷ୍ଟବଲଙ୍କ ଘରେ ପୁଲିସ ଚଢ଼ଉ

**ବୌଦ୍ଧ, ୧୫।୬(ସମିସ):** ବୌଦ୍ଧ ଥାନାର କନେଷ୍ଟବଳ ହୃଦାନନ୍ଦ ବେହେରାଙ୍କ ଘରେ ରବିବାର ରାତିରେ ପୁଲିସ ଚଢଉ କରିଛି। ଅପରାହ୍ନ ସାଢେ ୪ରେ ପୁଲିସ ଟିମ୍ ସହ ମାଜିଷ୍ଟ୍ରେଟ୍, ରାଜସ୍ୱ ସୁପରଭାଇଜର ମିଳିତ ଭାବେ ବୌଦ୍ଧ ସହର ପୋଡ଼ାପଡ଼ାଠାରେ ଥିବା ଶ୍ରୀ ବେହେରାଙ୍କ ଘରେ ଚଢଉ କରିଥିଲେ। ତେବେ କାହିଁକି ପୁଲିସ ଚଢଉ କରିଛି ତଥ୍ୟ ଦିଆ ଯାଇନାହିଁ। ଚଢଉ ସମୟରେ ଆରକ୍ଷୀ ଅଧୀକ୍ଷକ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ।

## ଶାଢ଼ୀଚୋରକୁ ପୁଲିସ ଜିମା ଦେଲେ ବ୍ୟବସାୟୀ

**ବୌଦ୍ଧ, ୧୫।୬(ସମିସ):** ବୌଦ୍ଧ ବୁଣାକାର ବଜାରରେ ରବିବାର ବ୍ୟବସାୟୀମାନେ ଜଣେ ଶାଢୀ ଚୋରକୁ ଧରି ପୁଲିସ ଜିମା ଦେଇଛନ୍ତି। ବୌଦ୍ଧରେ ପ୍ରତ୍ୟେକ ରବିବାର ବୁଣାକାର ବଜାର ବସିଥାଏ। ବିଭିନ୍ନ ସ୍ଥାନରୁ ବୁଣାକାର ଓ ବ୍ୟବସାୟୀମାନେ ହସ୍ତତନ୍ତ ସାମଗ୍ରୀ ବିକ୍ରି ପାଇଁ ଆସିଥାଆନ୍ତି। ବଜାର ଚାଲିଥିବା ବେଳେ ସମ୍ପୃକ୍ତ ବ୍ୟକ୍ତି ଜଣେ ବ୍ୟବସାୟୀଙ୍କ ଦୋକାନରେ ଶାଢୀ କିଣିବା ପାଇଁ ବଛାବଛି କରିବା ଭିତରେ ଖଣ୍ଡେ ଶାଢୀ ଧରି ଚମ୍ପଟ୍ ମାରିଥିଲା। ବ୍ୟବସାୟୀମାନେ ଗୋଡାଇ ଗୋଡାଇ ତାକୁ ଧରିଥିଲେ। ଖବର ପାଇ ପୁଲିସ ପହଞ୍ଚିବା ପରେ ବ୍ୟବସାୟୀମାନେ ତାକୁ ହସ୍ତାନ୍ତର କରିଥିଲେ।

## ୧୭ରେ ମୁଖ୍ୟମନ୍ତ୍ରୀଙ୍କ ବଲାଙ୍ଗିର ଗସ୍ତ

# ବିଭିନ୍ନ ଦାବି ରଖିଲା ବଲାଙ୍ଗିର ଉନ୍ନୟନ ପରିଷଦ

**ବଲାଙ୍ଗିର, ୧୫।୬(ସମିସ)**

ଆସନ୍ତା ୧୭ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ବଲାଙ୍ଗିର ଗସ୍ତକୁ ଆଖିରେ ରଖି ବଲାଙ୍ଗିର ଉନ୍ନୟନ ପରିଷଦ ଜିଲ୍ଲାର ବିଭିନ୍ନ ସମସ୍ୟା ଓ ପ୍ରସଙ୍ଗକୁ ଉପସ୍ଥାପନ କରି ସେ ଦିଗରେ ରାଜ୍ୟ ସରକାରଙ୍କ ଉତ୍ତର ପାଇଁ ଦାବି କରିଛି। ସୂଚନା ଅନୁସାରେ ଜିଲ୍ଲାରେ ଜଳସେଚନ ହାର କିଛି ପରିମାଣରେ ବୃଦ୍ଧି ହୋଇଥିବା ବେଳେ ଅନେକ ଜଳସେଚନ ପ୍ରକଳ୍ପ ଅସମ୍ପୂର୍ଣ୍ଣ ହୋଇ ରହିଛି। ଯାହାକି ଶୀଘ୍ର ସମାପ୍ତ କରିବାର ଆବଶ୍ୟକତା ରହିଛି। ତାହା ଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ଉନ୍ନୟନ ପରିଷଦ ଦାବି କରିଛି। ସେହିପରି ବିଜେଡି ସରକାରଙ୍କ ସମୟରେ ଅନେକ ଭୂତଳ ଜଳ ସଂରକ୍ଷଣ ପ୍ରକଳ୍ପ ବା ବ୍ୟାରେଜ୍ ନିର୍ମାଣ କରିବା ପାଇଁ ଅନୁଦାନ ପ୍ରଦାନ କରିଥିବା ବେଳେ ଅନେକ ବ୍ୟାରେଜ କାମର ଟେଣ୍ଡର ବାତିଲ କରିଦିଆଯାଇଛି। ଫଳ ରେ ତାହା ସମ୍ପୂର୍ଣ୍ଣ ହୋଇନାହିଁ। ତାହା କେବେ ଆରମ୍ଭ ହେବ ସେ ନେଇ ଉତ୍ତର ରଖିବାକୁ ପରିଷଦ ଦାବି କରିଛି। ଜଳସେଚନ ହାର ବଢ଼ାଇବାକୁ ଏକ ସ୍ୱତନ୍ତ୍ର କେନ୍ଦ୍ରିୟ ଯୋଜନା ତଥା ଅନୁଦାନର ଆବଶ୍ୟକତା ରହିଛି। ଲୋୟରସୁକତେଲ ପ୍ରକଳ୍ପ କାମ ଶେଷହୋଇଛି। ତେଣୁ ତାକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରାଯାଇ ଚାଷୀଙ୍କୁ ଜଳ ଯୋଗାଇ ଦିଆଯାଉ। ଏହି ପ୍ରକଳ୍ପରେ ବିସ୍ଥାପିତ ହୋଇଥିବା ଚାଷୀଙ୍କୁ ସ୍ୱତନ୍ତ୍ର ପ୍ୟାକେଜ ଦିଆଯାଉ। ବେଲପଡ଼ାଠାରେ ପ୍ରସ୍ତାବିତ ଅପରଲାନ୍ତ ଜଳସେଚନ ପ୍ରକଳ୍ପକାମ ଶୀଘ୍ର ଆରମ୍ଭ କରାଯାଉ। ଜିଲ୍ଲାରେ ବର୍ତ୍ତମାନ ଦୁଇଟି ଭୂତଳ ଜଳପ୍ରକଳ୍ପ ଯଥା-ସୁକତେଲର ଛତାମଖନା ଆଇଏସଏସ(୧୫୬ କୋଟି), ରାହୁଲ ନଦୀରେ ଗୁଡ଼ଭେଲାଠାରେ (୫୧କୋଟି) ର କାମ ଶୀଘ୍ର ସମ୍ପୂର୍ଣ୍ଣ କରାଯାଉ। ଏହା ସହିତ ତେଲନଦୀରେ ପ୍ରସ୍ତାବିତ କୁକେଡମାଳ ଆଇଏସଏସ(୫୮୨କୋଟି), ଉ ନ୍ଦେ ର ନ ଦୀ ରେ କୁରସୁଡ ଆଇଏସଏସ (୧୬୫କୋଟି), ପଥର୍ଲା ଆଇଏସଏସ(୧୭୫କୋଟି), ଲାନ୍ତୁନଦୀରେ ତୁଷ୍ଟାପାଲି ଆଇଏସଏସ(୧୩୪ କୋଟି) ଟଙ୍କାର ଟେଣ୍ଡର ହୋଇଥିଲା। ଗତ ନବୀନ ସରକାର ଅମଳରେ ଏହି ପ୍ରକଳ୍ପଗୁଡିକ ଅନୁମୋଦିତ ହୋଇ ଟେଣ୍ଡର ହୋଇଥିଲା। କିନ୍ତୁ ସରକାର ବଦଳିଲା ପରେ ପ୍ରଶାସନିକ ତ୍ରୁଟିଦର୍ଶାଇ ସେହି ଟେଣ୍ଡରଗୁଡିକୁ ବାତିଲ କରିଦିଆଗଲା। ଏବେ ଏହି ୪ଟି ଆଇଏସଏସ ସମେତ ଦେଓଗାଁର ସୋନଗଡ଼ ନଦୀରେ ସିକୁଆଁଠାରେ (୪୯କୋଟି) ଓ ଅଙ୍ଗନଦୀରେ ଆଗଲପୁର ବ୍ଲକର କୁଟାସିଂହାଠାରେ (୨୪୯ କୋଟି) ହେବାକୁ ଥିବା ଆଇଏସଏସକୁ ଯଥାଶୀଘ୍ର ଅନୁଦାନଦେଇ କାମ ଆରମ୍ଭ କରାଇବାକୁ ଦାବି ରଖିଛି।ଏହି ପ୍ରକଳ୍ପ ନିର୍ମାଣ ହେଲେ କେବଳ ଭୂତଳ ଜଳସଂରକ୍ଷଣ ହେବ ନାହିଁ ବରଂ ଚାଷୀମାନେ ଏହି ପ୍ରକଳ୍ପରୁ ଉଠାଜଳସେଚନ ପ୍ରକଳ୍ପ ଜରିଆରେ ଜମିକୁ ଜଳସେଚିତ କରିପାରିବେ। କେବଳ ସେତିକି ନୁହେଁ ଏବେ ନଦୀମାନଙ୍କରେ ଜଳସ୍ରୋତ ଓ ଭୂତଳଜଳ ସ୍ତର କମିଯାଉଥବାରୁ ଅନେକ ସ୍ଥାନରେ ଗ୍ରାମ୍ୟପାନୀୟ ଜଳପ୍ରକଳ୍ପ ମଧ୍ୟ ପ୍ରଭାବିତ ହେଉଛି। ଅନ୍ୟ ପକ୍ଷରେ ଜିଲ୍ଲାର ଦାଦନ ସମସ୍ୟା, ପାନୀୟ ଜଳ ସମସ୍ୟା ରୋକିବା ଦିଗରେ ରାଜ୍ୟ ସରକାର ଜିଲ୍ଲା ପାଇଁ କି ଯୋଜନା ପ୍ରସ୍ତୁତ କରିଛନ୍ତି ସେନେଇ ଉତ୍ତର ରଖିବାକୁ ପରିଷଦ ପକ୍ଷରୁ ଦାବି କରାଯାଇଛି। ସାମ୍ବାଦିକ ସମ୍ମିଳନୀରେ ପରିଷଦ ସମ୍ପାଦକ ଯତି ପଧାନ, ପୂର୍ବତନ ବିଡ଼ିସିସି ସଭାପତି ଲକ୍ଷ୍ମଣ ମେହେର, ପରିଷଦର କୋଷାଧ୍ୟକ୍ଷ ଗୁଣ ସାଗର ମାଝୀ ଉପସ୍ଥିତ ଥିଲେ।




## ବୌଦ୍ଧ ଦମକଳ କେନ୍ଦ୍ରରେ ମକ୍‌ଡ୍ରିଲ୍

**ବୌଦ୍ଧ, ୧୫।୬(ସମିସ):** ବୌଦ୍ଧ ଦମକଳ କେନ୍ଦ୍ରରେ ମକ୍‌ଡ୍ରିଲ୍ କରାଯାଇଛି। ବିଭିନ୍ନ ଆପଦ ବିପଦ ସମୟରେ ଉଦ୍ଧାର କାର୍ଯ୍ୟରେ ବିନିଯୋଗ ହେଉଥିବା ଯନ୍ତ୍ରପାତି ଗୁଡିକର ପରିଚାଳନା ଓ ବ୍ୟବହାର ସମ୍ପର୍କରେ ମକଡ୍ରିଲରେ ପ୍ରଦର୍ଶନ କରାଯାଇଥିଲା। ବରିଷ୍ଠ ଆଗ୍ନିକ କାର୍ତ୍ତିକେଶ୍ୱର୍ ନାଥଙ୍କ ତତ୍ତ୍ୱାବଧାନରେ ଆୟୋଜିତ ମକଡ୍ରିଲରେ କର୍ମଚାରୀ ଅଂଶ ଗ୍ରହଣ କରିଥିଲେ।

## ପଣ୍ଡିଗାଁର ଆଦିବାସୀ ଯୁବତୀଙ୍କ ରଜ



**କଲମପୁର, ୧୫।୬(ସମିସ):** କଲମପୁର ବ୍ଲକ ପଣ୍ଡିଗାଁ ବସ୍ତିପଡ଼ାର ଆଦିବାସୀ ଯୁବତୀମାନେ ଦୁଇ ଦିନ ଧରି ରଜ ଉତ୍ସବକୁ ଧୁମ୍‌ଧାମରେ ପାଳନ କରିଛନ୍ତ। ଶନିବାର ପହିଲି ରଜ ଅବସରରେ ଯୁବତୀମାନେ ବିଭିନ୍ନ ପ୍ରକାର ବେଶ ପୋଷାକରେ ସୁସଜ୍ଜିତ ହୋଇ ଦୋଳି ଖେଳିବା ସହିତ ନାଚଗୀତ କରିଥିଲେ। ଏଥିସହିତ ଘରେ ଘରେ ପିଠାପଣା ପ୍ରସ୍ତୁତ କରି ନିଜେ ଖାଇବା ସହ ସାଙ୍ଗସାଥୀଙ୍କୁ ଖାଇବାକୁ ଦେଇଥିଲେ। ରବିବାର ରଜ ସଂକ୍ରାନ୍ତି ଦିନ ମଧ୍ୟ ଅନୁରୂପ ଭାବେ ଏହି ଉତ୍ସବକୁ ପାଳନ କରିଥିଲେ। ରଜ ଉତ୍ସବ କମିଟିର ସଭାପତି ରାଜେଶ୍ୱରୀ ମାଝିଙ୍କ ନେତୃତ୍ୱରେ ଏହା ଆୟୋଜିତ ହୋଇଥିଲା। ଏଥିରେ ରିଙ୍କି ମାଝି, ବର୍ଷା ମାଝି କଲ୍ୟାଣି ମାଝି, ସଂଘମିତ୍ରା ମାଝି, ରୁବି ମାଝି, ମାମୁନି ମାଝି, ମାଧୁରୀ ମାଝି, ପୂଜା ମାଝି, ନିହାରିକା ମାଝି, ମିଙ୍କି ମାଝି, ଅମିତା ମାଝି ପ୍ରମୁଖ ଅଂଶଗ୍ରହଣ କରିଥିବା ବେଳେ ଗ୍ରାମବାସୀମାନେ ସହଯୋଗ କରିଥିଲେ।






# ନାଇଜେରିଆରେ ଶହେ ଜଣଙ୍କୁ ଗୁଳିକରି ହତ୍ୟା

ଅବୁଜା, ୧୫।୬ (ଏଜେନ୍ସି): ନାଇଜେରିଆ ବେନ୍ୟୁ ରାଜ୍ୟର ଗୁମା ଅନ୍ତର୍ଗତ ୟେଲେୱାଟାଠାରେ ଆତଙ୍କବାଦୀ ନରସଂହାର କରିଛନ୍ତି। ସଶସ୍ତ୍ର ଆକ୍ରମଣକାରୀ ଗ୍ରାମବାସୀଙ୍କୁ ଚାରିପଟୁ ଘେରି ଗୁଳିମାଡ଼ କରିଛନ୍ତି। ଏଥିରେ ଶହେରୁ

**ଅନେକଙ୍କୁ ଘରେ ବନ୍ଦ କରି ଜିଅନ୍ତା ଜାଳିଦେଲେ**



ଅଧିକ ଲୋକଙ୍କ ଜୀବନ ଯାଇଛି। ଶତାଧିକ ଆହତ ହୋଇଛନ୍ତି। ଅନେକ ଲୋକ ନିଖୋଜ ମଧ୍ୟ ଅଛନ୍ତି। କିନ୍ତୁ ଦୁଃଖର ବିଷୟ ଏହି କି ଯେ ଆହତଙ୍କୁ ଏ ପର୍ଯ୍ୟନ୍ତ ଜରୁରୀ ଚିକିତ୍ସା ସୁବିଧା ମିଳିପାରି ନାହିଁ। ଶୁକ୍ରବାର ରାତିରେ ଏହି ଆକ୍ରମଣ ହୋଇଥିବାବେଳେ ରବିବାର ଏହା ସାମ୍ନାକୁ ଆସିଛି। ମାନବାଧିକାର ଗୋଷ୍ଠୀ ଆମେନିଷ୍ଟି ଇଣ୍ଟରନ୍ୟାସନାଲ ନାଇଜେରିଆ ପକ୍ଷରୁ ସାମାଜିକ ଗଣମାଧ୍ୟମରେ ଏହି ସୂଚନା ଦିଆଯାଇଛି। ଏହି ଗୋଷ୍ଠୀବଦ୍ଧ ଆକ୍ରମଣରେ ଆକ୍ରମଣକାରୀ ଗାଁର ଅନେକ ପରିବାରକୁ ତାଙ୍କ ଘରେ ବନ୍ଦ କରି ଜିଅନ୍ତା ଜାଳି ଦେଇଥିଲେ। ଏଥିରେ ଲୋକେ ଏଭଳି ଭାବେ ଜଳି ଯାଇଛନ୍ତି ଯେ ମୃତଦେହ ଚିହ୍ନଟ କରିବା ମଧ୍ୟ କଷ୍ଟସାଧ୍ୟ ହୋଇଯାଇଛି। ବେନ୍ୟୁ ପୁଲିସ ଏହି ମାମଲାର ସୂଚନା ଦେଇଛି। କିନ୍ତୁ କିଏ ଓ କାହିଁକି ଆକ୍ରମଣ କରିଥିଲା ଏବଂ କେତେ ଜଣ ପ୍ରାଣ ହରାଇଛନ୍ତି ତାହାର ତଥ୍ୟ ଦେଇ ନାହିଁ। ବେନ୍ୟୁ ନାଇଜେରିଆର ମଧ୍ୟ ବେଲ୍ଟରେ ରହିଛି। ଏହାର ଉତ୍ତରରେ ମୁସଲମାନ ସଂଖ୍ୟାଗରିଷ୍ଠ। କିନ୍ତୁ ଦକ୍ଷିଣରେ ଅଧିକାଂଶ ଖ୍ରୀଷ୍ଟିଆନ ରହୁଛନ୍ତି। ଜମି ଏବଂ ପାଣିକୁ ନେଇ ଉଭୟ ସମ୍ପ୍ରଦାୟ ମଧ୍ୟରେ ସବୁବେଳେ ସଂଘର୍ଷ ହେଉଛି। ଜନଜାତି ଏବଂ ଧାର୍ମିକ ଭାଗବଣ୍ଟା ଯୋଗୁଁ ଝଗଡ଼ା ଦିନକୁ ଦିନ ବଢ଼ିବାରେ ଲାଗିଛି। ଜମିକୁ ନେଇ ମୁସଲମାନ ଏବଂ ଖ୍ରୀଷ୍ଟିଆନ ପଶୁପାଳକ ଓ କୃଷକଙ୍କ ମଧ୍ୟରେ ପ୍ରତିଯୋଗିତା ହେଉଛି।

# ଚିହ୍ନଟ ହେଲା ରୂପାଣୀଙ୍କ ମୃତଦେହ, ଅନ୍ତ୍ୟେଷ୍ଟି ଆଜି

ଅହମଦାବାଦ, ୧୫।୬ (ଏଜେନ୍ସି): ଅହମଦାବାଦ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୂପାଣୀଙ୍କ ମୃତଦେହ ଚିହ୍ନଟ କରାଯାଇଛି। ରବିବାର ତାଙ୍କ ଡିଏନଏ ମିଶିଛି।

**ଚିହ୍ନଟ ହେଲାଣି ୪୭ ମୃତଦେହ**

**୨୪ ମୃତଦେହ ସମ୍ପର୍କୀୟଙ୍କୁ ହସ୍ତାନ୍ତର**



ସୋମବାର ଅପରାହ୍ଣ ୩ଟାରେ ରାଜକୋଟରେ ତାଙ୍କର ଅନ୍ତିମ ସଂସ୍କାର କରାଯିବ ବୋଲି ପରିବାର ପକ୍ଷରୁ ସୂଚନା ଦିଆଯାଇଛି। ଗତଚ ୧୨ ତାରିଖରେ ହୋଇଥିବା ଏହି ବିମାନ ଦୁର୍ଘଟଣା ଜନିତ ମୃତ୍ୟୁସଂଖ୍ୟା ୨୭୫ରେ ପହଞ୍ଚି ଯାଇଛି। ଅହମଦାବାଦ ସିଭିଲ ହସ୍ପିଟାଲ ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ ଏ ପର୍ଯ୍ୟନ୍ତ ୨୩୦ ପରିବାର ସହ ଯୋଗାଯୋଗ କରାଗଲାଣି। ଆଜି ସକାଳ ସୁଦ୍ଧା ୨୪୮ ମୃତଦେହର ଡିଏନଏ ନମୁନା ସଂଗ୍ରହ କରାଯାଇଛି। ୪୭ ମୃତଦେହ ଚିହ୍ନଟ କରାଯାଇଛି। ମୃତ୍ୟୁ ପ୍ରମାଣପତ୍ର ସହିତ ୨୪ଟି ମୃତଦେହ ସମ୍ପର୍କୀୟଙ୍କୁ ପ୍ରଦାନ କରାଯାଇଛି। ଆମ୍ବୁଲାନ୍ସ ମାଧ୍ୟମରେ ମୃତଦେହକୁ ପଠା ଯାଉଛି। ଏଥିପାଇଁ ୨୩୦ ଟିମ୍ ଗଠନ କରାଯାଇଛି। ଏମାନେ ମୃତକଙ୍କ ସମ୍ପର୍କୀୟଙ୍କ ସହ ଯୋଗାଯୋଗ କରୁଛନ୍ତି। ଦୁର୍ଘଟଣାରେ ପ୍ରାଣ ହରାଇଥିବା ୧୧ ବିଦେଶୀ ନାଗରିକଙ୍କ ସମ୍ପର୍କୀୟ ଆଜି ଅହମଦାବାଦରେ ପହଞ୍ଚି ପାରନ୍ତି। ସେହିପରି ମୃତଦେହ ରଖିବା ପାଇଁ ଭଦୋଦରାରୁ ୧୦୦ କଫିନ ଅହମଦାବାଦ ଅଣାଯାଇଛି। ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମଓ) ଟିମ୍ ଏବଂ ବୋଇଂ ଟିମ୍ ଘଟଣାସ୍ଥଳରେ ପହଞ୍ଚିଛି। ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପିକେ ମିଶ୍ରା ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ସେ ଅହମଦାବାଦ ହସ୍ପିଟାଲକୁ ଯାଇ ଆହତଙ୍କ ସହ ମଧ୍ୟ କଥା ହୋଇଛନ୍ତି। ଏହି ଦୁର୍ଘଟଣା ଗଭୀର ଆଘାତ ଦେଇଛି ବୋଲି ସେ କହିଛନ୍ତି।

## ଏୟାର ଇଣ୍ଡିଆକୁ ଶନିଦଶା



### ଭଦୋଦରାରେ ଜରୁରୀ ଅବତରଣ

ନୂଆଦିଲ୍ଲୀ, ୧୫।୬ (ଏଜେନ୍ସି): ଏୟାର ଇଣ୍ଡିଆର ସଙ୍କଟ ଥମିବାର ନା ଧରୁନି। ଅହମଦାବାଦ ବିମାନ ଦୁର୍ଘଟଣା ପରେ ରବିବାର ସନ୍ଧ୍ୟାରେ ନୂଆଦିଲ୍ଲୀରେ କମ୍ପାନୀର ଆଉ ଏକ ବିମାନ ଜରୁରୀ ଅବତରଣ କରିଛି। ସୂଚନା ଅନୁଯାୟୀ ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନ ବନ୍ଦର (ଆଇଜିଆଇ)ରୁ ସନ୍ଧ୍ୟା ୬ଟା ୫୧ରେ ଦିଲ୍ଲୀ-ଭଦୋଦରା (ଏଆଇ-୮୧୯) ବିମାନ ଉଡ଼ାଣ ଆରମ୍ଭ କରିଥିଲା। ମାତ୍ର ଏହା ପରେ ପାଇଲଟ୍ ଲ୍ୟାଣ୍ଡିଂ ଗିୟରରେ ସମସ୍ୟା ଥିବା ଆଶଙ୍କା କରିଥିଲେ। ଏହା ପରେ ଦିଲ୍ଲୀ ଏୟାର ଟ୍ରାଫିକ କଣ୍ଟ୍ରୋଲ (ଏଟିସି)କୁ ସୂଚନା ଦେଇଥିଲେ। ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଏହାକୁ ଦିଲ୍ଲୀ ଫେରାଇ ଅଣା ଯାଇଥିଲା। ଉଡ଼ାଣର ଅଧଘଣ୍ଟା ପରେ ୭ଟା୨୦ରେ ଆଇଜିଆଇରେ ବିମାନ ଜରୁରୀ ଅବତରଣ କରିଥିଲା। ଏଥିପାଇଁ ବିମାନବନ୍ଦରରେ ସମସ୍ତ ପ୍ରସ୍ତୁତି କରାଯାଇଥିଲା। ସବୁ କିଛି ଯାଞ୍ଚ କରିବା ପରେ ଏହା ରାତିରେ ଉଡ଼ାଣ ଭରିବ।

### ଏସି ନାହିଁ, ଗରମରେ ୫ ଘଣ୍ଟା ସିଝିଲେ ଯାତ୍ରୀ

ଦୁବାଇ, ୧୫।୬ (ଏଜେନ୍ସି): ସମସ୍ୟା ଏୟାର ଇଣ୍ଡିଆ କମ୍ପାନୀର ପିଛା ଛାଡୁ ନାହିଁ। ଏୟାର ଇଣ୍ଡିଆ ଏକ୍ସପ୍ରେସର ବିମାନ ଆଇଏକ୍ସ-୧୯୬ରେ ଏସି କାମ କରିନାହିଁ। ଏଥିପାଇଁ ଯାତ୍ରୀ ବିନା ଏସିରେ ୫ ଘଣ୍ଟା ପର୍ଯ୍ୟନ୍ତ ଗରମରେ ସିଝିଥିଲେ। ଯାତ୍ରୀଙ୍କୁ ବିମାନବନ୍ଦରକୁ ଯିବାକୁ ମଧ୍ୟ ଦିଆଯାଇ ନ ଥିଲା। ବିମାନ ଭିତରେ ରହିବାକୁ ବାଧ୍ୟ କରାଯାଇଥିଲା ବୋଲି ଅଭିଯୋଗ ହୋଇଛି। ଗତ ୧୩ ତାରିଖରେ ଦୁବାଇରୁ ରାଜସ୍ଥାନର ଜୟପୁର ଆସୁଥିବା ବିମାନରେ ଏହି ସ୍ଥିତି ଦେଖା ଯାଇଥିଲା। ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଏହି ବିମାନ ୫ ଘଣ୍ଟା ବିଳମ୍ବରେ ଉଡ଼ାଣ କରିଥିଲା। ଏହି ବିମାନର ଭିଡିଓ ଭାଇରାଲ ହେବାରେ ଲାଗିଛି। ୪୦ ଡିଗ୍ରୀ ତାପମାତ୍ରାରେ ଯାତ୍ରୀ ବିମାନ ଭିତରେ ରହି ହାତରେ କାଗଜ ଧରି ବିଞ୍ଚି ହେଉଥିବାର ଦେଖାଯାଉଛି। ଏଥିଯୋଗୁଁ କିଛି ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟାବସ୍ଥା ମଧ୍ୟ ବିଗିଡି ଯାଇଥିଲା। ବିମାନରେ ପର୍ଯ୍ୟାପ୍ତ ପାଣି ବି ନ ଥିଲା। ଏଥିପାଇଁ ବିମାନ କମ୍ପାନୀର ପରିଚାଳକଙ୍କୁ ଦାୟୀ କରିବାକୁ ଡିଜିସିଏ ନିକଟରେ ଯାତ୍ରୀ ଦାବି କରିଛନ୍ତି।

### ଗୌହାଟୀ-କୋଲକାତା ବିମାନ ୧୮ ଘଣ୍ଟା ବିଳମ୍ବ

ନୂଆଦିଲ୍ଲୀ, ୧୫।୬ (ଏଜେନ୍ସି): ଏୟାର ଇଣ୍ଡିଆ ଏକ୍ସପ୍ରେସର ବିମାନ ଆଇଏକ୍ସ-୧୨୨୬ ବିମାନ ଯାତ୍ରୀଙ୍କ ପାଇଁ ଖରାପ ସ୍ୱପ୍ନ ସଦୃଶ ହୋଇଛି। ଗୌହାଟୀରୁ କୋଲକାତା ଯାତ୍ରା କରିବାକୁ ଥିବା ଏହି ବିମାନର ଉଡ଼ାଣରେ ୧୮ ଘଣ୍ଟା ବିଳମ୍ବ ହୋଇଛି। ଯାନ୍ତ୍ରିକ ତ୍ରୁଟି ଦେଖାଯିବା ଯୋଗୁଁ ବିମାନକୁ ଦୁଇ ଦୁଇ ଥର ଅଟକାଇ ଦିଆଯାଇଛି। ଏହି ବିମାନରେ ୧୭୦ ଯାତ୍ରୀ ଯାତ୍ରା କରୁଥିଲେ। ଏହା ଶନିବାର ରାତି ୯ଟା ୨୦ରେ ଲୋକପ୍ରିୟ ଗୋପୀନାଥ ବରୋଦୋଲୋଇ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଛାଡ଼ିବାର ଥିଲା। ଯାତ୍ରୀ ବସି ସାରିଥିବା ସତ୍ତ୍ୱେ ବିମାନକୁ ମଧ୍ୟରାତ୍ରିରେ ଅନେକ ଘଣ୍ଟା ପର୍ଯ୍ୟନ୍ତ ଅଟକାଇ ଦିଆଯାଇଥିଲା। ରାତି ୧ଟା୩୦ରେ ଯାତ୍ରୀଙ୍କୁ ପ୍ରଥମେ ଲାଉଞ୍ଜ ଏବଂ ପରେ ହୋଟେଲକୁ ନିଆଯାଇଥିଲା। ଏଠାରେ ଜଳଖିଆ କରିବାକୁ ମଧ୍ୟ ଦିଆଯାଇ ନ ଥିଲା। ଏହା ପରେ ସକାଳେ ପୁଣି ଯାତ୍ରୀଙ୍କୁ ବିମାନବନ୍ଦରକୁ ନିଆଯାଇ ସମାନ ସମସ୍ୟା ଲାଗି ଫେରାଇ ଅଣା ଯାଇଥିଲା। ଶେଷରେ ଅନ୍ୟ ଏକ ବିମାନରେ ରବିବାର ଅପରାହ୍ଣ ୩ଟା ୩୪ରେ ଯାତ୍ରୀଙ୍କୁ ଗନ୍ତବ୍ୟସ୍ଥଳକୁ ପଠା ଯାଇଥିଲା।

# ଜନ୍ମଦିନରେ ଟ୍ରମ୍ପଙ୍କ ବିରୋଧରେ ବିକ୍ଷୋଭ



ୱାଶିଂଟନ, ୧୫।୬ (ଏଜେନ୍ସି): ସାରା ବିଶ୍ୱକୁ ଗଣତନ୍ତ୍ରର ଶିକ୍ଷା ଦେଉଥିବା ଆମେରିକା ଉପରେ ଏକଛତ୍ରବାଦର ଅଭିଯୋଗ ଲାଗିଛି। ଆମେରିକା ସେନାର ୨୫୦ତମ ପ୍ରତିଷ୍ଠା ଦିବସ, ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଜନ୍ମଦିନ (ଶନିବାର)କୁ ନେଇ ଖୁସିର ମାହୋଲ ଥିବାବେଳେ ରବିବାର ହଜାର ହଜାର ଲୋକ ରାଷ୍ଟ୍ରପତିଙ୍କ ବିରୋଧରେ ରାସ୍ତାକୁ ଓହ୍ଲାଇଛନ୍ତି। ଗୋଟିଏ ପଟେ ଟ୍ରମ୍ପ ସେନାକୁ ସମ୍ବୋଧନ କରିଥିବାବେଳେ ଅନ୍ୟପଟେ ତାଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ ଉଗ୍ର ହୋଇଛି। ଗଣତାନ୍ତ୍ରିକ ରାଷ୍ଟ୍ରରେ ଏକଛତ୍ରବାଦର ଶାସନ ଚାଲିଛି ବୋଲି ବିକ୍ଷୋଭକାରୀ ଅଭିଯୋଗ କରିଛନ୍ତି। କଥା କଥାରେ ଅନ୍ୟ ଦେଶକୁ ଗଣତନ୍ତ୍ରର ପରାମର୍ଶ ଦେଉଥିବା ଆମେରିକା ଆଜି ନିଜେ ଏଥିରେ ଛନ୍ଦି ହୋଇଯାଇଛି। ଲୋକଙ୍କ ଅଧିକାରକୁ ଟ୍ରମ୍ପ ପ୍ରଶାସନ ଦଳିଚକଟି ଦେଉଥିବା ଅଭିଯୋଗ କରି ଲୋକେ ରାସ୍ତାକୁ ଓହ୍ଲାଇଛନ୍ତି। ଟ୍ରମ୍ପଙ୍କ ନୀତି ବିଶେଷ କରି ପ୍ରବାସୀଙ୍କ ବିରୋଧରେ ହେଉଥିବା କାର୍ଯ୍ୟାନୁଷ୍ଠାନକୁ ବିରୋଧ କରି ଶନିବାର ଦେଶରେ ବଡ଼ଧରଣର ବିକ୍ଷୋଭ ପ୍ରଦର୍ଶନ ହୋଇଥିଲା। ଆଜି ମଧ୍ୟ ଏହା ଜାରି ରହିଛି। ଅନେକ ସହରରେ ବିକ୍ଷୋଭ କରାଯାଇଛି। ରାଜା ଶାସନ ଚାଲିବ ନାହିଁ ବୋଲି ବିକ୍ଷୋଭକାରୀ ସ୍ଲୋଗାନ ଦେଇଛନ୍ତି। ଆଟଲାଣ୍ଟା, ଫିଲାଡେଲଫିଆ, ସିକାଗୋ, ନ୍ୟୁୟର୍କ, ଅଷ୍ଟିନ, ଲସ୍ ଆଞ୍ଜେଲସ ଏବଂ ହ୍ୟୁଷ୍ଟନ ସମେତ ଅନ୍ୟ ସହର ଗୁଡିକରେ ଲୋକେ 'ନୋ କିଙ୍ଗ୍ସ: ଡେ ଅଫ୍ ଡିଫାୟନ୍ସ' ନାମରେ ବିରୋଧ କରାଯାଇଛି। ସଡ଼କ, ପାର୍କ ଏବଂ ପୁଲିସ ପୋଷ୍ଟ ଗୁଡିକର ବିକ୍ଷୋଭ କରାଯାଇଛି। ଏଥିରେ ଲକ୍ଷାଧିକ ଲୋକ ସାମିଲ ହୋଇଥିଲେ। ଟ୍ରମ୍ପ ଗଣତାନ୍ତ୍ରିକ ସଂସ୍ଥାକୁ ଦୁର୍ବଳ କରି ରାଜା ଭଳି ବ୍ୟବହାର କରୁଥିବା ସେମାନେ ଅଭିଯୋଗ କରିଛନ୍ତି। ଏକଛତ୍ରବାଦ ଚଳିବ ନାହିଁ ଏବଂ ପ୍ରବାସୀଙ୍କ ଅଧିକାର ଜିନ୍ଦାବାଦ ସ୍ଲୋଗାନ ଦିଆଯାଇଛି।

ଆଜି ଆମେରିକା ସମାଜର ୨ଟି ଝଲକ ଦେଖିବାକୁ ମିଳିଥିଲା। ଗୋଟିଏ ପଟେ ସେନା ଶୌର୍ଯ୍ୟ ପ୍ରଦର୍ଶନ କରି ଇତିହାସ ସୃଷ୍ଟି କରିଥିବାବେଳେ ଅନ୍ୟପଟେ ଗଣତାନ୍ତ୍ରିକ ଏବଂ ଲୋକଙ୍କ ଅଧିକାର ପାଇଁ ସ୍ୱର ଉଠିଛି। ଟ୍ରମ୍ପଙ୍କ ଏହି ପରେଡ ତାଙ୍କ ସମର୍ଥକଙ୍କ ପାଇଁ ଉତ୍ସବ ଆଣିଥିବାବେଳେ ବିରୋଧୀଙ୍କ ତାଙ୍କୁ ଚେତାବନୀ ଦେଇଛନ୍ତି। ଏହି ପ୍ରଦର୍ଶନ ସମୟରେ କିଛଇ ସ୍ଥାନରେ ହିଂସା ହୋଇଛି। ଲସ୍ ଆଞ୍ଜେଲସ ଏବଂ ପୋର୍ଟଲାଣ୍ଡରେ ପୁଲିସ ପ୍ରଦର୍ଶନକାରୀଙ୍କ ମଧ୍ୟରେ ସଂଘର୍ଷ ହୋଇଛି। ଆନ୍ଦୋଳନକାରୀଙ୍କୁ ଘଉଡାଇବା ପାଇଁ ଲୁହବୁହା ଗ୍ୟାସ ମାଡ କରାଯାଇଛି। ଏଥିରେ ଅନେକ ଆହତ ହୋଇଛନ୍ତି। ସଲ୍ଟ ଲେକ୍ ସିଟିରେ ପୁଲିସ ଫାଙ୍କା ଗୁଳିଚାଳନା କରିଛି। ଏଥିରେ ଜଣେ ଗୁରୁତର ଆହତ ହୋଇଛନ୍ତି।

# ଦୁଇ ଭାଇ ଠକିନେଲେ ୨୬୭୬ କୋଟି

ଜୟପୁର, ୧୫।୬ (ଏଜେନ୍ସି): ରାଜସ୍ଥାନରୁ ବଡ଼ ଠକେଇ ମାମଲା ସାମ୍ନାକୁ ଆସିଛି। ସିକର ଜିଲ୍ଲାର ଦୁଇ ଭାଇ ସୁଭାଷ ବିଜାରାନୀ ଏବଂ ରଣବୀର ବିଜାରାନୀ ସ୍ମାର୍ଟ ସିଟି ନାମରେ ଲୋକଙ୍କୁ ଠକି ସର୍ବସ୍ୱାନ୍ତ କରିଦେଇଛନ୍ତି। ଦୁହେଁ ଅଧିକ ରିଟର୍ଣ୍ଣ, ଫ୍ଲାଟ୍, ପ୍ଲଟ୍‌ର ପ୍ରତିଶ୍ରୁତି ଦେଇ ସାରା ଦେଶରୁ ପ୍ରାୟ ୭୦ ହଜାର ଲୋକଙ୍କଠାରୁ ୨,୬୭୬ କୋଟି ଟଙ୍କା ଠକି ନେଇଛନ୍ତି। ଏହି ଠକେଇ ପାଇଁ ସେ ସଂସ୍ଥା ମଧ୍ୟ ଗଢ଼ିଥିଲେ। ନିଯୁକ୍ତି ଦେଇ ଲୋକଙ୍କୁ ଠକିବାର ପ୍ରଶିକ୍ଷଣ ଦେଇଥିଲେ। ଯେତେ ଅଧିକ ନିବେଶକ ଯୋଡିବେ ସେତେ ଅଧିକ କମିଶନ ସହିତ ବାଇକ୍, ଲ୍ୟାପ୍‌ଟପ୍, କାର୍ ଆଦି ଦେବାକୁ ଏଜେଣ୍ଟମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଶେଷରେ ନିବେଶକ ବିପୁଳ ଟଙ୍କା ଧରି ଦୁଇ ଭାଇ ଅଫିସ ବନ୍ଦ କରି ଫେରାର ହୋଇ ଯାଇଥିଲେ। ରାଜସ୍ଥାନ ଯୋଧପୁର ପୁଲିସ ଏହି ମାମଲା ରୁଜୁ କରି ତଦନ୍ତ ଆରମ୍ଭ



କରିଛି। ଇଡି ମଧ୍ୟ ମାମଲା ହାତକୁ ନେଇଛି। ଗତ ଗୁରୁବାର ଏଜେନ୍ସି ଏହି ମାମଲାରେ ୨୫ ଠିକଣାରେ ଚଢ଼ଉ କରିଥିଲା।

ସୂଚନା ଅନୁଯାୟୀ ସୁଭାଷ ଏବଂ ରଣବୀର ୨୦୨୧ରେ 'ନେକ୍ସା ଏଭରଗ୍ରୀନ୍' ନାମରେ କମ୍ପାନୀ ଖୋଲିଥିଲେ। ଏହାକୁ ଅହମଦାବାଦରେ ପଞ୍ଜିକୃତ କରିଥିଲେ। ଗୁଜୁରାଟର 'ଧୋଲେରା ସ୍ମାର୍ଟ ସିଟି' ପ୍ରକଳ୍ପର ଫଟୋ ଦେଖାଇ ନିବେଶକଙ୍କୁ ଆକୃଷ୍ଟ କରିଥିଲେ। ରଣବୀର ପ୍ରଥମେ ୨୦୧୪ ରେ ଏବଂ ପରେ ଅବସରପ୍ରାପ୍ତ ସେନା କର୍ମଚାରୀ ସୁଭାଷ ୩୦ ଲକ୍ଷ ଟଙ୍କା ଦେଇ ଧୋଲେରାରେ ଜମି କିଣିଥିଲେ। ଏଠାରେ ନିଜର ୧୩୦୦ ବିଘା ଜମି ରହିଛି ଏବଂ ଏହା ବିଶ୍ୱସ୍ତରୀୟ ସସ ସ୍ମାର୍ଟସିଟି ହେବାକୁ ଯାଉଥିବା କହି ଲୋକଙ୍କୁ ଭୁଆଁ ବୁଲାଇ ଥିଲା। ଏଥିରେ ଦୁଇ ଭାଇଙ୍କୁ ସଲିମ୍ ଖାନ, ସମୀର, ଦାତାର ସିଂହ, ରକ୍ଷାପାଲ, ଓମପାଲ ଏବଂ ସନୱାରମୋଲ ଆଦି ସହଯୋଗ କରିଥିଲେ। ଏମାନଙ୍କ ମାଧ୍ୟମରେ ଏଜେଣ୍ଟ ନିଯୁକ୍ତ କରି ୧୫୦୦ କୋଟି ଟଙ୍କାର କମିଶନ ବାଣ୍ଟି ନେଇଗଲେ। ଠକେଇ ଅର୍ଥରୁ ୧୩୦୦ ବିଘା ଜମି, ରାଜସ୍ଥାନରେ ବିଳାସପୂର୍ଣ୍ଣ କାର, ଖଣି ଏବଂ ହୋଟେଲ, ଅହମଦାବାଦରେ ଫ୍ଲାଟ୍ ଏବଂ ଗୋଆରେ ୨୫ଟି ରେସ୍ତୋରାଁ କିଣିଥିଲେ। ନଗଦ ଆକାରରେ ୨୫୦ କୋଟି ନେଇଥିଲେ। ଅବଶିଷ୍ଟ ଟଙ୍କାକୁ ୨୭ଟି ସେଲ୍ କମ୍ପାନୀକୁ ହସ୍ତାନ୍ତର କରିଥିଲେ।

## ■ ଜେସିବିରେ ମାଟିଖୋଳା | ଏକାସଙ୍ଗେ ଭୁଶୁଡ଼ିଲା ୬ କୋଠା; ୩ ମୃତ

ମଥୁରା, ୧୫।୬ (ଏଜେନ୍ସି): ଉତ୍ତର ପ୍ରଦେଶ ମଥୁରାର ଗୋବିନ୍ଦ ନଗର ଅଞ୍ଚଳରେ ରବିବାର ଦ୍ୱିପହରେ ବଡ଼ ଅଘଟଣ ଘଟିଛି। ଜେସିବିରେ ମାଟି ଖୋଳା ଚାଲିଥିବାବେଳେ ୬ଟି କୋଠା ଏକାଥରକେ ଭୁଶୁଡ଼ି ଯାଇଛି। ଏହି ଦୁର୍ଘଟଣାରେ ୩ ଜଣଙ୍କ ଜୀବନ ଯାଇଛି। ୪ ଜଣଙ୍କୁ ଅବଶେଷ ତଳୁ ଉଦ୍ଧାର କରାଯାଇଛି। ଆହୁରି ୬-୭ ଜଣ ଅବଶେଷ ତଳେ ଫସି ରହିଥିବା କୁହାଯାଉଛି। ଏହାର ସୂଚନା ପାଇବା ପରେ ପୁଲିସ, ନଗର ନିଗମ, ପ୍ରଶାସନ ଏବଂ ଅଗ୍ନିଶମ ବାହିନୀ ଦଳ ଘଟଣାସ୍ଥଳରେ ପହଞ୍ଚି ଥିଲା। ପରେ ଏନଡିଆର୍‌ଏଫ ଏଥିରେ ସାମିଲ ହୋଇଛି। ବିଳମ୍ବିତ ରାତି ପର୍ଯ୍ୟନ୍ତ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ମୃତକଙ୍କ ମଧ୍ୟରେ ତୋତାରାମ (୩୮), ଦୁଇ ଭଉଣୀ ଯଶୋଦା (୬) ଏବଂ କାବ୍ୟ (୬) ସାମିଲ ଅଛନ୍ତି। ସୂଚନା ଅନୁଯାୟୀ ଭୁଶୁଡି ଯାଇଥିବା ସମସ୍ତ ୬ଟି ଘର ମାଟିର ଢିପି ଉପରେ ନିର୍ମିତ ହୋଇଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ ଏଠାରେ ଥିବା ଖାଲି ଜମିରେ ଜେସିବି ଖୋଳୁଥିଲା। ହଠାତ୍ ମାଟି ଭୁଶୁଡ଼ି ପଡ଼ିଲା ଏବଂ ଗୋଟିଏ ପରେ ଗୋଟିଏ ସମସ୍ତ ଘର ଭଗ୍ନାଂଶରେ ଅବଶେଷରେ ପରିଣତ ହୋଇଗଲା। ଏହି ସମୟରେ ଭୂମିକମ୍ପ ହୋଇଥିବା ପରି ଅନୁଭବ ହୋଇଥିଲା।

## ସାଇପ୍ରସରେ ମୋଦୀ; ସ୍ୱାଗତ କଲେ ରାଷ୍ଟ୍ରପତି

ନିକୋସିଆ, ୧୫।୬ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ସାଇପ୍ରସରେ ପହଞ୍ଚିଛନ୍ତି। ସାଇପ୍ରସ ରାଷ୍ଟ୍ରପତି ନିକୋସ କ୍ରିଷ୍ଟୋଡୌଲିଡେସ ତାଙ୍କୁ ବିମାନବନ୍ଦରରେ ସ୍ୱାଗତ କରିଛନ୍ତି। ମୋଦୀଙ୍କ ହାତ ଧରି ନିକୋଶ ପାଛୋଟି ନେଇଛନ୍ତି। ଏହା ପରେ ମୋଦୀ ସାଇପ୍ରସର ଲିମାସୋଲ ଯାଇଥିଲେ। ହୋଟେଲ ବାହାରେ ଭାରତୀୟ ସମୁଦାୟର ଲୋକଙ୍କୁ ଭେଟିଥିଲେ। ଦୁଇ ଦେଶ ମଧ୍ୟରେ ବ୍ୟାପାର ବୃଦ୍ଧିକୁ ନେଇ ମୋଦୀ ଏବଂ ନିକୋଶଙ୍କ ମଧ୍ୟରେ ବୈଠକ ହୋଇଥିଲା। ଏଥିରେ ବ୍ୟବସାୟୀକ ବର୍ଗ ମଧ୍ୟ ସାମିଲ ହୋଇଥିଲେ। ସାଇପ୍ରସ ପରେ ମୋଦୀ କାନାଡ଼ା ଗସ୍ତ କରି ଜି-୭ ଶିଖର ସମ୍ମିଳନୀରେ ସାମିଲ ହେବେ।

## ଆଜି ଜାରି ହେବ ବିଜ୍ଞପ୍ତି

ନୂଆଦିଲ୍ଲୀ, ୧୫।୬ (ଏଜେନ୍ସି): ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ରବିବାର ଏକ ବୈଠକ କରି ଆଗାମୀ ଜନଗଣନା ପାଇଁ ଚାଲିଥିବା ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ଏହି ବୈଠକରେ ସ୍ୱରାଷ୍ଟ୍ର ସଚିବ ଗୋବିନ୍ଦ ମୋହନ ଏବଂ ରେଜିଷ୍ଟ୍ରାର ଜେନେରାଲ ଆଣ୍ଡ ସେନ୍‌ସସ୍ କମିଶନର ମୃତ୍ୟୁଞ୍ଜୟ କୁମାର ନାରାୟଣ ଏବଂ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

**ଜନଗଣନାକୁ ନେଇ ଶାହାଙ୍କ ସମୀକ୍ଷା ବୈଠକ**

ଭାରତର ୧୬ତମ ଜନଗଣନା ୨୦୨୭ ମାର୍ଚ୍ଚ ୧ରେ ଆରମ୍ଭ ହେବ। ତେବେ ଲଦାଖ ଭଳି ବରଫ ଆଚ୍ଛାଦିତ ଅଞ୍ଚଳରେ ଏହା ୨୦୨୬ ଅକ୍ଟୋବରରୁ ପ୍ରାରମ୍ଭ ହେବ। ପ୍ରଥମ ଥର ପାଇଁ ଜନଗଣନାରେ ଜାତିଗତ ତଥ୍ୟ ସଂଗ୍ରହ କରାଯିବ। ଏ ନେଇ ସୋମବାର ବିଧିବଦ୍ଧ ଭାବେ ବିଜ୍ଞପ୍ତି ଜାରି ହେବ ବୋଲି ସୂଚନା ମିଳିଛି। ଏହି ଜନଗଣନା ଦୁଇଟି ପର୍ଯ୍ୟାୟରେ ହେବ। ପ୍ରଥମ ପର୍ଯ୍ୟାୟରେ ହାଉସଲିଷ୍ଟିଂ ଅପରେସନ (ଏଚ୍‌ଏଲ୍‌ଓ) ଏବଂ ପରେ ଜନସଂଖ୍ୟା ଗଣନା ହେବ। ଜନଗଣନା କାପାଇଁ, ପ୍ରାୟ ୩୪ ଲକ୍ଷ ଗଣନାକାରୀ ଓ ପର୍ଯ୍ୟବେକ୍ଷକ ଏବଂ ପ୍ରାୟ ୧.୩ ଲକ୍ଷ ଜନଗଣନା କାର୍ଯ୍ୟକର୍ତ୍ତାଙ୍କୁ ନିୟୋଜିତ କରାଯିବ।

# କାଳ ପାଲଟିଛି ପରକୀୟା ପ୍ରୀତି | ୫ ବର୍ଷରେ ନିଜ ସିନ୍ଦୂର ପୋଛିଛନ୍ତି ୭୮୫ ପତ୍ନୀ

ନୂଆଦିଲ୍ଲୀ, ୧୫।୬ (ଏଜେନ୍ସି):



ପରକୀୟାପ୍ରୀତି କାଳ ପାଲଟି ଯାଉଛି। ପତ୍ନୀଙ୍କ ଅବୈଧ ସମ୍ପର୍କ ଲାଗି ଅନେକ ସ୍ୱାମୀଙ୍କ ଜୀବନ ଯାଉଛି। ରାଜା ରଘୁବଂଶୀ ହୁଅନ୍ତୁ ଅବା ମିରଠର ସୌରଭ ରାଜପୁତ କିମ୍ବା ଭିୱାନୀର ପ୍ରବୀଣ ହତ୍ୟାକାଣ୍ଡ ସବୁଥିରେ ପତ୍ନୀ ଏବଂ ତାଙ୍କ ପ୍ରେମିକଙ୍କ ହାତ ରହିଛି। ପରକୀୟାପ୍ରୀତି ପାଇଁ ସମାଜ, ସଂସ୍କୃତି ଏବଂ ସଂସ୍କାରକୁ ବି ଦେଖୁନାହାନ୍ତି। ପ୍ରେମ ପାଇବା ପାଇଁ ଛଳ କରୁଛନ୍ତି। ମିଛ କହୁଛନ୍ତି। ଏପରିକି ଅନ୍ୟର ଜୀବନ ନେବାକୁ ମଧ୍ୟ ପଛାଉ ନାହାନ୍ତି। ଗତ କିଛି ବର୍ଷ ହେଲା ଏଭଳି ମାମଲା ଅଧିକ ବୃଦ୍ଧି ପାଇଛି। କାହାର ବିବାହ ପୂର୍ବରୁ ତ ଆଉ କାହାର ବିବାହ ପରେ ପ୍ରେମ ହେଉଛି। ଏହାର ଫଳ ନିରୀହ ସ୍ୱାମୀଙ୍କୁ ଭୋଗିବାକୁ ପଡୁଛି। ହାତ ଧରି ଘରକୁ ଆଣିଥିବା ପତ୍ନୀ ହିଁ ସ୍ୱାମୀ ପାଇଁ କାଳ ପାଲଟି ଯାଉଛି। କେଉଁଠି ନୀଳ ଡ୍ରମରେ ମୃତଦେହ ମିଳୁଛି ତ ଆଉ କେଉଁଠି ହତ୍ୟାକରି ନାଳରେ ଫୋପାଡ଼ି ଦିଆଯାଉଛି। ଏଭଳି ଅନେକ ମାମଲା ଦେଶରେ ଚର୍ଚ୍ଚାରେ ରହିଛି।

କ୍ରାଇମ ଡାଟା ଏବଂ ରିପୋର୍ଟ ଅନୁଯାୟୀ ଗତ ୫ ବର୍ଷରେ ଦେଶର ୫ ରାଜ୍ୟରେ ୭୮୫ ପତ୍ନୀ ନିଜେ ନିଜ ସିନ୍ଦୂର ପୋଛିଛନ୍ତି। ପରକୀୟାପ୍ରୀତି ପାଇଁ ସ୍ୱାମୀଙ୍କୁ ମାରି ଦିଆଯାଇଛି। ଏହି ରାଜ୍ୟ ମଧ୍ୟରେ ମଧ୍ୟପ୍ରଦେଶ, ଉତ୍ତର ପ୍ରଦେଶ, ବିହାର, ରାଜସ୍ଥାନ ଏବଂ ମହାରାଷ୍ଟ୍ର ସାମିଲ ରହିଛି। ସେହିପରି ଦେଶରେ ବର୍ଷକୁ ୨୭୫ ସ୍ୱାମୀଙ୍କୁ ହତ୍ୟା କରାଯାଉଛି। ଏହି ତଥ୍ୟ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସ୍ୱାମୀଙ୍କୁ ହତ୍ୟା କରିବା ପାଇଁ ମହିଳା କାହିଁକି ଚାହୁଁଛନ୍ତି ବୋଲି ପ୍ରଶ୍ନ ଉଠୁଛି।

ରିପୋର୍ଟ ଅନୁଯାୟୀ ସ୍ୱାମୀଙ୍କ ହତ୍ୟାରେ ୟୁପି ଆଗରେ ରହିଛି। ଏଠାରେ ୨୦୨୦ରେ ୨୦ ଜଣ, ୨୦୨୧ରେ ୫୨ ଜଣ, ୨୦୨୨ରେ ୬୦ ଜଣ, ୨୦୨୩ରେ ୫୫ ଜଣ ଏବଂ ୨୦୨୪ରେ ୬୨ ଜଣ ସ୍ୱାମୀଙ୍କୁ ହତ୍ୟା କରାଯାଇଥିଲା। ଏହି କ୍ରମରେ ବିହାରରେ ୩୦ ଜଣ, ୩୫

**ବର୍ଷକୁ ୨୭୫ ସ୍ୱାମୀଙ୍କୁ କରାଯାଉଛି ହତ୍ୟା**

ଜଣ , ୪୦ ଜଣ, ୩୯ ଜଣ ଏବଂ ୪୨ ଜଣ ସ୍ୱାମୀଙ୍କୁ ମାରି ଦିଆଯାଇଥିଲା। ସେହିପରି ରାଜସ୍ଥାନରେ ଗତ ୫ ବର୍ଷରେ ୨୦ ଜଣ, ୨୫ ଜଣ, ୨୮ ଜଣ, ୩୦ ଜଣ, ୩୫ ଜଣ, ମହାରାଷ୍ଟ୍ରରେ ୧୫ଜଣ, ୧୮ ଜଣ, ୨୦ ଜଣ, ୨୨ ଜଣ ଏବଂ ୨୫ ଜଣ, ମଧ୍ୟପ୍ରଦେଶରେ ୧୨ ଜଣ, ୧୫ ଜଣ, ୧୮ ଜଣ, ୨୦ ଜଣ ଏବଂ ୨୨ ଜଣ ସ୍ୱାମୀଙ୍କୁ ହତ୍ୟା କରାଯାଇଥିଲା। ୨୦୨୨ର ଏନ୍‌ସିଆରବି ରିପୋର୍ଟ ଅନୁଯାୟୀ ହତ୍ୟାରେ ପ୍ରେମ ବ୍ୟାପାର ତୃତୀୟ ବଡ଼ କାରଣ ହୋଇଛି। ଏକ ଯାଞ୍ଚରୁ ଜଣାପଡ଼ିଛି ଯେ ଭାରତରେ ପ୍ରତି ବର୍ଷ ୨୭୫ ସ୍ୱାମୀଙ୍କୁ ସ୍ତ୍ରୀ ହତ୍ୟା କରୁଛନ୍ତି। ବ୍ରିଟିଶ ମେଡିକାଲ ଜର୍ଣ୍ଣାଲ 'ଦ ଲାନସେଟ'ରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ ମହିଳାଙ୍କ ସମ୍ବନ୍ଧିତ ୬୦ ପ୍ରତିଶତ ହତ୍ୟା ପଛରେ ତାଙ୍କର ବର୍ତ୍ତମାନ କିମ୍ବା ପୂର୍ବତନ ପ୍ରେମିକର ହାତ ରହିଛି। ଦେଶରେ ୧୦ରୁ ଗୋଟିଏ ହତ୍ୟା ପଛରେ ପ୍ରେମିକ, ପତି କିମ୍ବା ପତ୍ନୀ ଦ୍ୱାରା କରାଯାଇଥାଏ। ୨୦୧୦ରୁ ୧୦୧୪ ମଧ୍ୟରେ ପ୍ରେମ ସମ୍ବନ୍ଧ ଏବଂ ସମ୍ପର୍କ ସମ୍ବନ୍ଧିତ ହତ୍ୟାର ଅନୁପାତ ୭ରୁ ୮ ପ୍ରତିଶତ ମଧ୍ୟରେ ଥିଲା। ମାତ୍ର ୨୦୧୫ରୁ ୨୦୨୨ ମଧ୍ୟରେ ଏହା ୧୦ରୁ ୧୧ ପ୍ରତିଶତରେ ପହଞ୍ଚି ଯାଇଛି।

# ୨୪ ଘଣ୍ଟାରେ ୧୦ କରୋନା ରୋଗୀଙ୍କ ମୃତ୍ୟୁ

## ଚିକିତ୍ସାଧୀନ ରୋଗୀସଂଖ୍ୟା ୭୩୮୩କୁ ବୃଦ୍ଧି

ନୂଆଦିଲ୍ଲୀ, ୧୫।୬ (ଏଜେନ୍ସି): ଦେଶରେ କରୋନା ମହାମାରୀ ଦ୍ରୁତଗତିରେ କାୟା ମେଲାଇବାରେ ଲାଗିଛି। ସଂକ୍ରମିତଙ୍କ ସଂଖ୍ୟା ଏବଂ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଗତ ୨୫ ଘଣ୍ଟା ମଧ୍ୟରେ ୧୦ ଜଣ ଲୋକ ପ୍ରାଣ ହରାଇଛନ୍ତି। କରୋନାର ଏହି ନୂଆ ପ୍ରଜାତି ଦିନକରେ ସର୍ବାଧିକ ଜୀବନ ନେଇଛି। ମୃତକଙ୍କ ମଧ୍ୟରେ କେରଳରେ ୫ ଜଣ, ଦିଲ୍ଲୀରେ ୩ ଜଣ ଏବଂ ମହାରାଷ୍ଟ୍ରରେ ଜଣେ ସାମିଲ ଅଛନ୍ତି। ଜାନୁଆରୀ ପରଠାରୁ ଏ ପର୍ଯ୍ୟନ୍ତ ୯୭ ଜଣ ରୋଗୀଙ୍କ ପ୍ରାଣ ହରାଇଲେଣି। ସେହିପରି ଦେଶର ୩୧ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ସକ୍ରିୟ ମାମଲା ସଂଖ୍ୟା ୭୩୮୩ରେ ପହଞ୍ଚି ଯାଇଛି। ତେବେ ଆଶ୍ୱସ୍ତିର ବିଷୟ ଏହି କି ଯେ ରବିବାର କୌଣସି ନୂଆ ରୋଗୀ ଚିହ୍ନଟ ହୋଇନାହାନ୍ତି। ଏହି ସମୟରେ ୧୭ ଜଣ ରୋଗୀ ସୁସ୍ଥ ହୋଇଛନ୍ତି। କେରଳରେ ସର୍ବାଧିକ ୨୦୦୭ ଜଣ, ଗୁଜରାଟରେ ୧୪୪୧ ଏବଂ ପଶ୍ଚିମବଙ୍ଗରେ ୭୪୭ ରୋଗୀ ଚିକିତ୍ସାଧୀନ ଅଛନ୍ତି।



ଏହା ମଧ୍ୟରେ କରୋନା ମାମଲା ବୃଦ୍ଧିକୁ ଦେଖି ଉତ୍ତର ପ୍ରଦେଶ ସରକାର ସତର୍କତା ଅବଲମ୍ବନ କରିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି। ଆବଶ୍ୟକୀୟ ଔଷଧ, ପିପିଇ କିଟ୍, ପରୀକ୍ଷା ସୁବିଧା, ଆଇସୋଲେସନ୍ ବେଡ୍, ଅକ୍ସିଜେନ୍ ସିଲିଣ୍ଡର, ଆଇସିୟୁ ଏବଂ ଭେଣ୍ଟିଲେଟର ପ୍ରସ୍ତୁତ ରଖିବାକୁ ସବୁ ଡାକ୍ତରଖାନାଗୁଡିକୁ କୁହାଯାଇଛି। ସେହିପରି କେରଳ ସରକାର କରୋନା ଏବଂ ଇନଫ୍ଲୁଏଞ୍ଜାର ଲକ୍ଷଣ ଥିବା ରୋଗୀଙ୍କୁ ଚିକିତ୍ସା କରିବା ୨୦୨୩ ଜୁନ୍‌ରେ ଜାରି ହୋଇଥିବା କୋଭିଡ୍ ନିର୍ଦ୍ଦେଶାବଳୀ ପାଳନ କରିବାକୁ ହସ୍ପିଟାଲଗୁଡ଼ିକୁ ନିର୍ଦ୍ଦେଶ ଦେଇଛି। ହସ୍ପିଟାଲରେ ସମସ୍ତଙ୍କ ପାଇଁ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରାଯାଇଛି। ଏହା ସହିତ, ଥଣ୍ଡା, କାଶ ଏବଂ ଜ୍ୱର ଭଳି ଲକ୍ଷଣ ଥିବା ରୋଗୀଙ୍କ ପାଇଁ କୋଭିଡ୍ ପରୀକ୍ଷା ବାଧ୍ୟତାମୂଳକ ହୋଇଛି।

## ଆଜିର ରାଶିଫଳ

**ମେଷ:** ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ଭାଳି ପାରନ୍ତି । ଦୃଢ଼ ସଂକଳ୍ପ ସହ ଲକ୍ଷ୍ୟ ହାସଲ କରିବାକୁ ଯୋଜନା କରିବେ । ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ । କ୍ଷମତା ଉପରେ ଭରସା ରଖନ୍ତୁ । ବୈବାହିକ ଜୀବନ ସୁଖମୟ ହେବ ।

**ବୃଷ:** ଘନିଷ୍ଠ ଲୋକଙ୍କ ସହଯୋଗ ରହିବ । ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ରହିବ । ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହେବ । ନିଜକୁ କମଜୋର ଭାବନ୍ତୁ ନାହିଁ । ଛାତ୍ରଛାତ୍ରୀ କୃତକାର୍ଯ୍ୟ ହେବେ । ଦୀର୍ଘ ଦିନର ଆଶା ପୂରଣ ହେବ ।

**ମିଥୁନ:** ଦୂରଯାତ୍ରାରୁ ଥକ୍କାପଣ ଅନୁଭବ କରିବେ । ଅନ୍ୟର ଥଟ୍ଟା ପରିହାସକୁ ଅଣଦେଖା କରନ୍ତୁ । ଦୀର୍ଘ ଦିନରୁ ପଡ଼ିରହିଥିବା କାର୍ଯ୍ୟ ପୂରଣ ହେବ । ପାରିବାରିକ ସୁଖ ଶାନ୍ତି ମିଳିବ । ଯାନବାହନ କ୍ରୟ କରିପାରନ୍ତି ।

**କର୍କଟ:** ନିଜ ପରିଶ୍ରମକୁ ଗୁରୁତ୍ୱ ଦିଅନ୍ତୁ । ମନୋରଞ୍ଜନ ପାଇଁ ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି । ଜୀବନସାଥୀଙ୍କ ସହଯୋଗ ଲୋଡ଼ିବେ । ବିଦ୍ୟାର୍ଥୀମାନଙ୍କ ପାଇଁ ଭଲ ସମୟ । ରାଜନେତାଙ୍କ ପାଇଁ ଭଲ ସମୟ ।

**ସିଂହ:** କୌଣସି କାର୍ଯ୍ୟ କରିବା ପୂର୍ବରୁ ହଜାର ଥର ଚିନ୍ତା କରନ୍ତୁ । ଧନପ୍ରାପ୍ତି ଯୋଗ ରହିଛି । ପିଲାମାନଙ୍କ ଉନ୍ନତିରେ ଖୁସି ଅନୁଭବ କରିବେ । କିଣାବିକାରେ ସମୟ ବିତିବ । ବୈବାହିକ ଜୀବନ ସୁଖମୟ ହେବ ।

**କନ୍ୟା:** ଜମି କିଣାବିକା ପାଇଁ ଭଲ ସମୟ । ଆୟ ଅନୁସାରେ ବ୍ୟୟ କମ୍ ହେବ । ପ୍ରିୟଜନଙ୍କ ସହ ଦୂରଯାତ୍ରା କରିପାରନ୍ତି । ପ୍ରେମୀଯୁଗଳଙ୍କ ପାଇଁ ଦିନଟି ଆଦୌ ଭଲ ନୁହେଁ । ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିବ ।

**ତୁଳା:** ପୁରୁଣା ରୋଗରୁ ଆରାମ ମିଳିପାରେ । ଅକସ୍ମାତ ଖୁସି ଖବର ପାଇବେ । ଜୀବନସାଥୀଙ୍କ ସହ ଖୁସିର ମୁହୂର୍ତ୍ତ ବିତାଇବେ । ବ୍ୟବସାୟରୁ ଲାଭ ପାଇବେ । କର୍ମକ୍ଷେତ୍ରରେ ନୂତନ ସହଯୋଗୀଙ୍କ ସାହାଯ୍ୟ ମିଳିବ ।

**ବିଛା:** କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ । ସାମାଜିକ ଏବଂ ଧାର୍ମିକ ସମାରୋହ ପାଇଁ ଦିନଟି ଭଲ । ବିଦ୍ୟାର୍ଥୀମାନେ କ୍ୟାରିୟର କଥା ଚିନ୍ତା କରିବେ । ସାମାଜିକ କାର୍ଯ୍ୟରେ ସାମିଲ ହେବେ ।

**ଧନୁ:** ବନ୍ଧୁ ମିଳନ ଯୋଗ ରହିଛି । ଅଧିକ ଚିନ୍ତା କରନ୍ତୁନି । ନୂତନ ବ୍ୟବସାୟ ଆରମ୍ଭ କରିପାରିବେ । ପତି-ପତ୍ନୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ । ମହିଳାମାନେ ଧର୍ମପରାୟଣା ହେବେ । କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ ।

**ମକର:** ସ୍ୱାସ୍ଥ୍ୟପ୍ରତି ଧ୍ୟାନ ଦିଅନ୍ତୁ । ଉଧାର ଦେଉଥିଲେ ସାବଧାନ ହୋଇଯାଆନ୍ତୁ । ପରିବାର ସହିତ କିଛି ସମୟ ବିତାନ୍ତୁ । କର୍ମକ୍ଷେତ୍ରରେ ପଦୋନ୍ନତି ଯୋଗ ରହିଛି । ବୟସ୍କ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ ।


**କୁମ୍ଭ:** ସମସ୍ୟାରେ ପଡ଼ିପାରନ୍ତି । ଅତିଥିଙ୍କ ସ୍ୱାସ୍ଥ୍ୟସମସ୍ୟାକୁ ନେଇ ଚିନ୍ତାପ୍ରକଟ କରିବେ । ପିଲାମାନଙ୍କ କାର୍ଯ୍ୟ କଳାପରେ ଦିନଟି ଭଲରେ ବିତିବ । ଜୀବନସାଥୀଙ୍କ ପାଇଁ କୌଣସି କାର୍ଯ୍ୟ ଗଡ଼ବଡ଼ ହୋଇପାରେ ।

**ମୀନ:** ଆଖି ବୁଜି ଅନ୍ୟମାନଙ୍କ ଉପରେ ଭରସା କରନ୍ତୁନି । ନିଜ କଥା ଉପରେ ନିୟନ୍ତ୍ରଣ ରଖନ୍ତୁ । ପିଲାମାନେ ପଢ଼ାପଢ଼ିରେ ଅଧିକ ଧ୍ୟାନ ଦେବେ । ଅପ୍ରିୟ ସତ କହି ସମସ୍ୟାରେ ପଡ଼ିପାରନ୍ତି ।

## ଇଲେକଟ୍ରୋନିକ୍ ଟାଟୁ ମାନସିକ ଥକ୍କାକୁ ଚିହ୍ନଟ କରିବ



ଆମେରିକାର ବୈଜ୍ଞାନିକମାନେ ଏକ ଇଲେକଟ୍ରୋନିକ୍ ଟାଟୁ ବିକଶିତ କରିଛନ୍ତି । ଯାହାକି ମସ୍ତିଷ୍କର ଥକ୍କାପଣକୁ ମାପିବ । ଏହି ଟାଟୁକୁ ମଥାରେ ଲଗାଯିବ । ସେହିପରି ଉକ୍ତ ଟାଟୁ ଟ୍ରକ୍ ଚାଳକ ଏବଂ ଅନ୍ୟ କର୍ମଚାରୀଙ୍କୁ ସାହାଯ୍ୟ କରିବା ଆଶା କରାଯାଉଛି । ଏହା ହେଉଛି ଏକ ଅସ୍ଥାୟୀ ଟାଟୁ । ଟାଟୁଟି ମସ୍ତିଷ୍କର ବୈଦ୍ୟୁତିକ ଗତିବିଧିକୁ ମାପିଥାଏ । ଏହାର ବଡ଼ ବିଶେଷତ୍ୱ ହେଉଛି ଟାଟୁ ତୁରନ୍ତ ଫଳାଫଳ ପ୍ରଦାନ କରିଥାଏ । ଯାହାକୁ ଇଲେକଟ୍ରୋଏନସେଫେଲୋଗ୍ରାଫି (ଇଇଜି) ଏବଂ ଇଲେକଟ୍ରୋଓକୁଲୋଗ୍ରାଫି (ଇଓଜି) କୁହାଯାଏ । ଉକ୍ତ ଟାଟୁ ଚକ୍ଷୁର ଗତିକୁ ମଧ୍ୟ ଟ୍ରାକ୍ କରିଥାଏ । ବୈଜ୍ଞାନିକଙ୍କ ମତରେ, ଟେକ୍ନିକ୍ ଏବେ ମଣିଷଠାରୁ ଅଧିକ ବିକଶିତ ହେଉଛି । ଫଳରେ ମସ୍ତିଷ୍କ ଏହାର ସାଥ୍ ଦେଇ ନ ପାରି ସହଜରେ ଥକ୍କିଯାଏ । ମଣିଷ ଏକ ସନ୍ତୁଳିତ ମାନସିକ ଅବସ୍ଥାରେ ଭଲ କାମ କରିଥାଏ । ଏହାକୁ ଗୋଲଡିଲକ୍ସ ଜୋନ୍ କୁହାଯାଏ । ଏଥିରେ ଅଧିକ ଚିନ୍ତା କି ବିରକ୍ତିକର ପରିସ୍ଥିତି ନ ଥାଏ । ଏହି ସନ୍ତୁଳନ ପ୍ରତ୍ୟେକ ବ୍ୟକ୍ତିଙ୍କ ଲାଗି ଭିନ୍ନ ହୋଇଥାଏ । ତେବେ ପୂର୍ବରୁ ମାନସିକ ଥକ୍କାପଣକୁ ମାପିବା ପାଇଁ ନାସା ଟାସ୍କ ଲୋଡ୍ ଇଣ୍ଡେକସର ଉପଯୋଗ କରାଯାଉଥିଲା । ଏହା ଥିଲା ଏକ ଲମ୍ବା ସର୍ଭେ । ଲୋକେ ଏହାକୁ କାମ ପରେ ପୂରଣ କରୁଥିଲେ । ହେଲେ ଇଲେକଟ୍ରୋନିକ୍ ଟାଟୁ ଏହାକୁ ଆହୁରି ଅଧିକ ସହଜ କରିଛି । ଏହି ଟାଟୁ ହାଲୁକା ଏବଂ ଏଥିରେ ପତଳା ଷ୍ଟିକର୍ ଭଳି ସେନସର୍ ଅଛି । ସେହିପରି ପ୍ରତ୍ୟେକ ମଣିଷଙ୍କ ମସ୍ତିଷ୍କ ଅଲଗା ହୋଇଥାଏ । ତେଣୁ ମୁହଁର ଆକାରକୁ ମାପି ଏହି ଟାଟୁ ତିଆରି କରାଯାଏ । ଗବେଷକମାନେ ଛଅଜଣଙ୍କ ଉପରେ ଏହାର ପରୀକ୍ଷା କରିଥିଲେ । ଏହି ଟାଟୁ ମସ୍ତିଷ୍କର ଥକ୍କାପଣକୁ ସଠିକତାର ସହ ଅନୁମାନ ଲଗାଇଥାଏ ବୋଲି ବୈଜ୍ଞାନିକମାନେ କହିଛନ୍ତି । କେବଳ ସେତିକି ନୁହେଁ ଏହା ଅଲଗା ଅଲଗା ସ୍ତରର ଥକ୍କାକୁ ଚିହ୍ନଟ କରିବାରେ ମଧ୍ୟ ସକ୍ଷମ । ସେମାନେ ଏକ କମ୍ପ୍ୟୁଟର ମଡେଲ ତିଆରି କରିଛନ୍ତି । ଏହି ମଡେଲ ଟାଟୁ ସିଗ୍ନାଲରୁ ମାନସିକ ଥକ୍କାକୁ ଚିହ୍ନଟ କରିଥାଏ । । କେଶ ନ ଥିବା ତ୍ୱଚାରେ ଏହି ଟାଟୁ କାମ କରେ । ଗବେଷକମାନେ ଏବେ ଏହାକୁ ଇଙ୍କ ଆଧାରିତ ସେନସର୍ ସହ ଯୋଡ଼ିବା ପାଇଁ ଚେଷ୍ଟା ଚଳାଇଛନ୍ତି ଯଦ୍ୱାରା ଏହା କେଶଯୁକ୍ତ ତ୍ୱଚା ଉପରେ ମଧ୍ୟ କାମ କରିବ । ଏହାଦ୍ୱାରା ପୂରା ମସ୍ତିଷ୍କ ଉପରେ ନଜର ରଖିବା ସହଜ ହେବ । ସେହିପରି ପାରମ୍ପରିକ ଇଇଜି ଉପକରଣର ଦାମ୍ ୧୩ ଲକ୍ଷ ଟଙ୍କା ହୋଇଥିବାବେଳେ ଏହି ଟାଟୁର ବ୍ୟାଟେରି ପ୍ୟାକ୍ ୧୭ ହଜାର ଟଙ୍କା ଏବଂ ଉକ୍ତ ଟାଟୁର ଡିସପୋଜେବଲ ସେନସର୍‌ର ଦାମ୍ ୧୭୦୦ ଟଙ୍କା ରହିଛି । ଏଣୁ ଏହା ଶସ୍ତା ହୋଇଥିବାରୁ ଏହି ଟେକ୍ନିକ ସମସ୍ତଙ୍କ ପାଇଁ ସୁଲଭ ହୋଇପାରିବ । ଅନ୍ୟପକ୍ଷରେ ଏହି ଗବେଷଣା ଡିଭାଇସ୍ ଜର୍ଣ୍ଣାଲରେ ପ୍ରକାଶ ପାଇଛି ।





## 'ମେଟ୍ରୋ ଇନ୍ ଦିନୋ'

### ସାରାଙ୍କୁ ଦେଖି ସୈଫ୍‌ଙ୍କୁ ମନେ ପକାଇଲେ ଦର୍ଶକେ

ବଲିଉଡ୍ ଅଭିନେତ୍ରୀ ସାରା ଅଲ୍ଲୀ ଖାନ୍ ଏବେ ଅନୁରାଗ ବସୁଙ୍କ ଫିଲ୍ମ 'ମେଟ୍ରୋ ଇନ୍ ଦିନୋ'ରେ ନଜର ଆସିବେ । ଏଥିରେ ତାଙ୍କ ବିପକ୍ଷରେ ଆଦିତ୍ୟ ରାୟ କପୁର ଦେଖାଯିବେ । ଇତିମଧ୍ୟରେ ଫିଲ୍ମର କଳାକାରମାନଙ୍କ ଲୁକ୍ ସାମ୍ନାକୁ ଆସିଛି । ଫିଲ୍ମରେ ସବୁଠୁ ଅଧିକ ସାରାଙ୍କ ଲୁକ୍‌କୁ ନେଇ ଚର୍ଚ୍ଚା ହେଉଛି । ଏଥିରେ ସେ ପୂରା ଅଲଗା ଅନ୍ଦାଜରେ ଦେଖାଯାଇଛନ୍ତି । କିଛି ଦିନ ପୂର୍ବରୁ ଫିଲ୍ମର ଟ୍ରେଲର୍ ଆସିଥିଲା । ଟ୍ରେଲର୍‌ରେ ଫିଲ୍ମରେ ଏକାଧିକ କାହାଣୀକୁ ଦେଖାଯାଇଛି ବୋଲି ସ୍ପଷ୍ଟ ହୋଇଛି । ତେବେ ଫିଲ୍ମରେ ସାରାଙ୍କ ଲୁକ୍ ଦେଖି ଦର୍ଶକେ ତାଙ୍କ ବାପା ସୈଫ୍ ଅଲ୍ଲୀ ଖାନ୍‌ଙ୍କ ଏକ ଫିଲ୍ମର ଲୁକ୍ ସହ ତୁଳନା କରୁଛନ୍ତି । ୨୦୧୪ରେ ଆସିଥିବା 'ହମ୍‌ସକଲ୍' ଫିଲ୍ମରେ ସୈଫ୍‌ଙ୍କ ଲୁକ୍ ସାରାଙ୍କ ଲୁକ୍ ସହ ମେଳ ଖାଉଛି ବୋଲି ଦର୍ଶକେ ମତ ଦେଇଛନ୍ତି । ଏହି ଫିଲ୍ମରେ ରୀତେଶ ଦେଶମୁଖ ଓ ସୈଫ୍ ଉଭୟ ଝିଅ ବେଶରେ ଦେଖାଯାଇଥିଲେ । ତେବେ ସାରା ଓ ସୈଫ୍‌ଙ୍କ ଏହି ଫଟୋ ଏବେ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେଉଛି ।

## ଆଜିର ଇତିହାସ

- ୧୭୭୯ - ସ୍ପେନ୍ ଗ୍ରେଟ୍ ବ୍ରିଟେନ୍ ବିରୋଧରେ ଯୁଦ୍ଧ ଆରମ୍ଭ କଲା ।
- ୧୯୧୧ - ନ୍ୟୁୟର୍କରେ ଆଇବିଏମ୍ କମ୍ପାନିର ସ୍ଥାପନା ହେଲା ।
- ୧୯୨୫- ରାଷ୍ଟ୍ରବାଦୀ ନେତା ଚିତ୍ତରଞ୍ଜନ ଦାସଙ୍କ ଦେହାନ୍ତ ।
- ୨୦୦୭- ଭାରତୀୟ ବଂଶୋଦ୍ଭବ ସୁନିତା ୱିଲିୟମ୍ସ ମହାକାଶରେ ଅଧିକ ଦିନ ରହିଥିବା ମହିଳା ମହାକାଶଚାରୀ ହେବାର ଗୌରବ ଅର୍ଜନ କରିଥିଲେ ।
- ୨୦୧୯ - ନାଇଜେରିଆରେ ବୋମା ବିସ୍ଫୋରଣରେ ୩୦ ଲୋକଙ୍କ ପ୍ରାଣହାନି ।

## ଦେଶଭକ୍ତିର ଅନନ୍ୟ ନିଦର୍ଶନ ତନୋଟ ମାତା ମନ୍ଦିର

ରାଜସ୍ଥାନ, ଜୈସଲମେର ଠାରୁ ୧୨୦ କିଲୋମିଟର ଦୂରରେ ତନୋଟ ମାତାଙ୍କ ମନ୍ଦିର ରହିଛି । ଏହି ମନ୍ଦିରଟି ଭାରତ-ପାକିସ୍ତାନ ସୀମାରେ ଅବସ୍ଥିତ । ଏହା ଏବେ ଦେଶଭକ୍ତି ଓ ଚମତ୍କାରର ପ୍ରତୀକ ପାଲଟିଛି । ତନୋଟ ମାତାଙ୍କୁ ଦେବୀ ଦୁର୍ଗାଙ୍କ ଅବତାର ବୋଲି କୁହାଯାଏ । ଦ୍ୱାଦଶ ଶତାବ୍ଦୀରେ ଜୈସଲମେରର ରାଜପୁତ ଶାସକ ମହାରାୱାଲ ଲୋନକାବତ ଏହାକୁ ନିର୍ମାଣ କରିଥିଲେ । ୧୯୬୫ ଓ ୧୯୭୧ ଭାରତ-ପାକ୍ ଯୁଦ୍ଧ ସମୟରେ ଏହି ମନ୍ଦିରର ଚମତ୍କାରକୁ ନେଇ ଆଜିବି ଚର୍ଚ୍ଚା ହୁଏ । ପାକିସ୍ତାନୀ ସେନା ଅନେକ ଥର ମନ୍ଦିରକୁ ଟାର୍ଗେଟ୍ କରିଥିବାବେଳେ ପ୍ରତିଥର ମାତାଙ୍କ କୃପାରୁ ସେମାନଙ୍କ ଯୋଜନା ପଣ୍ଡ ହୋଇଯାଇଛି । ମାତାଙ୍କ କୃପାରୁ ମନ୍ଦିରର କୌଣସି କ୍ଷତି ହୋଇ ନ ଥାଏ । ସ୍ଥାନୀୟ ଲୋକଙ୍କ ସହ ଭାରତୀୟ ସେନାର ଯବାନମାନଙ୍କ ମଧ୍ୟରେ ମନ୍ଦିରକୁ ନେଇ ଅତୁଟ ବିଶ୍ୱାସ ରହିଛି । ୧୯୬୫ ଭାରତ-ପାକ୍ ଯୁଦ୍ଧ ସମୟରେ ଏହି ମନ୍ଦିର ବେଶ୍ ଚର୍ଚ୍ଚାକୁ ଆସିଥିଲା । ପାକିସ୍ତାନ ପକ୍ଷରୁ ତନୋଟରେ ଭାରୀ ମାତ୍ରାରେ ଗୁଳିଗୋଳା ବର୍ଷଣ କରାଯାଇଥିଲା । ମନ୍ଦିର ଓ ଏହାର ଆଖପାଖ ଅଞ୍ଚଳରେ ୩୦୦୦ ବୋମା ବର୍ଷଣ କରାଯାଇଥିଲେ ମଧ୍ୟ ମନ୍ଦିରର କୌଣସି କ୍ଷତି ହୋଇ ନ ଥିଲା । ଯେଉଁ ବୋମାଗୁଡ଼ିକ ଫୁଟି ନ ଥିଲା ସେଗୁଡ଼ିକ ଆଜିବି ମନ୍ଦିର ମଧ୍ୟରେ ଏକ କାଚ ବାକ୍ସ ଭିତରେ ରଖାଯାଇଛି । 'ବର୍ଡର' ଫିଲ୍ମରେ ମଧ୍ୟ ଏହି ମନ୍ଦିରକୁ ଦେଖାଯାଇଛି । ଭାରତୀୟ ସୀମା ସୁରକ୍ଷା ବଳ(ବିଏସ୍ଏଫ୍)ର ଯବାନମାନେ ଏହି ମନ୍ଦିରର ଦେଖାଶୁଣା କରି ଥାଆନ୍ତି ।











## ଅଣସର ପଞ୍ଚମୀ

**ଆଜି ହେଉଛି ମହାପ୍ରଭୁଙ୍କ ଅଣସର ସେବାର ପଞ୍ଚମ ଦିନ ବା ଅଣସର ପଞ୍ଚମୀ । ସ୍ନାନ ବେଦୀରେ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରି ମହାପ୍ରଭୁ ଜଗନ୍ନାଥ, ଭାଇ ବଳଭଦ୍ର ଏବଂ ଭଉଣୀ ସୁଭଦ୍ରା ଜ୍ୱରରେ ପୀଡ଼ିତ ଅଛନ୍ତି । ସେଥିପାଇଁ ୧୫ ଦିନ ଅଣସର ଘରେ ଅଛନ୍ତି ତିନିଠାକୁର । ଅଙ୍ଗଲାଗି ସେବକ, ଦଇତାପତି ସେବାୟତମାନେ ଠାକୁରଙ୍କ ସୁସ୍ଥତା ପାଇଁ ବିଭିନ୍ନ ଉପଚାର ଆରମ୍ଭ କରିଛନ୍ତି । ଏହି ସମୟରେ ମହାପ୍ରଭୁ ଭକ୍ତମାନଙ୍କୁ ଦର୍ଶନ ଦେଉ ନ ଥିବାରୁ ପଟିଦିଅଁ ପୂଜା ପାଉଛନ୍ତି ।**

ଦେବସ୍ନାନ ପୂର୍ଣ୍ଣିମାରେ ଦେବସ୍ନାନ ମଣ୍ଡପରେ ମହାପ୍ରଭୁ ଶ୍ରୀ ଜଗନ୍ନାଥ, ଶ୍ରୀ ବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀ ସୁଦର୍ଶନଙ୍କୁ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରାଯାଇଥାଏ । ଏହାପରେ ସେମାନେ ଜ୍ୱରରେ ପୀଡ଼ିତ ହୋଇଥାନ୍ତି । ସେଥିପାଇଁ ଦେବସ୍ନାନ ପୂର୍ଣ୍ଣିମା ପରଦିନଠାରୁ ନେତ୍ରୋତ୍ସବ ପର୍ଯ୍ୟନ୍ତ ରତ୍ନସିଂହାସନରେ ତିନିଠାକୁର ଭକ୍ତମାନଙ୍କୁ ଦର୍ଶନ ଦେଇ ନ ଥାନ୍ତି । ଏହି କାଳକୁ ଅଣସର ବା ଅନବସର କୁହାଯାଏ । ଏହି ସମୟରେ ତିନିଠାକୁରଙ୍କର ଦଇତାପତି ସେବକ ୧୫ ଦିନ ପର୍ଯ୍ୟନ୍ତ ଗୁପ୍ତ ସେବା ବା ଉପଚାର କରନ୍ତି । ଠାକୁର ଅସୁସ୍ଥ ଥିବାରୁ ଅଣସର ପଣା ସମର୍ପଣ କରାଯାଇଥାଏ ।

ଶ୍ରୀ ଜଗନ୍ନାଥଙ୍କ ଅଣସର ଦୁଇ ପ୍ରକାର ପାଳିତ ହୁଏ । ଗୋଟିଏ ସାଧାରଣ ଅଣସର ଏବଂ ଅନ୍ୟଟି ମହା ଅଣସର । ସାଧାରଣ ଅଣସର ୧୫ଦିନ ପାଳିତ ହୁଏ । ମହାଅଣସର ୪୫ ଦିନ ପାଇଁ ନବକଳେବର ସମୟରେ ପାଳନ କରାଯାଏ । ୧୫ ଦିନ ଅଣସରରେ ଶ୍ରୀମନ୍ଦିରରେ ପଟିଦିଅଁ ପୂଜା ପାଆନ୍ତି । ବଳଭଦ୍ର ବାସୁଦେବ ରୂପରେ ପୂଜା ପାଉଥିବା ବେଳେ, ଦେବୀ ସୁଭଦ୍ରା ଭୁବନେଶ୍ୱରୀ ଏବଂ ଜଗନ୍ନାଥ ନାରାୟଣ ରୂପରେ ପୂଜା ପାଇଥାନ୍ତି । ତେବେ ଯେଉଁ ନୀତି ବିଗ୍ରହମାନଙ୍କ ପାଖରେ ନିତିଦିନ କରାଯାଏ, ସେସବୁ ଏହି ସମୟରେ ପଟିଦିଅଁଙ୍କଠାରେ ଅନୁଷ୍ଠିତ ହୋଇଥାଏ । ସେହିପରି ପଟିଦିଅଁଙ୍କ ସହ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଦୋଳଗୋବିନ୍ଦ, ମଦନମୋହନ, ଲକ୍ଷ୍ମୀ, ସରସ୍ୱତୀ, ରାମକୃଷ୍ଣ, ନୃସିଂହ ଭଗବାନଙ୍କୁ ପୂଜା କରାଯାଏ ।

କଥିତ ଅଛି, ମହାପ୍ରଭୁଙ୍କ ଅଣସର ସମୟରେ ଶ୍ରୀମନ୍ଦିର ଭିତରେ କୌଣସି ଘଣ୍ଟ ଅବା ଗୀତ ବୋଲା ଯାଏ ନାହିଁ । ମନ୍ଦିର ଶୁନଶାନ୍ ରହିବା ସହ ୧୫ ଦିନ ପର୍ଯ୍ୟାୟ କ୍ରମେ ଗୁପ୍ତ ନୀତି ପାଳନ କରାଯାଏ । ଅଣସର ପିଣ୍ଡିରେ ମହାପ୍ରଭୁଙ୍କ ବିଜେ ପରେ ଓଦା ଲୁଗା ଉଲାଗି ସହ ପରମ୍ପରା ଅନୁଯାୟୀ ବିଶେଷ ଦିନରେ ଫୁଲୁରି ତେଲ, ଓଷୁଅ ଲାଗି, ଚକାବିଜେ, ଚନ୍ଦନ ଲାଗି ଓ ଘଣା ଲାଗି ନୀତି ହୋଇଥାଏ । ତେବେ ଅଣସର ପଞ୍ଚମୀରେ ଫୁଲୁରି ତେଲ ଲାଗି ହେବାର ପରମ୍ପରା ଅଛି ।



## ବସୁମତୀ ସ୍ନାନ

**ଝିଅମାନଙ୍କ ଦ୍ୱାରା ପାଳନ କରାଯାଉଥିବା ରଜପର୍ବର ଚତୁର୍ଥ ଅର୍ଥାତ୍ ଶେଷ ଦିନଟି ବିଶେଷ ମହତ୍ତ୍ୱ ବହନ କରେ । ଏହିଦିନଟିକୁ ବସୁମତୀ ସ୍ନାନ ବା ଠାକୁରାଣୀ ବୁଢ଼ ଭାବେ ପାଳନ କରାଯାଏ । ଏହାର ବିଧିବିଧାନ ବୈଚିତ୍ର୍ୟମୟ । ରଜସ୍ୱଳା ନାରୀ ଯେଭଳି ଚତୁର୍ଥ ଦିନ ସ୍ନାନ କରି ଶୁଦ୍ଧ ହୁଏ । ଏହାକୁ 'ଧରାସ୍ନାନ', 'ମହାଲକ୍ଷ୍ମୀ ଗାଧୁଆ' ତଥା 'ଶୁଦ୍ଧ ସ୍ନାନ' ବୋଲି ମଧ୍ୟ କୁହାଯାଏ ।**



ନାରୀ ସହ ମାଟି ମାଆର ନିବିଡ଼ ସମ୍ପର୍କ ରହିଛି । କଥିତ ରହିଛି ଯେ, ରଜପର୍ବରେ ଧରିତ୍ରୀ ମାତା ରଜସ୍ୱଳା ହୁଅନ୍ତି । ତିନିଦିନ ଧରି ସେ ଅଛୁତ ରହନ୍ତି । ଏହି ସମୟରେ ଠାକୁର ପୂଜା, ଭୂମି ଦହନ, ବଟାବଟି, କଟାକଟି ଆଦି ଶାରୀରିକ କାର୍ଯ୍ୟ କରିବା ପାଇଁ ନାରୀଙ୍କୁ ବାରଣ କରାଯାଇଥାଏ । ଶେଷଦିନ ବସୁଧା ମା'ଙ୍କ ପୂଜାର୍ଚ୍ଚନା କରିବାର ବିଧି ରହିଛି । ଏହା ହେଉଛି ଶୁଦ୍ଧ ଓ ପବିତ୍ର ହେବାର ପ୍ରତୀକ । ରଜସ୍ୱଳା ନାରୀ ସଦୃଶ ବସୁମତୀ ମାତା ତିନିଦିନ ଅସ୍ପୃଶ୍ୟ ହୋଇ ରହିବା ପରେ ଚତୁର୍ଥ ଦିନ ପ୍ରାତଃ କାଳରେ ଶୁଦ୍ଧ ସ୍ନାନ ପର୍ବ କରାଯାଏ । ଝିଅ, ବୋହୂମାନେ ପ୍ରାତଃରୁ ସ୍ନାନ କରନ୍ତି । ପିଢ଼ା ଉପରେ ଶିଳପୁଆ ରଖାଯାଇ କଜଳପାତି, ଲଙ୍ଗଳ ଲୁହା, କପାତୁଳା ରଖି ସେମାନେ ପୂଜାର୍ଚ୍ଚନା କରିଥାନ୍ତି । ହଳଦିପାଣିରେ ବସୁମତୀ ମା'ଙ୍କୁ ସ୍ନାନ କରାଯାଏ । ଚନ୍ଦନ, ସିନ୍ଦୂର, ଫୁଲ,ଭୋଗ ସହ ପୂଜା କରାଯାଏ । ଶୁଦ୍ଧ ସ୍ନାନ ପରେ ବସୁମାତା ସୃଜନକ୍ଷମ ହୋଇଥାନ୍ତି । ଏହିପର୍ବ ନାରୀ ଜାତି ମଧ୍ୟରେ ଉତ୍ସାହ, ଉନ୍ମାଦନା ଓ ନୂତନ ଶକ୍ତି ଜାଗ୍ରତ କରିଥାଏ ।

## କେଉଁ ସ୍ଥାନରେ ଜୋତା-ଚପଲ ରଖିବା ଅଶୁଭ

**ବାସ୍ତୁ ଶାସ୍ତ୍ର ଅନୁସାରେ, ଘରେ ଠିକ୍ ସ୍ଥାନରେ ଜୋତା ଚପଲ ନ ରଖିବା ଦ୍ୱାରା ନକାରାତ୍ମକ ଶକ୍ତି ବୃଦ୍ଧି ପାଏ । ଏହା ସହ ଘରେ ଅଶାନ୍ତି ଏବଂ ଦାରିଦ୍ର୍ୟତା ଦେଖା ଦିଏ । ତେବେ କେଉଁ ସ୍ଥାନରେ ଜୋତା-ଚପଲ ରଖିବା ଅଶୁଭ, ସେ ସମ୍ପର୍କରେ ଜାଣିବା ।**

**ବେଡ୍‌ରୁମ୍:** ବାସ୍ତୁ ଶାସ୍ତ୍ର ଅନୁସାରେ, ବେଡ୍‌ରୁମ୍ ଭିତରେ ତଥା ଖଟ ତଳେ ଜୋତା ଚପଲ ରଖିବା ଭଲ ନୁହେଁ । ଏଭଳି କରିବା ଦ୍ୱାରା ଦାମ୍ପତ୍ୟ ଜୀବନରେ ସମସ୍ୟା ଦେଖା ଦିଏ । ଏଣୁ ଜୋତାକୁ ଘର ବାହାର ଷ୍ଟାଣ୍ଡରେ ରଖନ୍ତୁ ।

**ରୋଷେଇ ଘର:** ଘରର ରୋଷେଇ ଘରେ କେବେ ବି ଜୋତା ଚପଲ ରଖନ୍ତୁ ନାହିଁ । ରୋଷେଇ ଘରେ ମା' ଅନ୍ନପୂର୍ଣ୍ଣା ବାସ କରନ୍ତି । ଏହି ସ୍ଥାନରେ ଜୋତା ଚପଲ ରଖିବା ଦ୍ୱାରା ଅପରିଷ୍କାର ଓ ନକାରାତ୍ମକ ଶକ୍ତି ଭିତରକୁ ଆସେ । ଏହା ଦ୍ୱାରା ସ୍ୱାସ୍ଥ୍ୟ ସମସ୍ୟା ଓ ଧନ ହାନି ହୋଇଥାଏ ।

**ପୂଜା ଘର:** ଘରର ପୂଜା ସ୍ଥାନରେ ଦେବୀ ଦେବତା ବାସ କରନ୍ତି । ଏଣୁ ପୂଜା ଘରକୁ ଜୋତା ଚପଲ ପିନ୍ଧି ଯିବା ଅନୁଚିତ । ପୂଜା ଘରେ ଜୋତା ଚପଲ ପିନ୍ଧିଲେ ମାନସିକ ସମସ୍ୟା ସାମ୍ନା କରିବାକୁ ପଡ଼େ ।

**ମୁଖ୍ୟ ଦ୍ୱାର:** ଘରର ମୁଖ୍ୟ ଦ୍ୱାର ସାମ୍ନାରେ କେବେ ବି ଜୋତା ଚପଲ ରଖନ୍ତୁ ନାହିଁ । ଏହି ସ୍ଥାନରେ ଜୋତା ଚପଲ ରଖିବା ଦ୍ୱାରା ଦେବୀ ଦେବତାଙ୍କ ମାର୍ଗ ଅବରୋଧ ହୁଏ । ଭଗବାନଙ୍କ ଆଶୀର୍ବାଦ ପ୍ରାପ୍ତି ହୁଏ ନାହିଁ । ଫଳରେ ଜୀବନରେ ବହୁ ସମସ୍ୟା ସାମ୍ନା କରିବାକୁ ପଡ଼େ ।

## ଗୁରୁ ଚଣ୍ଡାଳ ଯୋଗର ପ୍ରଭାବ

**ଜାତକରେ ଗ୍ରହର ସ୍ଥିତି ଆଧାରରେ ଶୁଭ-ଅଶୁଭ ଯୋଗ ସୃଷ୍ଟି ହୁଏ । ଏମିତି ଏକ ଅଶୁଭ ଯୋଗ ହେଉଛି ଗୁରୁ ଚଣ୍ଡାଳ ଯୋଗ । ଯେତେବେଳେ ବୃହସ୍ପତି ବା ଗୁରୁ ଏବଂ ରାହୁ-କେତୁ ଜାତକରେ ଏକାଠି ହୁଅନ୍ତି, ଗୁରୁ ଚଣ୍ଡାଳ ଯୋଗ ସୃଷ୍ଟି ହୁଏ । ଏହାକୁ ବିନାଶକାରୀ ଯୋଗ ଭାବେ ବିବେଚନା କରାଯାଏ । ତେବେ ଏହା ଜୀବନ ଉପରେ କ'ଣ ପ୍ରଭାବ ପକାଏ, ସେ ସମ୍ପର୍କରେ ଜାଣିବା ।**



- ଗୁରୁ ଚଣ୍ଡାଳ ଯୋଗ ଥିବା ବ୍ୟକ୍ତି ବିଶେଷ ନିଶା ସେବନ କରନ୍ତି ।
- ଏହାର ପ୍ରଭାବ ସ୍ୱାସ୍ଥ୍ୟ ଉପରେ ପଡ଼ିଥାଏ । କୌଣସି ଗୁରୁତର ରୋଗରେ ପୀଡ଼ିତ ହେବାର ଆଶଙ୍କା ଅଧିକ ଥାଏ ।
- ଆର୍ଥିକ ସ୍ତରରେ ସୁଦୃଢ଼ ହୋଇ ନ ଥାନ୍ତି । ରୋଜଗାର ହେଲେ ବି ଅର୍ଥ ସମସ୍ୟା ଦେଖା ଦିଏ ।
- ବ୍ୟବସାୟ ହେଉ ଅବା ଚାକିରି, କୌଣସି କ୍ଷେତ୍ରରେ ଦୀର୍ଘ ସମୟ ତିଷ୍ଠି ରହିପାରନ୍ତି ନାହିଁ ।
- ଲଗାତାର ଜୀବନରେ କ୍ଷତି ସହିବାକୁ ପଡ଼େ ।
- ଏଭଳି ଲୋକେ ଖୁବଶୀଘ୍ର ଅବସାଦ ଦେଇ ଗତି କରନ୍ତି ।

**ଦୁଲୀପ ଟ୍ରଫି ଫର୍ମାଟରେ ପରିବର୍ତ୍ତନ**

# ରଣଜୀ ଟ୍ରଫି ଗ୍ରୁପ-ଏ'ରେ ଓଡ଼ିଶା

ନୂଆଦିଲ୍ଲୀ,୧୫।୬ (ଏଜେନ୍ସି): ୨୦୨୫-୨୬ ଘରୋଇ କ୍ରିକେଟ ସିଜନ ଲାଗି ବିସିସିଆଇ ପକ୍ଷରୁ ଖେଳସୂଚୀ ଘୋଷଣା କରାଯାଇଛି। ଏହି କ୍ରମରେ ଦୁଲୀପ ଟ୍ରଫିରୁ ଘରୋଇ ସିଜନ ଆରମ୍ଭ ହେବ ଓ ଅକ୍ଟୋବର ୧ରୁ ୫ ତାରିଖ ଯାଏ ଇରାନି କପ୍ ଖେଳାଯିବ। ଅଗଷ୍ଟ ୨୮ରୁ ସିଜନ ଆରମ୍ଭ ହେବା ସହ ଆନ୍ତଃଜୋନ୍ ଭିତ୍ତିରେ ଦୁଲୀପ ଟ୍ରଫି ଖେଳାଯିବାର କାର୍ଯ୍ୟକ୍ରମ ସ୍ଥିର କରାଯାଇଛି। ଘରୋଇ କ୍ରିକେଟର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟ ରଣଜୀ ଟ୍ରଫି ଅକ୍ଟୋବର ୧୫ରୁ ଆରମ୍ଭ ହେବ। ଓଡ଼ିଶା ଏଥର ରଣଜୀ ଟ୍ରଫି ଏଲିଟ୍ ଗ୍ରୁପ୍-ଏ'ରେ ସ୍ଥାନ ପାଇଛି। ତାମିଲନାଡୁ, ବରୋଦା, ଝାଡଖଣ୍ଡ, ଉତ୍ତରପ୍ରଦେଶ, ଆନ୍ଧ୍ର ଓ ନାଗାଲାଣ୍ଡକୁ ଏଥର ଓଡ଼ିଶା ସହ ଏଲିଟ୍ ଗ୍ରୁପ୍-ଏ'ରେ ମୁକାବିଲା କରିବାକୁ ପଡ଼ିବ। ବିଶଦ୍ ଖେଳସୂଚୀ ପରେ ପ୍ରକାଶ ପାଇବ। ସେହିପରି ବିସିସିଆଇ ଆପେକ୍ସ କାଉନ୍ସିଲ ବୈଠକରେ ଅନେକ ପରିବର୍ତ୍ତନ କରାଯାଇଛି। ସୟଦ ମୁସ୍ତାକ ଅଲୀ ଟି-୨୦ ଓ ବରିଷ୍ଠ ମହିଳା ଟି-୨୦ ଟ୍ରଫିରେ ଉଭୟ ଗ୍ରୁପ୍ ଲିଗ୍ ପର୍ଯ୍ୟାୟ ଓ ସୁପର ଲିଗ୍ ପର୍ଯ୍ୟାୟ ଖେଳାଯିବାକୁ ନିଷ୍ପତ୍ତି ହୋଇଛି। ଏହା ବ୍ୟତୀତ ବରିଷ୍ଠ ଘରୋଇ ଲିଷ୍ଟ-ଏ' ଓ ଟି-୨୦ ଟୁର୍ଣ୍ଣାମେଣ୍ଟରେ ପ୍ଲେଟ୍ ଡିଭିଜନ ସୃଷ୍ଟି କରାଯାଇଛି।





### ଆନ୍ତଃଜୋନ୍ ଭିତ୍ତିରେ ଖେଳାଯିବ ମହିଳା ଚ୍ୟାଲେଞ୍ଜର୍ସ

ଚଳିବର୍ଷ ଦୁଲୀପ୍ ଟ୍ରଫି ପୂର୍ବ ଫର୍ମାଟକୁ ଫେରିଛି। ବରିଷ୍ଠ ମହିଳା ଚ୍ୟାଲେଞ୍ଜର୍ସ ମଧ୍ୟ ସମାନ ଫର୍ମାଟରେ ଖେଳାଯିବ। ଚଳିତବର୍ଷ ଦୁଲୀପ୍ ଟ୍ରଫି ଆନ୍ତଃଜୋନ୍ ଭିତ୍ତିରେ ଖେଳାଯିବ। ଏଥର ୬ଟି ଜୋନ ଯଥା ପୂର୍ବାଞ୍ଚଳ, ପଶ୍ଚିମାଞ୍ଚଳ, ଦକ୍ଷିଣାଞ୍ଚଳ, କେନ୍ଦ୍ରାଞ୍ଚଳ, ଉତ୍ତରାଞ୍ଚଳ ଓ ଉତ୍ତରପୂର୍ବାଞ୍ଚଳ ଅଂଶଗ୍ରହଣ କରିବେ। ଖେଳାଳିମାନେ ନିଜ ଜୋନ୍‌କୁ ପ୍ରତିନିଧିତ୍ୱ କରିବେ। ପୂର୍ବରୁ ଟିମ-ଏ, ବି, ସି ଓ ଡି' ଭାବରେ ଜାତୀୟ ମନୋନୟନ କମିଟି ଦ୍ୱାରା ଖେଳାଳି ଚୟନ କରାଯାଇ ଦଳ ଗଠନ କରାଯାଇଥିଲା। ଏହାକୁ ଏବର୍ଷ ବନ୍ଦ କରିଦିଆଯାଇଛି। ଜୋନାଲ ଚୟନ କମିଟି ଏଥର ଖେଳାଳି ଚୟନ କରିବେ। ବରିଷ୍ଠ ମହିଳା ଚ୍ୟାଲେଞ୍ଜର୍ସ ମଧ୍ୟ ଜୋନାଲ ଫର୍ମାଟରେ ୬ଟି ଦଳକୁ ନେଇ ଖେଳାଯିବ। ଉଭୟ ଟୁର୍ଣ୍ଣାମେଣ୍ଟ ରାଉଣ୍ଡ ରବିନ ଫର୍ମାଟରେ ଖେଳାଯିବ।

### ଅକ୍ଟୋବର ୧୫ରୁ ରଣଜୀ ଟ୍ରଫି

ଘରୋଇ କ୍ରିକେଟର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟ ଅକ୍ଟୋବର ୧୫ରୁ ଆରମ୍ଭ ହେବ। ଗତବର୍ଷ ଭଳି ଏହା ଦୁଇଟି ପର୍ଯ୍ୟାୟରେ ଖେଳାଯିବ। ପ୍ରଥମ ପର୍ଯ୍ୟାୟ ପରେ ସୀମିତ ଓଭର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଖେଳାଯିବ। ଦେଶର ବିଭିନ୍ନ ଭାଗରେ ଜଳବାୟୁର ସ୍ଥିତିକୁ ଆଖି ଆଗରେ ରଖି ଏହି ଟୁର୍ଣ୍ଣାମେଣ୍ଟର ଖେଳସୂଚୀରେ ପରିବର୍ତ୍ତନ କରାଯାଇଛି। ଏହି ଟୁର୍ଣ୍ଣାମେଣ୍ଟ ଲାଗି କେଉଁ ଗ୍ରୁପ୍‌ରେ କେଉଁ ଦଳ ସ୍ଥାନ ପାଇବ ତାହା ସ୍ଥିର କରାଯାଇଛି। ରଣଜୀ ଟ୍ରଫି ଏଲିଟ୍ ଗ୍ରୁପ୍-ଏ'ରେ ଏଥର ଓଡ଼ିଶା ପ୍ରତିଦ୍ୱନ୍ଦ୍ୱୀ ତାମିଲନାଡୁ, ବରୋଦା, ଝାଡଖଣ୍ଡ, ଉତ୍ତରପ୍ରଦେଶ, ଆନ୍ଧ୍ର ଓ ନାଗାଲାଣ୍ଡ ସହ ସ୍ଥାନ ପାଇଛି। ଏଲିଟ୍ ଗ୍ରୁପ୍‌ରେ ୩୦ଟି ଦଳ ଓ ପ୍ଲେଟ୍ ଗ୍ରୁପ୍‌ରେ ୫ଟି ଦଳକୁ ସ୍ଥାନ ଦିଆଯାଇଛି। ପ୍ଲେଟ୍ ଗ୍ରୁପ୍‌ରେ ମେଘାଳୟ, ମିଜୋରାମ, ସିକ୍କିମ, ମଣିପୁର ଓ ଅରୁଣାଚଳ ପ୍ରଦେଶକୁ ସ୍ଥାନ ମିଳିଛି।

### ସୁପରଲିଗ୍ ଓ ପ୍ଲେଟ୍ ଡିଭିଜନ

ଚଳିତ ସିଜନଠାରୁ ବିସିସିଆଇ ଦ୍ୱାରା ଆୟୋଜିତ ଏକାଧିକ ଟୁର୍ଣ୍ଣାମେଣ୍ଟରେ ସୁପର ଲିଗ୍ ଓ ପ୍ଲେଟ୍ ଡିଭିଜନ ସୃଷ୍ଟି ହେବ। ବରିଷ୍ଠ ପୁରୁଷ ଓ ମହିଳା ଟି-୨୦ ଟୁର୍ଣ୍ଣାମେଣ୍ଟରେ ପ୍ରଥମଥର ଲାଗି ସୁପର ଲିଗ୍ ପର୍ଯ୍ୟାୟ ଖେଳାଯିବ। ଅଂଶଗ୍ରହଣକାରୀ ଦଳଗୁଡ଼ିକୁ ୪ଟି ଗ୍ରୁପ୍‌ରେ ଭାଗ କରାଯିବ। ପ୍ରତ୍ୟେକ ଗ୍ରୁପ୍‌ର ୨ ଶ୍ରେଷ୍ଠ ଦଳ ସୁପର ଲିଗ୍‌କୁ ଉନ୍ନୀତ ହେବେ। ଉନ୍ନୀତ ହୋଇଥିବା ୮ଟି ଦଳକୁ ପୁନର୍ବାର ୨ଟି ଗ୍ରୁପ୍‌ରେ ଭାଗ କରାଯିବ। ଗ୍ରୁପ୍ ପର୍ଯ୍ୟାୟ ରାଉଣ୍ଡ ରବିନ ଲିଗ୍ ଭିତ୍ତିରେ ଖେଳାଯିବ। ପ୍ରତ୍ୟେକ ଗ୍ରୁପ୍‌ର ଶ୍ରେଷ୍ଠ ଦଳ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବେ।

ସେହିପରି ବିଜୟ ହଜାରେ ଟ୍ରଫି, ବରିଷ୍ଠ ମହିଳା ଦିନିକିଆ ଟୁର୍ଣ୍ଣାମେଣ୍ଟ ଓ ପୁରୁଷ ୨୩ ବର୍ଷରୁ କମ୍ ଷ୍ଟେଟ୍ ଟ୍ରଫିରେ ପ୍ଲେଟ୍ ଡିଭିଜନ ସୃଷ୍ଟିହେବ। ୨୦୨୪-୨୫ ସିଜନରେ ଶେଷ ୬ଟି ସ୍ଥାନ ଅଧିକାର କରିଥିବା ଦଳ ପ୍ଲେଟ୍ ଡିଭିଜନ୍‌ରେ ଖେଳିବେ। ଚଳିତ ସିଜନଠାରୁ ପ୍ଲେଟ୍ ଡିଭିଜନରେ ପ୍ରଥମସ୍ଥାନ ଅଧିକାର କରିଥିବା ଦଳ କେବଳ ଏଲିଟ ଡିଭିଜନକୁ ଉନ୍ନୀତ ହେବ। ସେହିପରି ଏଲିଟ ଗ୍ରୁପ୍‌ରେ ଶେଷ ସ୍ଥାନ ହାସଲ କରିଥିବା ଦଳ ପ୍ଲେଟ୍ ଲିଗ୍‌କୁ ଖସି ଆସିବ।

### କଟକରେ ବରିଷ୍ଠ ମହିଳା ପ୍ଲେଟ୍ ଲିଗ୍ ଦିନିକିଆ

ଏଥର ଘରୋଇ କ୍ରିକେଟରେ ବରିଷ୍ଠ ମହିଳା କ୍ରିକେଟ ପ୍ଲେଟ୍ ଲିଗ୍ ଦିନିକିଆ ମ୍ୟାଚ୍ କଟକରେ ଖେଳାଯିବ। ଏହି ପ୍ରତିଯୋଗିତା ଫେବୃଆରୀ ୬ରୁ ଆରମ୍ଭ ହୋଇ ୧୬ ତାରିଖ ଯାଏ ଚାଲିବ। ଏହି ପ୍ରତିଯୋଗିତା ବ୍ୟତୀତ ଗୋଟିଏ ଭେନ୍ୟୁରେ ଅନ୍ୟ କୌଣସି ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବାକୁ ଓଡ଼ିଶା ସୁଯୋଗ ପାଇନାହିଁ। ଅନ୍ୟ ଟୁର୍ଣ୍ଣାମେଣ୍ଟର ଘରୋଇ ମ୍ୟାଚ୍‌ର ସୂଚୀ ପରେ ଜଣାପଡ଼ିବ।

### ବିସିସିଆଇ ୨୦୨୫-୨୬ ଖେଳସୂଚୀ

| | | |
|---|---|---|
| ଦୁଲୀପ ଟ୍ରଫି | : | ଅଗଷ୍ଟ ୨୮ ରୁ ସେପ୍ଟେମ୍ବର ୧୫ |
| ଇରାନି କପ୍ | : | ଅକ୍ଟୋବର ୧ରୁ ୫ |
| ରଣଜୀ ଟ୍ରଫି-୧ | : | ଅକ୍ଟୋବର ୧୫ରୁ ନଭେମ୍ବର ୧୯ |
| ରଣଜୀ ଟ୍ରଫି-୨ | : | ଜାନୁଆରୀ ୨୨ରୁ ଫେବୃଆରୀ ୧, ୨୦୨୬ |
| ରଣଜୀ ନକ୍‌ଆଉଟ | : | ଫେବୃଆରୀ ୬ରୁ ୨୮, ୨୦୨୬ |
| ମୁସ୍ତାକ ଅଲି ଟି-୨୦ | : | ନଭେମ୍ବର ୨୬ରୁ ଡିସେମ୍ବର ୧୮ |
| ବିଜୟ ହଜାରେ ଟ୍ରଫି | : | ଡିସେମ୍ବର ୨୪ରୁ ଜାନୁଆରୀ ୧୮ |
| ସିକେ ନାଇଡୁ ଟ୍ରଫି | : | ଅକ୍ଟୋବର ୧୬ରୁ ଜାନୁଆରୀ ୧୨, ୨୦୨୬ |
| ୨୩ ବର୍ଷରୁ କମ୍ ଷ୍ଟେଟ୍ ଟ୍ରଫି | : | ନଭେମ୍ବର ୧୦ରୁ ଡିସେମ୍ବର ୧ |
| ବିନୁ ମଙ୍କଡ ଟ୍ରଫି | : | ଅକ୍ଟୋବର ୯ ରୁ ନଭେମ୍ବର ୧ |
| ୧୯ ବର୍ଷରୁ କମ୍ ଦିନିକିଆ ଚ୍ୟାଲେଞ୍ଜର | : | ନଭେମ୍ବର ୫ରୁ ୧୧ |
| କୁଚ୍ ବେହାର ଟ୍ରଫି | : | ନଭେମ୍ବର ୧୬ରୁ ଜାନୁଆରୀ ୨୦, ୨୦୨୬ |
| ବିଜୟ ମର୍ଚ୍ଚାଣ୍ଟ ଟ୍ରଫି | : | ଡିସେମ୍ବର ୭ ରୁ ଜାନୁଆରୀ ୨୮। |

### ମହିଳା କ୍ରିକେଟ୍

| | | |
|---|---|---|
| ଅକ୍ଟୋବର ୮ ରୁ ୩୧ | : | ବରିଷ୍ଠ ମହିଳା ଏଲିଟ୍ ଟି-୨୦ |
| ନଭେମ୍ବର ୪ରୁ ୧୪ | : | ଆନ୍ତଃଜୋନ୍ ଟି-୨୦ |
| ଫେବୃଆରୀ ୬ରୁ ୨୮ | : | ବରିଷ୍ଠ ମହିଳା ଏଲିଟ୍ ଦିନିକିଆ ଟ୍ରଫି |
| ମାର୍ଚ୍ଚ ୨୦ରୁ ଏପ୍ରିଲ ୩ | : | ଆନ୍ତଃଜୋନ୍ ମଲ୍ଟି ଡେ ଟ୍ରଫି |

### ରଣଜୀ ଏଲିଟ୍ ଗ୍ରୁପ୍

ଗ୍ରୁପ-ଏ: ଓଡ଼ିଶା, ତାମିଲନାଡୁ, ବରୋଦା, ଝାଡଖଣ୍ଡ, ଉତ୍ତରପ୍ରଦେଶ, ଆନ୍ଧ୍ର ଓ ନାଗାଲାଣ୍ଡ।
ଗ୍ରୁପ-ବି: ସୌରାଷ୍ଟ୍ର, ଚଣ୍ଡିଗଡ଼, କର୍ଣ୍ଣାଟକ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ପଞ୍ଜାବ ଓ ଗୋଆ।
ଗ୍ରୁପ୍-ସି: ଗୁଜରାଟ, ହରିୟାଣା, ସର୍ଭିସେସ୍, ବେଙ୍ଗଲ, ରେଳବାଇ, ତ୍ରିପୁରା, ଉତ୍ତରାଖଣ୍ଡ, ଆସାମ।
ଗ୍ରୁପ-ଡି: ମୁମ୍ବାଇ, ଜମ୍ମୁ-କଶ୍ମୀର, ହିମାଚଳ ପ୍ରଦେଶ, ଦିଲ୍ଲୀ, ହାଇଦରାବାଦ୍, ରାଜସ୍ଥାନ, ଛତିଶଗଡ଼, ପୁଡୁଚେରୀ।

### ରଣଜୀ ପ୍ଲେଟ୍ ଗ୍ରୁପ୍

ମେଘାଳୟ, ମିଜୋରାମ, ସିକ୍କିମ, ମଣିପୁର, ଅରୁଣାଚଳ ପ୍ରଦେଶ ଓ ବିହାର।

### କେଉଁ ଗ୍ରୁପ୍‌ରେ ସ୍ଥାନ ପାଇଛି ଓଡ଼ିଶା

**ସୟଦ ମୁସ୍ତାକ ଅଲୀ ଟି-୨୦:**
ଏଲିଟ୍ ଗ୍ରୁପ-ଏ: ମୁମ୍ବାଇ, ବିଦର୍ଭ, ଆନ୍ଧ୍ର, କେରଳ, ରେଳବାଇ, ଆସାମ, ଛତିଶଗଡ଼ ଓ ଓଡ଼ିଶା।

**ବିଜୟ ହଜାରେ ଟ୍ରଫି :**
ଏଲିଟ୍ ଗ୍ରୁପ-ଡି : ହରିୟାଣା, ଗୁଜରାଟ, ରେଳବାଇ, ଆନ୍ଧ୍ର, ସୌରାଷ୍ଟ୍ର, ଦିଲ୍ଲୀ, ସର୍ଭିସେସ୍ ଓ ଓଡ଼ିଶା।

**ସିକେ ନାଇଡୁ ଟ୍ରଫି :**
ଏଲିଟ୍ ଗ୍ରୁପ-ବି : ମୁମ୍ବାଇ, ରାଜସ୍ଥାନ, ବେଙ୍ଗଲ, ହରିୟାଣା, ହାଇଦରାବାଦ୍, ବିଦର୍ଭ, ଆସାମ ଓ ଓଡ଼ିଶା।

**୨୩ ବର୍ଷରୁ କମ୍ ପୁରୁଷ ଷ୍ଟେଟ୍ ଟ୍ରଫି :**
ଏଲିଟ୍ ଗ୍ରୁପ-ବି : ଗୁଜରାଟ, ଆନ୍ଧ୍ର, ଜମ୍ମୁ-କଶ୍ମୀର, ଝାଡଖଣ୍ଡ, ମୁମ୍ବାଇ, ଆସାମ, ଗୋଆ ଓ ଓଡ଼ିଶା।

**ବିନୁ ମଙ୍କଡ ଟ୍ରଫି :**
ଏଲିଟ୍ ଗ୍ରୁପ-ଏ : ଗୁଜରାଟ, ଆନ୍ଧ୍ର, ବିଦର୍ଭ, ଗୋଆ, ବରୋଦା ଓ ଓଡ଼ିଶା।

**କୁଚ୍ ବେହାର ଟ୍ରଫି :**
ଏଲିଟ୍ ଗ୍ରୁପ-ସି: ମହାରାଷ୍ଟ୍ର, ଆନ୍ଧ୍ର, କର୍ଣ୍ଣାଟକ, ଉତ୍ତରାଖଣ୍ଡ, ହିମାଚଳ।

**ବିଜୟ ମର୍ଚ୍ଚାଣ୍ଟ ଟ୍ରଫି :**
ଏଲିଟ୍ ଗ୍ରୁପ-ବି: ପଞ୍ଜାବ, ରାଜସ୍ଥାନ, ଛତିଶଗଡ଼, ପଣ୍ଡିଚେରୀ, ବିହାର ଓ ଓଡ଼ିଶା।

**ବରିଷ୍ଠ ମହିଳା ଟି-୨୦ ଟ୍ରଫି :**
ଏଲିଟ୍ ଗ୍ରୁପ-ସି : ମଧ୍ୟପ୍ରଦେଶ, ଆନ୍ଧ୍ର, କର୍ଣ୍ଣାଟକ, ହରିୟାଣା, ହାଇଦରାବାଦ୍, ଛତିଶଗଡ଼, ତ୍ରିପୁରା ଓ ଓଡ଼ିଶା।

**ବରିଷ୍ଠ ମହିଳା ଦିନିକିଆ ଟ୍ରଫି :**
ଏଲିଟ୍ ଗ୍ରୁପ-ଏ: ଏମ୍‌ପି, ୟୁପି, ମହାରାଷ୍ଟ୍ର, କର୍ଣ୍ଣାଟକ, ବରୋଦା, ଆସାମ, ପଣ୍ଡିଚେରୀ।

**● ଏଫ୍‌ଆଇଏଚ୍ ପ୍ରୋ ଲିଗ୍: ଭାରତୀୟ ପୁରୁଷ ଓ ମହିଳା ହକି ଦଳ ପରାସ୍ତ**

## ଅଷ୍ଟ୍ରେଲିଆଠୁ ଡବଲ୍ ଝଟ୍‌କା

ଅନ୍ତୱର୍ପ, ୧୫।୬ (ଏଜେନ୍ସି): ଚଳିତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ଚଳିତ ୟୁରୋପ୍ ଲେଗ୍‌ରେ ରବିବାର ଖେଳାଯାଇଥିବା ଦୁଇଟି ମ୍ୟାଚରେ ଭାରତର ଉଭୟ ପୁରୁଷ ଓ ମହିଳା ହକି ଦଳ ଅଷ୍ଟ୍ରେଲିଆ ନିକଟରୁ ହାରିଯାଇଛି। ଫଳରେ ଅଷ୍ଟ୍ରେଲିଆ ଗୋଟିଏ ଦିନରେ ଭାରତର ପୁରୁଷ ଓ ମହିଳା ଦଳକୁ ପରାସ୍ତ କରି ହକି ଦଳ ଡବଲ୍ ଝଟ୍‌କା ଦେଇଛି।

**କ୍ରମାଗତ ୬ଷ୍ଠ ପରାଜୟ:**
ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ହର୍‌ମନପ୍ରୀତ୍ ସିଂହଙ୍କ ନେତୃତ୍ୱାଧିନ ଭାରତୀୟ ପୁରୁଷ ହକି ଦଳ ୟୁରୋପ୍ ପର୍ଯ୍ୟାୟରେ ନୈରାଶ୍ୟଜନକ ପ୍ରଦର୍ଶନ ଜାରି ରଖି କ୍ରମାଗତ ୬ଷ୍ଠ ପରାଜୟବରଣ କରିଛି। ରବିବାର ଅଷ୍ଟ୍ରେଲିଆ ନିକଟରୁ ଭାରତ ୨-୩ ଗୋଲରେ ମ୍ୟାଚ୍ ହାରିଥିଲା। ପ୍ରଥମାର୍ଦ୍ଧରେ ଅଷ୍ଟ୍ରେଲିଆ ୩ଟି ଯାକ ଗୋଲ୍ ଦେଇଥିଲା। ଭାରତ ପକ୍ଷରୁ ସଞ୍ଜୟ ଓ ଦିଲପ୍ରୀତ୍ ସିଂହ ଗୋଲ୍ ଦେଇଥିଲେ ମଧ୍ୟ ଦଳକୁ ପରାଜୟରୁ ରକ୍ଷା କରିପାରି ନ ଥିଲେ। ୟୁରୋପ୍ ଲେଗ୍ ପୂର୍ବରୁ ଭାରତ ପ୍ରୋ ଲିଗ୍‌ରେ ୮ ମ୍ୟାଚ୍ ଖେଳି ୫ ବିଜୟ ସହ ୧୫ ପଏଣ୍ଟ ପାଇ ୪ର୍ଥ ସ୍ଥାନରେ ଥିଲା। କିନ୍ତୁ କ୍ରମାଗତ ୬ଟି ମ୍ୟାଚ୍ ହାରିବା ପରେ ବର୍ତ୍ତମାନ ୧୪ ମ୍ୟାଚରୁ ୯ ପରାଜୟ ସହ ସେହି ସମାନ ୧୫ ପଏଣ୍ଟ ପାଇ ୭ମ ସ୍ଥାନକୁ ଖସିଯାଇଛି। ଭାରତ ପରବର୍ତ୍ତୀ ମ୍ୟାଚରେ ଜୁନ ୨୧ରେ ବେଲ୍‌ଜିୟମକୁ ଭେଟିବ।



**ପୁଣି ହାରିଲା ମହିଳା ଦଳ:**
ମହିଳା ପ୍ରୋ ଲିଗ୍‌ରେ ଭାରତ କ୍ରମାଗତ ଦ୍ୱିତୀୟ ଦିନରେ ଅଷ୍ଟ୍ରେଲିଆ ନିକଟରୁ ପରାଜୟ ସାମ୍ନା କରିଛି। ଲଣ୍ଡନରେ ଶନିବାର ଖେଳାଯାଇଥିବା ପ୍ରଥମ ମ୍ୟାଚରେ ଅଷ୍ଟ୍ରେଲିଆ ମହିଳା ହକି ଦଳ ୩-୨ ଗୋଲରେ ଭାରତକୁ ହରାଇଥିଲା। ରବିବାର ମଧ୍ୟ ଅଷ୍ଟ୍ରେଲିଆ ଏହି ବିଜୟଧାରା ବଜାୟ ରଖି ୨-୧ ଗୋଲରେ ସାଲିମା ଟେଟେଙ୍କ ନେତୃତ୍ୱାଧୀନ ଭାରତୀୟ ଦଳକୁ ମାତ୍ ଦେଇଛି। ପ୍ରୋ ଲିଗ୍‌ର ଚଳିତ ସଂସ୍କରଣରେ ଭାରତର ଏହା ୧୨ତମ ମ୍ୟାଚରୁ ୭ମ ପରାଜୟ ଥିଲା। ୯ ପଏଣ୍ଟ ସହ ଦଳ ବର୍ତ୍ତମାନ ୭ମ ସ୍ଥାନରେ ରହିଛି।

**ଅନ୍ତର୍ଜାତୀୟ ହକିରେ ୪୦୦ ମ୍ୟାଚ୍**

## ଦିଲୀପଙ୍କ କ୍ଲବ୍‌ରେ ମନପ୍ରୀତ୍

ଅନ୍ତୱର୍ପ, ୧୫।୬ (ଏଜେନ୍ସି): ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ତଥା ଭେଟେରାନ ମିଡ୍‌ଫିଲ୍ଡର ମନପ୍ରୀତ୍ ସିଂହ ରବିବାର ଏକ ସ୍ୱତନ୍ତ୍ର କ୍ଲବରେ ସାମିଲ ହୋଇଛନ୍ତି। ଦ୍ୱିତୀୟ ଭାରତୀୟ ପୁରୁଷ ଖେଳାଳି ଭାବେ ମନପ୍ରୀତ୍ ଅନ୍ତର୍ଜାତୀୟ ହକିରେ ୪୦୦ ମ୍ୟାଚ୍ ଖେଳିବାର ସୌଭାଗ୍ୟ ଲାଭ କରିଛନ୍ତି। ରବିବାର ଏଠାରେ ଖେଳାଯାଇଥିବା ଏଫ୍‌ଆଇଏଚ୍ ପ୍ରୋ ଲିଗ୍ (ପୁରୁଷ)ର ଅଷ୍ଟ୍ରେଲିଆ ବିପକ୍ଷ ମୁକାବିଲା ଖେଳି ମନପ୍ରୀତ୍ ଏହି ମାଇଲଖୁଣ୍ଟ ହାସଲ କରିଛନ୍ତି। ବର୍ତ୍ତମାନ ହକି ଇଣ୍ଡିଆର ସଭାପତି ଥିବା ପଦ୍ମଶ୍ରୀ ଦିଲୀପ ତିର୍କୀ (୪୧୨ ମ୍ୟାଚ୍) ପ୍ରଥମ ଭାରତୀୟ ପୁରୁଷ ହକି ଖେଳାଳି ଭାବେ ୪୦୦ କିମ୍ବା ଏହାଠାରୁ ଊର୍ଦ୍ଧ୍ୱ ମ୍ୟାଚ୍ ଖେଳିବାର ରେକର୍ଡ କରିଥିଲେ। ବର୍ତ୍ତମାନ ମନପ୍ରୀତ୍ ଏହି କ୍ଲବରେ ସାମିଲ ହୋଇଛନ୍ତି। ଏହି ଅବସରରେ ଅଷ୍ଟ୍ରେଲିଆ ହକି ପକ୍ଷରୁ ମନପ୍ରୀତ୍‌ଙ୍କୁ ସମସ୍ତ ଖେଳାଳିଙ୍କ ଦସ୍ତଖତ ସମ୍ବଳିତ ଏକ ସ୍ୱତନ୍ତ୍ର ଜର୍ସି ଉପହାର ଆକାରରେ ପ୍ରଦାନ କରାଯାଇଥିଲା।



୨୦୧୧ରେ ମାତ୍ର ୧୯ ବର୍ଷ ବୟସରେ ଭାରତ ପକ୍ଷରୁ ପଦାର୍ପଣ କରିଥିବା ମନପ୍ରୀତ୍ ଦୁଇ ଦୁଇଥର ଅଲିମ୍ପିକ ପଦକ ବିଜୟୀ ଭାରତୀୟ ଦଳର ସଦସ୍ୟ ରହିଛନ୍ତି। ମନପ୍ରୀତ୍‌ଙ୍କ ନେତୃତ୍ୱରେ ଭାରତ ୨୦୨୦ ଟୋକିଓ ଅଲିମ୍ପିକ୍ସରେ ଐତିହାସିକ କାଂସ୍ୟ ପଦକ ସଫଳତା ପାଇଥିଲା। ମନପ୍ରୀତ୍ ଭାରତର ସର୍ବୋଚ୍ଚ କ୍ରୀଡ଼ା ସମ୍ମାନ ମେଜର ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର (୨୦୨୧) ସମେତ ଅର୍ଜୁନ (୨୦୧୮), ବର୍ଷର ଶ୍ରେଷ୍ଠ ହକି ଖେଳାଳି (୨୦୧୯) ପୁରସ୍କାର ଜିତିଛନ୍ତି।

### କ୍ୱିନ୍ସ କ୍ଲବ୍ ଚାମ୍ପିଅନସିପ୍: ମାରିଆ ବୟୋଜ୍ୟେଷ୍ଠ ଚାମ୍ପିଅନ

ଲଣ୍ଡନ, ୧୫।୬ (ଏଜେନ୍ସି): ୫୨ ବର୍ଷ ପରେ ଖେଳାଯାଇଥିବା କ୍ୱିନ୍ସ କ୍ଲବ ଡବ୍ଲ୍ୟୁଟିଏ ୫୦୦ ଇଭେଣ୍ଟ ମହିଳା ଟେନିସ ଟୁର୍ଣ୍ଣାମେଣ୍ଟରେ ଜର୍ମାନୀର ଯୋଗ୍ୟତା ଅର୍ଜନକାରୀ ଖେଳାଳି ତାତ୍‌ଜାନା ମାରିଆ ଚାମ୍ପିଅନ ହୋଇଛନ୍ତି। ରବିବାର ଖେଳାଯାଇଥିବା ଫାଇନାଲରେ ମାରିଆ ୬-୩, ୬-୪ ସିଧାସଳଖ ସେଟ୍‌ରେ ବିଶ୍ୱ ମାନ୍ୟତାର ୧୫ତମ ସ୍ଥାନରେ ରହିଥିବା ଆମେରିକାର ଆମଣ୍ଡା ଆନିସିମୋଭାଙ୍କୁ ପରାସ୍ତ କରିଛନ୍ତି। ଏଥିସହ ୩୭ ବର୍ଷୀୟା ମାରିଆ କ୍ୱିନ୍ସ କ୍ଲବରେ ଚାମ୍ପିଅନ ହେବାରେ ବୟୋଜ୍ୟେଷ୍ଠ ଖେଳାଳି ହୋଇଛନ୍ତି। ଉଲ୍ଲେଖଯୋଗ୍ୟ, ୧୯୭୩ରେ ଶେଷଥର ଲାଗି କ୍ୱିନ୍ସ କ୍ଲବରେ ମହିଳା ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା। ସେହିବର୍ଷ ରୁଷିଆର ଓଲଗା ମୋରୋଜୋଭା ଚାମ୍ପିଅନ ହୋଇଥିଲେ।

**ଜାତୀୟ କରାଟେ**

## ୮ ସ୍ୱର୍ଣ୍ଣ ସହ ଓଡ଼ିଶାକୁ ୩୬ ପଦକ

ଭୁବନେଶ୍ୱର, ୧୫।୬ (ସମିସ): ଉତ୍ତରାଖଣ୍ଡର ଡେରାଡୁନଠାରେ ଗତ ୧୨ ତାରିଖରୁ ଚାଲିଥିବା ଜାତୀୟ ଉପକନିଷ୍ଠ, କନିଷ୍ଠ ଓ ଯୁବ କରାଟେ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଓଡ଼ିଶା ଦଳ ପ୍ରଭାବୀ ପ୍ରଦର୍ଶନ କରି ମୋଟ୍ ୩୬ ପଦକ ବିଜୟୀ ହୋଇ ୪ର୍ଥ ସ୍ଥାନ ହାସଲ କରିଛି। ଯେଉଁଥିରେ ୮ ସ୍ୱର୍ଣ୍ଣ, ୧୩ ରୌପ୍ୟ ଓ ୧୫ କାଂସ୍ୟ ପଦକ ରହିଛି। ଶେଷ ଦିନରେ ଓଡ଼ିଶା ପାଇଁ ବୈଭବ ପଟ୍ଟନାୟକ ୧୧ ବର୍ଷରୁ କମ୍ ବାଳକ କାଟାରେ ସ୍ୱର୍ଣ୍ଣପଦକ ଜିତିଥିଲେ। ସେହିଭଳି ନୀତିକ ମହନ୍ତ, ବିଶ୍ୱଦୀପ ବେହେରା ଓ ଅଭିଜ୍ଞାନ ଦାଶ ରୌପ୍ୟ ପଦକ ବିଜୟୀ ହୋଇଥିଲେ। ଅପରପକ୍ଷରେ ବ୍ୟକ୍ତିଗତ ବିଭାଗରେ ୫ଜଣ ଓ ଦଳଗତ ବିଭାଗରେ ଓଡ଼ିଶା ଗୋଟିଏ କାଂସ୍ୟ ପଦକ ହାସଲ କରିଥିଲା।



ଏହି ସଫଳତା ଲାଗି ଓଡ଼ିଶା ରାଜ୍ୟ କରାଟେ ଡୋ ସଂଘ ତରଫରୁ ସମସ୍ତ ଖେଳାଳି, ପ୍ରଶିକ୍ଷକ ଓ ମ୍ୟାନେଜରଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଯାଇଛି। ପ୍ରଶିକ୍ଷକ ଭାବେ ଦୀପକ କୁମାର ସାମନ୍ତରା, ସନ୍ତୋଷ ମହାରଣା, ରାଜେନ୍ଦ୍ର ସାମଲ, କେ.ଜି.କେ. ପ୍ରତିହାରୀ, ସୁସମିନୀ ପାଲଟାସିଂ, କୃଷ୍ଣଚନ୍ଦ୍ର ମହାରଣା, ଭାଲେନା ଭାଲେଣ୍ଟିନା, ଦେବେନ୍ଦ୍ର ରଣା ଦଳ ସହ ଗସ୍ତ କରିଥିଲେ। ସେହିଭଳି ଅବିନାଶ ପୁହରି ମ୍ୟାନେଜର ଓ ରାଜୀବ ସିଂ ଅଫିସିଆଲ୍ ଦାୟିତ୍ୱରେ ରହିଥିଲେ।

**୧୧ ବର୍ଷରୁ କମ୍ ଖୋର୍ଦ୍ଧା ଜିଲ୍ଲା ଚେସ୍**

## ଅକ୍ଷରା ଓ ସତ୍ୟସ୍ୱରୂପ ଚାମ୍ପିଅନ

ଭୁବନେଶ୍ୱର, ୧୫।୬ (ସମିସ): ଅକ୍ଷରା ହାନଗା ଓ ସତ୍ୟସ୍ୱରୂପ ମିଶ୍ର ଚଳିତବର୍ଷ ୧୧ ବର୍ଷରୁ କମ୍ ଖୋର୍ଦ୍ଧା ଜିଲ୍ଲା ଚେସ୍ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ବାଳିକା ବିଭାଗରେ ଅକ୍ଷରା ଓ ବାଳକ ବିଭାଗରେ ସତ୍ୟସ୍ୱରୂପ ୫ ରାଉଣ୍ଡ ବିଶିଷ୍ଟ ଟୁର୍ଣ୍ଣାମେଣ୍ଟରେ ୪.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। ଅନ୍ୟ ବାଳିକା ପ୍ରତିଯୋଗୀଙ୍କ ମଧ୍ୟରେ ଅନିଷା ଆଚାର୍ଯ୍ୟ ରନର୍ସ ଅପ୍ ଓ ଶ୍ରୀୟାଦିତ୍ୟ ପଟ୍ଟନାୟକ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ବାଳକ ବିଭାଗରେ ଆର୍ଯ୍ୟାଂଶ ମିଶ୍ର ଦ୍ୱିତୀୟ ଓ ନମନ ରାଜ ତୃତୀୟ ସ୍ଥାନ ହାସଲ କରିଥିଲେ। ଏହି ପ୍ରତିଯୋଗିତାରେ ୫୫ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଖେଳ ଶେଷରେ ସିଭି ରମଣ ଗ୍ଲୋବାଲ ୟୁନିଭର୍ସିଟିର ପ୍ରୋ ଭାଇସ୍ ଚାନ୍ସେଲର ଗୁଜ୍ଜା ଶ୍ରୀଦେବୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ ବୋଲି ଆୟୋଜକ ଖୋର୍ଦ୍ଧା ଜିଲ୍ଲା ଚେସ ସଂଘ ସମ୍ପାଦକ ଶୁଭାଶିଷ ପଟ୍ଟନାୟକ ଜଣାଇଛନ୍ତି। ଭବେଶ ମହାନ୍ତି, ସ୍ୱୟଂଶୁ ସତ୍ୟକାମ ପ୍ରମୁଖ ଉପସ୍ଥିତ ଥିଲେ। ସୁଶାନ୍ତ ଷଡଙ୍ଗୀ, ସନ୍ତୋଷ ମହାପାତ୍ର ପ୍ରମୁଖ ଖେଳ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

**ଖଣ୍ଡିତର ସର୍ବଭାରତୀୟ କବାଡ଼ି**

## କ୍ୱାର୍ଟର ଫାଇନାଲରେ ପୁରୀ, କଟକ

ରସୁଲପୁର,୧୫।୬(ସମିସ)

ରସୁଲପୁର ବ୍ଲକ୍ ଖଣ୍ଡିତର ଠାରେ ଚାଲିଥିବା ୭୦ତମ ସର୍ବ ଭାରତୀୟ କବାଡି ପ୍ରତିଯୋଗିତାର ଆଜି ୩ୟ ଦିନରେ କ୍ୱାର୍ଟର ଫାଇନାଲ ଲାଇନ ଅପ୍ ଚୂଡ଼ାନ୍ତ ହୋଇଛି। ଆଜି ସକାଳେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ନାଗପୁର ଏନ୍‌ଏସଏସ ପଶ୍ଚିମବଙ୍ଗକୁ ୪୭-୧୧ପଏଣ୍ଟର ଏକ ବଡ ବ୍ୟବଧାନ ହରାଇଥିଲା। ସେହିପରି ବିଳମ୍ବରେ ଆରମ୍ଭ ହୋଇଥିବା ମହିଳା ବିଭାଗର ଆଜିର ପ୍ରଥମ ମ୍ୟାଚ୍‌ରେ ଦକ୍ଷିଣ ପୂର୍ବ ରେଳବାଇ ୩୧-୨୦ ପଏଣ୍ଟରେ କିଟ୍ ବିଶ୍ୱବିଦ୍ୟାଳୟକୁ ହରାଇଥିଲା। ଆଜିର ୨ୟ ମ୍ୟାଚ୍ ତଥା ପୁରୁଷ ବିଭାଗର ୧୬ତମ ମ୍ୟାଚ୍‌ରେ ବିଳାସପୁର ୩୪-୨୩ ପଏଣ୍ଟରେ କଟକକୁ ହରାଇଥିଲା। ୧୭ତମ ମ୍ୟାଚ୍‌ରେ କିନ୍ତୁ ଓଡିଶାର ଏସଜେଏସୟୁ ପୁରୀ କଡ଼ା ମୁକାବିଲାରେ ଭୋପାଳକୁ ୨୩-୧୯ ପଏଣ୍ଟରେ ହରାଇଥିଲା। ତେବେ ଗତକାଲି ଭଳି ଆଜି ମଧ୍ୟ ରାଜ୍ୟ ବାହାରର ଦଳ ମାନଙ୍କର ଦବଦବା ରହିଥିଲା। ତୃତୀୟ ଦିନରେ ଆଜି ରାଜ୍ୟର ଦଳ ମାନେ ପ୍ରଭାବୀ ଖେଳ ପ୍ରଦର୍ଶନ କରିଥିଲେ। ୨୫ ତମ ମ୍ୟାଚ୍ ପରେ ପୁରୁଷ ବିଭାଗର କ୍ୱାର୍ଟର ଫାଇନାଲ୍ ଲାଇନ ଅପ୍ ଚୁଡାନ୍ତ ହୋଇଥିଲା। ୧ମ କ୍ୱାର୍ଟର ଫାଇନାଲରେ ପୁଲ୍ ସି ନାଗପୁର ଓ ପୁଲ୍ ବି'ର ଭୋପାଳ, ୨ୟ କ୍ୱାର୍ଟର ଫାଇନାଲ୍‌ରେ ପୁଲ୍ ବି'ର ଏସଜେଏସୟୁ ପୁରୀ ଓ ପୁଲ୍ ସି'ର ଗୁଜରାଟ, ୩ୟ କ୍ୱାର୍ଟର ଫାଇନାଲ୍‌ରେ ପୁଲ୍ ଏ'ର ବିଳାସପୁର ଓ ପୁଲ୍ ଡି'ର ଭଞ୍ଜନଗର, ୪ର୍ଥ କ୍ୱାର୍ଟର ଫାଇନାଲ୍‌ରେ ପୁଲ୍-ଡି ର ଦିଲ୍ଲୀ ଓ ପୁଲ୍ ଏ'ର କଟକ ମୁହାଁମୁହିଁ ହେବେ। ଷ୍ଟାର୍ ଖଚିତ ରେଳବାଇ ଦଳର ଭଲ ଖେଳ ପ୍ରଦର୍ଶନ ସତ୍ତ୍ୱେ କ୍ୱାର୍ଟର ଫାଇନାଲ୍‌ରେ ପ୍ରବେଶ କରିନପାରିବା ଦର୍ଶକ ମାନଙ୍କୁ ନିରାଶ କରିଥିଲା। ଆସନ୍ତାକାଲି ସମସ୍ତ ନକ୍‌ଆଉଟ୍ ମ୍ୟାଚ୍ ଖେଳାଯିବ। ଶେଷରେ ପ୍ରତିଯୋଗିତାର ଫାଇନାଲ୍ ମଧ୍ୟ ଅନୁଷ୍ଠିତ ହେବ ବୋଲି ଯାଜପୁର କବାଡ଼ି ଆସୋସିଏସନ୍ ପକ୍ଷରୁ ସୂଚନା ଦିଆଯାଇଛି।



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS